

ଛିନ୍ନ ବୀଣାର ସ୍ୱର

ଡକ୍ଟର ଚୌଧୁରୀ ପ୍ରଦୀପ୍ତ କୁମାର ଦାସ

Digitized by PPRACHIN, SOA

ଡକ୍ଟର ଚୌଧୁରୀ ପ୍ରଦୀପ୍ତ କୁମାର ଦାସଙ୍କ ଜନ୍ମ ଜଗତ୍‌ସିଂହପୁର ଜିଲ୍ଲାର ପିତେଇପୁର ପଞ୍ଚାୟତ ଅନ୍ତର୍ଗତ ଢ଼େଙ୍ଗା ଗ୍ରାମରେ ।

ପିତାଙ୍କ ନାମ-ଚୌଧୁରୀ କୃଷ୍ଣଚନ୍ଦ୍ର ଦାସ, *ମାତାଙ୍କ ନାମ*-ସ୍ୱର୍ଗୀୟା ପ୍ରମିଳା ଦାସ

ଅଧ୍ୟାପକ ଜୀବନ ମଧ୍ୟରେ ଗୀତିକବିତା, ଆଧୁନିକ କବିତା, ଗଳ୍ପ, ନାଟକ, ପ୍ରବନ୍ଧ ଓ ଉପନ୍ୟାସ ଲେଖିବା ବ୍ୟତୀତ ଡ଼କ୍ଟର ଦାସ ଗବେଷକ ହିସାବରେ ''ସଙ୍ଗୀତଜ୍ଞ ପଦାବଳୀ ରଚୟିତା ଲୋକନାଥ ପଟ୍ଟନାୟକ ଏକ ଅଧ୍ୟୟନ'' ନିବନ୍ଧ ରଚନା କରି ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱରରୁ ପି.ଏଚ୍.ଡ଼ି. ଉପାଧି ଲାଭ କରିଛନ୍ତି ।

ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାରେ ଲେଖକଙ୍କର ବହୁ ଗଳ୍ପ, ପ୍ରବନ୍ଧ, ଗୀତି କବିତା ଓ ଶିଶୁ କବିତା ପ୍ରକାଶିତ ହୋଇଛି ।

ଅଧୁନା ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ଡ଼ି.ଆର୍.ନୟାପଲ୍ଲୀ କଲେଜରେ ଓଡ଼ିଆ ଓ ସାହିତ୍ୟର ଅଧ୍ୟାପକ ଭାବେ କାର୍ଯ୍ୟରତ ।

Digitized by PPRACHIN, SOA

ଛିନ୍ନବୀଣାର ସ୍ୱର

ଲେଖକ
ଡକ୍ଟର ଚୌଧୁରୀ ପ୍ରଦୀପ୍ତ କୁମାର ଦାସ
ଏମ୍.ଏ; ଏଲ୍.ଏଲ୍.ବି;ପି.ଏଚ୍‌ଡ଼ି (ଉତ୍କଳ)

ପ୍ରକାଶିକା
ଶ୍ରୀମତୀ ନିବେଦିତା ଦାସ

Digitized by PPRACHIN, SOA

ଛିନ୍ନ ବୀଣାର ସ୍ୱର

ଲେଖକ
ଡକ୍ଟର ଚୌଧୁରୀ ପ୍ରଦୀପ୍ତ କୁମାର ଦାସ
ଗ୍ରାମ-ଢେ଼ଙ୍ଗା, ପୋ:ଅ-ପିତେଇପୁର
ଭାୟା-କାଦୁଅପଡ଼ା, ଜିଲ୍ଲା-ଜଗତ୍‌ସିଂହପୁର

ପ୍ରକାଶିକା
ଶ୍ରୀମତୀ ନିବେଦିତା ଦାସ

ପ୍ରଚ୍ଛଦ ଶିଳ୍ପୀ
ଶ୍ରୀ ଜଗନ୍ନାଥ ଦାସ

ମୁଦ୍ରଣ
ଦୁଦୁଲି ପ୍ରୋସେସ୍ ଆଣ୍ଡ୍ ଅଫ୍‌ସେଟ୍
ବାପୁଜୀ ନଗର ଭୁବନେଶ୍ୱର
ପ୍ରଥମ ପ୍ରକାଶ-ଜୁନ୍-୨୦୦୧

ମୂଲ୍ୟ-ସତୁରୀ ଟଙ୍କା ମାତ୍ର

CHHINNA VEENAR SWARA

Written by :
Dr. Choudhury Pradipta Kumar Das
M.A. LLB.Ph.D (Utkal)

Published by :
Srimati Nibedita Das
First Edition-June-2001

Cover by :
Sri Jagannath Das

Printed at :
Duduli Process & Offset
Bapuji Nagar, Bhubaneswar

Rs. 70.00/- only

ବି.ଦ୍ର. : ଲେଖକଙ୍କର ଏ ଉପନ୍ୟାସର ସମସ୍ତ ଚରିତ୍ର ଓ କାହାଣୀ କାଳ୍ପନିକ । ସମାଜରେ କୌଣସି ବ୍ୟକ୍ତି ବିଶେଷଙ୍କର ଜୀବନ ସହିତ ଏହି ଉପନ୍ୟାସର କାହାଣୀ ସାମଞ୍ଜସ୍ୟ ଥିଲେ, ଲେଖକ ସେଥିପାଇଁ ଦାୟୀନୁହନ୍ତି ।

ପ୍ରକାଶିକା -

Digitized by PPRACHIN, SOA

ବାପାଙ୍କ ପାଇଁ

ଲିକୁନ୍ ହାତରେ . . . .

Digitized by PPRACHIN, SOA

ଗୁରୁ
ଓଁ

- ସମ୍ପର୍କରେ -

ଏମିତି ବି ହୁଏ, ହେଉଛି ମଧ୍ୟ ଏବଂ ଭବିଷ୍ୟତରେ ବି ନ ହେବ ବୋଲି କିଏ ବା କହିବ ? ଦୁନିଆର ପରିସ୍ଥିତି ଦିନକୁ ଦିନ ଜଟିଳରୁ ଜଟିଳତର ଧାରଣ କରୁଛି । ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ ଦେଶତଥା ଜାତିର ମେରୁଦଣ୍ଡକୁ ଦୋହଲାଇ ଦେଉଥିବା ବେଳେ ମଣିଷ ମନର ଅହଂକାର ଓ ବଡ଼ିମା ଦୃଢ଼ରୁ ଦୃଢ଼ତର ହେବାରେ ଲାଗି ପଡ଼ିଛି । ପ୍ରତିଟି ମୁହୂର୍ତ୍ତ ଆମ ଲାଗି ବିପଦଜ୍ଜନକ । ଆମେ ହିଁ ଆମର ବିପଦ ସୃଷ୍ଟି କରୁଛୁ । ମଣିଷ ଯେତେ ଚେଷ୍ଟା କଲେ ମଧ୍ୟ କ'ଣ ହେବ, ଆପେ ଆପେ ଏକ ଜଟିଳ ପରିସ୍ଥିତିରେ ପଡ଼ି ଦୁର୍ନୀତି ପଥର ଯାତ୍ରୀ ସାଜୁଛି । ଯେଉଁମାନେ ସ୍ୱାର୍ଥ ତ୍ୟାଗ କରି ନିଜ ଜୀବନକୁ ଅନ୍ୟଲାଗି ଉତ୍ସର୍ଗ କରିଦେଉଛନ୍ତି, ସେମାନେ ପରକ୍ଷଣରେ ବିଭିନ୍ନ ଯନ୍ତ୍ରଣା ଓ ଯାତନାର ଶିକାର ହୋଇ ମରଣକୁ ଆହ୍ୱାନ କରୁଛନ୍ତି । କେହି କାହାପାଇଁ ସହୃଦୟତାର ହାତ ସଂପ୍ରସାରିତ କରୁନାହାନ୍ତି, ଯେଉଁମାନେ ସାହାଯ୍ୟ କରୁଛନ୍ତି, ସେମାନେ ସ୍ୱାର୍ଥର ବଶବର୍ତ୍ତୀ ହୋଇ କରୁଛନ୍ତି । ସବୁ ସଂପର୍କ ଦେବା ନେବା ଉପରେ ପର୍ଯ୍ୟବେଶିତ । ଏକ ସରଳା ଝିଅ ''ବୀଣା''ର ଜୀବନ କାହାଣୀକୁ ନେଇ ରଚିତ ମୋର ଏହି ଉପନ୍ୟାସ ''ଛିନ୍ନ ବୀଣାର ସ୍ୱର'' । ଏହା ପନ୍ଦର ବର୍ଷ ପୂର୍ବରୁ ରଚିତ ହୋଇଥିଲେ ମଧ୍ୟ ଅଭାବ ଏବଂ ଅସୁବିଧା ବଶତଃ ପ୍ରକାଶିତ ହୋଇ ପାରି ନ ଥିଲା । ପ୍ରିୟପାଠକ ପାଠିକାମାନଙ୍କୁ ମୋର ଏହି ଉପନ୍ୟାସଟି ଯଦି କିଂଚିଦ୍ ଆନନ୍ଦ ପ୍ରଦାନ କରିପାରିବ, ତେବେ ମୋର ଶ୍ରମ ସାର୍ଥକ ହେବ ବୋଲି ମୁଁ ମନରେ ଆଶା ପୋଷଣ କରୁଛି ।

ମୋର ଏ ପୁସ୍ତକଟିକୁ ମୁଁ ସର୍ବଶକ୍ତିମାନ୍ ଈଶ୍ୱର ତଥା ଦୈବୀଶକ୍ତି ଓ ମୋର ଆରାଧ୍ୟ ଗୁରୁଦେବ ବାବା ମଧୁସୂଦନ ଦାସଙ୍କର ପଙ୍କଜଚରଣରେ ଏବଂ ମୋର ପୂଜ୍ୟା ଜନନୀ ଶ୍ରୀମତୀ ପ୍ରମିଳା ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପଣ କରୁଛି ।

ଏହି ଅବସରରେ ମୋର ବନ୍ଧୁ ଶ୍ରୀଯୁକ୍ତ କଣ୍ଠମଣି ବିଶ୍ୱାଳ ମୋତେ ଏ ଉପନ୍ୟାସ ଲେଖିବାକୁ ଉତ୍ସାହ ତଥା ପ୍ରେରଣା ଦେଇଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଜଣାଉଛି ।

ଢ଼କ୍କର ଚୌଧୁରୀ ପ୍ରଦୀପ୍ତ କୁମାର ଦାସ୍

Digitized by PPRACHIN, SOA

(ଏକ)

ଗୋଧୂଳିର ପରିବେଶ ଭିତରେ, ମନ୍ଦିରମାନଙ୍କରେ ହରିଧ୍ୱନି ହରିବୋଲ ସାଙ୍ଗକୁ ମୃଦଙ୍ଗ, ଘଣ୍ଟ, ମାଦଳ, ଶଙ୍ଖର ସୁରେ ସୁରେ ଉଚ୍ଛୁଳି ପଡୁଥିଲା ମଧୁପୁର ଛୋଟ ଗାଆଁ ଖଣ୍ଡିକ । ସୂର୍ଯ୍ୟ ଦେବତା ପଶ୍ଚିମରୂପୀ ନାୟିକା କୋଳରେ ଶୟନରତ । ପୂର୍ବାକାଶରୁ ଉଦ୍‌ଭାସିତ ଚନ୍ଦ୍ରଙ୍କର ଆଲୋକ, ବିଚ୍ଛୁରିତ ହୋଇ ପଡ଼ିଛି ଚର୍ତୁଦିଗରେ । ପକ୍ଷୀ ଶାବକମାନଙ୍କର କୋଳାହଳ ସାଙ୍ଗକୁ ଗାଆଁଟିରେ ଛୋଟ ଛୁଆମାନଙ୍କର କୁଆଁ କୁଆଁ ରାବ । କୁଳବଧୂଗଣ ସଂଜବତୀ ହାତରେ ଧରି ଦିଅଁଙ୍କ ନିକଟେ ଲଗାଇ ଶୁଭ ମନାସୁଛନ୍ତି । ଭାଗବତ ଟୁଙ୍ଗୀରେ ଭକ୍ତଙ୍କ ସମାଗମ - ପୁରାଣ ପଣ୍ଡା ଆରମ୍ଭ କଲେ - ଭାଗବତ ପଢ଼ା । କେତେ ଆଲୋଚନା କେତେ ସମାଲୋଚନା ସାଙ୍ଗକୁ ଗଂଜେଇ ଚିଲମର ଆସରଟା ବେଶ୍ ଜମିଯାଇଛି । ସ୍କୁଲ ପଢୁଆ ପିଲାମାନେ ବହି, ଶିଲଟ ଖଣ୍ଡେ ଖଣ୍ଡେ ଧରି ପାଠପଢ଼ାରେ ମନୋନିବେଶ କଲେଣି । ଚାଷୀ ମୂଲିଆଙ୍କ ଭାଳେଣି - କଣ କରିବେ ଏବର୍ଷତ ଧାନ ଫସଲ ଭଲ ହେଲା ନାହିଁ । ଚାଉଳ ଦର ତ କମିଗଲା - ସାର ବସ୍ତା ପିଛା ଅଧିକ ଦାମ୍ ଦେଇ କିଣିଥିଲେ - ବର୍ତ୍ତମାନ ଉପାୟ ? ଏହିପରି ହା ହତାଶମୟ ପରିବେଶ ଭିତରେ ସମସ୍ତେ ଚକିତ ହୋଇ ଉଠିଲେ - କୋଳାହଳ - ହାହୁଲ୍ଲା ଧାଁ ଧପଡ ହୋଇ ପଡ଼ିଉଠି ଦୌଡ଼ି ଚାଲିଲେ - କଣ ହେଲା - କଣ ହେଲା - କହିବାକୁ କାହାର ବେଳ ନାହିଁ - ଖାଲି ନିଆଁ - ଯାହା ପାଟିରୁ ଶୁଣ ଖାଲି ନିଆଁ ।

ନିଆଁ - ହଁ - ନିଆଁ ? ସାଧୁ ମାଷ୍ଟ୍ରେଙ୍କ ଘରେ ନିଆଁ ଲାଗିଯାଇଛି । ଏକଥା ଶୁଣି ଲୋକମାନଙ୍କ ମନରୁ ଦୟାରେ ପାଟିରୁ ଖାଲି ବାହାରି ପଡୁଛି - ଚୁ -ଚୁ - ଶବ୍ଦ । ସାଧୁ ମାଷ୍ଟ୍ରଙ୍କ ଘରେ ନିଆଁ ଲାଗିଗଲା ! ଯାହାହେଉ ଗାଆଁ ଲୋକମାନଙ୍କ ସହାୟତାରେ ସାଧୁ ମାଷ୍ଟ୍ରେଙ୍କ ଘରୁ ନିଆଁ ଲିଭିଗଲା, କିନ୍ତୁ ସାଧୁ ମାଷ୍ଟ୍ରେ ଗଲେ କୁଆଡ଼େ ? ତାଛଡ଼ା ତାଙ୍କ ଝିଅ ବୀଣା ? ଲୋକମାନଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା - ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ ? ନିଆଁ ଲାଗିଲା କିପରି ? ଉତ୍ତର ଦେବାକୁ କେହି ନାହିଁ - ଘରେ ତ ସାଧୁ ମାଷ୍ଟ୍ରେଙ୍କ ଝିଅଟିଏ ଆଉ କିଏ ଅଛି ଯେ ଗାଆଁ ଲୋକମାନଙ୍କୁ ଉତ୍ତର ଦେବ ? ସାଧୁ ମାଷ୍ଟ୍ରେଙ୍କ ଅଧେ ଜିନିଷ ପୋଡ଼ିଗଲା, ଆଉ ଅଧକ ଦରପୋଡ଼ା ଅବସ୍ଥାରେ ଗାଁ ଲୋକମାନେ ଉଦ୍ଧାର କଲେ - ହେଲେ ସେ କୌଣସି କାମକୁ ନୁହେଁ - ସବୁଗୁଡ଼ିକ ଅସାର, ଅସୁନ୍ଦର ହୋଇପଡ଼ିରହିଛି ।

ସାଧୁ ମାଷ୍ଟ୍ରେ ଘରକୁ ଲେଉଟି ଯାହା ଦେଖିଲେ, ତାଙ୍କ ଧୈର୍ଯ୍ୟର ସୀମା ରହିଲା ନାହିଁ । ଭୂଇଁରେ କଚାଡ଼ି ହୋଇ ପଡ଼ିଗଲେ - ସତେ ଯେପରି ଆକାଶଟା

Digitized by PPRACHIN, SOA

ତାଙ୍କ ମୁଣ୍ଡ ଉପରେ କରି ଛିଣ୍ଡି ପଡ଼ିଲା । ପାଟି ଖନି ମାରିଯିବା ସାଙ୍ଗକୁ ତାଙ୍କରଚେତା ବୁଡ଼ିଗଲା - ଯେଝା ଘରକୁ ଯେଝା ଲେଉଟି ଗଲେଣି । ବୀଣା ବାପାଙ୍କର ଏପରି ଅବସ୍ଥା ଦେଖି ଛଳ ଛଳ ଆଖିରେ ଧିରଧିର ପାଦରେ ବାପାଙ୍କ ପାଖକୁ ଆସି ଯାହା ଦେଖିଲା - ତା ପାଟିରୁ 'ବାପା' ଡାକ ବାହାରି ନପାରି ଅଧବାଟରେ ରହିଗଲା - କଣ କରିବ ? କାହାକୁ ଡାକିବ ? ତଥାପି ମନରେ ଦମ୍ଭ ଆଣି କୂଅ ମୂଳକୁ ଦୌଡ଼ିଗଲା ପାଣି ପାଇଁ - ହେଲେ କୂଅ ମୂଳରେ ଦଉଡ଼ି ପଡ଼ିଛି ଅଜଗର ସାପ ପରି - ଲୋଟା ନାହିଁ କି ମାଠିଆ ନାହିଁ - ସବୁ ପୋଡ଼ି ଯାଇଛି - ତାପରେ ପୋଖରୀ କୂଳକୁ ଦୌଡ଼ି ଯାଇଁ ଆଂଜୁଳାଏ ପାଣି ଧରି ବାପାଙ୍କ ପାଖରେ ପହଞ୍ଚିଲା ବେଳକୁ ଆଂଜୁଳାରେ ଟୋପିଏ ହେଲେ ପାଣି ନାହିଁ, ସେତେବେଳକୁ ଗାଆଁର କେଇଜଣ ସାଧୁମାଷ୍ଟ୍ରେଙ୍କୁ ସାଷ୍ଟାମ କରିସାରିଲେଣି । ସାଧୁମାଷ୍ଟ୍ରେ ଖାଲି ବାଉଳି ଖାଉଛନ୍ତି - ଏ କଣ ହେଲା - ମୋ ଘର କଣ ହେଲା - ଅନ୍ତରର ସବୁ କୋହକୁ ଜାବୁଡ଼ି ଧରି ବୀଣା ବାପାଙ୍କ ନିକଟରେ ଛିଡ଼ାହୋଇ ନରମ ଭରା ସ୍ୱରରେ ଡାକିଲା ବାପା ! ସାଧୁମାଷ୍ଟ୍ରେ ଚିଇଁକି ଉଠିଲେ - ତାଙ୍କର ଏପର୍ଯ୍ୟନ୍ତ ଝିଅ କଥା ମନେ ନଥିଲା । ବୀଣାକୁ ଜାବୁଡ଼ି ଧରି କହି ଉଠିଲେ ମା' ତୁ ବଂଚିଛୁ ! (ବାପ ଝିଅଙ୍କର ମିଳନର ଅଶ୍ରୁରେ ଗାଆଁ ଲୋକମାନଙ୍କର ଆଖିରେ ଢେଉ ସୃଷ୍ଟିକଲା ଅଶ୍ରୁର ପ୍ଲାବନ । ତାପରେ ପଡ଼ିଲା ମାଷ୍ଟ୍ରେଙ୍କର ଭାଳେଣି - ପଞ୍ଚାକ୍ଷର ମନ୍ତ୍ର ଉଚ୍ଚାରଣ - କ-ଣ-କ-ରି-ବି ?)

x x x x x x x

ପାଞ୍ଚବର୍ଷର ଝିଅ ବୀଣା । ମା ଛେଉଣ୍ଡ, ମାତୃହରା, ବର୍ଷକର ହୋଇଥିଲାବେଳେ ମାଆଙ୍କୁ ହରାଇଛି । ମାଆଠାରୁ କିପରି ସ୍ନେହ ମମତା ପାଇବାକୁ ହୁଏ ସେ ଶିଖି ନାହିଁ । କେବଳ ବାପାଙ୍କଠାରୁ ପାଇଛି ଉଭୟ ମାଆ ଓ ବାପାଙ୍କ ସ୍ନେହ । ସେଦିନ ସଂଜ ଦେବାଲାଗି ବତୀ ଲଗାଉଥିବାବେଳେ, ଘର ଚାଳରେ ନିଆଁ ଲାଗିଗଲା । ନୁଆଁଣିଆ ଚାଳ, ଛୋଟ ଛୁଆ ସେ, ସେ କଣ ଜାଣିଥିଲା ଏପରି ହେବ ବୋଲି । ତେବେ ବର୍ତ୍ତମାନ ସେହିଘର ଉପରେ କେବଳ ଚାଳିଆ । ଯାହାହେଉ ବାପ ଝିଅ ଦୁଇଜଣ ପାଇଁ ଘରଟି ତେର ହୋଇଛି, ହେଲେ ଯେତେବେଳେ ସାଧୁମାଷ୍ଟ୍ରଙ୍କର ମନେପଡ଼େ - ସେ, ସେତେବେଳେ ଆଖି ଛଳଛଳ କରି କଣ ଗୁଡ଼ାଏ ମନକୁ ମନ କହିଯାଆନ୍ତି - ସବୁଗୁଡ଼ିକ ତାଙ୍କ ମନ ଗହୀରର ଅବୁଝା କଥା । ବୀଣା କିଛି ବୁଝି ପାରେନାହିଁ । ଛୋଟ ପିଲାଟିଏ ତାର ବା କଣ ଏତେ ବୁଝିବା ଶକ୍ତି ହେଲାଣି ଯେ ସେ ବାପାଙ୍କର ମନକଥାକୁ ବୁଝିପାରିବ । କେବଳ ବାପାଙ୍କୁ ପଦିଏ କଥା କୁହେ ବାପା ! ତୁ-ମେ-କା-ନ୍ଦୁ-ଛ ? ସାଧୁମାଷ୍ଟ୍ରେଙ୍କର ବୀଣାର ଏହି ପଦିଏ କଥାରେ ତାଙ୍କ ମନରେ ଆଶାର ଖଦ୍ୟୋତଟାଏ ଉଙ୍କିମାରେ ।

Digitized by PPRACHIN, SOA

ବୀଣା ସାଧୁମାଷ୍ଟ୍ରେଙ୍କର ସମ୍ପର୍କ କଣ ? ଏକଥା ଗାଆଁ ଲୋକମାନେ ଭଲ ରୂପେ ଜାଣିନାହାନ୍ତି । ଏ ସମ୍ପର୍କରେ କେତେ ଆଲୋଚନା ହୋଇଛି - ତାଛଡ଼ା କେତେ ସମାଲୋଚନା ମଧ୍ୟ ସାଧୁ ମାଷ୍ଟ୍ରେଙ୍କୁ ସହ୍ୟ କରିବାକୁ ପଡ଼ିଛି, କିନ୍ତୁ ସେଥିପ୍ରତି ତିଳେ କାନ ନଦେଇ ବୀଣାକୁ ନିଜ ଅନ୍ତରର ସବୁ ସ୍ନେହ ମମତା ଅଜାଡ଼ି ଦେଇ କିପରି ଆଜି ପର୍ଯ୍ୟନ୍ତ ପାଳି ଆଣିଛନ୍ତି । ଆଉ ସେହିଦିନଠାରୁ ବୀଣା ସାଧୁମାଷ୍ଟ୍ରେଙ୍କୁ ବାପା ବୋଲି ଜାଣିଛି । ହେଲେ ଏପରି ରହସ୍ୟ କଥାରୁ ତିଳେହେଲେ ତା କାନରେ ପଦିଏ ପଡ଼ିନାହିଁ - ଅବଶ୍ୟ ଏମିତି କେତେ କଥା ଶୁଣିଛି କିନ୍ତୁ କିଛି ବୁଝି ପାରିନାହିଁ । ବୀଣା କଣ ଜାଣିଛି ତା ବାପା ସାଧୁମାଷ୍ଟ୍ରେ ନୁହଁନ୍ତି - ତା ମାଆ କିଏ ଜାଣିନାହିଁ - କେବଳ ବାପାଙ୍କଠାରୁ ଶୁଣିଛି ବର୍ଷକର ବେଳେ ତା 'ମାଆ' ମରିଗଲେ । କିନ୍ତୁ ସାଧୁମାଷ୍ଟ୍ରଙ୍କ ଚିନ୍ତା - କାହିଁକି ନା ସେ ଜାଣନ୍ତି ବୀଣା କଣ ସବୁଦିନେ ଏମିତି ଛୋଟ ଛୁଆ ହୋଇ ରହିଥିବ - ସେ ତ ବଡ଼ ହେବ - ସବୁକଥା ଜାଣିବ । ତାପରେ ନିଜ ମନକୁ ସାନ୍ତ୍ୱନା ଦେଇ ସାଧୁମାଷ୍ଟ୍ରେ ମନେ ମନେ କୁହନ୍ତି - ହଁ ଜାଣୁ - କଣ ହେଲା ? ସେତ କିଛି ଭୁଲ କରିନାହାନ୍ତି । ସେ ଯାହା କରିଛନ୍ତି ସବୁ ଠିକ୍ କରିଛନ୍ତି - ସବୁ ତା'ର ଭଲ ପାଇଁ । ତେବେ ସେ କଣ ଜାଣି ଜାଣି ପିଲାଟାକୁ ମୃତ୍ୟୁ ମୁଖରେ ପକାଇ ଦେଇଥାନ୍ତେ । ନାଁ ସେ ଜାଣିଶୁଣି ଏତେବଡ଼ ଭୁଲ କାହିଁକି କରିଥାନ୍ତେ । ଅବଶ୍ୟ ବୟସର ଗୁରୁ ଭାରରେ ସେ ଆଜି ଉପନୀତ, ତଥାପି କେତେଗୋଟି ଆଶାକୁ ସଳିତା କରି ନିରାଶ ଦୀପରେ ଆଜି ଅଗ୍ନି ସଂଯୋଗ କରିଛନ୍ତି । କେବଳ ଅପେକ୍ଷା ରଖିଛନ୍ତି ଏହି ଦୀପ ଜଳୁଛି ନାଁ ଲିଭୁଛି । ନାଁ-ନାଁ-ସେତ ଲିଭିବାକୁ ଦେବେ ନାହିଁ ବରଂ ଅଧିକ ମାତ୍ରାରେ ଜଳେଇବାକୁ ଚେଷ୍ଟା କରିବେ । ଏହିଭଳି ଅନେକ ଚିନ୍ତା ଚେତନାକୁ ମନ ମଧ୍ୟରେ ଖେଳାଇ ସାଧୁମାଷ୍ଟ୍ରେ ଅସ୍ଥିର ହୋଇପଡ଼ିଲେ ।

ଝରା ଫୁଲର ମହକ କେବଳ ସାଉଁଟି ଥିବା ଲୋକକୁ ଜଣାଥାଏ, ଏହା ଛଡ଼ା ଅନ୍ୟମାନେ ଏହାର ବାସ୍ନା ପାଇବେ କୁଆଡୁ ? ମହକ ତ ଖାଲି ନୁହେଁ ଏହାରି ଭିତରେ ଯେଉଁ ଶକ୍ତିଟି ଜାଗ୍ରତ ରହିଛି ସେତ ଦିବ୍ୟ ସୁମଧୁର ଅଲୌକିକ ଚେତନାର ଏକ ମୂର୍ତ୍ତିମନ୍ତ ପ୍ରତୀକ । ଏହା ମଣିଷର ମନଗଢ଼ା ନୁହେଁ ଯେ ମନୁଷ୍ୟ ତାର ହାତ ବାରିଶୀରେ ଏପରି ସୁକୋମଳ ସୌନ୍ଦର୍ଯ୍ୟମୟ ପୁଷ୍ପକୁ ଗଢ଼ି ରୂପ ଦେବ । କିନ୍ତୁ ବୀଣା ? ସାଧୁମାଷ୍ଟ୍ରେ ଭାବନ୍ତି 'ବୀଣା' ମନୁଷ୍ୟର ସନ୍ତତି ନୁହେଁ ଏହା ନାରଦ ମୁନୀଙ୍କର ହସ୍ତରେ ଥିବା 'ବୀଣା' । ଏହା ହସ୍ତରେ ଧରି ସେଥିରେ ସୁମଧୁର ରାଗିଣୀ ତୋଳିଦେବେ - ମନ ମୁତାବକ ସଙ୍ଗୀତ ଗାନ କରିଯିବେ । ପାଞ୍ଚବର୍ଷର ଝିଅ 'ବୀଣା' ମୁଖରେ ଖିଲି ଖିଲି ହସ ଦେଖିଲେ - ଗୁଲୁବୁ ଗୁଲୁବୁ

Digitized by PPRACHIN, SOA

କଥା ପଦିଏ ଶୁଣିଲେ ସାଧୁ ମାଷ୍ଟ୍ରେ ନିଜକୁ ଏ ସଂସାରରୁ ମୁକ୍ତ ଏକ ନୂତନ ସ୍ୱର୍ଗପୁରୀର କଳ୍ପନା କରନ୍ତି । ସେଠି ମିଛ ମାୟାର ବନ୍ଧନ ନାହିଁ, କେବଳ ଗୋଟିଏ ଆକର୍ଷଣର ଜାଲରେ ସେ ବାନ୍ଧିହୋଇ ପଡ଼ନ୍ତି ।

ଏହି 'ବୀଣା'କୁ ପାଇ ସାଧୁ ମାଷ୍ଟ୍ରେ ନିଜକୁ ଏ ସଂସାର ଦରିଆରେ ହଜାଇ ଦେଇଛନ୍ତି । ସେ ଦିନେ ହେଲେ ଭାବିନାହାନ୍ତି ଭବିଷ୍ୟତରେ କଣ ଘଟିବ ? ବୀଣାର ଜୀବନ ଅନ୍ଧକାର ନା ଆଲୋକ ଭିତରେ କଟିବ ? ନାଁ-ନାଁ ଏଗୁଡ଼ାକ ସବୁ ଚିନ୍ତାକରି କିଛି ଲାଭ ହେବାନାହିଁ । ଏସବୁ ମନର ଦମ୍ଭ ବିବେକକୁ ଭସ୍ମୀଭୂତ କରିଦେବ । ସେ ବର୍ତ୍ତମାନ କଥା ଚିନ୍ତା କରିବେ । କିନ୍ତୁ ? ଅତୀତର ଘଟଣାବଳୀ ମନେ ପଡ଼ିଗଲେ ସାଧୁମାଷ୍ଟ୍ରେଙ୍କର ସବୁ 'ଚିନ୍ତା' ଅସ୍ତମିତ ହେବାକୁ ଆଗେଇ ଯାଏ, ଅନ୍ଧକାରର କୁହୁଡ଼ି ମନକୁ ଗ୍ରାସ କରେ, ହେଲେ କଅଁଳିଆ ଦୁବ ଘାସରେ ପଡ଼ିଥିବା କାକର ବିନ୍ଦୁର ଝଲକରେ ମନରେ ଆଶାର ସଂଚାର ଜାଗ୍ରତ ହୋଇ ଉଠେ । 'ବୀଣା'ର ଚନ୍ଦ୍ର ମୁଖଟିକୁ ଦେଖିଲେ ସାଧୁ ମାଷ୍ଟ୍ରେ ଅନ୍ତରର ଦ୍ୱାରକୁ ଖୋଲି ଦେଇ, ଭାରାକ୍ରାନ୍ତ ମନର ଦ୍ୱାରକୁ ରୁଦ୍ଧ କରିଦିଅନ୍ତି । ସେ 'ବୀଣା'କୁ ପାଠ ପଢ଼ାଇ ସମାଜରେ ଛିଡ଼ା କରାଇବେ । (ଯଦିଓ ତାଙ୍କ ଦେହର ବଳ ଦିନକୁ ଦିନ କମିଆସୁଛି ତଥାପି - ଏଡ଼େ ବଡ଼ ଉଦ୍ୟମକୁ ବିଫଳ କରିବେ ନାହିଁ, ଦେହରେ ବିନ୍ଦୁଏ ରକ୍ତ ଥିବାଯାଏଁ ।)

ଆଶାର ଅଟ୍ଟାଳିକା ତୋଳିବାର ପ୍ରଚେଷ୍ଟା ଭିତରେ ଅଟ୍ଟହାସ୍ୟ କରିଉଠେ ଅତୀତ । ଠିକ୍ ସେହି ମୁହୂର୍ତ୍ତରେ କହିଉଠେ - ତୁମେ ଯାହା କରିବାକୁ ଯାଉଛ ସାଧୁ ମାଷ୍ଟ୍ରେ - ତୁମର ଏ କଳ୍ପନା କଣ କେବେ ସଫଳ ହେବ । କାହିଁକି ନିଜ ହାତେ ହାତେ ବେକରେ ପଘା ପକାଇବାକୁ ବସିଛ ? ଭୁଲିଯାଅ ସବୁ - ଭାଙ୍ଗିଦିଅ ତୁମ ମନର କଳ୍ପନା ସୌଧକୁ । ନାଁ-ନାଁ-କେବେ ଭାଙ୍ଗିବିନି - ଏକ କରୁଣ ଚିତ୍କାର ଭିତରେ ସାଧୁ ମାଷ୍ଟ୍ରେ ନିସ୍ତେଜ ହୋଇଉଠନ୍ତି । ତେବେ ? ସେ କଣ ନିଜ ସମ୍ମୁଖରେ ସେ ଦିନ 'ବୀଣା'ର ମୃତ୍ୟୁ ଦେଖିଥାନ୍ତେ । କେଡ଼େ ସୁକୁମାର କୋମଳିନୀ ପୁଷ୍ପକୁ ପାଦରେ ଦଳି ଦେଇଥାନ୍ତେ । ସେ ଯାହା କରିଛନ୍ତି ଠିକ୍ କରିଛନ୍ତି । ନିଜେ ଜାଣିଶୁଣି ନିଜ ଜୀବନର ସବୁ ସୁଖ ସମ୍ପଦକୁ ତୁଚ୍ଛ କରିଦେଇଛନ୍ତି । ସେ ହୁଏତ ଆଜି କେତୋଟି ପୁଅଝିଅଙ୍କର ଜନକ ହୋଇ ପାରିଥାନ୍ତେ ? କିନ୍ତୁ ଏହି ପ୍ରଶ୍ନ ଭିତରେ ଯେ ଉତ୍ତରଟା ଏକ ଅନ୍ୟ ମୋଡ଼ ସୃଷ୍ଟି କରୁଛି । ନିଜର ସିନା କେହି ପୁଅଝିଅ ନାହାନ୍ତି, ହେଲେ ସେ ଯେ ଗୋଟି ଗୋଟି କରି ଶହ ଶହ ହଜାର ହଜାର ପୁଅଝିଅଙ୍କୁ ସ୍ନେହ ମମତା ଡୋରିରେ ବାନ୍ଧିଦେଇ ଶିକ୍ଷାର ଉଚିତ୍ ମୂଲ୍ୟ ଦେଇ ମଣିଷ କରି ଗଢ଼ି ଦେଇଛନ୍ତି - ନିଜର ଶିକ୍ଷକତା ସମୟ ମଧ୍ୟରେ ।

Digitized by PPRACHIN, SOA

ସାଧୁ ମାଷ୍ଟ୍ରେ ବିବାହ କରିଥିଲେ । ମାତ୍ର ବିବାହର ଗୋଟିଏ ବର୍ଷ ହୋଇଛି କି ନାହିଁ 'ସ୍ତ୍ରୀ' ତାଙ୍କ ପଥ ବାଛିନେଇ ଚାଲିଗଲେ ଆରପାରିକୁ - ତାପରେ ସାଧୁ ମାଷ୍ଟ୍ରେ ପିତା ମାତାଙ୍କର ବାଧବାଧକତା ଭିତରେ ଅନ୍ୟତ୍ର ବିବାହ କରିବାକୁ ରାଜି ହେଲେ । ବିବାହ ସରିଗଲା କିନ୍ତୁ ମଧୁମୟ ରାତ୍ରିର ଫୁଲ ଶର୍ଯ୍ୟାରେ ସୃଷ୍ଟି ହେଲା ଏକ ଅଜଣା ଆତଙ୍କ । ଯେଉଁ ଆତଙ୍କ କି ସାଧୁ ମାଷ୍ଟ୍ରେଙ୍କର ନବ ବିବାହିତା ବଧୂଟିକୁ ଆକ୍ରାନ୍ତ କରି ତାଙ୍କୁ ମଧ୍ୟ ଆକ୍ରାନ୍ତ କରିବାକୁ ବସିଲା । କେବଳ କେତେଗୁଡ଼ିଏ ଆର୍ତ୍ତ ଚିତ୍କାର ମଧ୍ୟରେ ମଧୁରାତ୍ରିର ଫୁଲ ଶଯ୍ୟା ହେଲା ଧୂଳିସାତ୍ । ପରିଶେଷର ଫଳାଫଳ ଭିତରେ ନବ ବଧୂଟିର ଜୀବନ ଦୀପ ଶିଖାଟି ଅସ୍ତମିତ ହୋଇଯାଇଥିଲା । ଭାଗ୍ୟବଶତଃ ବଂଚିଯାଇଥିଲେ ସାଧୁ ମାଷ୍ଟ୍ରେ - ଭାସି ଯାଉଥିବା ନଡ଼ା ଖଣ୍ଡିକକୁ ଆଶ୍ରା କରି । ସଠିକ ଖବର ନ ଜାଣିପାରି ଏମିତି କେତେ ଆଲୋଚନା ଚାଲିଲା ମଧୁପୁର ଗାଆଁରେ । କିଏ କହିଲା ନୂଆ ବୋହୂଟିକୁ ଡାହାଣୀ ଗ୍ରାସ କଲା - ଆଉ କିଏ କହିଲା ଭୂତ ଲାଗିଥିଲା - ପୁଣି କେତେଜଣଙ୍କଠାରୁ ଶୁଣିବାକୁ ମିଳିଲା ଯେ ବୋହୁଟିକୁ କୁଆଡ଼େ କିଏ ଗୁଣି କରି ମାରିଦେଲା । ଏହିପରି ନାନା ଲୋକଙ୍କର ନାନା ମତ ଭିତରେ ଲଡ଼ ପାଲଟି ଯାଇଥିଲେ ସାଧୁ ମାଷ୍ଟ୍ରେ । କିନ୍ତୁ ସେ ଯେ ଆରୋଗ୍ୟ ହୋଇଗଲେ । ମାତ୍ର ସ୍ତ୍ରୀଙ୍କର ଏପରି ଘଟିବ ବୋଲି ସେ ଜାଣିପାରି ନଥିଲେ । ତେବେ ତାଙ୍କ ମନରେ ପ୍ରଶ୍ନ ଉଠେ ତାଙ୍କ ସ୍ତ୍ରୀର ମୃତ୍ୟୁ ଘଟିଲା କିପରି ? ନାଁ ଏସବୁ ତାଙ୍କ ନିଜ ଭାଗ୍ୟ ଦୋଷ । ପ୍ରଥମ ସ୍ତ୍ରୀ ବାହାଘର ବର୍ଷ ନ ପୁରୁଣୁ ମରିଥିଲା - ଏବେ ଦ୍ୱିତୀୟ ସ୍ତ୍ରୀଟି ମରିଗଲା । ତାପରେ ସାଧୁ ମାଷ୍ଟ୍ରେ ଚିନ୍ତିତ ହୋଇପଡ଼ିଲେ । ପିତା ମାତାଙ୍କର ମୁହଁକୁ ଚାହିଁ, ତାଙ୍କ କଥା ରଖି ପୁଣିଥରେ ବିବାହ କରିଥିଲେ । କିନ୍ତୁ ଆଉ କଣ କେବେ ସେ ବିବାହ କରିବେ ? ନାଁ ସେ ଯେ ଏ ଯୁଗର ଧୃତରାଷ୍ଟ୍ର, ଗୋଟି ଗୋଟିକରି ଦୁଇଟି ସ୍ତ୍ରୀର ମୃତ୍ୟୁ ପରେ ତାଙ୍କୁ ପୁଣି ଝିଅ ଦେବ କିଏ ? ଅବଶ୍ୟ ପିତା ମାତା ତାଙ୍କୁ ପୁଣିଥରେ ବିବାହ କରିବା ପାଇଁ କହିଥିଲେ, ତାଙ୍କ କଥାକୁ କାନ ନଦେଇ ସଫା ସଫା ମନା କରିଦେଇଥିଲେ ସାଧୁ ମାଷ୍ଟ୍ରେ । କିଛିଦିନ ପରେ ସାଧୁ ମାଷ୍ଟ୍ରେଙ୍କର ପିତା ମାତା ଆଖି ବୁଜିଲେ । ଘରେ ସେ ଏକୁଟିଆ । ଯାହାହେଉ ମାଷ୍ଟର ଚାକିରୀଟିଏ କରିଥିବାରୁ ଛୋଟ ଛୋଟ ପିଲାମାନଙ୍କର ହସ ହସ ମୁହଁ ଦେଖି ସବୁ ଦୁଃଖଗୁଡ଼ିକୁ ଭୁଲି ଯାଉଥିଲେ ।

ଭାଗ୍ୟ ଚକ୍ରର ଘୂର୍ଣ୍ଣନରେ ସବୁକିଛି ପରିବର୍ତ୍ତନ ହୋଇଥାଏ । କେତେବେଳେ ଦୁଃଖ ଆସେ କେତେବେଳେ ସୁଖ ଆସେ । ଏପରିକି ଅଜଣା ଅଶୁଣା ଦରବଟି ହସ୍ତାନ୍ତର ହୁଏ । ମଣିଷ ଯିନା ଅନେକ କିଛି ଆଶା କରେ, ହେଲେ ସେ କଣ ସବୁଗୁଡ଼ିକୁ ପାଇପାରେ । ଏପରିକି ଆଶା ରଖି ନଥିବା ଦରବଟି ମଧ୍ୟ ମିଳିଯାଏ ଆଉ ସେତେବେଳେ - ମନରେ ଭାବାନ୍ତର ସୃଷ୍ଟି ହୁଏ । ମନ ବିବେକକୁ କୁହେ-

Digitized by PPRACHIN, SOA

ବିବେକ ମନ ପ୍ରଶ୍ନର ଉତ୍ତର ଦିଏ - କେତେ ଯୁକ୍ତିତର୍କ ଚାଲେ - ଶେଷରେ ଦୁଇଜଣଙ୍କ କଥା ବୁଝେ । ସେଦିନ ସକାଳୁ ତର ତର ହୋଇ କାଞ୍ଚନପୁରର ଜଣେ ବନ୍ଧୁଙ୍କ ଘରକୁ ବାହାରି ଯାଇଥିଲେ ସାଧୁ ମାଷ୍ଟ୍ରେ, କାରଣ ବନ୍ଧୁଙ୍କର ଝିଅ ବିଭାଘରରେ ଯୋଗ ଦେବାପାଇଁ । ବିଭାଘର ସବୁ ସବୁ ରାତି ଅଧ ହୋଇଗଲା, ତାପରେ ବନ୍ଧୁଙ୍କଠାରୁ ବିଦାୟ ନେଇ ଚାଲିଆସିଲେ । ମଧୁପୁର କାଞ୍ଚନପୁରଠାରୁ ପ୍ରାୟ ପାଞ୍ଚ କିଲୋମିଟର ଦୂର । ଗାଉଁଲି ରାସ୍ତା, ଦୁଇ ପାଖରେ କିଆ ବଣ । ଆଉେ ପୁଣି କୃଷ୍ଣପକ୍ଷ - ଚର୍ତୁଦିଗରେ ଅନ୍ଧାର ଘେରି ରହିଛି । ସାଏଁ ସାଏଁ ପବନରେ କିଆ ଗଛଗୁଡ଼ିକ ଖଡ଼ ଖଡ଼ ମଡ଼ ମଡ଼ ହେଉଛି । ସାଧୁ ମାଷ୍ଟ୍ରେଙ୍କୁ କାହିଁ କେମିତି କେମିତି ଅଡୁଆ ଅଡୁଆ ଲାଗିଲା । ସେ ଏକୁଟିଆ, ହାତରେ ଗୋଟାଏ ଲଣ୍ଠନଟିଏ ଛଡ଼ା ତାଙ୍କ ନିକଟରେ ଆଉ କିଛି ନଥିଲା । ଅବଶ୍ୟ ବନ୍ଧୁ ତାଙ୍କର ମନା କରୁଥିଲେ ରାତିରେ ଯିବା ପାଇଁ । ବନ୍ଧୁଙ୍କ କଥା ନ ମାନି ସେହି ରାତିଏ ରାତିଏ ଘରକୁ ଲେଉଟିବାକୁ ଚେଷ୍ଟା କଲେ । ସେ କଣ ଛୋଟ ଛୁଆ ହୋଇଛନ୍ତି ଯେ ତାଙ୍କୁ ଡ଼ର ଲାଗିବ । ସେ ଯେ ବର୍ତ୍ତମାନ ପୌଢ଼ର ସୀମା ଟପିବାକୁ ବସିଲେଣି । କେଉଁ ଏକ ଅମାନିଆ ମନ ନେଇ କାଞ୍ଚନ ପୁରରୁ ମଧୁପୁରକୁ ଅଗ୍ରସର ହେଲେ ।

କିଛି ବାଟ ଚାଲି ଗଲାପରେ ସାଧୁମାଷ୍ଟ୍ରେ ଅଟକି ଗଲେ- ସେ ଏ'କଣ ଶୁଣିବାକୁ ପାଉଛନ୍ତି- ପୁଣି ଏ ରାତି ଅଧଟାରେ ଶୁନ୍‌ଶାନ ନିଛାଟିଆ ଜାଗାରେ ଏକ ସଦ୍ୟଜାତ ଶିଶୁର କୁଆଁ କୁଆଁ ରାବ । ସେ ଯାହା ଶୁଣିବାକୁ ପାଉଛନ୍ତି ଏହା କଣ ସତ । ତେବେ ତାଙ୍କର ଉପାୟ ? ଏହିପରି ଭାବି ଭାବି ଯେତେ ବାଟ ଆଗଉଛନ୍ତି, ସେହି ସଦ୍ୟଜାତ ଶିଶୁଟିର କୁଆଁ କୁଆଁ ଶବ୍ଦଟି ସେତେ ନିକଟତର ହେଉଥାଏ । ଯେତେବେଳେ ସେହି ଶିଶୁଟିର ପାଖରେ ପହଞ୍ଚିଗଲେ- ଲଣ୍ଠନ ଆଲୁଅରେ ତାର ମୁଖ ମଣ୍ଡଳଟିକୁ ଅବଲୋକନ କଲେ- ସେତେବେଳେ ସାଧୁମାଷ୍ଟ୍ରେଙ୍କର ପିତୃତ୍ୱର ହୃଦୟ ବିଳାପ କରି ଉଠିଲା । ଅନ୍ତରର ଶୂନ୍ୟ ଦରିଆ ମଧ୍ୟରୁ ଦୟା ଓ ସ୍ନେହର ଜୁଆର ସୃଷ୍ଟି ହେଲା । ଲଣ୍ଠନଟିକୁ ତଳେ ଥୋଇ ଦେଇ, ରାସ୍ତାର କିଆ ବୁଦା ଉହାଡ଼ରେ ଶୋଇଥିବା ଶିଶୁଟିକୁ ଟେକିଆଣି କୋଳରେ ଧରିଲେ । ତା ପରେ ସେହି ଶିଶୁଟି ଯେମିତି ନିଜର କେହି ଆପଣାର ଭାବି ସାଧୁମାଷ୍ଟ୍ରେଙ୍କର କୋଳରେ ଆଶ୍ରାପାଇ କାନ୍ଦ ବନ୍ଦ କରି ଦେଲା । ସାଧୁମାଷ୍ଟ୍ରେ ଲଣ୍ଠନଟି ତଳୁ ଉଠାଇ ଆଉଥରେ ସେହି ଶିଶୁ ମୁଖକୁ ଦେଖି- ଶିଶୁଟିକୁ ତାଙ୍କ କୋଳରେ ଜାକି ଧରି ଏକ ମୁହାଁ ହୋଇ ଘରେ ଆସି ପହଞ୍ଚିଗଲେ ସାଧୁମାଷ୍ଟ୍ରେ ।

ସେ ଭାବିଥିଲେ ଶିଶୁଟିକୁ ମଧୁପୁର ଗାଁର ଲୋକମାନଙ୍କ ଆଖି ଉହାଡ଼ରୁ ଲୁଚାଇ ରଖିବେ । ହେଲେ ଶିଶୁଟି ତାର ନିଜ ପରିଚୟ ଆଗରୁରା ଗାଁ ଲୋକମାନଙ୍କୁ

Digitized by PPRACHIN, SOA

ଢଣାଇ ଦେଲା । ଛୋଟ ପିଲା ସେ କଣ କାନ୍ଦି ନ ପାରି ରହିପାରେ ? ଗାଁ ଲୋକମାନେ ସାଧୁମାଷ୍ଟ୍ରେଙ୍କୁ ଶିଶୁଟି ବିଷୟରେ କେତେ ପଚରା ଉଚୁରା କଲେ-ହେଲେ କୌଣସି ଠିକ୍ ଉତ୍ତର ତାଙ୍କଠାରୁ କିଏ ପାଇନାହାଁନ୍ତି । କେବଳ ସେ କହୁଥାନ୍ତି- ''ଭଗବାନ ମୋତେ ଦେଇଛନ୍ତି'' । ଛୋଟ ଶିଶୁ କଣ ଖାଇବ, ଏହାପାଇଁ ସାଧୁ ମାଷ୍ଟ୍ରେଙ୍କର ଭାବନା ପଡ଼ିଲା । ଯାହାହେଉ ଛୋଟ ଝିଅଟି ପାଇଁ ଦୁଧ ଲାଗୁଆ କରିଦେଲେ । ସେହି ଗାଈଦୁଧ ପିଇ ଛୋଟ ଝିଅଟି ବଢ଼ିବାକୁ ଲାଗିଲା । ସାଧୁମାଷ୍ଟ୍ରେ ବେଳେ ବେଳେ ଚିନ୍ତା କରନ୍ତି କୁନି ଝିଅଟି ପାଇଁ । ସତେ ଏହାର ବାପା ମାଆ ଏଡ଼େ ନିରିଦୟ- ବିଚରା କୁନି ଝିଅଟିକୁ ରାସ୍ତାରେ ପକାଇ ଚାଲିଗଲେ । ହଁ ବାପ ସିନା ତାର ସନ୍ତାନ ପାଇଁ ବ୍ୟସ୍ତ ହେବନାହିଁ- କିନ୍ତୁ ଯିଏ ଜନ୍ମଦାତ୍ରୀ ତା ହୃଦୟରେ କଣ ଦୟା କଣିକା ଉଦୟ ହେଲା ନାହିଁ । ଏହିପରି କେତେ ଚିନ୍ତା କରନ୍ତି ସାଧୁମାଷ୍ଟ୍ରେ । ଏପରିକି ଥରେ ଥରେ ଭାବନ୍ତି ଯଦି ତାର କେହି ବାପ ମାଆ ଆସନ୍ତି ତେବେ ସେ ଏ କୁନି ଝିଅଟିକୁ ତାଙ୍କୁ ଦେଇଦେବେ । ପୁଣି ସେହି କୁନି ଝିଅଟିର ସ୍ନେହମମତା ଡ଼ୋରିରେ ଯବନିକା ଟାଣିବାକୁ ତାଙ୍କ ବିବେକ୍ ବାଧା ଦିଏ- ''ତୁମେ ଯାହାକୁ ରାସ୍ତାରୁ ପାଇଆଣି ହୃଦୟର ସବୁସ୍ନେହ ମମତା ତା ଉପରେ ଲଦି ଦେଇଛ ତାକୁ ତୁମେ ଦୂରେଇ ଦେବ ସାଧୁମାଷ୍ଟ୍ରେ । ନାଁ ସେ ଏଡ଼େ ବଡ଼ ଭୁଲ୍ କରିପାରିବେନି ।''

ଖାଲି ମଧୁପୁର ଗାଁ କାହିଁକି ଆଖପାଖ ପାଞ୍ଚଦଶଖଣ୍ଡି ଗାଁ ଏପରିକି ସାରା ପଞ୍ଚାୟତର ଲୋକମାନେ ଜାଣିଗଲେ ଯେ ସାଧୁମାଷ୍ଟ୍ରେ ଗୋଟିଏ ଛୋଟ ଝିଅଟିଏ ପାଇକରି ଆଣି ତାକୁ ଘରେ ରଖିଛନ୍ତି । ଏପରିକି ସାଧୁମାଷ୍ଟ୍ରେ ସ୍କୁଲଯିବା ବେଳେ ଝିଅକୁ ସାଙ୍ଗରେ ନେଇ ଯାଆନ୍ତି । ସ୍କୁଲ୍ ବାରଣ୍ଡାରେ ଗୋଟିଏ ଦୋଳିରେ ତାକୁ ଶୁଆଇ ଦିଅନ୍ତି- ସେଠାରେ ସ୍କୁଲ ପିଲାମାନେ- ସାଧୁମାଷ୍ଟରଙ୍କ ସାଙ୍ଗମାନେ ଛୋଟ ଝିଅଟିକୁ ଗେଲ କରନ୍ତି । ସମସ୍ତିଙ୍କ ସ୍ନେହ ପାଇ ବଢ଼ିବାକୁ ଲାଗିଲା କୁନି ଝିଅଟି । ସାଧୁମାଷ୍ଟରଙ୍କ ନିତି ଦିନର କାମ ଝିଅକୁ ଗାଧୋଇ ଦେବା ଖୋଇ ଦେବା- ଯେପରି ଝିଅଟିର ଯତ୍ନରେ ଅବହେଳା ନ ହୁଏ ସେଥିପ୍ରତି ଦୃଷ୍ଟି ଦେଇଥାନ୍ତି । ଅବଶ୍ୟ ସାହିପଡ଼ିଶାଏ ଆସି ଝିଅଟିକୁ ଗେଲ କରନ୍ତି, କୋଳକୁ ନେଇ ଯାଆନ୍ତି । ହେଲେ ସେମାନଙ୍କ ପ୍ରତି ସାଧୁ ମାଷ୍ଟରଙ୍କର ଭରଷା ନ ଥାଏ । ଭାଇ ସାହି ସେ ତ କାଳେ କାଳେ ଶତୃ । ବରଂ ବାହାର ଲୋକଙ୍କ ଠାରୁ ସାହାଯ୍ୟ ପାଇହେବ କିନ୍ତୁ ଏମାନେ ଯେ ହତାଦାର କରିଦେବେ । ତଥାପି ସାଧୁମାଷ୍ଟ୍ରେ ସାହିଭାଇଙ୍କ ସହିତ ମିଶି ଚଳି ଯାଆନ୍ତି । କୁନି ଝିଅଟିର ନାହିକଟା ଠାରୁ ଆରମ୍ଭ କରି ତାର ଭଲମନ୍ଦର ଯତ୍ନ ନେଇ ଆସିଛନ୍ତି ସାଧୁମାଷ୍ଟ୍ରେ । ଝିଅଟି ପାଇଁ ଯେଉଁ ଦିନ ସତ୍ୟ ନାରାୟଣ ପାଲା କଲେ- ଗାଁ ଲୋକମାନଙ୍କୁ ଏମିତି ଖିରି ପୁରୀରେ ଭସେଇ ଦେଲେ ଯେ ସମସ୍ତେ ତାଙ୍କୁ ଧନ୍ୟ ଧନ୍ୟ କହିଲେ । ସେହିଦିନ ଠାରୁ ଛୋଟଝିଅଟିର ନାମ କରଣ କରାଗଲା 'ବୀଣା' ।

Digitized by PPRACHIN, SOA

ବୀଣା ଯେତେବେଳେ ଚାଲିଶିଖିଲା, ଗୁରୁବୁ ଗୁରୁବୁ କଥା କହିଲା- ତା ପରେ ତାର ମନରେ ଯେତେବେଳେ ଟିକିଏ ଚିନ୍ତା ଶକ୍ତି ଉଙ୍କି ମାରିଲା- ସାଧୁ ମାଷ୍ଟରଙ୍କୁ ସେ ବାପ ବୋଲି ଡ଼ାକିଲା । ଆଉ ସାଧୁ ମାଷ୍ଟ୍ରେ ତାକୁ କେତେ କଥା ଶିଖାଇଲେ- ଦିନେ ଗୋଟିଏ ଡ଼ାକ ତାଙ୍କୁ କେମିତି ଅପ୍ରାତିଶିତ ମନେ ହେଲା- ବୀଣା 'ମାଆ' 'ମାଆ' ବୋଲି ଡ଼ାକିଲା- ସାଧୁମାଷ୍ଟ୍ରେ ତ ବୀଣାକୁ ମାଆ ଡ଼ାକ ଶିଖାଇ ନ ଥିଲେ, ତେବେ ଏ ଡ଼ାକ ଶିଖିଲା କେଉଁଠୁ ? ହଁ ପଡ଼ିଶା ଘରର ପିଲାଏ ଯେତେବେଳେ ତାଙ୍କ ମାଆକୁ ଡ଼ାକନ୍ତି ସେତେବେଳେ କାନ ପାରି ଶୁଣେ ବୀଣା । ଏମିତିକି ଦିନେ 'ବୀଣା' ସାଧୁ ମାଷ୍ଟରଙ୍କୁ ପଚାରିଲା ବାପା- ମୋର ମାଆ କାହିଁ- ଛୋଟ ଛୁଆଟିର ପ୍ରଶ୍ନର କି ଉତ୍ତର ଦେବେ ସାଧୁମାଷ୍ଟ୍ରେ- ସେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ିଲେ- ତାଙ୍କ ମନକୁ କୌଣସି ଉତ୍ତର ଢୁକିଲା ନାହିଁ । ତାପରେ ପୁନର୍ବାର 'ବୀଣା'ର ପ୍ରଶ୍ନରେ ସାଧୁମାଷ୍ଟ୍ରେ ଏକ ମନ ଫାନ୍ଦେଣିଆ ଉତ୍ତର ଦେବାକୁ ବାଧ ହୋଇ କହିଲେ- ''ତୁ ବର୍ଷକର ହେଲାବେଳେ ତୋ ମାଆ ମରିଯାଇଛନ୍ତି ବୀଣା''- ତାପରେ ବୀଣା ଆଖିରୁ ଅମାନିଆ ଅଶ୍ରୁ କେଇଧାର ବୋହି ଗଲା- ତା ପରେ ଜିଦି ଧରି ବସିଥିଲା- ମୋ ମାଆକୁ ମୋତେ ଆଣି ଦିଅ ବାପା- ନହେଲେ ମୁଁ ମରିଯିବି । ବୀଣାର ଏ କଥାଶୁଣି ସାଧୁମାଷ୍ଟ୍ରେ ବୀଣାକୁ ଆକଟି କହିଲେ- ଛି ମୋ ସୁନା ଝିଅଟି ପରା ଏମିତି କଣ କାନ୍ଦନ୍ତି- ନେ ନେଲୁ ତୋ ପାଇଁ ଚକୋଲେଟ୍ ଆଣିଛି । ଛୋଟ ଛୁଆ ମନ ବୁଝିଗଲା ପରେ ବାତାବରଣ ଶାନ୍ତ ପଡ଼ିଗଲା । ସାଧୁ ମାଷ୍ଟ୍ରେ ନିଜ ମନକୁ ଧୀକ୍କାର କଲେ- ସେ ଜୀବନରେ କେବେ ମିଛ କୁହନ୍ତିନି । କିନ୍ତୁ ପରିସ୍ଥିତି ତାଙ୍କୁ ବାଧ କରିଥିଲା କେତେଦିନ ବୀଣାକୁ ବୁଝାଇରଖିବେ ବୀଣା କଣ ସବୁଦିନେ ଏମିତି ଏହି ପରି ଛୋଟ ଛୁଆ ହୋଇ ରହିଥିବ ?

(ଦୁଇ)

ଦୀର୍ଘ ସମୟ ବ୍ୟବଧାନ ମଧ୍ୟରେ ସାଧୁମାଷ୍ଟ୍ରେ ଏହା ଭିତରେ ମାଷ୍ଟର ଚାକିରୀରୁ ଅବସର ନେଇଛନ୍ତି । ଯେତିକି ଟଙ୍କା ପେନ୍‌ସନ୍ ମିଳେ ବାପଝିଅ ଦୁହେଁ ବେଶ୍ ଆରାମରେ ଚଳି ଯାଆନ୍ତି । ଏହାଛଡ଼ା ଚାଷଜମି ମଧ୍ୟ ରହିଛି- ସେସବୁ ଭାଗ ବଖରା ଲାଗିଥାଏ । ଏକୁଟିଆ ଲୋକ ଚାଷ କଥା ବୁଝୁଛି କିଏ ? ଭାଗଚାଷୀ ମାନେ ଯେତିକି ଦିଅନ୍ତି- ବର୍ଷକକୁ ଖାଇବା ପାଇଁ ଢ଼େର୍ ହୋଇଥାଏ । ସେଥିରୁ ମଧ୍ୟ ବିକାକିଣା ଚଳେ । ଦଶ, କୋଡ଼ିଏ ନଡ଼ିଆ ଗଛ- ଯାହା ନଡ଼ିଆ ଫଳେ ଖାଇ କରି ମଧ୍ୟ ବିକ୍ରି ହୁଏ । ଏମିତି କି ସାଧୁ ମାଷ୍ଟ୍ରେଙ୍କ ସାଙ୍ଗର ଲୋକମାନେ ଯେତେବେଳେ ତାଙ୍କୁ କହନ୍ତି- ବୁଝିଲୁ 'ସାଧୁ' ତୋତେ ଭଗବାନ ଭଲରେ ରଖିଛନ୍ତି- କହୁନୁ ତୋର

Digitized by PPRACHIN, SOA

କଣ କେଉଁଥିରେ ଅଭାବ ଅଛି- ବାପଝିଅ ଦୁଇଟା- କଣ ବେଶି ଖର୍ଚ୍ଚ ହେଉଛି ଯେ ତୋର ଆମ ପରି ଭାଳେଣି ପଡ଼ିବ । ଦେଖୁନୁ ଆମେ ଚାରିପାଞ୍ଚଟା ପିଲାର ବାପ ହୋଇ କେତେ ଦହଗଞ୍ଜ ଭୋଗ କରୁଛୁ । ସାଧୁ ମାଷ୍ଟ୍ରେ ସେମାନଙ୍କ କଥା ଶୁଣି ଏକ ଦୀର୍ଘ ନିଶ୍ୱାସ ପକାଇ ହସି କରି କୁହନ୍ତି-"ହଁ ଭାଇ ଭଗବାନ ଯାହାକୁ ଯେମିତି ରଖିଛନ୍ତି " ।

ସାଧୁମାଷ୍ଟ୍ରେଙ୍କୁ ସମସ୍ତେ ମାଷ୍ଟର ବୋଲି ଡ଼ାକନ୍ତି । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ସାଧୁମାଷ୍ଟ୍ରେ ଜାତିରେ କରଣ ପିଲା । ବାପ ଅଜା ଅମଳରେ ଜମିଦାରୀ ଥିଲା । ଆଜି ସିନା ବାପ ଅଜା ଅମଳର ଘର ଖଣ୍ଡିକ ପୋଡ଼ି ଯାଇଛି- ହେଲେ ସେହି ଭିଟାମାଟି ଜଣେଇ ଦେଉଛି ଯେ ଜମିଦାର ଘର ବୋଲି । କର୍ପୂର ଉଡ଼ିଯାଇଛି ସତ କିନ୍ତୁ କନା ତ ପଡ଼ି ରହିଛି । ସାଧୁମାଷ୍ଟ୍ରେ ତାଙ୍କ ପିତାମାତାଙ୍କର ଏକୋଇର ବଳା ବିଶି କେଶନ । ତାଙ୍କଠାରେ ପିତା ମାତା କେତେ ଆଶା ରଖିଥିଲେ- ହେଲେ ରହିଲା କେଉଁଠୁ ? ଛାଡ଼ ସେ ଅତୀତକୁ ରୋମନ୍ଥନ କଲେ କେବଳ ଦୁଶ୍ଚିନ୍ତାରେ ଘାଣ୍ଟି ହେବା ଛଡ଼ା କୌଣସି ଲାଭ ମିଳେ ନାହିଁ ।

'ବୀଣା' ଏହା ଭିତରେ ମାଟ୍ରିକ୍ୟୁଲେଶନ୍ ପାସ୍ କରି କଲେଜରେ ପଢ଼ିଲାଣି । ଯାହା ହେଉ ସାଧୁ ମାଷ୍ଟରଙ୍କ ଆପ୍ରାଣ ଉଦ୍ୟମ ବଳରେ 'ବୀଣା' ଭଲ ପାଠ ପଢ଼ିଲା- ମଧୁପୁର ସ୍କୁଲର ନାଁ ରଖିଲା- ଚାରିଆଡ଼େ ତାର ପ୍ରଶଂସା । କଲେଜ ଯିବା ପୂର୍ବରୁ ରୋଷେଇ ବାସ କରି ଦେଇ ସାଧୁ ମାଷ୍ଟ୍ରେଙ୍କୁ ଖାଇବାକୁ ଦିଏ, ନିଜେ ଖାଇ କଲେଜ ବାହାରି ଯାଏ । କଲେଜ ଯଦିଓ ମଧୁପୁରଠାରୁ ଦୁଇ କିଲୋମିଟର ବାଟ- ତଥାପି ସାଧୁ ମାଷ୍ଟ୍ରେ ଝିଅ ପାଇଁ ରିକ୍ସାର ବନ୍ଦୋବସ୍ତ କରି ଦେଇଥାନ୍ତି । ବୀଣାର ଯେପରି କୌଣସି ବିଷୟରେ ଅଭାବ ନ ରହୁ ସେଥିପାଇଁ ସାଧୁମାଷ୍ଟ୍ରେ ସଦାସର୍ବଦା ଜାଗ୍ରତ ରହିଥାନ୍ତି । ଅବଶ୍ୟ ତାଙ୍କ ଦେହରେ ବଳ କମିଗଲାଣି- ସେ ଆଉ କୌଣସି ଓଜନ୍‌ଦାର କାମକୁ ପାରୁନାହାଁନ୍ତି ତଥାପି ମନରେ ଦମ୍ଭ ହୃଦୟରେ ସାହାସ ବାନ୍ଧି 'ବୀଣା' ପାଇଁ ହାଟରୁ ବହି କଲମ୍ ଠାରୁ ଆରମ୍ଭ କରି ଶାଢ଼ୀ ପର୍ଯ୍ୟନ୍ତ କିଣି ଆଣନ୍ତି । ବେଳେବେଳେ ଭାବନ୍ତି ଯଦି ଗୋଟାଏ ଚାକର ପିଲା ରଖନ୍ତେ ଭଲ ହୁଅନ୍ତା- 'ବୀଣା' ରୋଷେଇ ବାସ କରି କଣ ପଢ଼ି ପାରିବ । ଏମିତିକି ବୀଣାକୁ ଦିନେ କହିଲେ- ମୁଁ ଭାବୁଛି ଗୋଟାଏ ଚାକର ପିଲା ରଖିଲେ କେମିତି ହୁଅନ୍ତା ବୀଣା ? ବୀଣା କୁହେ ମୁଁ ତ ଅଛି ବାପା, ତୁମର କଣ ସେବା ଯତ୍ନରେ କୌଣସି ଖିଲାପ୍ ହେଉଛି । ଚୁପ୍ ରୁହନ୍ତି ସାଧୁମାଷ୍ଟ୍ରେ ନାହିଁତ ବୀଣା କେବେ ହେଲେ ତାର ସେବା ଯତ୍ନରେ ତାଙ୍କୁ ଅବହେଳା କରିନାହିଁ, ବରଂ ଅଧିକରୁ ଅଧିକ ମାତ୍ରାରେ ସେବା କରୁଛି । ସାଧୁମାଷ୍ଟ୍ରେ ଭାବନ୍ତି- ଝିଅକୁ ଆସି ଷୋଳ ବର୍ଷ ଚାଲିଲା । ସେ କଣ ତାଙ୍କ ପାଖରେ ସବୁଦିନ

Digitized by PPRACHIN, SOA

ରହିଥିବ ? ସେତ ଦିନେ ତାର ଶାଶୁ ଘରକୁ ଯିବ ନା ନାହିଁ । ଏପରିକି ମଝିରେ ମଝିରେ ବିବାହ ପ୍ରସ୍ତାବ ବୀଣା ପାଇଁ ବୁଝୁଥାନ୍ତି, ହେଲେ କୌଣସିଠାରେ ମନ ମାନୁ ନ ଥାଏ । ତାଙ୍କ ସାଙ୍ଗକୁ ବନ୍ଧୁ ହେବାତ ଦରକାର । ନାହିଁ ଯାହିତାହିଆ ଘରେ ଝିଅଟାକୁ ଦେଇଦେବେ । ହଉ ସବୁ ସେହି ଠାକୁରଙ୍କ ଇଚ୍ଛା । ଯାହା ତାର ଭାଗ୍ୟରେ ଥିବ ।

ବୀଣାର ଡ଼ାକରେ ସାଧୁମାଷ୍ଟ୍ରେଙ୍କର ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା । ବାପା, ମୁଁ ତୁମକୁ କେତେ ଡ଼ାକିଲିଣି ତୁମକୁ କଣ ମୋ କଥା ଶୁଭୁନାହିଁ । ନାହିଁ ମା ନାହିଁ ମୁଁ ଛମା ଶୁଣିପାରିନାହିଁ- ଏକ ସ୍ନେହ ଭରା କଣ୍ଠରେ କହିଲେ ସାଧୁମାଷ୍ଟ୍ରେ । ବୁଝିଲ ବାପା କାଲି ନୁହଁ ଆମ କଲେଜରେ ଡ୍ରାମା ହେବ ତୁମେ ଯିବଟି । ଆଉ ଗୋଟିଏ କଥା ବାପା ମୁଁ ନୁହେଁ ଏ ବର୍ଷ ଡ୍ରାମାରେ ଭାଗନେଇଛି । କାହିଁ ତୁ ତ ମୋତେ ଏ କଥା କହି ନ ଥିଲୁ ସାଧୁମାଷ୍ଟ୍ରେ ବୀଣାକୁ ପଚାରିଲେ । ବୀଣା ଭାବିଥିଲା ଆଗରୁ କାହିଁକି ବାପାଙ୍କୁ କହିବ ଡ୍ରାମା ଗୋଟିଏ ଦିନ ଥିବ ବାପାଙ୍କୁ କହିବ । ଯାହା ଫଳରେ ବାପା ଆଉ ଡ୍ରାମା କରିବାକୁ ମନା କରିବେ ନାହିଁ । କିନ୍ତୁ ସାଧୁମାଷ୍ଟ୍ରେ ଝିଅର ମନ କଥା ସବୁ ଠିକ୍ ବୁଝି ପାରିଲେ- କୌଣସି ଏକ ଅଜଣା ଆନନ୍ଦରେ ସେ ଅଧୀର ହୋଇ ପଡ଼ିଲେ- ଝିଅର ଏଡ଼େବଡ଼ ଆକାଂକ୍ଷା ତଥା ଉତ୍ସାହକୁ କଣ ସେ କେବେ ପଣ୍ଡ କରିଦେବେ- ନାଁ ଝିଅର ମନକୁ ସେ ଭଲ ଭାବେ ପରଖିଛନ୍ତି- ଝିଅ ତାଙ୍କର କେବେ ହେଲେ ଖରାପ ପଥକୁ ଯାଇପାରେନା । ବୀଣାର ଅନୁରୋଧ ରକ୍ଷା କରି ଡ୍ରାମା ଦେଖିଯିବାକୁ ରାଜି ହୋଇ ଗଲେ ସାଧୁମାଷ୍ଟ୍ରେ । ଏଥିରେ ବୀଣାର ଆନନ୍ଦ କହିଲେ ନସରେ । ବାପାଙ୍କୁ କୁଣ୍ଢାଇ ପକାଇ ଭୁଇଁରେ ନାଚି ନାଚି କହିଲା ମୋ ବାପା ପରି ଆଉ କିଏ ଅଛି ।

(ତିନି)

ନାନା ରକମର ସାଜସଜ୍ଜା ମଧ୍ୟରେ କଲେଜଟି ଦୂରକୁ ବହୁତ ସୁନ୍ଦର ଦେଖାଯାଉଛି ଏହି ଗାଁ ଗହଳିର ପ୍ରାଇଭେଟ୍ କଲେଜଟି ଦୀର୍ଘ ଦୁଇବର୍ଷ ହେଲା ଗଢ଼ି ଉଠିଛି । ମୁଖିଆ ମୁଖିଆ ଲୋକମାନଙ୍କ ଆପ୍ରାଣ ଉଦ୍ୟମ ବଳରେ । ବିକ୍ରମପୁର ପଞ୍ଚାୟତରେ 'ଶାନ୍ତି ଦେବୀ ମହିଳା ମହାବିଦ୍ୟାଳୟ'ଟି ଅବସ୍ଥିତ । ଏହି ବର୍ଷ ସରକାରଙ୍କ ସ୍ୱୀକୃତି ପାଇଛି । କାରଣ ଏହି ପଞ୍ଚାୟତରୁ କୋଡ଼ିଏ କିଲୋମିଟର ଦୂରରେ ଆଉ ଗୋଟିଏ ସରକାରୀ କଲେଜ ଅଛି- କିନ୍ତୁ ଏତେ ବାଟ ଝିଅ ମାନଙ୍କ ପାଇଁ ସୁବିଧା ହେଉନଥିବାରୁ, ତଥା ନଈପାରିହୋଇ କଲେଜ ଯିବା ଝିଅ ମାନଙ୍କ ପାଇଁ ଏକ ଦୁରୁହ ବ୍ୟାପାର । ଏ ଅଞ୍ଚଳର ବିଶିଷ୍ଟ ଶିଳ୍ପପତି ପ୍ରମୋଦ ପଟ୍ଟନାୟକଙ୍କ କଲେଜ ପାଇଁ ଦାନ ଅତୁଳନୀୟ । ସେ ନିଜ ସମ୍ପତ୍ତିରୁ ପାଞ୍ଚ ଏକର କଲେଜ ପାଇଁ

Digitized by PPRACHIN, SOA

ଛାଡ଼ି ଦେଇଛନ୍ତି । ଏପରିକି ତାଙ୍କରି ଝିଅ 'ଶାନ୍ତି' ନାମରେ କଲେଜର ନାମକରଣ କରିଛନ୍ତି । ଯାହାହେଉ ତାଙ୍କ ଅଞ୍ଚଳର ଝିଅମାନେ ଯେ ଆଉ କଲେଜ ଶିକ୍ଷାରୁ ବଂଚିତ ହେବେ ନାହିଁ । କଲେଜର ପରିବେଶଟି ବି ବେଶ୍ ରମଣୀୟ । କଲେଜର ପଛପଟେ 'ଶ୍ରାବଣୀ ନଈ' ବୋହିଯାଇଛି । କଲେଜ ମଧ୍ୟରେ ବିଭିନ୍ନ ରକମର ଫୁଲଗୁଡ଼ିକ ଅତୀବ ସୌନ୍ଦର୍ଯ୍ୟରେ ବିରାଜିତ । ହଁ ଆଜି ଏହି 'ଶାନ୍ତି ଦେବୀ ମହାବିଦ୍ୟାଳୟ'ର 'ବାର୍ଷିକ ଉତ୍ସବ' । ଏହି ଉତ୍ସବରେ ଯୋଗଦେବାପାଇଁ ଆଜି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଉଛନ୍ତି 'କଲେକଟର' 'ରାଜେଶ୍ ରତନ କାନୁନ୍‌ଗୋ' । ସେ ଏକୁଟିଆ ନୁହେଁ ସପରିବାରଙ୍କୁ ଧରି ଏହି ଉତ୍ସବରେ ଯୋଗଦେବା ପାଇଁ ଆସୁଛନ୍ତି । କାରଣ ଶିଳ୍ପପତି ପ୍ରମୋଦ ପଟ୍ଟନାୟକ ବହୁତ ଚାଲାକ ଲୋକ- କଲେକ୍ଟର 'ରାଜେଶ ରତନ କାନୁନ୍‌ଗୋ' ହେଉଛନ୍ତି ତାଙ୍କ ଜ୍ୱାଇଁ । ଏକମାତ୍ର ଝିଅକୁ ଜଣେ ବିଶିଷ୍ଟ ଲୋକଙ୍କ ସହିତ ବିବାହ ଦେଇଛନ୍ତି । ଏହାଛଡ଼ା ଶାନ୍ତି ନାମରେ ନାମିତ ଯେତେବେଳେ କଲେଜଟି ସେତେବେଳେ କଲେକ୍ଟରଙ୍କ ଆଉ ଉପାୟ କିଛି ନାହିଁ ଆସିବାକୁ । ଏପରିକି ନିଜ ସ୍ତ୍ରୀ ଶାନ୍ତି କଥାକୁ କାଟି ନ ପାରି ସେ ଏ ଉତ୍ସବରେ ଯୋଗ ଦେବା ପାଇଁ ରାଜି ହୋଇ ଯାଇଛନ୍ତି ।

ଠିକ୍ ସନ୍ଧ୍ୟା ଘ୬.୩୦ରେ କଲେକ୍ଟରଙ୍କ ଗାଡ଼ି ଆସି ପହଞ୍ଚିଗଲା । ଖରାଦିନ 'ଶ୍ରାବଣୀ ନଈ'ରେ ବିଶେଷ କିଛି ପାଣି ନ ଥିଲା । ଏହାଛଡ଼ା ଗ୍ରାମ ଲୋକମାନଙ୍କ ଉଦ୍ୟମରେ 'ଅସ୍ଥାୟୀ ରାସ୍ତା' ନଈରେ ହୋଇଛି । ଡ୍ରମପାର୍ଟି ବାଜିଉଠିଲା, ଆତସବାଜୀରୁ ଦୁଇ ଚାରିଟା ଫୁଟିଲା, କଲେକ୍ଟରଙ୍କୁ ପ୍ରମୋଦବାବୁ ଏବଂ ତାଙ୍କ ସହକର୍ମୀମାନେ କଲେଜ ମଞ୍ଚ ଆଡ଼କୁ ପାଛୋଟି ନେଲେ । କଲେକ୍ଟରଙ୍କ ବେକରେ ପୁଷ୍ପମାଳା ପକେଇ ଦିଆଗଲା- ସମସ୍ତଙ୍କ ମୁହଁରେ ସେତେବେଳେ ହସଫୁଟି ଉଠିଲା । ତା ପରେ ଚାଲିଲା 'ଆବାହ ସଂଗୀତ' । ତା ପରେ ସଭାକାର୍ଯ୍ୟ ଆରମ୍ଭ । କଲେଜର ପରିସ୍ଥିତି କିପରି,ଏହାର ପ୍ରତିକାର କିପରି ହେଉ, ଏହିସବୁ ବିଷୟ ସଭାରେ ଉପସ୍ଥାପିତ ହେବା ପରେ ପରେ କଲେକ୍ଟରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଗଲା । ତାପରେ କଲେକ୍ଟରଙ୍କ ଭାଷଣ- ଶେଷରେ କଲେଜ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ଭଙ୍ଗ କରାଗଲା । ଏହି ଉତ୍ସବ ଦେଖିବା ଲାଗି ବିକ୍ରମପୁର ପଞ୍ଚାୟତ ଲୋକମାନଙ୍କ ଗହଳି ବଢ଼ିବାରେ ଲାଗିଛି । ପରେ ପରେ 'ଡ୍ରାମା' କାର୍ଯ୍ୟ ଆରମ୍ଭ ହେଲା- 'ବାଲ୍ୟ ବିଚିତ୍ରା' । ଦର୍ଶକମାନେ ଚୁପ୍‌ଚାପ୍ ଆଗ୍ରହ ସହକାରେ ବସି ରହିଥାନ୍ତି 'ଡ୍ରାମା' ଦେଖିବା ଲାଗି । କାରଣ ସେ ଅଂଚଳରେ ଏହା ପ୍ରଥମ ଡ୍ରାମା ଝିଅ ପିଲାମାନଙ୍କୁ ନେଇ । 'ମାଇକ୍'ରେ ଯେଉଁମାନେ 'ବାଲ୍ୟବିଚିତ୍ରା' ନାଟକରେ ଭାଗ ନେଇଛନ୍ତି ସେମାନଙ୍କ ନାମ

Digitized by PPRACHIN, SOA

ଗୋଟିଗୋଟି କରି କୁହାଗଲା । ତାପରେ ଯନ୍ତ୍ର ସଂଗୀତର ସୁରେ ସୁରେ 'ନାଟକ' ଆରମ୍ଭହେଲା ।

'ନାଟକ'ର ଦୃଶ୍ୟ ଗୋଟିକ ପରେ ଗୋଟିଏ ଚାଲିଛି । ଦର୍ଶକମାନଙ୍କ କରତାଳିରେ ପରିବେଶଟି ଉଚ୍ଛୁଳି ପଡୁଛି । କିନ୍ତୁ ସମସ୍ତିଙ୍କ ଆଖି ଗୋଟିଏ ଅଭିନେତ୍ରୀ ଉପରେ । ସମସ୍ତଙ୍କ ମୁହଁରୁ ବାଃ-ବାଃର ପ୍ରଶଂସା । ତେବେ ସେ ଝିଅଟି କିଏ ? ସେ ପରା ସାଧୁମାଷ୍ଟ୍ରେଙ୍କ ଝିଅ 'ବୀଣା' । ତୁମେ କଣ ତାଙ୍କୁ ଚିହ୍ନିପାରୁନ । ଆରେ ସେ 'ବୀଣା' ମୁଁ କଣ ତାକୁ ଚିହ୍ନି ପାରିଲି । ହେଇପରା ସେଠି ଦେଖୁନ ସାଧୁମାଷ୍ଟ୍ରେ କେମିତି ଝିଅର ଅଭିନୟକୁ ଆଖିରେ ପଲକ ନ ପକାଇ ଚାହିଁ ରହିଛନ୍ତି । କିନ୍ତୁ ଯାହାକୁହ ଭାଇ ଝିଅଟି ସର୍ବଗୁଣା ସଂମ୍ପନ୍ନା । ଘର କାମରେ ଯେମିତି- କଲେଜ ପାଠଠାରୁ ଆରମ୍ଭ କରି ହେଇ ଦେଖୁନା ଡ୍ରାମାରେ କିପରି ଅଭିନୟ କରୁଛି । ବୁଝିଲ ଭାଇ ମୁଁ ଦେଖୁଛି ନିଜ ଝିଅ ଏମିତି କରିବ ନାହିଁ । ହଁ ଭାଇ ସେହି କଥା ନୁହେଁ ତ ଆଉ କଣ ଆଜିକୁ ଷୋଳବର୍ଷ ତଳେ ରାସ୍ତାରୁ 'ବୀଣା'କୁ ସାଧୁମାଷ୍ଟ୍ରେ ପାଇ କରି ଆଣିଥିଲେ । ଏତକ ଶୁଣି କଲେକ୍ଟରଙ୍କ ସ୍ତ୍ରୀ ଶାନ୍ତି ଲତା କାନୁନ୍‌ଗୋଙ୍କ ଛାତିରେ ଯେପରି ଗୋଟିଏ ଛନକା ପଶିଗଲା । ସେ ବୁଲି କରି ପଛକୁ ଯେତେବେଳେ ଚାହିଁଲେ- ପଛରେ ବସିଥିବା ନିମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କ ମଧ୍ୟରୁ ଦୁଇଜଣ ବୀଣା ବିଷୟରେ କଥାବାର୍ତ୍ତା ହେଉଛନ୍ତି ।

ତେବେ ବୀଣା କିଏ ?

ଏକ ପ୍ରଶ୍ନବାଚୀ ଶାନ୍ତିଲତା ମନକୁ ବିଦାରି ପକାଇଲା । ଡ୍ରାମା ଦେଖିବାକୁ ମନ ଥିଲେ ମଧ ତଥାପି ତାଙ୍କୁ ସବୁ ଆଡୁ ଅନ୍ଧାର ଅନ୍ଧାର ଲାଗିଲା । ଦର୍ଶକ ମଣ୍ଡଳୀ ଗୋଟିଏ ପରେ ଗୋଟିଏ ପୁରସ୍କାର ବୀଣାର ଅଭିନୟରେ ସନ୍ତୁଷ୍ଟ ହୋଇ ଦେବାରେ ଚାଲିଛନ୍ତି । ଯେତେବେଳେ ନିଜ ସ୍ୱାମୀ କଲେକ୍ଟର ରାଜେଶ ରତନ କାନୁନ୍‌ଗୋଙ୍କ ନାଁ ଶୁଣିଲା ସେ ସେତେବେଳେ ଆହୁରି ଧୈର୍ଯ୍ୟହରା ହୋଇ ପଡ଼ିଲା । କାରଣ ବୀଣାକୁ କଲେକ୍ଟର ୧୦୦ ଟଙ୍କା ପୁରସ୍କାର ପ୍ରଦାନ କଲେ । ଖାଲି ଦଳଦଳ ହୋଇ ଡ୍ରାମାର ଅଭିନେତାକୁ ସିନା ଚାହିଁଥାନ୍ତି ଶାନ୍ତିଲତା ହେଲେ ଅତୀତର ଗୋଟିଏ କଠିନ ବିନ୍ଦୁ ଉପରେ ତାଙ୍କ ମନ ଯାଇ ରହିଥାଏ । ତେବେ ସେ ବର୍ତ୍ତମାନ ଯାହା ଶୁଣିଲେ ତାହା କଣ ସତ । ହଁ ସତ । କାରଣ ସେ ଚାହିଁଥିଲେ ତାଙ୍କ ଝିଅ କିପରି ଏ ସମାଜରେ ଟିକିଏ ଆଶ୍ରାପାଇ ବଂଚି ରହୁ । ତାଙ୍କୁ ସେ ଚିହ୍ନି ନ ପାରୁ ପଛେ, ହେଲେ ସେ ତ ତାକୁ କେବେ ନା କେବେ ଟିକିଏ ହେଲେ ଦେଖୁଥିବେ । ଭାବିଥିବା କଥା

Digitized by PPRACHIN, SOA

ଆଜି ତାଙ୍କର ସତ୍ୟରେ ପରିଣତ ହେବାକୁ ଯାଉଛି । ସେ ନିଜ ଆଖିରେ ନିଜ ସନ୍ତାନର ଅଭିନୟ ଦେଖୁଛନ୍ତି । ସେ କଣ ବର୍ତ୍ତମାନ ଆଉ ଯୋଡ଼ିଏ ପୁଅଝିଅଙ୍କର ଜନନୀ । ଜଣେ ସମାଜର ପ୍ରତିଷ୍ଠିତ ବ୍ୟକ୍ତିଙ୍କର ଧର୍ମପତ୍ନୀ । ଅତୀତରେ ଅଡୁଆ ହୋଇ ଯାଇଥିବା ସୂତାଖିଅଟି ପାଇଁ ତାଙ୍କୁ ଆଜି ପସ୍ତେଇବାକୁ ପଡୁଛି ।

x x x x x x x

ଅଡୁଆ ସୂତାଟି କଣ କେବେ ମନକୁ ମନ ଅଡୁଆ ହୋଇଯାଏ ! ନାଁ- ନାଁ- ନିଶ୍ଚୟ ଏହାକୁ ଅଡୁଆ କରିବାକୁ କିଏ ତ ହେଲେ ଜଣେ କରିଥିବ । ହଁ ଅଡୁଆ କରିବା ଲୋକ ବହୁତ, ହେଲେ ସଜାଡ଼ିବା ଲୋକ କେତେଜଣ ? ସେ ଦିନର ଶାନ୍ତିଲତା ପଟ୍ଟନାୟକ ବୟସ ମାତ୍ର ଷୋହଳ ପୂରି ସତର । କଲେଜର ଆଦ୍ୟ ପାଦରେ ପଦାର୍ପଣ କରିଥାନ୍ତି । କାରଣ ଶିଳ୍ପପତି ପ୍ରମୋଦ ପଟ୍ଟନାୟକଙ୍କ ଯେ କେଉଁ ଥିରେ ଅଭାବ । ଝିଅଟିକୁ ପାଠ ନ ପଢ଼େଇ ଆଉ କଣ ଘରେ ରଖିଥାନ୍ତେ । ଦୁଇ ଦୁଇଟା ଛୋଟ କଳର ମାଲିକ ସେ, ଏହାଛଡ଼ା ଅନ୍ୟାନ୍ୟ ''କାର୍‌ବାର୍'' ମଧ ରାତି ଅଧିଆ ଚାଲିଛି । କିଏ ଆଗକୁ ନାହିଁକି ପଛକୁ ନାହିଁ, ସେହି ଗୋଟିଏ ବୋଲି ଝିଅ ଶାନ୍ତିଲତା. . . . . । ଭୁବନେଶ୍ୱର ବି.ଜେ.ବି. କଲେଜର ପ୍ରଥମ ବାର୍ଷିକ କଳାର ଛାତ୍ରୀ । ପ୍ରମୋଦ ପଟ୍ଟନାୟକଙ୍କ ଭୁବନେଶ୍ୱରରେ ମଧ ଗୋଟିଏ ଦୁଇ ମହଲା କୋଠାଘର ଥାଏ । ତେଣୁକରି ଶାନ୍ତିଲତା ପାଇଁ ପଢ଼ିବାକୁ ସୁଯୋଗ ବେଶି ଥାଏ ।

କଲେଜ କାଳ ମଧରେ ପାଠ ପଢ଼ାସାଙ୍ଗକୁ କେତେ ହସଖୁସି ମଧରେ ନିଜକୁ ନିୟୋଜିତ କରି ଏକ ମର୍ତ୍ତ୍ୟର ସୁନ୍ଦରୀ ନାୟିକାଭାବେ ଶାନ୍ତିଲତା ମନେ ମନେ ଗର୍ବ ରତ । କେତେ ଯେ ଯୁବକଙ୍କ ସେ ହୋଇଥାନ୍ତି ଦର୍ଶନୀୟାର ପାତ୍ରୀ । ମାତ୍ର ଶାନ୍ତିଲତା କୌଣସି ଯୁବକର ଦର୍ଶନରେ ପ୍ରତିଦର୍ଶନ ନ କରି ଏକମାତ୍ର ଯୁବକ ରଂଜନ ମାନସିଂହକୁ ହିଁ ନିଜ ମନ ମଧରେ ସ୍ଥାନ ଦେଇଥାନ୍ତି । ପ୍ରତିଦିନ କ୍ଲାସରେ ଗୋଟିଏ ଚାହାଁଣି, ତାର ପ୍ରତି ଚାହାଁଣି ଆପେ ଆପେ ଶାନ୍ତିଲତାଙ୍କ ନିକଟକୁ ଚାଲି ଆସୁଥାଏ । ତାପରେ କିଛିଦିନ ଅନ୍ତେ ଉଠେ ହସର କେଇଧାର- ତାପରେ ଚାଲିଲା କଥାର କିଛି ଜୁଆର- ତା ପରେ ଆସେ ହେଲା ହୃଦୟର ପରଶ ପରସ୍ପର ମଧରେ କିଛି ଦିଆନିଆ । ବାସ୍ ସବୁ ଯେମିତି କୌଣସି ବୈଦ୍ୟୁତିକ ସ୍ପର୍ଶରେ ସ୍ପର୍ଶାନ୍ୱିତ । ତେବେ ରଂଜନ କଣ ଶାନ୍ତିଲତାକୁ ଭଲପାଇ ବସିଥିଲା । ହଁ ସେହି ଭଲ ପାଇବା ମଧରେ ସତେ ଯେମିତି ଟଣାଓଟରା ଲାଗିଥାଏ । ରଂଜନ ଚାହୁଁଥିଲା ଶାନ୍ତିଲତାକୁ ସାରାଜୀବନ ନିଜର କରି ରଖିବ ଭଲ ପାଇବା କୋଠରୀ ଭିତରେ । କିନ୍ତୁ କାଳର ସୁଅରେ ଯେ ତାକୁ ଦିନେ ଭାସିଯିବାକୁ ହେବ ସେ ଜାଣି ନ ଥିଲା । ଶାନ୍ତିଲତା ମଧ

Digitized by PPRACHIN, SOA

ଅନୁରୂପ ଭାବପ୍ରବଣରେ ନିଜର ପିତାକୁ ମଧ୍ୟ ରଂଜନ ବିଷୟରେ କହିଦେଇଥାଏ, କାରଣ ଯେହେତୁ ସେ ପିତାମାତାଙ୍କର ଏକୋଇକନ୍ୟା । ପିତା ପ୍ରମୋଦ ପଟ୍ଟନାୟକ ଏ କଥାକୁ ଏତେ ଜୋର୍ ନ ଦେଲେ ମଧ୍ୟ ଝିଅର ମନ ବୁଝିଲା ଭଳି କେତୋଟି କଥା କହିଦେଇଥାନ୍ତି । ରଂଜନ ଭଲପିଲା । ବଡ଼ଲୋକର ସନ୍ତାନ । ଶାନ୍ତିଲତା ପାଇଁ ରଂଜନ ହିଁ ଉପଯୁକ୍ତ । ତଥାପି ଗୋଟିଏ ପ୍ରଶ୍ନବାଚୀ ପ୍ରମୋଦ ପଟ୍ଟନାୟକଙ୍କୁ ଅସ୍ଥିର କରିଦେଉଥାଏ । ଯିଏ ଆଜି ଜାମାତା ହେବାକୁ ବସିଛି ତାର ପିତା ଯେ ତାଙ୍କର ଶତ୍ରୁ । ତେବେ ଏହାର କିଛି ପ୍ରତିକାର କରିବାକୁ ପଡ଼ିବ । ସମୟର ସ୍ରୋତରେ ସବୁ ଯେପରି ଓଲଟ ପାଲଟ ହୋଇଗଲା । କେତେବେଳେ ଯେ କେଉଁ କଥା ଆସି ଏ ସମୟରେ ପହଞ୍ଚି ଯାଉଛି ଯେ ଯେପରି ଲୋକ ଏ କାଳରେ କିଛି ଜାଣିପାରୁନାହିଁ । ସମୟ ଥିଲା ଯେତେବେଳେ ମନୁଷ୍ୟ ନିଜର ନୈତିକତାକୁ ଶ୍ରେଷ୍ଠ ମଣି ନିଜର କାର୍ଯ୍ୟକୁ ସୁଚାରୁ ରୂପେ କରି ଚାଲୁଥିଲା । କିନ୍ତୁ ଦେଖିବାକୁ ଗଲେ ବର୍ତ୍ତମାନ ସମୟରେ ନୈତିକତା ବୋଲି କିଛି ନାହିଁ । ଏଠି ଚାଲିଛି ଦୁର୍ନିତିର ତାଣ୍ଡବଲୀଳା ତେବେ କାହାକୁ କହିହେବ । ମଣିଷ ନିଜେ ନିଜକୁ ସଂଯତ କରି ନ ପାରି ଅସଂଯତର ଯେଉଁ ଦାବାନଳ ଜଳାଇ ଚାଲିଛି ତାର ସମସ୍ୟା ଯେ କ୍ଷଣକୁ କ୍ଷଣ ବଢ଼ିଚାଲିଛି । ଏହାର ପ୍ରତିକାର କେବେ ? ପ୍ରତିକାର ବିଷୟ ଚିନ୍ତା କରିବାକୁ ବେଳନାହିଁ । ଏଠି ଖାଲି କ୍ଷଣିକ ସୁଖ, ଅଳିକ ଭାବ, ଭିତରେ ମଣିଷ ଉବେଇ ଡୁବେଇ ହୋଇ ଅଣନିଶ୍ୱାସୀ ହୋଇ ପଡୁଛି । କିନ୍ତୁ କୌଣସି ଲାଭ ନାହିଁ । ମଣିଷ କିଛି ଭୁଲ୍ କରି ସାରିଲା ପରେ ପଛରେ ଅନୁତାପ କରୁଛି । ଏହି ଅନୁତାପର ଶୀକାର ହୋଇ ତାଂକୁ ଯେ ଦିନେ ରସାତଳକୁ ଚାପି ଦେଉଛି ସେ ଜାଣି ମଧ୍ୟ ଅଜଣା ଚାଉଳରୁ ମୁଠିଏ ମୁଠିଏ କରି ପାଟିରେ ପକାଉଛି ।

ରଂଜନ ଓ ଶାନ୍ତିଲତା ମଧ୍ୟରେ ଭଲ ପାଇବାଟା ଏତେ ଦୂରକୁ ଚାଲିଯାଇ ଥିଲା ଯେ ଜଣେ ଅନ୍ୟ ଜଣକୁ ନ ଦେଖିଲେ ସତେ ଯେପରି ବାତୁଳ ପରାୟ ହୋଇ ପଡୁଥିଲେ । ଶାନ୍ତିଲତାର ସବୁ ସ୍ନେହ ପ୍ରେମ ରଂଜନ ପାଇଁ । ରଂଜନ ବିନା ତାର ବଂଚିରହିବା ଯେ ଅସମ୍ଭବ । ବର୍ତ୍ତମାନ ଏ ଯୁଗର ଯୁବତୀମାନଙ୍କର ଏହା ଗୋଟିଏ ବାହାନା ରୂପକ ରୋଗର ଲକ୍ଷଣ । କାରଣ ଏମିତି କେତେ ଘଣଟା ଘଟିଲାଣି ଯାହାର କି ହିସାବରେ କୌଣସି ଠିକ୍ ଠିକଣା ନାହିଁ । ଏହାର ହିସାବ ରଖିଲେ ହିସାବ ରକ୍ଷକକୁ ଯେ ପାଗଳ ସାଜିବାକୁ ପଡ଼ିବ । ଯେଉଁ ଦିନ ଜାଣିଲା ଶାନ୍ତିଲତା ସେ 'ମାଆ' ହେବାକୁ ଯାଉଛି- ସେ ରଂଜନକୁ କହିଛି- ରଂଜନ ମୁଁ ତୁମ ସନ୍ତାନର ମାଆ ହେବାକୁ ଯାଉଛି- ଠିକ୍ ସେହି ସମୟରେ ରଂଜନର ଛାତି ଭିତରେ ଜଳି ଉଠିଲା ଏକ ଉଜ୍ଜ୍ୱଳ ଆଲୋକ ସେ ଆଲୋକ ରଂଜନକୁ କଣ ଭସ୍ମୀଭୂତ କରିଦେବ ।

Digitized by PPRACHIN, SOA

ଶାନ୍ତିଲତାର ଆଉ ଏକ ପ୍ରଶ୍ନ, ରଂଜନ ତୁମେ ଯେ ଚମକି ପଡୁଛ, ଭୟ କରୁଛ- ଓହୋ ବୁଝିଗଲି ତୁମ ପୁରୁଷ ଜାତିଟା ଏତେ ଛେଳୁଆ- ଆରେ ବୁଝିଲ ବାପା କହୁଥିଲେ ମୋ ବାହାଘର ତୁମ ସହିତ ହେବ, ଆଉ ମାତ୍ର ଅଳ୍ପଦିନ । କିନ୍ତୁ ତୁମେ ତ ତୁମ ବାପାଙ୍କୁ ଏକଥା କାହିଁକି କହୁନା । ରଂଜନର ଦେହ ଝାଳରେ ଜୁଡୁବୁଡୁ । ସାର୍ଟ ଭିଜି ଝାଳର ସ୍ରୋତ ଦେହ ଭିତରୁ ଛୁଟିଚାଲିଛି । କଣ କରିବ ତେବେ ସେ କଣ ଶାନ୍ତିଲତାକୁ ଧୋକ୍କା ଦେବ- ନାଁ ପିତାମାତାଙ୍କୁ ସବୁ କଥା କହିବ - କିନ୍ତୁ ଶାନ୍ତିଲତା ପିତା ଯେ ମୋ ପିତାର ଶତ୍ରୁ । ନିରୁପାୟ କଣ କରିବି । ହାୟଃ ହାୟଃ- କି ଅନୁତାପ ଛି- ଛି । ଯଦି ତୋ ଠାରେ ପୁରୁଷ ପଣିଆ ଅଛି ତେବେ ଶାନ୍ତିକୁ ବିବାହ କରୁନୁ କାହିଁକି ? ତୁ ବିବାହ କରିବା ପାଇଁ ପଛଘୁଂଚା ଦେଉଛୁ । ସତେ ଯେପରି ରଂଜନର ବିବେକ ତାକୁ ଧମକ୍ ଦେଉଛି । ଶାନ୍ତିକୁ କି ଉତ୍ତର ଦେବ ରଂଜନ- କିଛିଦିନ ସମୟ ମାଗି ଶାନ୍ତିଠାରୁ ଚାଲିଯାଇଛି ରଂଜନ । ଶାନ୍ତିଲତା ରଂଜନର ଏପରି ଗତିବିଧି ଦେଖି ନିଜେ ମଧ ସ୍ଥାଣୁପ୍ରତିମା ପାଲଟି ଯାଇଛି । ତେବେ ସେ କଣ ତାର ଗର୍ଭରେ ଥିବା ସନ୍ତାନଟିକୁ ନଷ୍ଟ କରିଦେବ । ବର୍ତ୍ତମାନ ତାର ଉପାୟ- ନାଁ କିଛି ଚିନ୍ତା କରି ମନକୁ ଖରାପ୍ କରିବା ଉଚିତ୍ ନୁହେଁ । ସେ ଯେ ରଂଜନକୁ ବିବାହ କରିବ ଏଥିରେ ତ କୌଣସି ସନ୍ଦେହ ନାହିଁ ।

କାହାକୁ କହିବା କିସ । ଯେଝାମନକୁ ଯେ ଯେଝା ବାଟ କାଟି ଚାଲିଛନ୍ତି । ନିଜକୁତ୍ ତଥା ନିଜ ମନକୁତ ଆୟତ୍ତରେ ରଖିହେଉନାହିଁ ପରକଥା ଚିନ୍ତାକରି ଲାଭ ବା କଣ ? ମଣିଷ ତାର ଜୀବନରେ କେତେ ଭୁଲ୍ କରି ବସୁଛି । ତେବେ ଏହି ଭୁଲ୍ ନ ହେବା ପାଇଁ ଯଦି ତାର ଚେଷ୍ଟା ଥାଆନ୍ତା- ସେ କଣ ଆଉ କେବେ ଭୁଲ୍ କରନ୍ତା କି ? ନାଁ- ତେବେ ଚେଷ୍ଟା କରୁନାହିଁ କାହିଁକି । ଚେଷ୍ଟା କରିବାକୁ ତାର ସାହାସ ହେଉନାହିଁ କାହିଁକି ? ଏ ପ୍ରଶ୍ନର ସମାଧାନ ପାଇଁ ଏକ ବୈଜ୍ଞାନିକ ବିଶ୍ଳେଷଣ ଦରକାର । ବର୍ତ୍ତମାନ ଯୁଗରେ ବିଜ୍ଞାନର କେତେ ନୂତନତ୍ୱର ପ୍ରଗତି ଗଢ଼ି ତୋଳି ଚାଲିଛି । ଯଦି ମଣିଷର ଭୁଲ୍‌କୁ ଏହି ବୈଜ୍ଞାନିକ ପଦ୍ଧତିରେ ସଂଶୋଧନ କରି ତାକୁ ଆଉଥରେ ଭୁଲ୍ ନ କରିବା ପାଇଁ ପ୍ରବର୍ତ୍ତାଇ ଦିଆଯାଆନ୍ତା ତେବେ ମଣିଷର ଜୀବନରେ ଘଟି ଯାଉଥିବା ସମସ୍ୟାର ଏତେ ପ୍ରାଦୁର୍ଭାବ ଦେଖାଯାଉନଥାନ୍ତା । ମଣିଷ ଆଜି କଣ ନ କରୁଛି- ହେଲେ ଯେଉଁ ନୈତିକତାକୁ ବଳି ଦେଇ ଅନୀତି କର କାର୍ଯ୍ୟ କରିଚାଲିଛି- ସେ କଣ ଠିକ୍ କରୁଛି । ବର୍ତ୍ତମାନ ଯୁଗରେ ନିଜ ବାପ ମାଆ ତାଙ୍କ ସନ୍ତାନ ସନ୍ତତି ମାନଙ୍କୁ ଠିକ୍ ଭାବରେ ନିୟୋଗ କରିପାରୁ ନାହାଁନ୍ତି । ବାପ ଯେଉଁ ପରି ପୁଅ କଣ କେବେ ସେହିପରି ହୋଇପାରୁଛି । ପଣ୍ଡିତ ପୁଅ ମୂର୍ଖ ହେଉଛି । କେଉଁଠି କ୍ୱଚିତ୍ ପଣ୍ଡିତ ପୁଅ ପଣ୍ଡିତ ହେଉଛି- ତାହା କିନ୍ତୁ ଈଶ୍ୱରଙ୍କର

Digitized by PPRACHIN, SOA

ଆଶୀର୍ବାଦ । ବର୍ତ୍ତମାନ ପରିସ୍ଥିତିରେ ଦେଖିବାକୁ ଗଲେ ଯଦି ବାଳକ ବାଳିକା ମାନଙ୍କର ଶିକ୍ଷା କ୍ଷେତ୍ରର ମୂଳ ପାହାଚରୁ 'ନୈତିକତାପୂର୍ଣ୍ଣ ଆଧ୍ୟାତ୍ମିକ' ଭାବନା, ତତ୍ତ୍ୱକୁ ଯଦି ଶିକ୍ଷା କ୍ଷେତ୍ରରେ ବାଧ୍ୟତାମୂଳକଭାବେ ଖଂଜାଯାଇ ଦିଆଯାଉଥାନ୍ତା ତେବେ ବର୍ତ୍ତମାନ ଯୁଗର ବାଳକ ବାଳିକା ମାନେ ଏତେସୀମା ଲଂଘନ ନ କରି କ୍ଷଣିକ ସୁଖରେ ଲିପ୍ତ ହେଉ ନ ଥାନ୍ତେ । କିନ୍ତୁ ଆମ ବାପମାଆଙ୍କର ଆମପ୍ରତି ଯେପରି ଢ଼ିଲା ରହିଛି ଠିକ୍ ତଦ୍ରୂପ ଶିକ୍ଷା ଅନୁଷ୍ଠାନମାନଙ୍କରେ ଶିକ୍ଷା କ୍ଷେତ୍ରରେ ଶିକ୍ଷକମାନଙ୍କର ଖିଲାପ ରହିଛି । କାରଣ ଏ ସମସ୍ୟାକୁ ସମାଧାନ କରିବାକୁ ହେଲେ ସେହିପରି ସାଧନା ଦରକାର । ଏହାଛଡ଼ା ଆଉ ଗୋଟିଏ ବିଶେଷ ଆକର୍ଷଣୀୟ କଥାଟି ରହିଛି ଯାହା କି ସମସ୍ତେ ଜାଣି ମଧ୍ୟ ଅଜଣା ଭଳି ତାକୁ ଗୋପନ ରଖିବାକୁ ହୁଏ । ଏହା ଫଳରେ କିନ୍ତୁ ଆମକୁ ଏହା ପ୍ରଭାବରେ ଆମର ମାନସିକ ଶକ୍ତି ବିକାଶ କାଳରେ କିଛି କିଛି କରିବାକୁ ହୁଏ । ଯାହା ଫଳରେ ସୀମା ଲଂଘିଯିବାକୁ ବେଳେ ବେଳେ ମନହୁଏ- ଯଦି ଏହି 'ଗୋପନତା'କୁ ଶିକ୍ଷା ସୋପାନରେ ଆମର ନୈତିକତା ତଥା ହୃଦୟର ସୁସ୍ଥତା ନିମନ୍ତେ ସ୍ଥାନ ଦିଆଯିବାର ବ୍ୟବସ୍ଥା ଥାଆନ୍ତା ତେବେ ଏତେ ଅସୁବିଧା ତଥା ଅପନିନ୍ଦାର ବାତାବରଣ ବର୍ତ୍ତମାନ ସମାଜରେ ସୃଷ୍ଟି ହୁଅନ୍ତା ନାହିଁ ।

ଆଜିର ଯେ ଛୋଟ ଛୋଟ ବାଳକ ବାଳିକା କାଲି ସେ ଏଦେଶ ଏ ଜାତି ଏ ସମାଜର ସୁନାଗରିକ, ନାଗରିକ ହେଲେ ଆମେ ଜାଣି ସୁଦ୍ଧା ଯେଉଁ ନୈତିକ ସ୍ଖଳନ ଘଟାଉଛି- ତାହା କଣ ଜଣେ ନୀତିବାଦୀ ମନୁଷ୍ୟ ପକ୍ଷେ ଶ୍ରେୟସ୍କର । ମଣିଷ ଅନ୍ଧପରି ଅଭିନୟ କରି ଆଖି ଖୋଲି ସବୁକିଛି କରିଚାଲିଛି । ଆମପକ୍ଷରେ ଖରାପ ଆଉ ଭଲ ବୋଲି ଦୁଇଟି ଜିନିଷ ରହିଛି । ଯଦି ଏହି ଦୁଇଟି ଜିନିଷକୁ ଆମେ ସତ୍ ଉପାୟରେ ବିନିଯୋଗ କରିପାରୁ ଥାଆନ୍ତେ ତେବେ ଏତେ ଦୁଶ୍ଚିନ୍ତାରେ ଘାଣ୍ଟି ହେବାକୁ ଆମକୁ ପଡ଼ନ୍ତା ନାହିଁ । ମଣିଷ ଭାବି ଭାବି ଦିନକୁ ଦିନ କ୍ଷଣକୁ କ୍ଷଣ 'ଲୀନ' ହେବାକୁ ବସିଲାଣି । ତଥାପି ତାର ସାଧନାକୁ ଚରିତାର୍ଥ କରିବା ଆଶାରେ ଭଲ ମନ୍ଦର ବାଡ଼ଡ଼େଇଁ ଅନୀତିର ଦାସ ସାଜୁଛି । ମିଛ ମାୟାରେ ବାନ୍ଧିହୋଇ ନିଜକୁ ମେଣ୍ଢା ସଜାଉଛି । ସବୁ ଯେପରି ଚୁପ୍‌ଚାପ୍ ଅନ୍ୟର ଅଜଣାତରେ ନିଜର କର୍ମ ଗୁଡ଼ିକୁ ଠିକ୍ ବୋଲି ଭାବି କରିଯାଉଛି । କିନ୍ତୁ ସେ ଜାଣେନା ଯେ- ସେ ଯାହା କରୁଛି ତାର ସେହି କର୍ମକୁ ଅନ୍ୟ ଦୁଇଟି ଆଖିଯେ ଲୁଚି ଲୁଚି ସବୁ ଦେଖିଯାଉଛି ।

ସମୟର ନଈ ବହି ଚାଲିଛି, ଦିନ ପରେ ରାତି, ରାତି ପରେ ଦିନ ହୋଇ । ପ୍ରତି କ୍ଷଣରେ ଯେ କେତେ କେତେ ଘଟଣା ଘଟିଯାଉଛି ତାର ହିସାବ ରଖୁଛି କିଏ ? ମଣିଷ ଭାବେ ଯାହା, ସେ କଣ ପାଇବାର ଆଶ ରଖିଥାଏ- ଯେଉଁମାନେ ରଖିଥାନ୍ତି ସେମାନେ ଶତକଡ଼ା ଅନେଶ୍ୱତ ଭାଗ ମନରୁ ଆଶା ପୋଛି ନିରାଶାରେ ଗୋଟିଏ

Digitized by PPRACHIN, SOA

ଭାଗର ପଥ ଚାହିଁ ବସିଥାନ୍ତି । ଶାନ୍ତିଲତା ଚାହିଁଥିଲା ରଂଜନର ହାତ ଧରି ସାରା ଜୀବନ ତାରି କୋଳରେ ଦିନ କଟେଇ ଦେବ ବୋଲି- ହେଲେ ସବୁ ଯେପରି ମିଛି ମିଛିକା ଧୂଳି ଘର ସଙ୍ଗେ ସମାନ ହୋଇଗଲା । କେତେ ରଙ୍ଗ ରଙ୍ଗେଲି ସ୍ୱପ୍ନ କୁଆର ସତେ ଆଜି ନିରାଶାର ବନ୍ୟାରେ ପରିଣତ ହୋଇଗଲା । ସେ କଣ ଶୁଣିବାକୁ ପାଉଛି ଅବା ଯାହା ଶୁଣୁଛି ତାହା କଣ ସତ ?

ହଁ ସତ । ସତ କେବେ ଲୁଚି ରହେନି । ରଂଜନ ଆଉ ଭୁବନେଶ୍ୱର ଭିତରେ କେଉଁଠି ନାହିଁ ସେ ଏକଦମ୍ ଚାଲିଯାଇଛି ଓଡ଼ିଶା ବାହାରକୁ ଯେଉଁଠିକି ଶାନ୍ତିଲତା ତାକୁ ଖୋଜି ପାଇବା ମୁସ୍କିଲ୍ ହୋଇପଡ଼ିବ । କେତେ ଖୋଜା ଖୋଜି ପରେ ରଂଜନର କୌଣସି ସଠିକ୍ ଖବର ନ ପାଇ ଶାନ୍ତିଲତାର ପିତା ପାଗଳ ପରି ଏତେ ତେଣେ ଘୁରିବୁଲୁଥାନ୍ତି । କଣ କରିବେ ଏପରି ପରିସ୍ଥିତିରେ । ଝିଅ ଯେ ଏଣେ ମାଆ ହେବାକୁ ଯାଉଛି । ତଥାପି ମନରେ ଏକ ଦୃଢ଼ ଆଶା ରଖି ରଂଜନ ପିତାଙ୍କ ନିକଟକୁ ପ୍ରମୋଦବାବୁ ଗଲେ । କିନ୍ତୁ ଦେଖୁ ଦେଖୁ ରଂଜନର ପିତା ସତେ ଅବା ଏକ ପ୍ରଶ୍ନବାଚୀ ଦୃଷ୍ଟିଭଙ୍ଗୀରେ ଚାହିଁଲେ ? ତାପରେ କଥାଟିକୁ ପ୍ରମୋଦ ବାବୁ କହିବାକୁ ଯିବା ଅବସରରେ ରଂଜନ ପିତା ଚିହିଁକି ଉଠି କହିଉଠିଲେ- ମୋ ପୁଅର କୌଣସି ଦୋଷ ନାହିଁ- ଏହାତ ଅତି ସାମାନ୍ୟ କଥା- ମୋ ମତରେ ଆପଣ ଯେତେବେଳେ ଝିଅ ଜନ୍ମ କରିଛନ୍ତି ବେଳହୁଁ ସାବଧାନ କଲେନି କାହିଁକି ? ତେବେ ମୋ କଥା ଥରେ ଶୁଣନ୍ତୁ ଏକ ଆକୁଳ ସ୍ୱରରେ କହିଲେ ପ୍ରମୋଦବାବୁ । କିନ୍ତୁ ପ୍ରମୋଦ ବାବୁଙ୍କ କଥାକୁ କୌଣସି କର୍ଣ୍ଣପାତ ନ କରି ଘର ଭିତରକୁ ପଶି ଯାଉଥିଲେ ରଂଜନର ପିତା, ତାପରେ ପଛକୁ ଫେରିଆସି କହିଲେ ପଛ କଥା ଭୁଲି ଯାଇ ଝିଅର ଗର୍ଭନଷ୍ଟ କରିବାର ଆୟୋଜନ କରନ୍ତୁ- କାରଣ ଆପଣ ଯେଉଁ ଆଶାନେଇ ଆସିଛନ୍ତି ଯେ ମୋ ପୁଅ ରଂଜନ ସହିତ ଆପଣଙ୍କ ଝିଅର ବିବାହ କରିବେ ବୋଲି ତାହା ବୋଧେ ଆପଣ ଦିବାସ୍ୱପ୍ନ ଦେଖୁଛନ୍ତି ପ୍ରମୋଦବାବୁ । କଣ କହିଲେ ମୁଁ ଦିବା ସ୍ୱପ୍ନ ଦେଖୁଛି ସତେ ଅବା ରାବଣର ଦୃଷ୍ଟିଭଂଗୀ ନେଇ ଗର୍ଜି ଉଠିଲେ ପ୍ରମୋଦ ବାବୁ- ତାପରେ କହିଲେ ମୁଁ ନିଶ୍ଚୟ ଏହାର କୌଣସି ସମାଧାନ କରିବି ଯଦି ଆପଣଙ୍କ ପୁଅ ମୋ ଝିଅକୁ ବିବାହ ନ କରେ ତେବେ ମୁଁ ଏହାର ପ୍ରତିଶୋଧ ସ୍ୱରୂପ ତାକୁ ଗୁଳି କରି ମାରିବି । ଏକ ସୁମଧୁର ହସଭରା ରାଗିଣୀ ଛୁଟି ଆସିଲା ରଂଜନ ପିତାଙ୍କ ମୁଖ ଗହ୍ୱର ମଧ୍ୟରୁ, ତା ସାଙ୍ଗକୁ କେଇପଦ ଗମ୍ଭୀର ବ୍ୟଙ୍ଗାତ୍ମକ କଥା- ଲାଜନାହିଁ ପ୍ରମୋଦ ବାବୁ କେଉଁ ଅଧିକାର ନେଇ ମୋ ଘର ଭିତରକୁ ଆସିଛନ୍ତି ମୋ ପୁଅକୁ ବଦ୍‌ନାମ କରିବାକୁ ? ବାହାରି ଯାଆନ୍ତୁ- ଆପଣ ଭାବିଛନ୍ତି ଏହି ମିଥ୍ୟା କଥା କହି ମୋ ପୁଅ ମୁଣ୍ଡଉପରେ ବୋଝ ଲଦିଦେବେ ବୋଲି ତା ପୂର୍ବରୁ ଭାବନ୍ତୁ ଯେ ମୋ ପୁଅକୁ

Digitized by PPRACHIN, SOA

ନେଇ ଆପଣ ଯେଉଁ ଜାମାତାର ସ୍ୱପ୍ନ ଦେଖୁଥିଲେ ସେ ଯାଇ ଆଉ ଜଣଙ୍କର ଜାମାତା ହୋଇସାରିଲାଣି । ସତେ ଯେମିତି ପ୍ରମୋଦ ବାବୁଙ୍କ ମୁଣ୍ଡ ଉପରେ ଗୁଡ଼ାଏ ଭାରି ଜିନିଷ ଛିଣ୍ଡି ପଡ଼ିଲା- ରଂଜନ ପିତାଙ୍କ ଏପରି କଥା ଶୁଣି କଣ କରିବେ ? ତା ପରେ ଦୁଃଖ ଭରା ମନ ନେଇ ଫେରିଆସିଲେ ପ୍ରମୋଦବାବୁ ରଂଜନର ପିତାଙ୍କ ନିକଟରୁ । ଆସିଲା ବେଳେ ରଂଜନପିତାଙ୍କ ମୁଖରୁ ଝରିପଡୁଥିଲା ବ୍ୟଙ୍ଗଭରା ହସ ସହିତ କୁଟିଳ ଚାହାଁଣୀ..........

ଘରେ ପହଂଚି ଦେଖନ୍ତି ଝିଅ ଶାନ୍ତିଲତା ବେହୋସ ଅବସ୍ଥାରେ ବିଛଣାରେ ପଡ଼ିରହିଛି । କଣ କରିବେ ସାଙ୍ଗେ ସାଙ୍ଗେ ଡ୍ରାଇଭରକୁ ଡ଼ାକି ମେଡ଼ିକାଲ ନେଇଗଲେ ପ୍ରମୋଦବାବୁ । କିନ୍ତୁ ଡ଼ାକ୍ତରଙ୍କ କଥାରେ ବିଚଳିତ ହୋଇ ପଡ଼ିଲେ ପ୍ରମୋଦବାବୁ । ଶାନ୍ତିଲତା ଯେ ଏକ କନ୍ୟାର ଜନନୀ । ଇଏତ ମହା ଅଡୁଆ- ପ୍ରମୋଦ ପଟ୍ଟନାୟକ ଭାବିଥିଲେ ଯେତେ ଟଙ୍କା ଖର୍ଚ୍ଚ ହେଉ ଝିଅର ଗର୍ଭକୁ ନଷ୍ଟ କରିଦେବାପାଇଁ- କିନ୍ତୁ ଏ କଣ ହେଲା- ତା ପରେ ଶାନ୍ତିଲତାର ଅଜଣାତରେ ପ୍ରମୋଦବାବୁ ସେହି ସଦ୍ୟ ଜାତ ଶିଶୁ କନ୍ୟାଟିକୁ ଧରି ଗାଁ ଅଭିମୁଖେ ଆଗେଇଲେ । ସେତେବେଳକୁ ରାତି କ୍ରମେଃ କ୍ରମେଃ ମାଡ଼ି ଆସୁଥାଏ । ଯେତେବେଳେ ଗାଁ ମୁଣ୍ଡରେ ହୋଇଗଲେ ଏକ କିଆବୁଦା ଉହାଡ଼ରେ ଶିଶୁ କନ୍ୟାଟିକୁ ଶୁଆଇ ଦେଇ ରାତାରାତି ଫେରି ଆସିଲେ ଭୁବନେଶ୍ୱର- ଏହାର ଏକ ଗୂଢ଼ ରହସ୍ୟ ହେଲା ଯେ ‘‘ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ’’ କାରଣ ଝିଅଟି ଯଦି ବଂଚିଯାଏ ତେବେ ଦିନେ ସେ ତାକୁ ଦେଖିବେ, ଯଦି ବିଲୁଆ କୁକୁର ଖାଇ ଯାଆନ୍ତି କିମ୍ୱା ମରିଯାଏ ତେବେ ଯାହା ହେଉ ତାଙ୍କ ଝିଅକୁ ତ ଆଉ କିଏ ଦୋଷ ଦେଇ ପାରିବେନି ଯେ ସିଏ- କଳଙ୍କିନୀ ବୋଲି ।

କିନ୍ତୁ ହୋସ ଆସିଲା ପରେ ଶାନ୍ତିଲତା ବିଳିବିଳିହୋଇ କହିଉଠିଲା ମୋର ପିଲା କାହିଁ ? ସବୁ ଚକ୍ରାନ୍ତ କରି ପ୍ରମୋଦ ପଟ୍ଟନାୟକ ଶେଷରେ ଶାନ୍ତିଲତା ପାଖରେ ଧରା ପଡ଼ିଗଲେ । ଅବଶ୍ୟ କହିଲେ ପିଲାଟି ମରି ଯାଇଛି କିନ୍ତୁ ଏକ ସଚ୍ଚା ନର୍ସର ଇଙ୍ଗିତରେ ଶାନ୍ତିଲତା ସବୁ ଜାଣିପାରି ପିତାଙ୍କୁ ବାରମ୍ୱାର ତାର ପିଲା ବିଷୟରେ ପ୍ରଶ୍ନ କଲେ- ଶେଷରେ ହାର୍ ମାନିଲେ ପ୍ରମୋଦବାବୁ । ସବୁ କଥା ଖୋଲି କହିଦେଲେ ଶାନ୍ତିକୁ । କିନ୍ତୁ ନେଡ଼ିଗୁଡ଼ କହୁଣୀକୁ ବୋହି ଯାଇଥିଲା । ପୁଣି ଯେତେବେଳେ ଶାନ୍ତିକୁ ଧରି ଗାଁ ମୁଣ୍ଡର କିଆ ବୁଦା ନିକଟକୁ ଆସିଲେ ପ୍ରମୋଦବାବୁ, ପିଲା ସେଠାରେ ନାହିଁ- ତାପରେ ସବୁ ଖବର ରଖି ଝିଅର ଭବିଷ୍ୟତ ପାଇଁ ଝିଅକୁ ପରାମର୍ଶ ଦେଲେ- ଅବଶ୍ୟ ଶାନ୍ତିର ମାତୃତ୍ୱ ହୃଦୟ ବିଳାପ କରି ଉଠୁଥିଲା ସେହି ଶିଶୁ କନ୍ୟାଟି ପାଇଁ କିନ୍ତୁ ତାର ଭବିଷ୍ୟତ ଜୀବନ ପାଇଁ ତାକୁ ଯେ ନୂତନ ପଥରେ ଅଗ୍ରସର ହେବାକୁ ପଡ଼ିବ ଏ କଥା ଚିନ୍ତା କରି ଅତୀତର ସବୁକୁ ଭୁଲି କୁଆଁରୀ

Digitized by PPRACHIN, SOA

କନ୍ୟା ସାଜି ରାଜେଶ୍ ରତନ୍ କାନୁନ୍‌ଗୋଙ୍କୁ ବିବାହ କରି ନୂଆ ସଂସାର ଗଢ଼ିଲା । ଏହି ତ ଦୁନିଆଁ- ଏହି ଆମ ସମାଜର ରୀତିନୀତି ଚାଲିଚଳନ- ଆଜି ଯିଏ ପତିତା କାଲି ସିଏ ସତୀ.......... ।

x x x x x x x

ଅତୀତର ଭାବନା ରାଜ୍ୟରୁ ଫେରିପଡ଼ି ଶାନ୍ତିଲତା ପୁଣି ଭଲ ଭାବେ ଚାହିଁ ରହିଲେ 'ବୀଣା'କୁ ଏକ ମାତୃତ୍ୱର ହୃଦୟ ନେଇ । କିନ୍ତୁ ରାଜେଶ ବାବୁଙ୍କ ଡାକରେ ଚମକି ପଡ଼ି ଶାନ୍ତିଲତା ଟିକିଏ ଆଶ୍ୱସ୍ତ ଅବସ୍ଥାକୁ ଫେରି ଆସିଲେ । ତାପରେ ସ୍ୱାମୀ ସାଙ୍ଗରେ ଫେରି ପଡ଼ିଲେ ନିଜ ଶାଶୁ ଘରକୁ । କିନ୍ତୁ ବାଟରେ ଶାନ୍ତିଲତାଙ୍କ ଭାବନା ପେଡ଼ିଟି ଶୂନ୍ୟ ହୋଇ ଯାଇନଥାଏ - ଶୂନ୍ୟ ହେବ କେମିତି ? ନିଜ କଲା କର୍ମକୁ ମଣିଷ ଦିନେ ନା ଦିନେ ତାକୁ ପସ୍ତେଇବାକୁ ପଡ଼ିଥାଏ । ଏହାପରେ ଶାନ୍ତିର ଭାବନା ପେଡ଼ିଟିକୁ ଶୂନ୍ୟ ହେବାକୁ ନଦେଇ ଚଉଦ ବର୍ଷ ପୁଅ ବିମଳ କହିଉଠିଲା - ମାମୀ ଆଜି ଯେଉଁ ଡ୍ରାମାରେ ଯିଏ ହିରୋଇନ୍ ହୋଇ ନଥିଲା ତା ନାଁମ କଣ ମ -- ମନେ ପଡୁନାହିଁ - ସେତିକିବେଳେ ଦଶବର୍ଷର ଝିଅ ନୀତା କହିଉଠିଲା ବୀଣା - ବୀଣା - ତାପରେ ବିମଳ କହିଲା ହଁ ବୀଣା ଇସ୍ କି ସୁନ୍ଦର ରୋଲ୍ ତାଙ୍କର - ସିଏ କାହା ଝିଅ କେଜାଣୀ ? ଏମିତି ତାର ପିତା ମାତା ତାକୁ ଗଢ଼ିଛନ୍ତି - ଦେଖିବ ମାମୀ, ଦିନେ ସେ ବଡ଼ ଅଭିନେତ୍ରୀ ହେବ । ସ୍ୱାମୀ ରାଜେଶ୍‌ବାବୁଙ୍କର ବି ସେପରି ବାଟସାରା ବୀଣାକୁ ପ୍ରଶଂସା - କିନ୍ତୁ ଏସବୁ ବୀଣା ସପକ୍ଷରେ ସୁଆଲୋଚନା ଶୁଣି ଏକ କାଠ କଣ୍ଢେଇ ପରି ଧୀରସ୍ଥିର ଭାବରେ କାର୍ ଭିତରେ ବସି ରହିଥିଲେ ଶାନ୍ତିଲତା - କିନ୍ତୁ ପାଟିରୁ ପଦିଏ ହେଲେ କଥା ବାହାରୁ ନଥାଏ । ସତେ ଯେପରି ଆଖିର କୋଣରୁ ଲୁହର ନଦୀ ଛୁଟି ଆସିବାକୁ ଟିକିଏ ବାଧାପ୍ରାପ୍ତ ଅବସ୍ଥାରେ ଅଟକି ରହିଅଛି । କେବଳ ଗୋଟିଏ ପ୍ରତିବନ୍ଧକ ପାଇଁ - କିନ୍ତୁ ଲୁହର ନଦୀରେ ପ୍ରତିବନ୍ଧକକୁ ସେ ଭସେଇ ଦେବାକୁ ଆଗଭର ହୋଇପଡ଼ନ୍ତା - ବର୍ତ୍ତମାନର ସମୟରେ ସେ ଯେ ଏଥିପ୍ରତି କେବେ ଦୃଷ୍ଟି ଦେବାକୁ ଆଗେଇ ଆସିପାରୁ ନାହାନ୍ତି - କେବଳ ସ୍ୱାମୀଙ୍କ ପାଇଁ - ସେ କଣ ମନକଥା ସ୍ୱାମୀଙ୍କୁ କହିଦେବେ - ହେଲେ ପରବର୍ତ୍ତୀ ଅବସ୍ଥା ଯେ ତାଙ୍କର କଣ ହେବ ?

(ଚାରି)

ଦିନକୁ ଦିନ ସାଧୁ ମାଷ୍ଟ୍ରେଙ୍କର ବୟସର ଭାର କମିବାରେ ଲାଗିଲାଣି । ଆଉ କେତେଦିନ ସେ ବଂଚିବେ । ତା ପୂର୍ବରୁ ବୀଣାର ବିବାହ କରିଦେଲେ ସେ ଶାନ୍ତିରେ ଟିକିଏ ନିଃଶ୍ୱାସ ମାରନ୍ତେ - କିନ୍ତୁ ଭଗବାନଙ୍କ ବରାଦ ହେଉନି - ତାଙ୍କ

Digitized by PPRACHIN, SOA

ଝିଅ କଣ ଏପରି ଅବିବାହିତ ରହିଯିବ ? ନାଁ - ନାଁ ସେ ଝିଅକୁ ବିବାହ ଦେଇ ତାପରେ ଆଖି ବୁଜିବେ । ଏହା ଭିତରେ ସେ କେତେ ପ୍ରସ୍ତାବ ପକେଇଲେଣି ଭଲ ଜାଗା ଦେଖି ,କିନ୍ତୁ ବରଘର ଲୋକମାନଙ୍କ କେଇପଦ କଥା ତାଙ୍କୁ ଏକବାରେ ଧୂଳିସାତ୍ କରିଦେଉଛି - କଣନାଁ- ମାଷ୍ଟ୍ରେ ବୀଣା କଣ ତୁମର ନିଜ ଝିଅ ନାଁ କେଉଁଠି ପାଇକି ଆଣିଚ - ଅବଶ୍ୟ ସେ ଯେଉଁ ଗାଁକୁ ସବୁ ବରପାତ୍ର ଦେଖିବାକୁ ଯାଉଛନ୍ତି ତାହା ତାଙ୍କ ମଧୁପୁର ଗାଁଠାରୁ ପ୍ରାୟ ୧୫-୨୦ କୋଶ ଦୂର ହେବ ହେଲେ ସେମାନେ ବୀଣା କଥା ଜାଣିଲେ କିପରି ? ଆରେ ଭାଇ ତୁଣ୍ଡ ବାଇଦ ସହସ୍ର କୋଶ - ଅବଶ୍ୟ ଏହା ସତ ଯେ ବୀଣାକୁ ସାଧୁ ମାଷ୍ଟ୍ରେ ପାଇକରି ଆଣି ନିଜ ହୃଦୟର ସବୁ ସ୍ନେହ ଦେଇ ନିଜ କନ୍ୟାଠାରୁ ଅଧିକ ଭାବେ ପାଳିଛନ୍ତି - ହେଲେ ଏଥିରେ କ୍ଷତି ରହିଲା କେଉଁଠି ? (ଏହିପରି ନାନା ଘାତ ପ୍ରତିଘାତ ଅତିକ୍ରମ କରି ସାଧୁ ମାଷ୍ଟ୍ରେ ବୀଣାର ଚନ୍ଦ୍ର ମୁଖଟିକୁ ଚାହିଁ ନୀରବରେ ଲୁହର ଧାର ବୁହାଇବାରେ ଲାଗିପଡ଼ନ୍ତି - କିନ୍ତୁ ଏପରି ଖାଲି ଲୁହ ଗଡ଼େଇଲେ କଣ ହେବ ।) ବୀଣାକୁ ଯେ ବିବାହ ଦେବାକୁ ହେବ । ତାପରେ ଆଉ ଗୋଟିଏ କଥା ସାଧୁ ମାଷ୍ଟ୍ରେଙ୍କ ମନକୁ ଅଧିକ ମାତ୍ରାରେ କ୍ଷତବିକ୍ଷତ କରି ପକାଇଛି । ସେ କଥାଟି ହେଲା 'ବୀଣା' କୁଆଡ଼େ 'ଜାରଜ ସନ୍ତାନ' । ଏହିପରି ଅନେକ କଥା - କିନ୍ତୁ କୌଣସି ଏକ ଚୂଡ଼ାନ୍ତ ସିଦ୍ଧାନ୍ତରେ ଉପନୀତ ହୋଇ ନଥାନ୍ତି ସାଧୁ ମାଷ୍ଟ୍ରେ - ବରଂ ବରଘର ଲୋକମାନଙ୍କର ଏହିସବୁ ଇଙ୍ଗିତଭରା କଥାରେ ସାଧୁ ମାଷ୍ଟ୍ରେ ଦିନକୁ ଦିନ ଶୁଖି ଶୁଖି ଯାଉଥାନ୍ତି । ଆଉ ଏହି ଶୁଖିଲା ମନରେ - ବୀଣାର କଥାଗୁଡ଼ିକ ସତେ ଯେପରି ପାଣିର ଧାର ଯୋଗାଇ ଦେଉଥାଏ - ବାପା - ମୋ ବାହାଘର ପାଇଁ ତୁମେ ଏତେ ବ୍ୟସ୍ତ କାହିଁକି ହେଉଛ । ବୁଝିଲ ବାପା ମୁଁ ଆଇ.ଏ. ପାଶ୍ ପରେ ସିଟି ଟ୍ରେନିଂ ନେଇ ଗୋଟିଏ ସ୍କୁଲରେ ମାଷ୍ଟର ଚାକିରୀ କରିବି । କହିଲ ବାପା ଆମେ କେମିତି ଚଳିବା ଯେ - ତେଣୁ ମୋତେ ଚାକିରୀ କରିବାକୁ ପଡ଼ିବ ।

କିନ୍ତୁ ଏସବୁ କଥାଗୁଡ଼ିକ ସାଧୁ ମାଷ୍ଟ୍ରେଙ୍କୁ ଖାପଛଡ଼ା ଭଳି ଲାଗୁଥାଏ । ଝିଅ ଚାକିରୀ କରି ତାଙ୍କୁ ପୋଷିବ । ବେଳେ ବେଳେ ଏକଥା ଭାବି ସାଧୁ ମାଷ୍ଟ୍ରେ ମନକୁ ମନ ହସନ୍ତି - କେତେବେଳେ ମନକୁ ମନ କାନ୍ଦନ୍ତି - ଏପରିକି ବେଳେ ବେଳେ ହସ ଆଉ କାନ୍ଦ ଏକାଧାରରେ ରହି ଯାଇ ଜଣାପଡ଼ନ୍ତି ନାହିଁ ସାଧୁ ମାଷ୍ଟ୍ରେ କାନ୍ଦୁଛନ୍ତି ନାଁ ହସୁଛନ୍ତି । ହଁ ମଣିଷ ଏମିତି କାନ୍ଦେ - ସେ ଯେ ଦେଖେଇ ଦେଖେଇ କାନ୍ଦିଲେ ତାହା କାନ୍ଦ ହେବ, ଏହା ତାହା ନୁହେଁ ମଣିଷର ଆଖିରୁ ଲୁହ ଗଡ଼େଇ କାନ୍ଦିବା ଅପେକ୍ଷା ମନେ ମନେ ଲୁହ ନ ଗଡ଼ାଇ କାନ୍ଦିବା ଅତି ହୃଦୟସ୍ପର୍ଶୀ । ଯିଏ ଅତି ଦୁଃଖପାଏ ସୁଖ ବୋଲି କିଛି ନଥାଏ । ତାର କାନ୍ଦ ହୃଦୟସ୍ପର୍ଶୀ - ମରମ ଛୁଆଁ ଗଭୀରିଆ ।

Digitized by PPRACHIN, SOA

ହଠାତ୍ ବାହାରେ କାହାର ପାଟି ଶୁଣି ଚମକି ଉଠିଲେ ସାଧୁ ମାଷ୍ଟ୍ରେ । ଦ୍ୱାର ଫିଟାଇ ଦେଖନ୍ତି ଶିକ୍ଷପତି ପ୍ରମୋଦ ପଟ୍ଟନାୟକ । ତାଙ୍କ ଘର ସାମ୍ନାରେ ଛିଡ଼ା ହୋଇଛନ୍ତି । କିଛି ନ କହି ଘର ଭିତରକୁ ଦୌଡ଼ିଗଲେ ସାଧୁ ମାଷ୍ଟ୍ରେ । ହାତରେ ଚଉକି ଭିଡ଼ିଆଣି ଦାଣ୍ଡ ପିଣ୍ଡାରେ ପକାଇ ଦେଲେ । "ବସନ୍ତୁ ଆଜ୍ଞା"। ଏତେଦିନ ପରେ ମୋ କଥା ଆପଣଙ୍କର ମନେ ପଡ଼ିଲା । ଏକ ଦୁଃଖ ମିଶା ଗଳାରେ କହିଗଲେ ସାଧୁ ମାଷ୍ଟ୍ରେ । ସାଧୁ ମାଷ୍ଟ୍ରେଙ୍କୁ ନମସ୍କାର କରି ପ୍ରମୋଦବାବୁ କହିଲେ - କୁହନ୍ତୁ ମାଷ୍ଟ୍ରେ, କେତେବେଳେ ଆସିବାକୁ ବେଳ ଅଛି । ସବୁ ବେଳେ ତ ବ୍ୟବସାୟ ଖବର ରଖିବାରେ ବେଳ ଅଣ୍ଟୁନାହିଁ । କଣ କି ମାଷ୍ଟ୍ରେ ମୋର ଗୋଟିଏ କଥା ଥିଲା ଆପଣଙ୍କ ପାଖରେ - ହଠାତ୍ ଚମକି ପଡ଼ିଲେ ସାଧୁ ମାଷ୍ଟ୍ରେ - ମୋ ପାଖରେ - ହଁ ଆପଣଙ୍କ ପାଖରେ ହସମିଶା ସ୍ୱରରେ କହିଲେ ପ୍ରମୋଦବାବୁ । କଣକି ଆପଣଙ୍କ ଝିଅ ବୀଣାପାଇଁ ମୁଁ ଗୋଟିଏ ପ୍ରସ୍ତାବ ଆଣି ଆସିଥିଲି । ପ୍ରସ୍ତାବଟି ଭଲ । ବର ଯିଏ ହେବ ସିଏ ଜଣେ 'ଏ' କ୍ଲାସ୍ କଣ୍ଟ୍ରାକ୍ଟର । ବାପ ମା'ଙ୍କର ଏକମାତ୍ର ପୁତ୍ର । ତାଛଡ଼ା ତାର ଗୋଟିଏ ସାନ ଭଉଣୀ ଅଛି ସିଏ ମଧ ଏବେ ବି କଲେଜରେ ପଢୁଛି । ଏହାଛଡ଼ା ବରର ପିତା ଜଣେ ଭାରି ନାମଜାଦା ବ୍ୟକ୍ତି । ଜଣେ ପୂର୍ବତନ ସରପଞ୍ଚ । ଏତିକ କଥା ସାଧୁ ମାଷ୍ଟ୍ରେ ପ୍ରମୋଦବାବୁଙ୍କଠାରୁ ଶୁଣି ସତେ ଯେପରି ଏକ ଆଶା ରାଇଜର ପ୍ରଥମ ପାହାଚରେ ପାଦ ଦେଇଛନ୍ତି । ତାପରେ ପାଦଟିକୁ କାଢ଼ିଆଣି ଆଶା ରାଇଜରୁ କହି ଉଠିଲେ - ବୁଝିଲେ ପ୍ରମୋଦବାବୁ ମୋର ଆଉ ବୀଣା ସହିତ ଯେଉଁ ସମ୍ପର୍କ ଆପଣ ଆମ ଗାଁ ପାଖର ଲୋକହୋଇ ସବୁ ଜାଣି ପାରୁଥିବେ । ଆଉ ଅଧିକ କଣ କହିବି । ଏହାଛଡ଼ା ଏତିକ କହୁଛି ଯେତେ ଜାଗା ବରଘର ବୀଣାପାଇଁ ଠିକ୍ କରିବାକୁ ଯାଇଛି ସେମାନେ ନାନା କଥା କହି ମୋତେ ଫେରାଇ ଦେଇଛନ୍ତି । ଏମିତିକି ବୀଣାକୁ ସେମାନେ ---- କଇଁ କଇଁ ହୋଇ କାନ୍ଦି ଉଠିଲେ ସାଧୁ ମାଷ୍ଟ୍ରେ ।

ଅବଶ୍ୟ ପ୍ରମୋଦ ବାବୁ ସବୁ ଜାଣିଛନ୍ତି - ସାଧୁ ମାଷ୍ଟ୍ରେ କିପରି ଲୋକ ସେ ଅଙ୍ଗେ ମଧ ଅନୁଭବ କରି ସାରିଛନ୍ତି । ଧୈର୍ଯ୍ୟର ଏକ ଦୃଢ଼ ଆଶାଦେଇ କହି ଉଠିଲେ ପ୍ରମୋଦ ବାବୁ - ଆପଣ ଏଥର ଜମା ବ୍ୟସ୍ତ ହୁଅନ୍ତୁନି ମାଷ୍ଟ୍ରେ 'ବୀଣା'କୁ ଭଲ ଘରେ ବିବାହ କରେଇ ଦେବି । ଏହାଛଡ଼ା ଆପଣ ଭାବୁଥିବେ ମୋର ଏଥିରେ କୌଣସି ସ୍ୱାର୍ଥ ଅଛି ବୋଲି । ନାହିଁ ନାହିଁ - କେବଳ ବୀଣାର ସେଦିନର ଅଭିନୟ ମୋତେ ପାଗଳ କରିଦେଇଛି । ଶୁଣନ୍ତୁ ମାଷ୍ଟ୍ରେ ଆପଣ ଦୁଃଖ କରି ଲାଭନାହିଁ - ମୋ ଜବାବ ହିଁ ସଚ୍ଚା ଜବାବ୍ । କିନ୍ତୁ ବୀଣା କହୁଛି ସେ ଆଇ.ଏ. ପାଶ୍ ପରେ ସିଟି ଟ୍ରେନିଂ ନେଇ ଚାକିରୀ କରିବ ବୋଲି - ଏତକ ସାଧୁ ମାଷ୍ଟ୍ରେ ପ୍ରମୋଦ ବାବୁଙ୍କୁ କହିଗଲେ । କିନ୍ତୁ ଏ ପ୍ରସଙ୍ଗରେ ପ୍ରମୋଦ ବାବୁ କହି ଉଠିଲେ- ବୀଣା ଆଇ.ଏ.

Digitized by PPRACHIN, SOA

ପାଶ୍ କରୁ ଭଲ ହେବ । ତାପରେ ସିଟି ଟ୍ରେନିଂ କାହିଁକି ନେବ ପୁଣି ଚାକିରୀ କରିବ - ବୁଝିଲ ମାଷ୍ଟ୍ରେ ଚାକିରୀ କଣ ଏତେ ଶିଘ୍ର ମିଳିଯିବ । ତା ଅପେକ୍ଷା ବୀଣାର ବାହାଘରଟା ଯେତେ ଶିଘ୍ର କରିଦେଲେ ଭଲ ହେବ । ସେହି ସମୟରେ ବୀଣା ଘରୁ ପାଣି ପାଇଁ ବାହାରି ଯାଉଥିଲା ଗରାଟିଏ ନେଇ କୂଅ ମୂଳକୁ, ଏତକ କଥା ଶୁଣି ପ୍ରମୋଦ ବାବୁଙ୍କଠାରୁ ସତେ ଯେପରି ଖାଲିଥିବା ଗରାରେ ଜଳ ଥିବାପରି ତାକୁ ମନେହେଲା - ପ୍ରମୋଦ ବାବୁଙ୍କୁ ଦେଖି ଯାଇଁ ପ୍ରଣାମ କଲା - ପ୍ରମୋଦ ବାବୁ ଖୁସିହୋଇ କହିଲେ ମାଆ ତୁ ଅହି ସୁଲକ୍ଷଣୀ ହୁଅ - ତାପରେ ଗରାଧରି ବୀଣା କୂଅ ମୂଳକୁ ଚାଲିଗଲା - ସାଧୁ ମାଷ୍ଟ୍ରେ ପ୍ରମୋଦ ବାବୁଙ୍କ କଥାରେ ଏକବାରେ ବିଶ୍ୱାସ କରି ପଚାରିଲେ -ଆଚ୍ଛା ଆପଣ ଠିକ୍ କରିଥିବା ବରଘରଟି କେଉଁଠି ? ପ୍ରମୋଦ ବାବୁ କହିବା ଆରମ୍ଭ କଲେ ବେଶି ଦୂର ନୁହେଁ ମାଷ୍ଟ୍ରେ ସୁବର୍ଣ୍ଣପୁର ଗାଁର ହରେକୃଷ୍ଣ ଦାସଙ୍କ ପୁଅ ସୀତାକାନ୍ତ । ଚମକି ପଡ଼ିଲେ ସାଧୁ ମାଷ୍ଟ୍ରେ, କାରଣ ହରେକୃଷ୍ଣ ବାବୁଙ୍କ ପାଖକୁ ସେ ବୀଣାର ପ୍ରସ୍ତାବ ନେଇ ଯାଇଥିଲେ - ହେଲେ ହରେକୃଷ୍ଣ ବାବୁ ତାଙ୍କୁ ନିରାଶ କରି ଫେରେଇ ଦେଇଥିଲେ - ତେବେ ପୁଣିଥରେ ତାଙ୍କ ପୁଅ ସୀତାକାନ୍ତ ସହିତ ବୀଣାର ପ୍ରସ୍ତାବକୁ ଭଲ ମନେ କଲେ ନାହିଁ ସାଧୁ ମାଷ୍ଟ୍ରେ । ସେ ରୋକ୍‌ଠୋକ୍ ସବୁ କଥା ପ୍ରମୋଦ ବାବୁଙ୍କୁ ଜଣେଇ ଦେଲେ । ଏକ ହସମିଶା ଢଙ୍ଗରେ ପ୍ରମୋଦ ବାବୁ କହି ଉଠିଲେ - ବୁଝିଲେ ମାଷ୍ଟ୍ରେ ପ୍ରସ୍ତାବ ଥରେ ପଡ଼ି ଭାଙ୍ଗି ଗଲେ ଆଉ ଥରେ ପଡ଼ିବା କଣ ପାପ ହେବ । ବୁଝନ୍ତୁ ଯେ ଶିକ୍ଷପତି ପ୍ରମୋଦ ପଟ୍ଟନାୟକଙ୍କ କଥାକୁ କାଟିଦେବାର ଲୋକ ଏ ଖଣ୍ଡ ଇଲାକାରେ କେହି ନାହାନ୍ତି । ତେଣୁ ମୁଁ କହୁଛି ବୀଣାର ବିବାହ ସୀତାକାନ୍ତ ସହିତ ନିଶ୍ଚିତ ହେବ ।

ସାଧୁ ମାଷ୍ଟ୍ରେ ଥଙ୍ଗେଇ ମଙ୍ଗେଇ ହୋଇ କହି ଉଠିଲେ - ତେବେ ସେମାନେ ଯେଉଁ ଯଉତୁକ କଥା ମୋତେ କହିଥିଲେ - ମୋ ଘରବାଡ଼ି ଜମି ଜମା ସବୁ ମିଶାଇଲେ ଏତେ ହେବନାହିଁ - ତାଛଡ଼ା ମୁଁ ଏତେ ଗୁଡ଼ାଏ ଟଙ୍କା ଏକକାଳୀନ କେଉଁଠି ପାଇବି ? ଆପଣ ଏଥିରେ ମୋଟରୁ ବ୍ୟସ୍ତ ହୁଅନ୍ତୁନି ମାଷ୍ଟ୍ରେ । ମୁଁ ଯେତେବେଳେ ବୀଣାପାଇଁ ପ୍ରସ୍ତାବ ଆଣି ଆସିଛି - ସବୁ କଥା ମୁଁ ବୁଝିବି - ହଁ ଶୁଣନ୍ତୁ ଏହା ଭିତରେ ଯେତେଶିଘ୍ର ମାନେ ବୀଣାର ଆଇ.ଏ. ପରୀକ୍ଷା ଫଳ ବାହାରିବା ପରେ ପରେ ନିର୍ବନ୍ଧଟା କରିଦେଇ ବିବାହ କରି ଦେବା, ମୋ ମତରେ ଭଲ - ନାଁ କଣ କହୁଛନ୍ତି । ଆଚ୍ଛା ମୁଁ ଚାଲିଲି । ଆପଣ ଖାଲି ଖାଲି ଏମିତି ଚାଲିଯିବେ ଟିକିଏ ଚା' ନଖାଇ - ଆରେ ମା ବୀଣା - ଠିକ୍ ସମୟରେ ବୀଣା ଚା' କପ୍‌ଟିଏ ଧରି ପ୍ରମୋଦ ବାବୁଙ୍କୁ ବଢ଼େଇ ଦେଲା - ଏକ ମଧୁ ମିଶା ଚାହାଁଣୀରେ ବୀଣାର ମୁଖଟିକୁ ଅବଲୋକନ କରି ବୀଣା ହାତରୁ ଚା' କପ୍‌ଟି ନେଇ ପିଇବାକୁ ଲାଗିଲେ ପ୍ରମୋଦ ବାବୁ । ଚା'

Digitized by PPRACHIN, SOA

ପିଇସାରି ବାହାରି ପଡ଼ିଲେ ନିଜ ଘର ଅଭିମୁଖେ ----। କିନ୍ତୁ ସାଧୁ ମାଷ୍ଟ୍ରେଙ୍କ ମନରେ ଦେଖାଦେଲା କେତୋଟି ଖଣ୍ଡିଆ ଝଡ଼ । 'ବୀଣା' ପାଇଁ ପ୍ରମୋଦବାବୁଙ୍କର ଏତେ ଦରଦ କାହିଁକି ? ଆଜିଯାଏଁ ତ ପ୍ରମୋଦ ବାବୁ ମୋ ଘରକୁ ଆସି ନଥିଲେ - ସବୁ ତୁମ ଇଛା ଭଗବାନ - ତୁମେ ହିଁ କେବଳ ମୋର ଭରଷା ।

କରିଥିବା କର୍ମର ଫଳ ନିମିତ୍ତ ପ୍ରାୟଶ୍ଚିତ ଲୋଡ଼ା । କାରଣ ଯିଏ ଯାହା କରିଥାଏ ତାର ମନ ସଦାବେଳେ ଗୋଳେଇ ଘାଣ୍ଟି ହେଉଥାଏ । ଅବଶ୍ୟ ଭଲ କାର୍ଯ୍ୟ କରିଥିଲେ ଏପରି ଚିନ୍ତା କରିବାକୁ ପଡ଼ି ନଥାନ୍ତା ପ୍ରମୋଦ ପଟ୍ଟନାୟକଙ୍କୁ । ଅତୀତର ସେହି ସଦ୍ୟଜାତ ଶିଶୁ ଆଜି ଅଠରଉଣେଇଶି ବର୍ଷର ଯୁବତୀ । ଆଉ ସେହି ଯୁବତୀଟିର ମଧୁର ବ୍ୟବହାର - ପ୍ରମୋଦ ବାବୁଙ୍କୁ ଅତୀତର କଳା କର୍ମକୁ ଚେତେଇ ଦେଇଛି । ସେଦିନ ବୀଣାର ଅଭିନୟ ପ୍ରମୋଦବାବୁଙ୍କୁ ପାଗଳ କରିଦେଇଛି । ଅବଶ୍ୟ ବୟସର ଗୁରୁଭାରରେ ସେ ଆଜି ଉପନୀତ ହୋଇଗଲେଣି । କେତେବେଳେ ତାଙ୍କର ପାଚିଲା ଜୀବନ ଫଳଟି ଯେ ଝଡ଼ି ପଡ଼ିବ କିଏବା ସେ କଥା କହିବ ? ତଥାପି ତା ଆଗରୁ ଅତୀତ-କୁକର୍ମର ପ୍ରାୟଶ୍ଚିତ ସ୍ୱରୂପ ବୀଣାର ବିବାହଟି ସୁଯୋଗ୍ୟ ପାତ୍ର ସାଙ୍ଗରେ କରିଦେବା ଉଚିତ୍ । ପୁଣି ଗୋଟିଏ ପ୍ରଶ୍ନବାଚୀ ପ୍ରମୋଦ ବାବୁଙ୍କୁ ଅସ୍ଥିର କରି ପକାଉଥିଲା । ସେଦିନର ସଦ୍ୟ ଶିଶୁ କନ୍ୟାଟି ଯଦି ମରିଯାଇଥାନ୍ତା, ତେବେ ସେ କଣ ଏତେ ଭାବନା ରାଜ୍ୟରେ ଭାବନା ଫଳକୁ ସାଉଁଟି ବସୁଥାନ୍ତେ ! ଛାଡ଼ ସେକଥା ଯାହା ହେବାର ଥିବ ତାହା ହେବ - ପୁଣି ଗୋଟିଏ ଦ୍ୱନ୍ଦ ତାଙ୍କ ମନ ମଧରେ ସେ ଚାହିଁଥିଲେ ସେହି ସଦ୍ୟଜାତ ଶିଶୁକନ୍ୟାଟି ଯଦି ବଂଚି ରୁହେ ତେବେ ସେତ ଦିନେ ନା ଦିନେ ତାକୁ ଦେଖିପାରିବେ - ସେ କଣ ଭୁଲ୍ କରିଛନ୍ତି - ପ୍ରଶ୍ନବାଚୀ ଓ ଦ୍ୱନ୍ଦ ମଧରେ ଘାଣ୍ଟି ହୋଇ ପଡୁଥାନ୍ତି ଶିଳ୍ପପତି ପ୍ରମୋଦ ବାବୁ । ଏପରି କି ନିଜ କନ୍ୟା ମଧ ବୀଣା ବିଷୟରେ ସମ୍ପୂର୍ଣ୍ଣ ଭାବରେ ଅବଗତ ହୋଇସାରିଛି । ତାଙ୍କ ଅପେକ୍ଷା ଶାନ୍ତି ଯେ କେତେ ଦୁଶ୍ଚିନ୍ତାରେ ଘାଣ୍ଟି ହେଉ ନଥିବ ? ତେଣୁକରି ଏପରି ଦୁଶ୍ଚିନ୍ତାରେ ଘାଣ୍ଟି ହେବା ପୂର୍ବରୁ ବୀଣାର ବିବାହ ଯେତେ ଶିଘ୍ର କରିଦେବା ଉଚିତ୍ । ଏହିପରି ମନନେଇ ବୀଣାର ବିବାହର ଆୟୋଜନ ପାଇଁ ଏକ ବଳିଷ୍ଠ ମନନେଇ ଲାଗିପଡ଼ିଲେ ପ୍ରମୋଦ ବାବୁ ।

(ପାଞ୍ଚ)

ସମୟ କାହାକୁ ଅପେକ୍ଷା କରେ ନାହିଁ । ତେଣୁ ଶିଘ୍ର ଶିଘ୍ର ସେ ଦୌଡ଼ିବାରେ ଲାଗିଛି । ଦିନ ପରେ ରାତିହୋଇ ଠିକ୍ ମଣିଷ ଜୀବନର ଦୁଃଖ ଆଉ ସୁଖ ପରି । ବରଘର ବୀଣାକୁ ମୁଦି ପିନ୍ଧେଇ ଦେଇ ଯାଇଛନ୍ତି ଏହା ଭିତରେ 'ବୀଣା'ର ନିରିବନ୍ଧ

Digitized by PPRACHIN, SOA

ସରି ଯାଇଛି । ପ୍ରମୋଦ ବାବୁଙ୍କ କଥାକୁ କାଟି ନପାରି ସାଧୁ ମାଷ୍ଟ୍ରେ ସୁବର୍ଣ୍ଣପୁରର ହରେକୃଷ୍ଣ ଦାସଙ୍କ ପୁତ୍ର ସୀତାକାନ୍ତ ସହିତ ନିଜ ଝିଅର ବିବାହ ଠିକ୍ କରିଛନ୍ତି । କିନ୍ତୁ ବିବାହ କଥା ଶୁଣିଲା ଦିନରୁ ବୀଣା ମନରେ ସର୍ବଦା ଗୋଟିଏ ଭାବ ଦେଖାଦେଉଛି - ସାଧୁ ମାଷ୍ଟ୍ରେ ଠିକ୍ ବୀଣା ମନର ଲୁଚକାଳୀ ଖେଳୁଥିବା ସେହି ଭାବଟିକୁ ଧରି ପାରିଛନ୍ତି - ହେଲେ କହିବାକୁ ସାହାସ କରନ୍ତି ନାହିଁ, କାଳେ ବୀଣା କାନ୍ଦିବ । ତଥାପି ଏ ଭାବନାରେ ବୁଡ଼ି ରହିଥିଲେ ସୁଧା ବୀଣା କହି ଉଠିଲା - ବାପା ତୁମେ ମୋତେ ବାହାଦେଇ ସୁଖରେ ରହିବ ବୋଲି ଶିଘ୍ର ମୋ ବାହାଘର କରିଦେଉଛ ନୁହେଁ । ଏତକ କହିଲାବେଳେ ବୀଣାର ଆଖି ତଳେ ସତେ ଯେପରି ଅଶ୍ରୁର ବନ୍ୟା କୂଳଲଂଘନ କରି ବହି ଯାଉଥିଲା । ତାପରେ ଅଶ୍ରୁର ନଦୀରୁ ଉଠିଲା ବନ୍ୟାର ଢୁଆର, ପରେ ପରେ ସାଧୁ ମାଷ୍ଟ୍ରେଙ୍କୁ ବି ଭସେଇ ନେବାକୁ ପଛାଇଲା ନାହିଁ - ସାଧୁ ମାଷ୍ଟ୍ରେ ମଧ ଅଶ୍ରୁର ବନ୍ୟା ଢେଉରେ ଉବେଇ ଟୁବେଇ ହୋଇ - ଝିଅକୁ ହୃଦୟର ଅବୁଝା ଡୁଠରେ ଚାପି ରଖି କୋହମିଶା ସ୍ୱରରେ କହି ଉଠିଲେ - ମାଆ' ତୁତ ଆସି କେତେ ବଡ଼ ହେଲେଣୁ - ତୁ କଣ ଆଉ ଛୁଆ ହୋଇ ରହିଛୁ କହିଲୁ - ଆମ ହିନ୍ଦୁ ଧର୍ମରେ ଝିଅକୁ ବେଶୀ ବୟସ ଯାଏଁ ରଖିବା ଉଚିତ୍ ନୁହେଁ । ମାଆରେ ତୁତ ଦେଖୁଛୁ ତୋ ସାଙ୍ଗ ପିଲାମାନେ କିପରି ବାହା ହୋଇ ଶାଶୁ ଘରେ କେତେ ସୁଖରେ ଚଳୁଛନ୍ତି । ଯାଆ ମାଆ ମନଦୁଃଖ କରନା ମୁଁତ ଅଛି । ତୋ ଶାଶୁ ଘରକୁ ସବୁଦିନେ ଯାଇଁ ତୋତେ ଦେଖି ଆସିବି ନାହିଁ । ଏତକ କହି ବୀଣାକୁ ତୁନି କରାଇ ଦେଲେ ସିନା ସାଧୁ ମାଷ୍ଟ୍ରେ, ହେଲେ ନିଜେ ସମ୍ଭାଳି ହୋଇ ରହିପାରନ୍ତି କେଉଁଠି । ନିଜ ହୃଦୟର କୋହକୁ ଯେତେ ଚାପିବାକୁ ହେଲେ ଅଧିକ ମାତ୍ରାରେ କୋହଗୁଡ଼ିକ କୂଳଲଂଘନ କରିବାରେ ଲାଗିଯାଉଛନ୍ତି । ତଥାପି ଚେଷ୍ଟାକରି ଉଠିଲେ ତାଙ୍କ ଆଗରେ ଯେ ମସ୍ତବଡ଼ ଦାୟିତ୍ୱ ବୀଣାର ବିଭାଘର - ସେପରି ଅଧର୍ଯ୍ୟ ହେଲେ ଚଳିବ ।

ନିରିବନ୍ଧ ହେଲା ପରେ ସାହି ପଡ଼ିଶାଏ ବୀଣାକୁ କନିଆ ଖାଇବା ପାଇଁ ନିଜ ଘରକୁ ସବୁ ଡାକିଛନ୍ତି । ଅବଶ୍ୟ ସାଧୁ ମାଷ୍ଟ୍ରେ ବୀଣାକୁ କନିଆ ଖାଇବାକୁ ଛାଡ଼ିବା ପାଇଁ ନାରାଜ - ହେଲେ ଏହା ଯେ ଝିଅ ବିବାହ ହେବା ପୂର୍ବରୁ ବିଧି - କଣ କରିବେ ସାହିପଡ଼ିଶାଙ୍କ କଥାକୁ କାଟି ନପାରି ଝିଅକୁ ପଠାଇଛନ୍ତି କନିଆ ଖାଇବା ପାଇଁ । ସେଦିନ ବୀଣା ଆଉ ତା ସାଙ୍ଗ ଝିଅମାନଙ୍କ ସହିତ ବୁଢ଼ୀ ବୋଉ ଖୁଡ଼ୀଙ୍କ ଘରକୁ କନିଆ ଖାଇବାକୁ ଯାଇଛି । ସେ ଏତେ ବଡ଼ଟାଏ ଆସି ହେଲାଣି ଅଥଚ ଦିନେ ହେଲେ କେଉଁ ପଡ଼ିଶା ଘରେ ଜଳ ମୁନ୍ଦାଏ ବି ସେ ସ୍ପର୍ଶ କରିନାହିଁ - କାରଣ ସେ ସାଧୁ ମାଷ୍ଟରଙ୍କ କଥାକୁ କେବେ ବେଖାତିର କରିନାହିଁ - ସେ ଭଲଭାବେ

Digitized by PPRACHIN, SOA

ଜାଣିଛି ସାହିପଡ଼ିଶାଙ୍କ ପ୍ରକୃତି କିଭଳି । ତଥାପି ଆଜି ଆସିଛି କନିଆ ଖାଇବା ପାଇଁ ସାଧୁ ମାଷ୍ଟ୍ରଙ୍କ କଥାକୁ କାଟି ନପାରି । ଏହା ଯେ ବିଧି - ସେ କଣ କରିବ । ବୁଢ଼ୀ ବୋଉ ଖୁଡ଼ୀଙ୍କ ଘରେ ସେ ଖାଇ ବସିଛି ତାର ସାଙ୍ଗ ସାଥିମାନଙ୍କୁ ନେଇ - ଖୁଡ଼ୀ ତାପାଇଁ ନାନା ରକମର ଭଜା, ତିଅଣ, ପଲାଉ କରିଛନ୍ତି - କେତେ ଶରଧାରେ - କେତେ ଖୁସିରେ - ବୀଣା ଥରେ କି ଦି ଥର ତୁଣ୍ଡକୁ ନେଇଛି - ହଠାତ୍ ତା କାନରେ ପଡ଼ିଲା କେଇପଦ କଥା - ବୁଢ଼ୀ ବୋଉ ଖୁଡ଼ୀ ଆଉ କବି ବୋଉ ଖୁଡ଼ୀ କଥାବାର୍ତ୍ତା ହେଉଛନ୍ତି ଆର ଘରେ - ଅବଶ୍ୟ ବୀଣାକୁ ଭଲଭାବେ ଶୁଣା ଯାଉ ନଥାଏ କାରଣ ସାଙ୍ଗସାଥି ହୋଇ ଖାଇଲେ ଯାହାହୁଏ - କେତେ ଥଟ୍ଟା କେତେ ନକଲ - କିନ୍ତୁ ଥଟ୍ଟା ନକଲ ଭିତରେ ଏକି ମସ୍ତବଡ଼ ପୂର୍ଣ୍ଣଚ୍ଛେଦ ପକାଇଦେଲା ବୁଢ଼ୀ ବୋଉ ଖୁଡ଼ୀ ଆଉ କବି ବୋଉ ଖୁଡ଼ୀଙ୍କର ପରସ୍ପର ମଧ୍ୟରେ କେଇପଦ କଥା ବୀଣାକୁ ନେଇ -

''ବୁଝିଲ ବୁଢ଼ୀ ବୋଉ ! ଧନ୍ୟ ସେହି ମାଷ୍ଟରଙ୍କୁ କହିବ ! କାରଣ ଏଠି କବି ବୋଉ 'ସାଧୁ' ବୋଲି ନାମ ଉଚ୍ଚାରଣ କରୁନଥାନ୍ତି କାରଣ ସାଧୁ ମାଷ୍ଟ୍ରେ ତାଙ୍କର ଦେଢ଼ଶୁର ହେବେ ବୋଲି'' । ରାତି ଅଧରେ ପିଲାଟାକୁ ସାଉଁଟି ଆଣି ବାଟରୁ ତାକୁ ବାପ ପରି ପାଳି ପୋଷି ବଡ଼କରି ଆଜି ସିନା ଏତେ ଜାନି ଯଉତୁକ ଦେଇ ବୀଣାକୁ ବାହାଘର କରୁଛନ୍ତି - ହଁ ତା ନୁହେଁ ଆଉ କଣ ତାପରେ ବୁଢ଼ୀ ବୋଉ ଖୁଡ଼ୀ ଆରମ୍ଭ କଲେ ଦେଖୁନ ଆମ ବୁଢ଼ୀକୁ ସେ ବୀଣାଠାରୁ ପ୍ରାୟ ଚାରି ପାଞ୍ଚ ବର୍ଷ ବଡ଼ ହେବ ହେଲେ କଣ ତାର କେଉଁଠି ବାହାଘର ଜୁଟୁଛି ନା ସେ ବାହା ହେଉଛି । ବୁଢ଼ୀ ବାପା କେତେ ଜାଗା ଦଉଡୁଚନ୍ତି ବରଘର ଖୋଜି କିନ୍ତୁ ବାହାଘର କେଉଁଠି ହେଲେ ଜୁଟୁନାହିଁ - ଆଉ ଯାହାକୁ ପାଳି ପୋଷି ବାଟରୁ ପାଇଥାଣି ମଣିଷ କଲେ - ଯାହାର ଜାତି ଗୋତର କିଛି ନାହିଁ - କି ପିଲା ସେ କେଜାଣି ତାହା କଣ କିଏ ଜାଣିଛି ! ଏମିତିତ ଦୁନିଆରେ କେତେ ପିଲା ରାସ୍ତା କଡ଼ରେ ପଡୁଛନ୍ତି କିଏ ତାର ହିସାବ ରଖୁଛି, ହେଲେ ତାକୁ ଆଜି ଦେଖ ସେ କେତେ ବଡ଼ ଘରେ ବାହା ହେଉଛି - କେତେ ଜାନି ଯଉତୁକ ନେଉଛି - ଏତକ ଶୁଣି କବି ବୋଉ ଖୁଡ଼ୀ ଆରମ୍ଭ କଲେ ବୁଝିଲ ବୁଢ଼ୀ ବୋଉ ସେ ଟୋକିଟା ତ ଦିନକୁ ଦିନ ରାଜକୁମାରୀ ପରି ଦେଖାଯାଉଛି - ଦେଖୁନ ଆମ କବି ଯେତେ ଖାଉଛି ପିଉଛି ସେତ ଦିନକୁ ଦିନ ଶୁଖି ଶୁଖି ଯାଉଛି- ଯିଏ ଆସୁଛି ସିଏ ନାକ ଛିଞ୍ଚାଡ଼ି ଚାଲିଯାଉଛି । କବି ବାପା କଣ ଯଉତୁକ ଦେବାପାଇଁ ନାରାଜ ସେତ କହୁଛନ୍ତି ଜମି ବାଡ଼ି ପଛେ ବିକ୍ରି ହୋଇଯାଉ ମୋ ଝିଅଟି କିପରି ଉଠିଯାଉ । ନାହିଁଲୋ ସବୁ ଆମ ଭାଗ୍ୟ ଏତକ କହିଲେ କବି ବୋଉ ଖୁଡ଼ୀ ।

Digitized by PPRACHIN, SOA

ତାପରେ ଏକ ତାଚ୍ଛଲ୍ୟ ମିଶା ସ୍ୱରରେ କହିଲେ ବୁଢ଼ୀ ବୋଉ ଖୁଡ଼ୀ ବୁଝିଲ କବି ବୋଉ - ଢାରଢ ପିଲାଗୁଡ଼ାକ ଏପରି ପର ଘରେ ଆସି ବଢ଼ିଲେ ତାଙ୍କ ଭାଗ୍ୟରେ ଭଲ ଘର ଭଲ ବର ଜୁଟେମ । ଯେତେବେଳେ ବୀଣା ବୁଢ଼ୀ ବୋଉ ଖୁଡ଼ୀଙ୍କର ଶେଷ ପଦ କଥାତକ ଶୁଣିଦେଇଛି ତା ମନରେ ଉଠିଛି ଅସଂଖ୍ୟ ଭାବନା - ଆଉ ସେହି ଭାବନାରେ ଅସ୍ଥିର ହୋଇ ଖେଁ ଖେଁ କାଶି ଖାଇବା ପାଖରୁ ଉଠି ଯାଇଛି ଧୋଇ ହେବା ଲାଗି । ତାର ସାଙ୍ଗମାନେ ଯେତେ କହିଲେ ଆଉ ମୁଠାଏ ଖାଇବା ପାଇଁ ସେ ଆଉ ଖାଇଲା ନାହିଁ - ଆରଘରୁ ବୁଢ଼ୀ ବୋଉ ଖୁଡ଼ୀ ଦୌଡ଼ି ଆସି କହିଲେ - ଆଲେ ମାଆ ମୁଁ ତ ଗପରେ ମାତିଯାଇଥିଲି ବସ୍ ବସ୍ ମୁଁ ଆଉ ଗଣ୍ଡାଏ ପଲଉ ଆଣେ । 'ବୀଣା' ଖାଇବ ପଲଉ - ତାର ତ ଖୁଡ଼ୀଙ୍କ କଥାରେ ଏକଦମ୍ ପେଟ ପୁରିଗଲା -ମନ କଥା ମନରେ ମାରି ଏକମୁହାଁ ହୋଇ ଘରକୁ ଦୌଡ଼ି ଆସିଲା । ଖୁଡ଼ୀଙ୍କୁ କଣ କହିବ ସେ ଜାଣି ପାରିଲାନାହିଁ ।

ଘର ଭିତରକୁ ହଠାତ୍ ଏମିତି ପଶି ଆସିବାରୁ ବୀଣା, ସାଧୁ ମାଷ୍ଟରଙ୍କ ହୃଦୟରେ ପଶିଗଲା ଗୋଟିଏ ଛନକା - ନିଶ୍ଚୟ ବୀଣାକୁ କିଏ କଣ କହିଛି ନହେଲେ ସେ ଏମିତି ଭାବରେ ଘରକୁ କେବେ ଆସେ ନାହିଁ - ତଥାପି ଏକ ଭୟ ମନନେଇ ବୀଣା ପାଖକୁ ଯାଇ ସାଧୁ ମାଷ୍ଟ୍ରେ ପଚାରିଛନ୍ତି - କଣ ହେଲା କି ମାଆ ଏମିତି ଦୌଡ଼ି ପଳାଇ ଆସିଲୁ ଯେ - କଣ ହୋଇଛି ମାଆ କହୁନୁ - ତୋତେ କିଏ କଣ କହିଲା ? ଖୁଣ୍ଟକୁ ଆଉଜି ଛିଡ଼ା ହୋଇଛି ବୀଣା ସତେ ଯେପରି ଖୁଣ୍ଟଟାଏ ପରି ପାଟିରୁ ତାହାର ବାହାରୁ ନାହିଁ ପଦିଏ ହେଲେ କଥା ଅଥଚ ଆଖିରୁ ବହିଚାଲିଛି ଲୁହର ଧାର - ଥପ୍ ଥପ୍ ଭୁଇଁ ଉପରେ ପଡ଼ୁଛି ବରଷାର ଧାର ପରି - ସତେ ଅବା ସେ ନିଶ୍ଚଳ ଦାରୁଭୂତ ମୁରାରୀ । ସାଧୁ ମାଷ୍ଟ୍ରେ ଅନୁମାନ କରିନେଲେ ସବୁ ଘଟଣା ନିଶ୍ଚୟ ବୁଢ଼ୀ ବୋଉ ବୀଣାକୁ କିଛି କହିଛନ୍ତି ନୋହିଲେ - ବୀଣା ଏମିତି କାନ୍ଦୁଥାନ୍ତା ? ସେ ଭଲ ଭାବେ ଜାଣନ୍ତି ସାହିପଡ଼ିଶାର ଲୋକମାନେ କେମିତିଆ - ସେମାନଙ୍କ ଗୁଣ ଜାଣି ବୀଣାକୁ ତାଙ୍କ ଘରକୁ କେବେ ସେ ପଠାନ୍ତିନି - ହେଲେ ଆଜି ସେ କେଡ଼େ ବଡ଼ ଭୁଲ୍ ନ କଲେ - ଆଜିଯାଏଁ ସେ ଯାହା ଭୁଲ୍ କରି ନଥିଲେ ଆଜି ତାଙ୍କ ଜୀବନରେ ମସ୍ତବଡ଼ ଭୁଲ ହୋଇଗଲା ---- । କହ ମା' ତୁ ଏପରି କାନ୍ଦୁଛୁ କାହିଁକି ? ବୀଣାର ଲୁହକୁ ନିଜର ଗାମୁଛାରେ ପୋଛି ଦେଲେ - କୋଳକୁ ଆଉଜାଇ ଆଣି କାନ୍ଦି ଉଠିଲେ - କାନ୍ଦି କାନ୍ଦି କହି ଉଠିଲେ ମାଆ ମୋତେ କହିବୁନି ? ଏ ବୁଢ଼ା ବାପାଟାକୁ ଦୁଃଖ ଦେଇ ତୁ କଣ ଏମିତି କାନ୍ଦୁଥିବୁ ! କହ ମାଆ କଣ ହୋଇଛି ତୋର ଆଜିଯାଏଁ ତୋ ମୁହଁରେ ହସ ଦେଖିବା ପାଇଁ ମୁଁ ଦେହ ଧରି ରହିଆସିଛି - ଯଦି ତୋର ଏପରି ଅବସ୍ଥା ଦେଖେ ମୁଁ କଣ ବଂଚି ପାରିବି ?

Digitized by PPRACHIN, SOA

ଏତକ ସାଧୁ ମାଷ୍ଟରଙ୍କ ମୁହଁରୁ ଶୁଣି ବୀଣା ଅଧିକ ମାତ୍ରାରେ କଇଁ କଇଁ ହୋଇ କାନ୍ଦି ଉଠି କହିଲା - ବାପା ସତ କହିବ ତୁମେ ମୋତେ ବାଟରୁ ପାଇ ଆଣି ପୋଷିଛ । କାହିଁକି ତୁମେ ମୋତେ ବାଟରୁ ସାଉଁଟି ଆଣିଥିଲ ? ଆଉ ଏତେ କଷ୍ଟକରି ମୋତେ ପାଳିପୋଷି ଆଜି ବିବାହ କରିଦେବାକୁ ବସିଛ ?

ସବୁ ଶୁଣି ସାଧୁ ମାଷ୍ଟ୍ରେ ମନରେ ଦମ୍ଭ ଧରି କହି ଉଠିଲେ କିଏ କହୁଛି ମୁଁ ତୋତେ ବାଟରୁ ସାଉଁଟି ଆଣିଛି ବୋଲି - କହ ମାଆ କିଏ କହିଲା ତୋତେ - ଆରେ ମୋତେ ଚିହ୍ନି ନାହାନ୍ତି - ମୁଁ ସବୁବେଳେ ଚୁପ୍ ଚାପ୍ ରୁହେ ବୋଲି ଏ ସାହିବାଲା ମୋ ସରଳ ପ୍ରକୃତିର ସୁଯୋଗ ନେଇ ଯାହା ନାହିଁ ତାହା କହିଦେବେ ନୁହେଁ - ଦେଖିବା କେତେ କହି ମୋ ଝିଅର ବାହାଘର ଭାଙ୍ଗିଦେବ ? ଯଦି ମୋ ଝିଅର ବାହାଘର ଧୁମ୍‌ଧାମ୍‌ରେ ନ କରିଛି ତେବେ ମୋ ନାଆଁ ସାଧୁ ମାଷ୍ଟ୍ରେ ନୁହଁ । ତୁ ବ୍ୟସ୍ତ ହଅନା ମାଆ ମୁଁ ପରା ତୋର ଜନ୍ମ କଲା ବାପ - ତୋତେ କଣ ମୁଁ ମିଛ କହିବି ! ତୁମେ ମିଛ କହୁଛ ବାପା - ସତ କୁହ ବାପା ତୁମେ ମୋତେ ବାଟରୁ ପାଇ ଆଣିଛ ନାଁ ନାହିଁ ? ସତେ ଯେପରି ବୀଣା ମନ ମଧ୍ୟରେ ଉଙ୍କିମାରିଛି ଅନେକ ପ୍ରଶ୍ନବାଚୀ ? ସେତ ଆଉ ଆଜି ଛୋଟ ଛୁଆ ହୋଇ ରହିନାହିଁ ଯେ ସାଧୁ ମାଷ୍ଟ୍ରେ ବୀଣାକୁ ମିଛ କଥା କହି ଭୁଲେଇ ଦେବେ - କଣ କରିବେ ବୀଣା ଯେ ଜିଦ୍ ଧରି ବସିଲାଣି ----

ସାଧୁ ମାଷ୍ଟ୍ରେ ଘରେ ଅଛ ସାଧୁ ମାଷ୍ଟ୍ରେ କହି ଘର ଭିତରକୁ ପଶି ଆସିଲେ ପ୍ରମୋଦ ବାବୁ । ଆରେ ମାଆ ବୀଣା ତୁ କାନ୍ଦୁଛୁ, କଣ ହୋଇଛି - ଓହୋ ବୁଝିଗଲି ବାହାଘର କଥାଶୁଣି ତୁ ମନ ଦୁଃଖ କରୁଛୁ ନୁହେଁ ? ଆରେ ମାଆ' ଇଏତ ପ୍ରତ୍ୟେକ ଝିଅମାନଙ୍କ ଜୀବନରେ ଘଟେ - ତୁ ଏଥିରେ ଦୁଃଖ କରିବାର କଣ ଅଛି । ଆ ମାଆ ଛି ଏମିତି ଦୁଃଖ କଲେ ଚଳିବ । କିହୋ ମାଷ୍ଟ୍ରେ ତୁମେ ବି କଣ କାନ୍ଦୁଛ କଣ ହୋଇଛି ଯେ ମୁଁ କିଛି ବୁଝିପାରୁନାହିଁ ! ବାପ ଆଉ ଝିଅ ମୁଖରେ ପଦିଏ ହେଲେ କଥାନାହିଁ - ପ୍ରମୋଦବାବୁ କିଛି ବୁଝି ପାରିଲେ ନାହିଁ - କଣ ହେଲା - ସାଧୁ ମାଷ୍ଟ୍ରେ ବୀଣାକୁ ଘରକୁ ଯିବାକୁ କହି ପ୍ରମୋଦବାବୁଙ୍କୁ ସବୁ ଘଟଣାଗୁଡ଼ିକ କହିଗଲେ - ପ୍ରମୋଦ ବାବୁ ହତୋତ୍ସାହ ହୋଇ ହୃଦୟରେ ଦମ୍ଭ ବାନ୍ଧି କହି ଉଠିଲେ ଓହୋ ଏହି କଥା - ବୁଝିଲ ମାଷ୍ଟ୍ରେ ଆମର ଏହି ଗାଁ ଲୋକଗୁଡ଼ାକ ଏତେ ଖଳ ପ୍ରକୃତିର ଯେ ତାଙ୍କ ସହିତ ମିଶିବାକୁ ମୁଁ ମୋଟେ ପସନ୍ଦ କରେ ନାହିଁ - ତିଳକୁ ତାଳ କରିବା ସେମାନଙ୍କ ପ୍ରକୃତି । ସେହିସବୁ ଗୁଣ ଜାଣି ମୁଁ ସବୁବେଳେ ବାହାରେ ରହିବାକୁ ପସନ୍ଦ କରେ । ହଁ ମାଷ୍ଟ୍ରେ ବୀଣାକୁ ଡାକିଲେ - ବୀଣା ସାଧୁ ମାଷ୍ଟରଙ୍କ ଡାକରେ ସତେ ଯେପରି ଏକ ଝାଉଁଳା ଲତା ପରି ଆସି ପ୍ରମୋଦ ବାବୁଙ୍କ ସମ୍ମୁଖରେ ଛିଡ଼ା

Digitized by PPRACHIN, SOA

ହେଲା । ପ୍ରମୋଦ ବାବୁ ନିଜ ପାଖରେ ତାକୁ ବସାଇ ଶରଧାରେ କହିଲେ - ଆଲୋ ମାଆ ତୁତ ଶିକ୍ଷିତା - ତୁ ପର କଥା ଶୁଣି ଏମିତି ଅସ୍ଥିର ହେଲେ ଚଳିବ । ଆଜିକାଲିର ଝିଅମାନଙ୍କୁ ଦେଖୁଛୁ ସେମାନେ କିପରି ଫରୁଆଦ୍ । ଆଉ ତୁ ପର କଥାରେ ମନ ଦୁଃଖ କରୁଛୁ । କିଏ କହୁଛି ତୋତେ ସାଧୁ ମାଷ୍ଟ୍ରେ ବାଟରୁ ଆଣିଛନ୍ତି ବୋଲି । ଚାଲିଲୁ ତାକୁ ପଚାରିବା । ଶିକ୍ଷପତି ପ୍ରମୋଦ ବାବୁଙ୍କୁ କିଏବା ନ ଡରେ ଭରଷି କରି ତାଙ୍କ ପଞ୍ଚାୟତର ଲୋକମାନେ କାହିଁକି, ଆଖପାଖର ଲୋକମାନେ ତାଙ୍କୁ ସମସ୍ତେ ଭୟ କରନ୍ତି । ବୀଣାକୁ ପ୍ରମୋଦ ବାବୁ ଏପରି ଭାବରେ ବୁଝେଇ ଦେଲେ ଯେ ବୀଣା ନବୁଝି ଆଉ କଣ ରହିପାରେ । ଗଲୁ ମାଆ ମୋପାଇଁ ଟିକିଏ ଚା' କରି ଆଣିବୁ ।

ବୀଣା ଧିରସ୍ଥିର ଭାବରେ ରୋଷେଇ ଘର ଭିତରକୁ ପଶିଗଲା । ତାପରେ ସାଧୁ ମାଷ୍ଟ୍ରେ କହି ଉଠିଲେ - ମୁଁ କଣ କରିବି ପ୍ରମୋଦ ବାବୁ ? ଏ ଗାଁରେ ମୁଁ ଆଉ ଚଳିପାରିବି ନାହିଁ । ଏହାଛଡ଼ା ବୀଣାର ଶାଶୁଘର ଲୋକେ ଯଦି ପୁଣି ବୀଣା ମନରେ କଷ୍ଟ ଦିଅନ୍ତି, ସେ କଣ ସହିପାରିବ ସେମାନଙ୍କ କଥା । ମୁଁ ତ ତା ଦୁଃଖ ଦେଖି ପାରିବି ନାହିଁ । ବୁଝନ୍ତୁ ଯେ ମାଷ୍ଟ୍ରେ ପ୍ରମୋଦ ପଟ୍ଟନାୟକ ମରି ଯାଇନାହିଁ । ପ୍ରମୋଦ ପଟ୍ଟନାୟକ ବଂଚି ଥିବାଯାଏଁ ବୀଣା ପାଦରେ କଣ୍ଟା ଫୋଡ଼ିହେବାକୁ ଦେବନି । ତାପରେ ବୀଣାଠାରୁ ଚା' ଆଣି ପିଇ ଚାଲିଛନ୍ତି ପ୍ରମୋଦ ବାବୁ - ସବୁ ଠିକ୍ ହୋଇଯିବ ମାଷ୍ଟ୍ରେ । ତୁମର କିଛି ଅସୁବିଧା ହେବନି । ହେଇତ ଆଉ ମାତ୍ର ଅଳ୍ପଦିନ ବାହାଘର ରହିଲା ତେଣୁ ଯେତେ ଶିଘ୍ର ସବୁ ବନ୍ଦୋବସ୍ତ କରିବାକୁ ପଡ଼ିବ ଏଣୁ ଅଯଥା କଥାରେ ମୁଣ୍ଡ ପୁରାଇଲେ କିଛି ଲାଭ ହେବନି । ହଉ ତେବେ ମୁଁ ଆସୁଛି । ପ୍ରମୋଦ ବାବୁ ଗଲାପରେ ସାଧୁ ମାଷ୍ଟ୍ରେଙ୍କ ମନ ଗହୀରରେ ଭାବନାର ଜାଲ ପୁଣି ଅଡୁଆ ହୋଇଗଲା । ପ୍ରମୋଦ ବାବୁଙ୍କର ବୀଣା ପାଇଁ ଏତେ ଦରଦ କାହିଁକି ? କାହିଁ ଆଜି ପର୍ଯ୍ୟନ୍ତ ତ କେହି ହେଲେ ଜଣେ ତାଙ୍କୁ ଭରଷା ଦେଇ ନଥିଲେ । ତେବେ କଣ ପାଇଁ ପ୍ରମୋଦବାବୁ ବୀଣାର ବିବାହ ପାଇଁ ବ୍ୟସ୍ତ ? ଏ କଥା ବୁଝି ନପାରି ଅବୁଝା ପରି ପ୍ରମୋଦବାବୁଙ୍କ ଯିବା ପଥକୁ ଚାହିଁ ରହିଲେ --- ।

(ଛଅ)

ମଧୁପୁର ଗାଁ ଖଣ୍ଡିକ କମ୍ପି ଉଠୁଛି ବର ରୋଷଣୀରେ । ତୋ ତା ବାଣ ସାଙ୍ଗକୁ ଡ୍ରମ ଓ କର୍ଣ୍ଣେଟର ସୁମଧୁର ବିଭିନ୍ନ ସ୍ୱର । ତା ସହିତ ତାଳେ ତାଳେ ନୃତ୍ୟର ଆସର ଜମେଇ ଜମେଇ ବର ଚାଲିଛି ସାଧୁ ମାଷ୍ଟ୍ରେଙ୍କ ଗୃହାଭି ମୁଖେ ।

ଆଜି ବୀଣାର ବାହାଘର । ସାଧୁ ମାଷ୍ଟ୍ରେଙ୍କ ଦାଣ୍ଡ ଦୁଆରେ ବାଜି ଉଠୁଛି ମାଙ୍ଗଳିକ ସାହାନାଇ । ସବୁ ବନ୍ଦୋବସ୍ତ ସରି ଯାଇଥାଏ । ଏହାର ମୁଖ୍ୟ ପୁରୋଧ

Digitized by PPRACHIN, SOA

ନେଇଥାନ୍ତି ଶିକ୍ଷପତି ପ୍ରମୋଦ ପଟ୍ଟନାୟକ । କିପରି ବରଯାତ୍ରୀମାନେ ଖାଇବେ, ତାଙ୍କର ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ସେ ସର୍ବଦା ଜାଗ୍ରତ ଥାଆନ୍ତି । ଏହାଛଡ଼ା ଗ୍ରାମବାସୀମାନେ ସାଧୁ ମାଷ୍ଟ୍ରେଙ୍କୁ ବହୁ ଉତ୍ସାହ ସହକାରେ ସହଯୋଗ କରୁଥାନ୍ତି । ଆସ୍ତେ ଆସ୍ତେ ବର ପାଖେଇ ଆସିଲା ସାଧୁ ମାଷ୍ଟ୍ରେଙ୍କ ଘର ଆଡ଼କୁ । ତାପରେ ନିଜେ ବରଣ କରି ବରକୁ ଘରକୁ ନେଇଆସିଲେ । ଏପରି ଆୟୋଜନ ହୋଇଥାଏ ଯେ ବୀଣାର ବାହା ଘରରେ ସତେ ଯେପରି ଏକ ନୀରବଦ୍ରଷ୍ଟା ଭାବରେ ସାଧୁ ମାଷ୍ଟ୍ରେ ନିଜକୁ ମନେ କରୁଥାନ୍ତି । ସେ କଣ ଏକା ଏତେ ବନ୍ଦୋବସ୍ତ କରିପାରିଥାନ୍ତେ । ସବୁ ଠାକୁରଙ୍କ ବରାଦ । ବରଯାତ୍ରୀମାନଙ୍କୁ ଯଥା ସମ୍ମାନ ପ୍ରଦର୍ଶନ କରାଗଲା - ସେମାନେ ଏକଦମ୍ ଖୁସୀ ---- ।

ଆରମ୍ଭ ହେଲା ବିବାହ ଉତ୍ସବ । ବୀଣା ସାଜିଛି କନିଆ ବେଶ । ଇସ୍ କି ସୁନ୍ଦର ସତେ ? ଯେପରି ସ୍ୱର୍ଗର ଉର୍ବଶୀ ଆସି ସାଧୁ ମାଷ୍ଟ୍ରେଙ୍କ ଝିଅ ହୋଇ କନିଆ ସାଜିଛି । ତାର ରୂପର ମାଧୁରୀ ଏପରି ବିକଶିତ ହୋଇଥାଏ ଯେ ତାକୁ ଯିଏ ଦେଖିଲା ସେ ଘଡ଼ିଏ କାଳ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥାଏ । ସାଧୁ ମାଷ୍ଟ୍ରେ କୌଣସିଥିରେ ଅଭାବ କରି ନଥାନ୍ତି । ଝିଅର ମନକୁ ଚାହିଁ ନିଜ ସ୍ତ୍ରୀର ଥିବା ସବୁ ସୁନା ଗହଣାକୁ ଭାଙ୍ଗି ନୂଆ ରକମର ଗହଣା ବୀଣାପାଇଁ ଗଢ଼ି ଦେଇଥାନ୍ତି । ଏହାଛଡ଼ା ଆଉ ଝିଅ ନେବାରେ ଯାହା ଖର୍ଚ୍ଚ ହେବ ସେଥିପାଇଁ ଦୁଇ ମାଣ ସମ୍ପତ୍ତି ବିକ୍ରୀ କରିଦେଇ ପଚାଶ ହଜାର ଟଙ୍କା ଜ୍ୱାଇଁକୁ ରାସ୍ତା ଖର୍ଚ୍ଚ ଦେଲେ । ଏହାଛଡ଼ା ଅନ୍ୟାନ୍ୟ ଜିନିଷ ଯାହା ଆଜିକାଲି ସାଧାରଣରେ ଚଳିଆସୁଛି- ଫ୍ରିଜ୍, ଗଦ୍‌ରେଜ୍, ଟି.ଭି. ଇତ୍ୟାଦି । ତାଙ୍କ ଇଚ୍ଛା ଝିଅ ଶାଶୁଘରେ ଯେପରି କୌଣସି ନିର୍ଯ୍ୟାତନା ଭୋଗ ନକରୁ । ସାଧୁ ମାଷ୍ଟ୍ରେ ଭଲ ରୂପେ ଜାଣିଛନ୍ତି ଯେ ଆଜିକାଲି ଏହି ଯଉତୁକ ପାଇଁ କେତେ ନିରୀହ ଝିଅ ବଳୀ ପଡୁଛନ୍ତି । ଶାଶୁଘରେ ଝିଅମାନଙ୍କୁ କିରୋସିନ୍ ଢାଳି ପୋଡ଼ି ଦେଉଛନ୍ତି । ତେଣୁ ଏହାଠାରୁ ବଳି ଜଘନ୍ୟ କାଣ୍ଡ ଆଉ କଣ ଅଛି ? ସାଧୁ ମାଷ୍ଟ୍ରେ ପୁଣି ଭାବନ୍ତି ତାଙ୍କର ସିନା ଅଛି ବୋଲି ସେ ଝିଅକୁ ଏତେ ଯଉତୁକ ଦେଲେ, ହେଲେ ଯେଉଁ ପିତା ମାତାଙ୍କର ଏତେକ ଯଉତୁକ ଦବାର କ୍ଷମତା ନାହିଁ - ତାଙ୍କ ଝିଅମାନେ କେତେ ନିର୍ଯ୍ୟାତନା ନ ଭୋଗୁଛନ୍ତି । ତେଣୁ ସବୁଆଡ଼କୁ ଚିନ୍ତା କରନ୍ତି ସାଧୁ ମାଷ୍ଟ୍ରେ । କଣ କରିବେ ଝିଅକୁ ତ କିଛି ଦେବାକୁ ହେବ । ବାହାଘର ଆସି ଅଧା ଅଧି ହୋଇଗଲାଣି - ଖାଲି ବାକିଥାଏ ହାତ ଗଣ୍ଠି । ତାପରେ ବାହାଘର ଶେଷ ହେବ । ଝିଅ ତାଙ୍କର ବିଦାହୋଇ ମଧୁପୁର ଛାଡ଼ି ସୁବର୍ଣ୍ଣପୁରକୁ ବୋହୂ ସାଜି ଚାଲିଯିବ । ଅବଶ୍ୟ କେତେକ ବନ୍ଧୁବାନ୍ଧବ ସାଧୁ ମାଷ୍ଟ୍ରେଙ୍କର ଆସିଥାନ୍ତି - ସେ ଯେପରି ସାଧୁ ମାଷ୍ଟ୍ରେଙ୍କୁ ଦେଖି ଭାବନ୍ତି - ଇଏ ବାବା କି ଲୋକ ହେ - କଣ କହିବ ଏହାଙ୍କୁ - ନିଜ ଝିଅ ନୁହେଁ

Digitized by PPRACHIN, SOA

ପର ଝିଅ ତାକୁ ପୁଣି ଏମିତି ଜାନି ଯଉତୁକ ଦେଇ ବିବାହ କରୁଛନ୍ତି । ଗାଁ ବାଲା କହୁଥାନ୍ତି ଯାହାହେଉ ମଧୁପୁର ଗାଁରେ ଏତେ ଦିନପରେ ମଣିଷ ଗଣ୍ଡାଏ ଶାନ୍ତିରେ ଭୋଜି ଭାତ ପାଇଲା ଖାଇବାକୁ । କିନ୍ତୁ ସାଧୁ ମାଷ୍ଟ୍ରେ ବାଟରୁ ପାଇଆଣି ଝିଅଟାକୁ ମଣିଷ କରି ତାକୁ ପୁଣି ଏତେ ଜାନି ଯଉତୁକ ତା ସାଙ୍ଗକୁ ପୁଣି କଣ୍ଟ୍ରାକ୍ଟର ଜ୍ୱାଇଁ- ଆରେ ଯେଉଁ ଖାଇବା ଭାଇ ମୋ ଜୀବନରେ ଖାଇନଥିଲି- ତାଛଡ଼ା ପ୍ରମୋଦବାବୁ ପୁଣି ମୁଖ୍ୟ ପୁରୋଧା ବୀଣା ବାହାଘରରେ- କାହିଁ ମୁଁ ତ କିଛି ଜାଣି ପାରୁନାହିଁ । ଏକଥା ଶୁଣି ଅନ୍ୟ କେହି କୁହନ୍ତି- ଆରେ ଭାଇ ଆମେ ଚକୁଳି ଖାଇବା ଲୋକ ବିନ୍ଧ ଗଣିବା କାହିଁକି ? ଆମେ ଆସିଲେ ଭୋଜି ଭାତ ଖାଇଲେ ଆମ ଘରକୁ ଆମେ ଯିବା ।

ହଁ ସେତ ପ୍ରତ୍ୟେକ ଗାଁ ଗହଳିର କଥା- ''ଶାଗ ଖିଆକୁ ପେଢଖିଆ ଦେଖିପାରେ ନାହିଁ''- ବୀଣା ବାହାଘରରେ କେତେ ତାଣ୍ଡବ ସୃଷ୍ଟି ହୋଇଥାନ୍ତା- କିନ୍ତୁ ଜଣକ ଯୋଗେ ସବୁ ଯେପରି ଥମ୍‌ଥାମ୍- ଶୂନ୍‌ଶାନ୍- ଏକବାରେ ଶାନ୍ତିପୂର୍ଣ୍ଣ ଭାବରେ ବୀଣାର ବାହାଘର ସରିଯାଇଛି- ଆଉ ସେହି ଜଣକ ହେଲେ ଶିକ୍ଷପତି ପ୍ରମୋଦ ବାବୁ । ବୟସର ଗୁରୁ ଭାରରେ ସେ ଯେପରି ବୀଣା ବାହାଘରରେ ଉତ୍‌ଫୁଲ୍ଲ ବେଶୀ ଦେଖା ଯାଉଥାନ୍ତି । ତାଙ୍କ ଇଚ୍ଛା କଣ- ସେ କଣ ଅତୀତର କୁକର୍ମ ପାଇଁ ପ୍ରାୟଶ୍ଚିତ କରୁଛନ୍ତି- କିଛି ବୁଝା ପଡୁନାହିଁ ସବୁ ଯେପରି ଅବୁଝା- ଅକୁହା ହୋଇ ରହିଯାଉଛି- ଏହାର କୌଣସି ଟେର୍ କିଏ ହେଲେ ପାଉନାହାଁନ୍ତି । ଯାହାକୁ ଗାଁରେ କେବେ ଏତେ ସମୟ ଧରି ଲୋକମାନେ ଦେଖିବାକୁ ପାଆନ୍ତି ନାହିଁ ସେ ଆଜି ଆସି 'ବୀଣା' ବାହାଘରରେ ଏତେ ଆୟୋଜନ କରି କାମତର୍କ କରି ନେଇଯାଉଛନ୍ତି । ଲୋକ ଜାଣିବାରେ ସାଧୁମାଷ୍ଟ୍ରେ ବରକୁ ପଚାଶ ହଜାର ଟଙ୍କା ରାସ୍ତା ଖର୍ଚ୍ଚ ଦେଇଛନ୍ତି- କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ବରର ପିତା ହରେକୃଷ୍ଣ ବାବୁଙ୍କୁ ଆଉ ଦଶହଜାର ଟଙ୍କା ପ୍ରମୋଦ ବାବୁ ଦେଇଛନ୍ତି- ଆଉସବୁବେଳେ କହି ଆସିଛନ୍ତି ହରେକୃଷ୍ଣ ବାବୁଙ୍କୁ ଦେଖନ୍ତୁ- ବୀଣାର ଯେପରି କୌଣସି ଅସୁବିଧା ନ ହୁଏ । ଆପଣ ଯାହା ଚାହିଁଥିଲେ ତା ଠାରୁ ଆପଣଙ୍କୁ ଅଧିକା ଦିଆଗଲା । ପ୍ରମୋଦବାବୁ ଭଲ ରୂପେ ଜାଣନ୍ତି ଆଜିକାଲି ସମାଜର ପରିସ୍ଥିତି କେଉଁ ଆଡ଼କୁ ଗତି କରୁଛି ତେଣୁ କରି ସେ ଆଗରୁ ସତର୍କ ହୋଇ ଯାଇଛନ୍ତି । ଆରେ ଏତେ ସମୟ ସେ କଣ ଭାବୁଛନ୍ତି ବୀଣାର ବିଦା ବିଦି ବେଳ ଯେ ହୋଇଗଲାଣି ।

ବାହାଘର ସରିଯାଇଛି ସତ, ହେଲେ ବୀଣା ମନରେ ସୁଖନାହିଁ- କୋହ ଉପରେ କୋହ ଉଠିଚାଲିଛି ନୟନରୁ ଝରିପଡୁଛି ଅମାନିଆ ଅଶ୍ରୁ । ତା ମନରେ ଗୋଟିଏ କଥା ବୁଢ଼ାବାପାଙ୍କୁ ଛାଡ଼ି ଶାଶୁଘରକୁ ସେ ଚାଲିଯିବ । ତା ବୁଢ଼ାବାପା ଚଳିବେ କେମିତି- ସେ କଣ କରିବ- ବାପାଙ୍କୁ କଣ ସାଙ୍ଗରେ ନେଇଯିବ ? ତାକୁ

Digitized by PPRACHIN, SOA

ଯେ ଏ ଘରର ମୋହ ଭୁଲିଯାଇ ଶାଶୁଘରେ ନୂଆ ସଂସାର କରିବାକୁ ପଡ଼ିବ । ସତେ ଝିଅ ଜନମ କେତେ ଦୟନୀୟ । ଯିଏ ହସିଖେଳି ପିଲାଟି ବେଳୁ ବାପର ଶରଧା ପାଇ ଆସିଥିଲା ଆଜି ସେ ଅନ୍ୟ ଜଣଙ୍କର ହାତ ଧରି ତା ଘରକୁ ଚାଲି ଯାଉଛି । ଏହିପରି ଅନେକ କଥା ଭାବିଚାଲିଛି ବୀଣା- ଏହି ଭାବନାରେ ଗୋଟିଏ ଶିଖା ତାକୁ ଅନେକ ମାତ୍ରାରେ ପ୍ରଭାବ ପକେଇଲା- ତାକୁ ଘେରିଯାଇଛନ୍ତି ତାର ସାଙ୍ଗସାଥିମାନେ ଏହାଛଡ଼ା ଅନେକ ସ୍ତ୍ରୀଲୋକ- କିନ୍ତୁ ତା'ର ମାଆ ଥିଲେ ସେ କେବେ ଖୁସି ହୋଇ ନ ଥାନ୍ତେ । ସେ କଣ ଆଜି ଏମିତି ଏକୁଟିଆ ଘର କଣରେ ବସି ରହିଥାନ୍ତା- ସମସ୍ତେ ଥିଲେ ତା ପାଖରେ କଣ ହେବ- ତା' ମାଆତ ନାହିଁ- ତାକୁ ଯେପରି ସବୁ ଅନ୍ଧାରିଆ ଦେଖାଯାଉଛି- ଘରଟା ଭିତରେ ଅଣନିଃଶ୍ୱାସୀ ହୋଇ ପଡୁଛି ସେ । ଅବଶ୍ୟ ମାଆ ଓ ବାପାର ସ୍ନେହ ମମତା ଦେଇ ବାପାତାର ବଢ଼େଇ ଆଣିଛନ୍ତି- ମାଆକୁ ସେ ଭୁଲି ଯାଇଥିଲା କେବଳ ବାପାଙ୍କ ମୁହଁକୁ ଚାହିଁ । ଠିକ୍ ଯେତେବେଳେ ସାଧୁମାଷ୍ଟ୍ରେ ସେଘରଟା ଭିତରକୁ ପଶିଯାଇଛନ୍ତି ବୀଣାର କୋହ ଫୁଟିଉଠିଲା ଅଧିକମାତ୍ରାରେ ବାପାଙ୍କୁ କୁଣ୍ଢାଇ ପକାଇ ଭେଁ ଭେଁ ହୋଇ ରଡ଼ି ଛାଡ଼ିଲା- ସତେ ସେ ଦୃଶ୍ୟଟି କେତେ କରୁଣାତ୍ମକ- ଝିଅର ସବୁ ସ୍ନେହ ମମତା ତୁଟିଯାଏ ବାପଘରୁ ଗୋଡ଼କାଢ଼ି ଶାଶୁଘରକୁ ଗଲାପରେ । ସାଧୁମାଷ୍ଟ୍ରେ ବି ସମ୍ଭାଳି ହୋଇ ପାରିଲେ ନାହିଁ- କୋହ ଚାପି ଝିଅକୁ ବୁଝେଇବାକୁ ଲାଗିଲେ- ମାଆ ତୁ ଚ୍ଛମା'ବ୍ୟସ୍ତ ହଅନା- ମୁଁ ତୋତେ ଅଳ୍ପଦିନ ଗଲେ ତୋ ଶାଶୁ ଶଶୁରଙ୍କୁ କହି ଘେନି ଆସିବିନି- ବୀଣା ମନ କେଉଁଠୁ ବୁଝିବ- ସେ ଯେ ସବୁ ସରାଗକୁ ଭାଙ୍ଗିଦେଇ ଶାଶୁଘରକୁ ଯିବ- ଗଲେ ଛଅମାସେ କି ବରଷେ- ସେ ଆଉ ଆସିବ ନାଁ ତାର ବାପାଙ୍କୁ ଦେଖିବ- ସେ ତାର ସାଙ୍ଗପିଲାମାନଙ୍କଠାରୁ ଶୁଣିଛି- ଶାଶୁଘରେ କେତେ କଷ୍ଟ- ସତେ ଶାଶୁ ଘର ନୁହେଁ ଗୋଟିଏ ଯମପୁର ।

ବୀଣାର ଭାବନା ମଧ୍ୟରେ କେତେବେଳେ ଯେ କାନ୍ଦି କାନ୍ଦି ବେହୋସ ହୋଇପଡ଼ିଛି ସେ ଜାଣିନାହିଁ । ସାଧୁମାଷ୍ଟ୍ରେଙ୍କୁ କୁଣ୍ଢାଇଧରି ପକାଇଛି- ତାପରେ ତା ମୁହଁରେ ପାଣିଛିଞ୍ଚି ସାଷ୍ଟାଙ୍ଗ ହେଲା- ହେଲେ ମୁହଁରେ ତାର ଗୋଟିଏ ଭାଷା- ମୋ ବାପା- ମୋ ବାପା- ମୋ ବାପା କିପରି ଚଳିବେ ? ତାଙ୍କ ଦେଖା ଶୁଣା କରିବ କିଏ ? ଏହି କରୁଣାତ୍ମକ ପରିବେଶ ଭିତରେ ପଶିଗଲେ ପ୍ରମୋଦ ବାବୁ- ତାଙ୍କ ଆଖିରୁ ଅବଶ୍ୟ ଲୁହ ବୋହିଛି । କିନ୍ତୁ ବାହାରକୁ ଜଣାପଡୁନାହିଁ- ସେ କାନ୍ଦୁଛନ୍ତି ମନେ ମନେ- ସତେ ଯେପରି ତାଙ୍କର ଆଜି କିଛି କିଏ ଚୋରାଇ ନେଉଛି । କିନ୍ତୁ କଣ କରିବେ ଯାହା ପ୍ରଥା ରହିଛି ତାକୁ ଯେ କରିବାକୁ ହେବ । ଏଣୁ କରି ବାପଝିଅ ଦୁଇଟାଙ୍କୁ ଅଲଗା କରି ବୀଣାକୁ ଘେନି ଆସିଲେ କାର୍‌ପାଖକୁ- ସେ ଯେ ତାର

Digitized by PPRACHIN, SOA

ଶାଶୁଘରକୁ ଯିବ- ସେ ବି କେତେ ବୁଝେଇଛନ୍ତି ବୀଣାକୁ । ଆଉ ସେହି ବୁଝେଇବା ଭିତରେ ସତେ ଯେପରି ତାଙ୍କର ଆଉ କିଛି ଅବୁଝା ହୋଇ ରହିଯାଉଛି ସେ ଜାଣିପାରୁ ନାହାଁନ୍ତି । ଅନ୍ୟପଟରେ ସାଧୁମାଷ୍ଟ୍ରେ ସମୁଦି ହରେକୃଷ୍ଣ ବାବୁଙ୍କ ହାଠ ଓଠ ଧରି ଝିଅ କଥା କହିଗଲେ- ଯେପରି ଝିଅ ତାଙ୍କର ଅସୁବିଧା ଭୋଗ ନ କରେ । ହରେକୃଷ୍ଣ ବାବୁବି ସାଧୁମାଷ୍ଟ୍ରେଙ୍କୁ ବୁଝେଇଛନ୍ତି- ସେ ତ ଝିଅ ଜନ୍ମ କରିଛନ୍ତି- ଆଉ ପର ଝିଅଟିକୁ ବୋହୂ କରି ନେଇ- ନିଜ ଝିଅ ପରି ତ ରଖିବାକୁ ହେବ- ସେ କଣ ବୀଣାକୁ କୌଣସି ଅସୁବିଧା ଦେବେ- ହଁ ଏହି ତ ଦୁନିଆର ବଡ଼ କଥା ସବୁଠାରୁ । ଲୋକେ ବାହାଘର ବେଳେ ଗୋଟିଏ କଥା କହିଥାନ୍ତି- ଅଥଚ ପରେ ଅନ୍ୟ ଗୋଟିଏ କଥା ସବୁ ଯେପରି ଓଲଟ ପାଲଟ- ସାଧୁମାଷ୍ଟ୍ରେ ଜ୍ୱାଇଁ ସୀତାକାନ୍ତକୁ ବୁଝେଇ ସୁଝେଇ କେତେ କହିଲେ ''ବାପା- ମୋ ସୁନାଟି ପରା- ମୋ ଝିଅର ଯେପରି କିଛି ଅସୁବିଧା ନ ହୁଏ- ତାକୁ କିଛି କହିବ ନାହିଁ''- ହଁ ସାଧୁମାଷ୍ଟ୍ରେ ଉଭୟ ମାଆ ଆଉ ବାପାର ସ୍ନେହ ମମତା ଦେଇ ସୀତାକାନ୍ତକୁ କହିଲେ- ସବୁ ଭଗବାନଙ୍କର ଇଚ୍ଛା- ବୀଣା ଭାଗ୍ୟରେ ଯାହାଥିବ- କିଏ କଣ ତାହା କହିପାରିବ । ସୀତାକାନ୍ତ ଶଶୁର ସାଧୁମାଷ୍ଟ୍ରେଙ୍କ ମନ କଥା ଅଙ୍ଗେ ଅଙ୍ଗେ ଅନୁଭବ କରି ଯାଇଛନ୍ତି- କି ପ୍ରକାର ଲୋକ- ସତେ ଏ ଦୁନିଆରେ କଣ ଏମିତିଆ ଲୋକ ରହିଛନ୍ତି- ଯିଏ ଆଉ କିଛି ଭାବିଲେ ନାହିଁ- ''କିନ୍ତୁ ବିଦା ହୋଇ ଯିବାବେଳେ ଶଶୁର ସାଧୁମାଷ୍ଟ୍ରେଙ୍କୁ କେତୋଟି କଥା ବୁଝେଇ ଦେଇ କହିଗଲେ- ''ବାପା ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ- ବୀଣାର କୌଣସି ଅସୁବିଧା ହେବନାହିଁ- ମୁଁ ଆଉ ବୀଣା ମଝିରେ ଆସି ଆପଣଙ୍କୁ ଦେଖିଯାଉଥିବୁ'' । ବୁଡ଼ିଯାଉଥିବା ବେଳେ ଗୋଟିଏ ଆସରା ପାଇଲାପରି ତାଙ୍କୁ ଲାଗିଲା- ଲୁହ ପୋଛି ଝିଅ ଓ ଜ୍ୱାଇଁଙ୍କୁ ଆନନ୍ଦରେ ବିଦାୟ ଦେଲେ- ମନେ ମନେ ଠାକୁରଙ୍କୁ ଡ଼ାକି ଆଶୀର୍ବାଦ ଦେଲେ- ''ତୋର ବିବାହିତ ଜୀବନ ମଧୁମୟ ହେଉ ବୀଣା- ମଧୁମୟ ହେଉ'' ।

ଅନ୍ୟ ଜଣେ ମଧ ସମସ୍ତଙ୍କ ଆଗୋଚରରେ କେତେ ପ୍ରାର୍ଥନା ଠାକୁରଙ୍କ ନିକଟରେ-''ବୀଣା ସୁଖରେ ରହୁ- ତାର ଘର ସଂସାର ସୁଖମୟ ହେଉ'' । ଏହି ତ ଦୁନିଆର ନିତି କିଏ ସୁଖରେ ଲୁହ ଗଡ଼ାଉଛି ତ କିଏ ଦୁଃଖରେ ଲୁହ ଗଡ଼ାଉଛି- ସତେ ଯେପରି ସୁଖ ଦୁଃଖର ଫଲୁଆ ଭିତରେ ଲୁହ ରୂପକ ମଣି ଜକ୍ ଜକ୍ ହୋଇ ତାର ଜ୍ୟୋତିକୁ ଆଛାଦିତ କରିଯାଉଛି । ---------

(ସାତ)

ଗୋଟିଏ ପଟରେ ସୁଖର ଜୁଆର ଏବଂ ଅନ୍ୟ ପଟରେ ଦୁଃଖର ବନ୍ୟା । ସୁଖର ଜୁଆର ଉଠୁଛି ସୁବର୍ଣ୍ଣପୁର ଗାଁର ହରେକୃଷ୍ଣବାବୁଙ୍କ ଗୃହରୁ । ନବବଧୂଟିର

Digitized by PPRACHIN, SOA

ଆଗମନରେ ଘର ସାରା ହୋହାଲ୍ଲା- କେତେ କେତେ କୁଣିଆଙ୍କର ଭିଡ଼- ଏତଦ୍ ବ୍ୟତୀତ ନୂଆ ବୋହୂଟିକୁ ଦେଖିବା ପାଇଁ ଗାଁର ଝିଅ, ମାଇପି ଠାରୁ ବୁଢ଼ୀ ପର୍ଯ୍ୟନ୍ତ ସମସ୍ତେ ହରେକୃଷ୍ଣବାବୁଙ୍କ ଘରେ ଭିଡ଼ । ଯିଏ ବୀଣାକୁ ଦେଖୁଛି ସିଏ ଧନ୍ୟ ଧନ୍ୟ କହି ଗୁଡ଼ାଏ ପ୍ରଶଂସା ଢ଼ାଳି ଦେଇଯାଉଛି । ସତରେ ଏତେ ଗୁଡ଼ିଏ ପ୍ରଶଂସାର ପାତ୍ରୀ ଆଜି 'ବୀଣା' ତେବେ ଏ ପ୍ରଶଂସାର ବାହାଦୂରୀ ତାର କଣ ସବୁଦିନେ ରହିବ ? ସେ ଯେ ଶାଶୁ ଘରେ ନୂଆ ବୋହୂ । ତାକୁ କେତେ ଦିନ ଅତି ସଂକୋଚ ସନ୍ତର୍ପଣରେ ଚଳିବାକୁ ପଡ଼ିବ । କଣ କରିବ "ହେ ଭଗବାନ ତୁମେ ମୋର ସାହା"- ମୋର ଯେପରି କେଉଁଠି କିଛି ଭୁଲ୍ ନ ହୁଏ ।

"ବୀଣାର ଆଜି ଚତୁର୍ଥୀ" । ଏହି ଅବସରରେ କେତେ ବନ୍ଧୁବାନ୍ଧବ ତାକୁ ଦେଖିବା ପାଇଁ ଆସିଛନ୍ତି । ଭୋଜିର ଆୟୋଜନ ଧୁମ୍‌ଧାମ୍ ଭାବରେ ଚାଲିଛି । ଶାଶୁ ନଣନ୍ଦଙ୍କର କେତେ ସୁନ୍ଦର ତଥା ମଧୁର ବ୍ୟବହାର ତା ପ୍ରତି । ସେ ଆଜକୁ ଦୁଇଦିନ ହେବ ମଧୁପୁର ଗାଁ ଛାଡ଼ି ସୁବର୍ଣ୍ଣପୁରକୁ ଆସିଲାଣି । ସେ ଗୋଟିଏ ସୁନ୍ଦର ଭାବରେ ସଜାସଜି ହୋଇଥିବା ଘରେ ବସିରହିଛି । ପାଖରେ ନଣନ୍ଦ କେତେପ୍ରକାରେ ତାକୁ ସଜେଇ ଦେଉଛନ୍ତି । ଆଉ ସାହି ପଡ଼ିଶା, ବନ୍ଧୁବାନ୍ଧବରେ ଝିଅବୋହୂମାନେ ତା ପାଖରେ ଭିଡ଼ ଜମେଇଛନ୍ତି । ଗୋଟିଏ ପରେ ଗୋଟିଏ ଆସିଗଦା ହେଉଛି କେତେ କେତେ ଉପହାର । "ତେବେ ଏ ସବୁ କାହା ପାଇଁ"- ବୀଣା ମନେ ମନେ ଭାବିଯାଉଛି ଏହିପରି ଅନେକ କଥା । ହେଲେ ଏହି କଥା ମଧ୍ୟରେ ସେ ଭାବୁଛି ଆଉ ଗୋଟିଏ କଥା- "ବାପା କଣ କରୁଥିବେ- କିପରି ଖାଉଥିବେ- ସେ ଯେ ତାଙ୍କୁ ଛାଡ଼ି ଚାଲିଆସିଲା- ହଠାତ୍ ଚମକି ପଡ଼ିଲା ବୀଣା ନଣନ୍ଦ ମିନତିଙ୍କ ଡ଼ାକରେ- "ଭାଉଜ କଣ ଏତେ ଭାବୁଛ" ? ଆଜକୁ ଦୁଇଦିନ ହେବ ଆସିଲଣି ତୁମ କାନ୍ଦବି ଟିକିଏ ବନ୍ଦ୍ ହେଲାନାହିଁ- ହଁ ସତେତ ବୀଣାର ଆଖିରୁ କେତେବେଳେ ଅଶ୍ରୁ ବୋହି ଚାଲିଛି ସେ ଜାଣେନାହିଁ- କଣ କରିବ ଅମାନିଆ ଅଶ୍ରୁକୁ ସେ କଣ ରୋକି ପାରିବ ? କେମିତି ? କିପରି ? ଯିଏ ଆଜକୁ ଅଠର ଉଣେଇଶିବର୍ଷ ବାପପାଖରେ ଚଳି ବଢ଼ି ଆସିଥିଲା- ତାକୁ ଯେ ଆଜି ସବୁତୁଟାଇ ବାକୁ ପଡ଼ିଲା-- ।

ବୀଣା ଆଣିଥିବା ଜାନି ଯଉତୁକକୁ ସାହିପଡ଼ିଶା ବନ୍ଧୁବାନ୍ଧବମାନେ ଦେଖି ଭୁରି ଭୁରି ପ୍ରଂଶସା କରିବାରେ ଲାଗିପଡ଼ିଛନ୍ତି- ସତେ ମାଆ ନ ଥାଇ ବି ଝିଅକୁ ତାର ବାପ ସବୁ ସଜିଲି କରି ଦେଇଛନ୍ତି- "ହଁ ସାଧୁମାଷ୍ଟ୍ରେ କୌଣସି ଥିରେ ଅଭାବ କରିନାହାନ୍ତି ।" ଯେପରି ଝିଅ ତାଙ୍କର କେଉଁଠି ଖୁଣ୍ଟା ନ ପାଏ । 'ବୀଣା' ପୁଣି ଚମକି ଉଠିଲା- ଆଲୋ,ମିନତି, ବୀଣାକୁ ସରବତ ଗିଲାସେ ଦେଲୁନି- ପିଲାଟାର ତଣ୍ଟି ଶୁଖିଯିବଣି- ଖାଲି ତାକୁ ବୁଣ୍ଡେଇ ପୁଣ୍ଡେଇ ହୋଇ ବସିଥାଅ । ପିଲାଟା ଲାଜରେ

Digitized by PPRACHIN, SOA

କିଛି କହୁନାହିଁ । ନେ ନେଲୁ ତାକୁ ପିଇବାକୁ ଦେ । "ହଁ ଏ ଶାଶୁ ମନ୍ଦାକିନୀଙ୍କର ବୋହୂପ୍ରତି ଭରଧାଭରା ପ୍ରଥମ ମମତାର ଜୁଆର" ! ବୀଣା ଭାବିଲା ତାର ଶାଶୁ ପ୍ରଥମ ପାହାଚରେ ଏତେ ମଧୁର ବ୍ୟବହାର- ପୁଣି ଆଗକୁ ତାର ଜୀବନ ନଈରେ କେତେ କେତେ ଜୁଆର ଆସିବ ହେଲେ ତାର କଣ ଏ ଜୁଆର ବନ୍ୟାରେ ପରିଣତ ହେବନାହିଁତ ? ଛି- ସେ ଏ କଣ ଭାବୁଛି ଭବିଷ୍ୟତ ଚିନ୍ତା କରିବା ପାପହେବ । ନିଜେ ଠିକ୍‌ଥିଲେ ଦୁନିଆ ଠିକ୍ । ତେଣୁ ତାକୁ ସଠିକ୍ ମାର୍ଗରେ ଚଳିବାକୁ ହେବ ।

ବାସର ରାତି । ସ୍ୱାମୀ ସୀତାକାନ୍ତଙ୍କର ସ୍ନେହ ଓ ପ୍ରେମ ବୋଳା କଥାରେ ପାଗେଳି ସାଜିଛି ବୀଣା । ଇସ୍ କେଡ଼େ ସୁନ୍ଦର ସତେ ତାର ସ୍ୱାମୀ । ନିଜ ହାତରେ ପୋଛି ଦେଉଛନ୍ତି ତାର ଅମାନିଆ ଅଶ୍ରୁଧାରକୁ- ଆଉ କହିଛନ୍ତି- ଏମିତି କାନ୍ଦିଲେ ଚଳିବ ବୀଣା- ତୁମେ ଆଉ କଣ ସେହି ଛୋଟ ବେଳର ବୀଣା ହୋଇ ରହିଥିବ । ତୁମେ ଯେ ବର୍ତ୍ତମାନ ମୋର ପତ୍ନୀ- ତୁମକୁ ନେଇ ଦେଖୁଥିବା ମୋର ରଙ୍ଗେଳି ସ୍ୱପ୍ନ କଣ ବ୍ୟର୍ଥ ହୋଇଯିବ । ପ୍ରତ୍ୟେକ ସ୍ୱାମୀ ଚାହେଁ ସ୍ତ୍ରୀପାଖରୁ କିଛି ପାଇବାକୁ- ଯଦି ଏହି ପାଇବା ଭିତରେ କୌଣସି ମତଭେଦ ଦେଖାଯାଏ ତେବେ ସୃଷ୍ଟି ହୁଏ ପରସ୍ପର ମଧ୍ୟରେ ମତାନ୍ତର- ଅଳପରୁ ଆରମ୍ଭ ହୋଇ ଶେଷହୁଏ ବିଭିନ୍ନ ରୂପଧରି । କେତେବେଳେ କଣ ଘଟିବ ତାହା କିଏ କହିପାରିବ ।

ବୀଣା ଭୁଲିଯାଇଛି ତାର ସ୍ୱାମୀଙ୍କୁ ନେଇ- କିନ୍ତୁ ମନେ ପଡ଼ନ୍ତି ତାର ବାପା- ସେତେବେଳେ ଛୁଟିଯାଏ ଦୁଇ ନୟନରୁ ଅବାରିତ ଅଶ୍ରୁ । କେତେଥର ସେ ଲୁଚେଇ ଲୁଚେଇ କାନ୍ଦିଛି ସମସ୍ତଙ୍କର ଅଗୋଚରରେ,ହେଲେ ଶେଷରେ ସେ ଧରାପଡ଼ି ଯାଇଛି । ଏପଟି ସ୍ୱାମୀ ନିକଟରେ ଶୋଇଥିବା ବେଳେ ତକିଆକୁ ମୁହଁ ମାଡ଼ି କାନ୍ଦି ଉଠିଛି ବୀଣା । ସୀତାକାନ୍ତ ଜାଗ୍ରତ ପ୍ରହରୀ ପରି ବୀଣା ଲୁଚେଇ ଲୁଚେଇ କାନ୍ଦୁଥିବାକୁ ଧରିପାରିଛନ୍ତି- କେତେ ବୁଝେଇଛନ୍ତି- ମନବୁଝୁନାହିଁ ବୀଣାର- ସେ କଣ ଅବୁଝା ହୋଇ ରହିଯିବ । ଅବଶ୍ୟ ବୀଣା ମନରେ କେତେ ଆଶା ରଖିଛି- ସ୍ୱାମୀ ତାର ମନକଥା ନିଶ୍ଚୟ ବୁଝିବେ । ସେ ତାଙ୍କୁ କହି ବାପାଙ୍କୁ ଥରେଦେଖିବାକୁ ଯିବ । କିନ୍ତୁ ତାର ଶାଶୁ ଶଶୁର ସେମାନେ ତାକୁ ଛାଡ଼ିଲେ ତ- ସେ ଯେ ଅଳ୍ପଦିନ ହେଲା ଶାଶୁ ଘରକୁ ଆସିଛି । ଅଷ୍ଟମଙ୍ଗଳା ଯାଇନାହିଁ । କଣ କରିବ କେମିତି କହିବ ତା ସ୍ୱାମୀଙ୍କୁ ।

ବୀଣାର ବାସର ରାତି କଟିଛି କିଛି କାନ୍ଦ ଆଉ କିଛି ହସ ଭିତରେ । କିନ୍ତୁ କାନ୍ଦର ପରିମାଣ ଅଧିକା ହୋଇ ଯାଇଛି ହସଠାରୁ । ମନଚାହେଁ ଅନେକ କିଛି- ସେ ଆକାଶରେ ଉଡ଼ନ୍ତା କି ? ଉଡ଼ିପାରିବ ଯଦି ତାର ଦୁଇ ଡ଼େଣା ଲଗାଯାଇ

Digitized by PPRACHIN, SOA

ପାରନ୍ତା । ବୀଣା ଠିକ୍ ଆଜି ଶାଶୁ ଘରେ ଏକ ପଂଝୁରୀରେ ବନ୍ଦୀଥିବା ପକ୍ଷୀ ସାଜିଛି । କେଉଁଠି ହେଲେ ଉଡ଼ି ପାରୁଛି । ତାର ଶାଶୁ ଓ ଶଶୁର ଦୁଇ ଜଣଯାକ ଦୁଇଟି ଢେ଼ଣା । ସେମାନେ ଅନୁମତି ଦେଲେ ସେ ବା ଯାହା କରନ୍ତା- ଆଉ କଣ କରିବ ମଧୁପୁର ଯାଇ ବାପାଙ୍କୁ ଟିକିଏ ଭଲ କରି ଦେଖିଆସନ୍ତା । ନବ ବିବାହିତା ଜୀବନରେ ପ୍ରତ୍ୟେକ ଝିଅ ଶାଶୁଘରେ ବାପଘର କଥା ଚିନ୍ତା କରନ୍ତି- ଏହାତ ସ୍ୱାଭାବିକ- 'ବୀଣା' ପରି କଣ ସମସ୍ତେ ସମାନ ? ବୀଣାର ସୁମଧୁର ବ୍ୟବହାର ରାଗିଣୀ ଶାଶୁ ଘରେ ସମସ୍ତଙ୍କ ମନକୁ କରିଛି ଅତି ଆନନ୍ଦିତ । ସଭିଙ୍କର ମନକୁ ଆସ୍ତେ ଆସ୍ତେ ଛୁଇଁବାରେ ଲାଗିପଡ଼ିଛି ବୀଣା ।

x x x x x x x

ଏହା ଭିତରେ ବୀଣାର ଅଷ୍ଟମଙ୍ଗଳା ସରିଯାଇଛି । ଚତୁର୍ଥୀ ଓ ଅଷ୍ଟମଙ୍ଗଳା ପାଇଁ ଯାହା ବାପଘରୁ ଆସିବା କଥା ସାଧୁମାଷ୍ଟ୍ରେ ସବୁ କିଛି ଆଗତୁରା ବିବାହ ବେଳେ ଦେଇଥିଲେ । ସେ କିଛି ଅତୁଆ ରଖି ନ ଥିଲେ । କାହିଁକି ସେ କାଦୁଅରେ ପଶିବାକୁ ଯିବେ ଯେ ପଛରେ ଗୋଡ଼ ଧୋଇବେ । ସୁବର୍ଣ୍ଣପୁର ଗାଁ କାହିଁକି ଆଖପାଖ ଗାଁର ଲୋକମାନେ ସାଧୁମାଷ୍ଟ୍ରେଙ୍କୁ ବାହାଃ ବାହାଃ ପ୍ରଶଂସା କରୁଛନ୍ତି । ଠିକ୍ ତଦରୂପ ବୀଣା ଶାଶୁ ଓ ଶଶୁରଙ୍କ ମନକୁ ଏକବାରେ ହରିନେଇଛି । ରାନ୍ଧିବା ଠାରୁ ଖାଇବାକୁ ଦେବାଠାରୁ ଏପରିକି ଶାଶୁ ଶଶୁରଙ୍କୁ ଘଷାମୋଡ଼ା କରିବାରେ କୌଣସି ହେଳା କରୁନାହିଁ । ଠିକ୍ ସେହିପରି ନଣନ୍ଦ ମିନତିର ମୁଣ୍ଡ କୁଣ୍ଡାଠାରୁ ଭଲମନ୍ଦ ବୁଝିଯାଉଛି ବୀଣା- ସେଭାବେ ସବୁବେଳେ ମୋତେ କେହି ଭୁଲ୍ ନ ବୁଝନ୍ତୁ । ଦୁଃଖେ ସୁଖେ ଚଳିଯାଉଛି ବୀଣା ତାର ନୂଆ ସଂସାରକୁ ନେଇ । ସଂସାର ତାର ସ୍ୱାମୀ, ଶଶୁର, ଶାଶୁ ଓ ନଣନ୍ଦଙ୍କୁ ନେଇ- ସେ ସବୁ କିଛି ଭୁଲିଯାଉଛି- କେତେବେଳେ ମନେ ପଡ଼ନ୍ତି ବାପା ପୁଣି ମନକୁ ସାନ୍ତ୍ୱନା ଦେଇ ନୀରବ ରୁହେ ।

ସମୟର ରଥଚକ ଗଡ଼ିଯାଉଛି ଘିଡ଼ିଘିଡ଼ି ହୋଇ । କିଏ ବା ଅଟକାଇ ପାରିବ । ଏହିତ ଦୁନିଆର ଏକ ଚରମ ମୁହୂର୍ତ୍ତ । ଦୁଃଖ ଆଉ ସୁଖ, ସୁଖ ଆଉ ଦୁଃଖ ଓଲଟ ପାଲଟ ହୋଇ ଗଡ଼ିଗଡ଼ି ଚାଲୁଛି ଦୁନିଆର ସଡ଼କରେ । କେତେବେଳେ କାହା ଦେହରେ ଧକ୍କା ଦେବ; ତାହା କେହି ଜାଣିପାରନ୍ତି ନାହିଁ । ଭଗବାନଙ୍କ ସୃଷ୍ଟିରେ ମଣିଷ ନିମିତ୍ତ ମାତ୍ର । ସେ ଭଗବାନଙ୍କର ହାତଗଢ଼ା କଣ୍ଢେଇ- ସେ ଯେପରି ଖେଳେଇବେ, ମଣିଷ ସେହିପରି ଖେଳିଯାଇଥିବ । ନିଜ ଇଚ୍ଛା ଶକ୍ତିରେ ଯଦି କାର୍ଯ୍ୟ କରିବା ପାଇଁ ମଣିଷ ତତ୍ପର ହୋଇଉଠେ- ତେବେ ଭଗବାନଙ୍କର ଆଶୀର୍ବାଦ ହିଁ ନିହିତ ଥାଏ । କେତେବେଳେ ଭଲରେ ତ କେତେବେଳେ ମନ୍ଦରେ------- ।

Digitized by PPRACHIN, SOA

(ଆଠ)

ପ୍ରମୋଦବାବୁ ଓ ସାଧୁମାଷ୍ଟ୍ରେ ବୀଣାକୁ ଦେଖିବାପାଇଁ ସୁବର୍ଣ୍ଣପୁରକୁ ଗୋଟିଏ ଆମ୍ବାସାଡ଼ାର କାରରେ ଚାଲିଛନ୍ତି । ସାଧୁମାଷ୍ଟ୍ରେଙ୍କ ମନରେ କେତେ ଆନନ୍ଦ । ସୁବର୍ଣ୍ଣପୁର ଯେତେ ପାଖେଇ ଆସୁଥାଏ ମାଷ୍ଟ୍ରେଙ୍କମନ ସେତେ ଅଧିର ହୋଇ ଉଠୁଥାଏ । ଝିଅ ଆଜକୁ କେତେଦିନ ତାଙ୍କ ଠାରୁ ଅନ୍ତର ହୋଇଗଲାଣି । କଣ କରିବେ ଏହାତ ଚିରାଚରିତ ପ୍ରଥା- ଏହି ପ୍ରଥା କଣ କେବେ କିଏ ଭାଙ୍ଗି ଦେଇପାରେ । ବର୍ତ୍ତମାନ ସାଧୁମାଷ୍ଟ୍ରେଙ୍କ ପୂର୍ଣ୍ଣ ଭରଷା ହୋଇଛନ୍ତି ପ୍ରମୋଦବାବୁ । ବୀଣାତାର ଶାଶୁଘରକୁ ଗଲାଦିନଠୁ ପ୍ରମୋଦବାବୁ ଅଧିକାଂଶ ସମୟ ସାଧୁମାଷ୍ଟରଙ୍କ ସହିତ ଖୁସିଗପ କରି ସମୟତକ କାଟିନେବାରେ ଲାଗିପଡ଼ିଛନ୍ତି । ଏତାଛଡ଼ା ପ୍ରମୋଦବାବୁଙ୍କର ବା କିଏ ଆଉ ଅଛି ଏକ ମାତ୍ର ଝିଅ ଶାନ୍ତି ସେ ତ ଶାଶୁଘରେ- ନିଜ ସ୍ତ୍ରୀ ସେ ତ କେବେଠାରୁ ଆଖି ବୁଜିଲେଣି । ଗାଁରେ ସମ୍ପତ୍ତି ବାଡ଼ି ଆଉ କୋଠା- ଏତଦ୍‌ବ୍ୟତୀତ ଦୁଇ ଚାରିଟା ଚାକର ଓ ପୂଜାରୀ- ସବୁ ତ ପୁରୁଣା ଢ଼ଙ୍ଗରେ ନୂଆ କାଇଦା ଏହିପରି ପ୍ରମୋଦବାବୁଙ୍କ ଚାଲିଚଳନର ରୀତିନୀତି ।

ଯେତେବେଳେ ଡ୍ରାଇଭର୍ ସୁବର୍ଣ୍ଣପୁରର ହରେକୃଷ୍ଣ ଦାସଙ୍କ ଘର ସାମ୍ନାରେ ଗାଡ଼ି ଅଟକାଇ ଦେଇ ଗୋଟିଏ ହର୍ଣ୍ଣ ମାରିଦେଲା- ସତେଯେପରି ଗୋଟିଏ ଆନନ୍ଦର କୋଳାହଳ ହରେକୃଷ୍ଣ ବାବୁଙ୍କ ଘର ଭିତରୁ ବାହାରି ଆସିଲା- କିଏ ଆସିଲେ- ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ ? ହରେକୃଷ୍ଣବାବୁ ଘରଭିତରୁ ଚାଲି ଆସି ପ୍ରମୋଦବାବୁ ଓ ନିଜ ସମୁଦି ସାଧୁମାଷ୍ଟ୍ରେଙ୍କୁ ପାଛୋଟି ନେଇ ଗଲେ ଘରକୁ ।

ବୀଣାକୁ ତାର ନଣନ୍ଦ ମିନତି କହିଦେଲା- ହେ ଭାଉଜ ତୁମ ବାପା ଆସିଛନ୍ତି ? ବୀଣା ହସିବ ନା କାନ୍ଦିବ ଠିକ୍ କରିପାରିଲାନାହିଁ- ଦୁଃଖ କାନ୍ଦଠାରୁ ସୁଖର କାନ୍ଦଟା କେତେଯେ ଭାବ ବିହ୍ୱଳରେ ପୂର୍ଣ୍ଣ ତାହା ଅନୁଭବୀ ହିଁ କେବଳ ଅନୁଭବ କରିପାରେ । ହଁ ଠିକ୍ ସେହିପରି ବୀଣା- ଆଜି ଏହି ମୁହୂର୍ତ୍ତରେ ସେ କଣ ଭାବୁଛି- ବାପା ଆସିଛନ୍ତି ଆଉ ତାଙ୍କ ସଙ୍ଗରେ ପ୍ରମୋଦ ବାବୁ ମଧ୍ୟ ଆସିଛନ୍ତି । ଗୋଟିଏ ଆତ୍ମହରା ମନ ନେଇ ବୀଣା କହିପକାଇଲା ନଣନ୍ଦ ମିନତିକୁ- ହେ ମିନତି ବାପାଙ୍କୁ ଟିକିଏ ଡ଼ାକିଦିଅନ୍ତନି ମୋ ନିକଟକୁ- କଣ କହିଲ ? ଡ଼ାକିଦେବି, କାହିଁ ତୁମେ ଯାଉନ ଦେଖିଆସିବ ଆଉ ଡ଼ାକି ଆଣିବ । ଏକ ଅଡ଼ାଳିଆ ଭଙ୍ଗୀରେ କହିଲା ମିନତି- ଆରେ ଯାଃ ତୁମର ତ ସବୁବେଳେ ସେହି ଅଡ଼ାଳିଆ- ଦେଖିବି ଯେ ତୁମେ ତ ପୁଣି ଦିନେ ଶାଶୁଘରକୁ ଯିବ । ଏକଥା ବୀଣାଠାରୁ ଶୁଣି ଡ଼ିଆଁମାରିଛି ମିନତି ।

Digitized by PPRACHIN, SOA

ହଁ ମିନତି ଭଲପାଏ ବୀଣାକୁ ବୀଣା କଣ ତାର ଖାଲି ଭାଉଜ ହୋଇପାରେ ସେ ମଧ କହିବାକୁ ଗଲେ ନିଜ ମାଆପରି ସ୍ନେହ ମଧ ବୀଣାଠାରୁ ସେ ପାଇଛି- ହେଲେ କୌଣସି ଦିନ ସେ ବୀଣାର କଥାକୁ କାଟି ଦେଇପାରିନାହିଁ । ସତକୁ ସତ ମଉସାଙ୍କ ହାତଧରି ମିନତି ବୀଣାପାଖରେ ସାଧୁମାଷ୍ଟ୍ରେଙ୍କୁ ପହଞ୍ଚାଇ ଦେଲା ଆଉ କହିଲା- ବୁଝିଲ ! ଭାଉଜ ମୋ କାମ ସରିଲା ତୁମେ ଏଥର କଥାବାର୍ତ୍ତା କର ମନ ଭରି ।

ଏହା ଭିତରେ ବୀଣା ବାପାଙ୍କ ପାଦଧୂଳି ମୁଣ୍ଡରେ ମାରି ଅନ୍ତରର କୋହକୁ ଚାପିଲେ ମଧ ସେ ସ୍ୱତଃ ପ୍ରବୃତ୍ତ ହୋଇ ଝରି ଚାଲିଲା କେଉଁଏକ ମନ ସାଗରକୁ । ଶାଶୁ ମନ୍ଦାକିନୀ ସମୁଦିଙ୍କୁ ଦେଖି ବହୁତ ଖୁସି- ହଉ ସମୁଦି କି ଝିଅ ଦେଲ କେଜାଣି ମୋ ପୁଅକୁ, ସବୁ ବେଳେ ତ କାନ୍ଦୁଛି ଆଉ- ହେଇତି ଆଜି ତୁମେ ଆସିଲ ବୋଲି ନୋହିଲେ କାଲିକି ପରଦିନ ତୁମ ଜ୍ୱାଇଁ ଓ ଝିଅ ତୁମକୁ ଦେଖିବା ପାଇଁ ଯାଇଥାନ୍ତେ । ସାଧୁମାଷ୍ଟ୍ରେ ହସି ହସି କହି ପକାଇଲେ ସମୁଦୁଣୀ ତୁମେ ତ ସବୁକଥା ଜାଣିଛ ଆଉ କଣ କହିବି ତୁମେ ତ ତାର ଶାଶୁ ନୁହେଁ ତାର ମାଆ- ମୁଁ ଆଉ ଅଧିକା କଣ କହିବି । ଏହି ସମୟରେ ପ୍ରମୋଦବାବୁ ଓ ହରେକୃଷ୍ଣବାବୁ ବୀଣା ନିକଟକୁ ଆସିଲେ- ବୀଣା ପ୍ରମୋଦବାବୁଙ୍କୁ ପ୍ରଣାମ କଲା- ସତେ ଆଜି କି ଆନନ୍ଦ ଆଲୋ ମାଆ ତୋର ସବୁ ଭଲତ- ବୀଣା ଆଉ କଣ କହିବ ଝାଉଁଳିଆ ଲତା ପରି ସେ ଦେଖାଯାଉଥାଏ । ତରତର ହୋଇ ରୋଷେଇ ଘରକୁ ପଶିଗଲା- ଆରେ ଏକଣ ସବୁ ଯେ ସରିଲାଣି- କୁଆଡ଼େ ଭାଉଜ ଆସିଲ- ତୁମକୁ ଏଠାରେ ଜରୁରତ ନାହିଁ- ମୁଁ ସବୁ କରି ଦେଇଛି- ମାନେ ଏହା ଭିତରେ ମିନତି କୁଣିଆଙ୍କ ଲାଗି ଜଳଖିଆ ପ୍ରସ୍ତୁତ କରିସାରିଛି- ବାକି ରହିଛି ଚା'- ମିନତି ପ୍ରମୋଦବାବୁ ଓ ସାଧୁମାଷ୍ଟ୍ରେଙ୍କ ଲାଗି ଜଳଖିଆ ନେଇ ଦେଇ ଆସିଲା- ସାଧୁମାଷ୍ଟ୍ରେ ଜଳଖିଆ ଦେଖି ତାଜ୍ଜୁବ୍ ଆରେ ଏତେ କମ୍ ସମୟ ମଧରେ ସବୁ ପ୍ରସ୍ତୁତ । ହଁ ସାଧୁମାଷ୍ଟ୍ରେ ଝିଅ ଘରକୁ ଆସିବାବେଳେ ଦୁଇ କିଲୋ ମିଠା ଓ ସେଓକମଳା ଏହିପରି ଅନେକ ଭଲ ଭଲ ଜିନିଷ ଝିଅ ଲାଗି ଆଣିଥିଲେ । ଏହାତ ବିଧି ନୂଆବନ୍ଧୁ କିଛି ନ ନେଇ ଗଲେ ବନ୍ଧୁଘର କଣ ଭାବିବେ ? ମିନତି ପଛରେ ଚା କରି ନେଇ ଦେଲା । ପ୍ରମୋଦବାବୁ ହରେକୃଷ୍ଣବାବୁ ସାଧୁମାଷ୍ଟ୍ରେ ଏକଜୁଟ ହୋଇ ଆନନ୍ଦରେ କେତେ ଖୁସିଗପ ମଧରେ ଚା ଜଳଖିଆର ଆସରଟାକୁ ଜମେଇ ଦେଉଥିଲେ । ମଝିରେ ମଝିରେ ସମୁଦୁଣୀଙ୍କର କେତୋଟି ବାଖ୍ୟାଳାପ- ହଇହେ ସମୁଦି ମୁଁ କଣ କହୁଥିଲି କି ତୁମେ ଯେଉଁ ହାରଟା ଦେଇନଥିଲ ବୀଣାକୁ କାହିଁ ସେ ତ ଭଲ ଡ଼ିଜାଇନ୍ ହେଲାନାହିଁ- ଏଣୁ ମୁଁ କଣ କହୁଥିଲି କି ଯଦି ତାକୁ ଭାଙ୍ଗି - କଥାକୁ ମାଡ଼ିବସି ସାଧୁମାଷ୍ଟ୍ରେ କହି ଉଠିଲେ କଣ କହିଲ ସମୁଦୁଣୀ ତାକୁ ଭାଙ୍ଗି ଆଉ ଥରେ ଗଢ଼ିଦେବି ନାଁ ତାହା ହୋଇ ପାରିବ ନାହିଁ । ମୁଁ ଆଉ ଗୋଟିଏ ନୂଆ

Digitized by PPRACHIN, SOA

ଡ଼ିଜାଇନ୍ ହାର ଗଢ଼ିଦେବି ମୋ ଝିଅ ପାଇଁ । ପ୍ରମୋଦବାବୁ ଏହା ଉପରେ କହିଉଠିଲେ ଆଉ ଡେ଼ରି କାହିଁକି ? ଆଜି ତାହାହେଲେ ବରାଦ ଦେଲେ ଭଲ ହୁଅନ୍ତା । ହଁ ମୁଁ କଣ କହୁଥିଲି କି ଏହି ନିଅନ୍ତୁ ଚାରିହଜାର ଟଙ୍କା ଆପଣ ଆଉ ଗୋଟିଏ ନୂଆ ହାର ବୋହୂ ପାଇଁ ଗଢ଼ାଇ ଦେବେ- ସମ୍ଭୁଦ୍ଦଣୀ । ମନ୍ଦାକିନୀ କିଛି ବୁଝି ପାରିଲେନି । କଣ ଏ ଲୋକ- ସାଧୁମାଷ୍ଟ୍ରେଙ୍କୁ ଆଖି ଠାରିଦେଲେ ପ୍ରମୋଦବାବୁ ଚୁପ୍ ରହିବା ପାଇଁ । ସେ ସବୁବେଳେ ଚାହାନ୍ତି ବୀଣାର କୌଣସି ଅସୁବିଧା ନ ହେଉ- ତେଣୁ ବୀଣାଲାଗି ସବୁବେଳେ ସଜାଗ୍ ଥାଆନ୍ତି ପ୍ରମୋଦବାବୁ ? ଆଉ ସାଧୁମାଷ୍ଟ୍ରେ ପ୍ରମୋଦବାବୁଙ୍କ ସଂସ୍ପର୍ଶରେ ଆସି ସେ ଯେ ନୀରବ ଦ୍ରଷ୍ଟା ।

ବୀଣା ଏକଥା ଶୁଣି ବହୁତ ମନଦୁଃଖ କଲା- ଶାଶୁ କାହିଁକି ଏତେ ବ୍ୟଗ୍ର ତାର ହାର ଲାଗି । କଣ ତାର ହାରଟା ଖରାପ ହୋଇଛି ଆଜିକାଲି ଭଳି ନୂଆ ଡ଼ିଜାଇନ୍‌ରେ ତ ଗଢ଼ା । ଆଉ କଣ କହିବ- ସମସ୍ତେ ଗଲାପରେ ବାପଝିଅ ଦୁହେଁ ଟିକିଏ ମନଖୋଲି ଗପସପ ହେଲେ- ବୁଝିଲ ବାପା ତୁମେ ପୁଣି ଚାରିହଜାର ବଢ଼େଇ ଦେଲ- କହିଲ ଏତେଟଙ୍କା ଖର୍ଚ୍ଚ କରି ମୋତେ ବାହାଦେଲ- ପୁଣି ଚାରିହଜାର- ସାଧୁମାଷ୍ଟ୍ରେ କଣ କହିବେ- ଆଖିରୁ ବୋହିଗଲା କେଇଧାର ଲୁହ । ମାଆ ମୁଁ ତୋତେ କଣ ଦେଉଛି ଦେଲା ବାଲା ଜଣେ ସେହି ପ୍ରମୋଦ ବାବୁ । ସାଙ୍ଗେ ସାଙ୍ଗେ ତୋ ଶାଶୁ କହିବା ଅନୁସାରେ ଚାରିହଜାର ଟଙ୍କା କାଢ଼ି ଦେଲେ- ଏହିପରି କେତେ କଥା ବାପ ଝିଅ ଦୁହେଁ ମନ ଖୋଲି ହେଲେ- ତାପରେ ସାଧୁମାଷ୍ଟ୍ରେ ଝିଅହାତକୁ ଦୁଇଶହ ଟଙ୍କା କାଢ଼ି ଦେଲେ ମାଆ ତୁ ପାଖରେ ରଖିଥା କେତେବେଳେ କାମରେ ଆସିବ । ଆଲୋ ମାଆ ସୀତାକାନ୍ତ କଣ କଟକରୁ ଆସିନାହାନ୍ତି ନାଁ କଣ- ନାହିଁ ବାପା ସେ ତ ଦୁଇଦିନ ହେଲା ଗଲେଣି କଟକରେ ରିଙ୍ଗ୍‌ବନ୍ଧ ହେଉଛି ଯେ ସେ ତ ଏକକୋଟି ଟଙ୍କାର କାମ ଧରିଛନ୍ତି- ତେଣୁ ସେଥିପାଇଁ ବ୍ୟସ୍ତ । ହଉ ମାଆ ତାଙ୍କୁ ଟିକିଏ ବୁଝାଉଥିବୁ ଭାବିଚିନ୍ତି ସବୁ ଆଡ଼କୁ ନଜର କରି କାମ କରି ଯାଉଥିବ । କେତେବେଳେ କେଉଁ କଥା- ହଉ ମାଆ ମୁଁ ଆସୁଛି- ତୋ ଶାଶୁଙ୍କୁ କହିଛି ତୋତେ ଦୁଇଚାରିଦିନ ଆମ ଘରକୁ ପଠେଇବେ ହଁ ସୀତାକାନ୍ତକୁ ନେଇକରି ଯିବୁ ।

ବାପାଙ୍କୁ ପାଖରେ ପାଇ ବୀଣା ଭୁଲି ଯାଇଥିଲା ସବୁକିଛି, ଆଉ ଯେତେବେଳେ ବାପା ତାର ଘରକୁ ଫେରିଯିବା କଥା ଶୁଣିଲା ସେତେବେଳେ କାନ୍ଦିବା ଆରମ୍ଭ କରିଦେଲା ସତେ ଯେପରି ଛୋଟ ପିଲାଙ୍କ ଭଳି- କିନ୍ତୁ ପ୍ରମୋଦବାବୁ ଘରକୁ ପଶି ଆସି ଝିଅକୁ ବୁଝାଇବାକୁ ଲାଗିଲେ- ସତେ ଏ ଦୁନିଆରେ କଣ କାହା ପାଇଁ କିଏ କାନ୍ଦୁଛି- ବୀଣା କାନ୍ଦିବା ଭିତରେ ଭାବୁଛି ପ୍ରମୋଦବାବୁଙ୍କ ବ୍ୟକ୍ତିତ୍ୱକୁ ନେଇ- ସେ ତାଙ୍କ ପାଇଁ ଏତେ ବ୍ୟଗ୍ର କାହିଁକି ? ପ୍ରମୋଦ ବାବୁ ଓ ସାଧୁମାଷ୍ଟ୍ରେ

Digitized by PPRACHIN, SOA

ଫେରିଆସିଲେ ମଧୁପୁରକୁ । ହରେକୃଷ୍ଣ ବାବୁଙ୍କୁ ସବୁକଥା କହିଲେ ଯାହା କହିବାର କଥା ଆଉ ମନ୍ଦାକିନୀ ଦେବୀଙ୍କୁ । ସାଧୁମାଷ୍ଟ୍ରେ ପ୍ରମୋଦ ବାବୁଙ୍କୁ ପଚାରିଲେ- ଆପଣ ଏ କଣ କଲେ ଚାରିହଜାର ଟଙ୍କା ?- କଥା ଛଡ଼େଇ ନେଇ ପ୍ରମୋଦ ବାବୁ କହି ଉଠିଲେ- ମୁଁ ସବୁ ଜାଣେ,ମନ୍ଦାକିନୀ ଦେବୀଙ୍କର ପ୍ରକୃତି କିପରି ତେଣୁ ମୁଁ ଆଗରୁ ହୁସିଆର ହୋଇ ଯାଇଥିଲି- ଆପଣ ବ୍ୟସ୍ତ ହୁଅନ୍ତୁନି ? ବୀଣା କଣ ଆପଣଙ୍କ ଝିଅ ମୋର କଣ ସେ କେହି ନୁହେଁ ? ଏ ତ ମହାଅଡୁଆ ବ୍ୟାପାର ସାଧୁମାଷ୍ଟ୍ରେ ଆଉ କିଛି ପ୍ରଶ୍ନ ପଚାରିବା ପୂର୍ବରୁ ତାଙ୍କ ଘର ପାଖରେ ଓହ୍ଲେଇ ଦେଇ ପ୍ରମୋଦ ବାବୁ ନିଜ ଘରକୁ ଫେରିଗଲେ ।

(ନଅ)

କଣ୍ଟ୍ରାକ୍ଟର ସୀତାକାନ୍ତ ଦାସ- ଜଣେ ନାମଜାଦା ବ୍ୟକ୍ତି ଭାବରେ କଟକ ସହରର କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ନିକଟରେ ସୁପରିଚିତ । ସେ ଜଣେ 'ଏ' କ୍ଲାସ୍ କଣ୍ଟ୍ରାକ୍ଟର । ତାଙ୍କ ତତ୍ତ୍ୱାବଧାନରେ କେତେ କେତେ ଛୋଟ ଛୋଟ କଣ୍ଟ୍ରାକ୍ଟରମାନେ କାର୍ଯ୍ୟ କରୁଛନ୍ତି । କହିବାକୁ ଗଲେ ସୀତାକାନ୍ତ ଯେପରି ସଚ୍ଚୋଟ ସେ ପରି ସହନଶୀଳ ଗୁଣ ଯୋଗୁଁ ସେ ସୁପରିଚିତ । ହେଲେ ବେଳେବେଳେ ତାଙ୍କ ମୁଣ୍ଡକୁ ଶୋଷିଦିଏ 'ଟଙ୍କା'- ହଁ ଏଇ ଟଙ୍କା ପାଇଁ ମଣିଷ ପାଗଳ ହେଉଛି- ଦାଣ୍ଡର ଭିକାରୀ ସାଜୁଛି- ଆଉ ଏହି ଟଙ୍କା ପାଇଁ କିଏ ହୋଇଛି ଲକ୍ଷପତି, କୋଟିପତି- କିନ୍ତୁ ଏ ଟଙ୍କା କଣ କେବେ ମଣିଷର ଚିରଦିନର ସାଥି ହୋଇପାରେ- ସାଥି ହେଉଛି ସ୍ନେହ ଓ ମମତା- ଏଇ ଟିକକ ଲାଗି ଦୁନିଆ ବଂଚିଛି । ଯଦି କେବେ ଏହି ଟିକକ ମଣିଷ ମନ ମଧ୍ୟରୁ ଦୂରେଇ ହୋଇଯାଏ ତେବେ- ଏ ସମାଜ- ଏ ଦୁନିଆଟା ହତଶିରୀ ହୋଇପଡ଼ିବ- ସବୁ ଯେପରି କୁହୁକର ଇଙ୍ଗିତରେ ଚଳପ୍ରଚଳିତ । ସତେ ଭାବି ହୁଏନା ଏ ଦୁନିଆଟା କଣ ? ଆଉ ସୀତାକାନ୍ତ କଣ କେବେ ଏହାଠାରୁ ଦୂରେଇ ଯିବେ । ଯେବେ ବିଲ୍ ହେବାଟା ଡ଼େରି ହୋଇଯାଏ ସେ ନ ଖାଇ ନ ପିଇ ପାଗଳ ପରି ବୁଲୁଥାନ୍ତି- ତାଙ୍କ ମନ ମଧ୍ୟରେ ଦେଖାଦିଏ କେତେ କେତେ ଭାବନା- ଏ ଭାବନା ତାଙ୍କ ପାଇଁ ନୁହେଁ ଆଉ ଜଣକ ପାଇଁ- ହଁ ସେ ଯେ ବିବାହିତ ଯାହାକୁ ନିଜ ସ୍ତ୍ରୀର ଅଧିକାର ଦେଇ ଘରକୁ ଆଣିଥିଲେ ସେ ଯେ ବର୍ତ୍ତମାନ ଗାଁରେ ତେବେ ଅସୁବିଧା ରହିଲା କେଉଁଠି- ତେବେ ପୁଣି କାହିଁକି ମନ ମଧ୍ୟରେ ପ୍ରଶ୍ନ ? ପାରିହେବ ନାହିଁ ଏ ମଣିଷ ମାନଙ୍କୁ । ବହୁତ ଟଙ୍କା ଖର୍ଚ୍ଚ କରି ସେ କାମ କରୁଛନ୍ତି- ହେଲେ ବିଲ୍ ପାଇବାକୁ ଏତେ ଡ଼େରି କାହିଁକି ? ଆଜକୁ ଦୁଇମାସ ହେବ ସେ ଗାଁକୁ ଯାଇନାହାଁନ୍ତି କଣ କରିବେ ଯଦି ଏପଟେ କାମତକ ତଦାରଖ ନ କରନ୍ତି ତେବେ ସବୁ ଯେ ଭଣ୍ଡୁର

Digitized by PPRACHIN, SOA

ହୋଇଯିବ । ବର୍ତ୍ତମାନ ସେ ଯେଉଁ ରିଙ୍ଗ୍ ବନ୍ଧ କାଠଯୋଡ଼ି ନଦୀରେ କରୁଛନ୍ତି ତାହା ସରକାରଙ୍କ ମନକୁ ଯାଉନାହିଁ- କହୁଛନ୍ତି ଏହା ଆଉ ଥରେ ନୂଆ କରାଯାଉ- ଯନ୍ତ୍ରୀ କହୁଛନ୍ତି ଭଲଭାବେ ସିମେଣ୍ଟ ଦିଆଯାଉ- ଏପଟେ ଲେବର୍‌ମାନେ ମଜୁରୀ ବଢ଼ାଇବାକୁ ଜିଦିଧରି ବସିଲେଣି- ସେ କଣ କରିବେ ? ତେବେ କାମଟିକୁ ଅଧାଅଧି ଛାଡ଼ିଦେଇ ଘରକୁ ଫେରି ଯିବେ ନାଁ କଣ ? ନାଁ- ସେ ଯେ ହତାଶ ହୋଇ ପଡ଼ିବେ । ପାଞ୍ଚଲକ୍ଷ ଟଙ୍କାର କାମ କଲେଣି କିନ୍ତୁ ଗୋଟିଏ ପଇସାର ବିଲ୍ ସେ ପାଇଲେ ନାହିଁ- କଣ କରିବେ- ଏହିପରି ଅନେକ ଚିନ୍ତା ସୀତାକାନ୍ତଙ୍କ ମନରେ- ତେବେ ବର୍ତ୍ତମାନ ତାଙ୍କର ଦରକାର ଟଙ୍କା- କାହାକୁ କହିବେ- କଣ ଘରୁ ଆଣିବେ । କିନ୍ତୁ ଏତେ ଟଙ୍କା ଘରେ ଆସିବ କୁଆଡୁ ? ସେ ଯେ ନିରୁପାୟ- ଯଦି ଟଙ୍କା ନ ଆସେ ତେବେ କାମ ବନ୍ଦ୍ । ଆଉ ଯଦି କାମ ବନ୍ଦ ହୋଇଯାଏ ତେବେ ତାଙ୍କୁ ନିରାଶରେ ଘରକୁ ଫେରିଯିବାକୁ ହେବ- କଣ କରିବେ- ସେ ଯେ କିଛି ଠିକ୍ କରିପାରୁନାହାନ୍ତି- ହଁ ମନ୍ତ୍ରୀଙ୍କୁ କେତେ ନେହୁରା ହୋଇ କହିଥିଲେ ବିଲ୍‌ଟା ଶିଘ୍ର ମଂଜୁରୀ କରିବା ପାଇଁ କିନ୍ତୁ ସେ ଯେ ଶୁଣିଲେ ନାହିଁ । ଏପରିକି ମୁଖ୍ୟଯନ୍ତ୍ରୀଙ୍କୁ ଦୁଇ ଚାରିଥର କହିଲେ- କିନ୍ତୁ କିଏ କଥା ରଖିଲେ ନାହିଁ । ତେବେ ଉପାୟ ହଁ ଉପାୟ ସେ ଯାଇ କଲେକ୍ଟରଙ୍କୁ ଦେଖାକରିବେ- ଯଦି ସେ ତାଙ୍କ ଗୁହାରି ଶୁଣିପାରନ୍ତି- କେବଳ ଗୁହାରି ଆଜି କାଲି କିଛି କୌଣସି କ୍ଷେତ୍ରରେ କାମ କରୁନାହିଁ । ତେଣୁ ପ୍ରତ୍ୟେକ ମୁହୂର୍ତ୍ତରେ କାର୍ଯ୍ୟ କରିବାକୁ ଗଲେ ତଥା କୌଣସି ଲୋକଠାରୁ କିଛି କାର୍ଯ୍ୟ ହାସଲ କରିବାକୁ ହେଲେ ଦରକାର- ଟଙ୍କା- ଟଙ୍କା- ଟଙ୍କା । ଏହି ଟଙ୍କା ମଣିଷକୁ କରେ ତାର ମୁହଁବଙ୍କା । ତେବେ ସୀତାକାନ୍ତ କଣ କଲେକ୍ଟରଙ୍କୁ କିଛି ଲାଞ୍ଚ ଦେବ ?- ତା ଛଡ଼ା କିପରି ସେ ଏତେବଡ଼ ସାହାସ କରିବ ? ନାଁ- ନାଁ ସେ ପାରିବ ନାହିଁ ବରଂ ଆଉ କୌଣସି ଉପାୟରେ ଯଦି କାମଟି ହାସଲ ହୋଇପାରନ୍ତା ତେବେ ତାର ଆଉ କୌଣସି ଭାବନା ନ ଥାନ୍ତା ?

ଦୁନିଆ ଗତି କରୁଛି ବହୁ ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇ । ପ୍ରତିକ୍ଷଣରେ ସେ କ୍ଷତବିକ୍ଷତ ହୋଇ ପଡୁଛି- ତେବେ ତାର ଏହି କ୍ଷତର ଦାଗ କଣ କେବେ ଭଲ ହେବନାହିଁ- ତେବେ ଉପାୟ ? ଉପାୟ ହିଁ ଆପେ ଆପେ ଚାଲିଆସେ କେବଳ ମୁଣ୍ଡରେ ଗଣ୍ଡିଏ ବୁଦ୍ଧି ଥିଲେ- ଏହି ବୁଦ୍ଧି ବଳରେ ମଣିଷ ଆଜି ଚନ୍ଦ୍ରଲୋକରେ ବାସ କରିବାକୁ ଗଲାଣି- ଦିନକୁ ଦିନ କେତେକେତେ ନୂତନଦ୍ରବ୍ୟର ଉଦ୍ଭାବକ ଏହି ମଣିଷ- କେବଳ ନିଜ ମୁଣ୍ଡର ବୁଦ୍ଧି ଖଟାଇ ସେ କରିପାରୁଛି । ଯଦି ଏହି ବୁଦ୍ଧି ଖଣ୍ଡିକ ମୁଣ୍ଡ ଭିତରେ ନ ରୁହେ ତେବେ ସବୁ ଅସାର- ଅପଦାର୍ଥ ହୋଇ ପଡ଼ିବ- କୌଣସି କାର୍ଯ୍ୟରେ ସହାୟତ ହୋଇ ପାରିବ ନାହିଁ । ମଣିଷ ଭାବୁଛି ତାର ଭାବନାକୁ ଠିକ୍ ଭାବରେ ବିନିଯୋଗ କରିବାକୁ ଚେଷ୍ଟା ଚଳାଉଛି- କିନ୍ତୁ ପାରୁନାହିଁ ସବୁଗୁଡ଼ିକୁ

Digitized by PPRACHIN, SOA

ଉପଯୁକ୍ତ ମାର୍ଗରେ ଚଳେଇ ନେବାକୁ ।(କଣ କରିବ- ଆଜି କାଲିକାର ସବୁ ଭେଜାଲ ହିଁ ମଣିଷକୁ ସଜେଇଛି ଭେଜାଲ- ମଣିଷର ବୁଦ୍ଧି ହଜି ଯାଉଛି । ମୁଣ୍ଡରେ ଅଛି ଖାଲି ଫମ୍ପା ହାଲୁକା ନିରସିଆ ଭାବ - ସେ ଭାବ ଅନାବିଳ ନୁହେଁ- ଆବିଳତାରେ ପରିପୂର୍ଣ୍ଣ ।) ତେଣୁ ,ଶତଚେଷ୍ଟା କଲେ ମଧ ଗୋଟିଏ ଚେଷ୍ଟାରେ ଅଗ୍ରସର ହେବାକୁ ଇଚ୍ଛା ହେଉଛି । ଆଉ ବାକି ଅନେଶ୍ୱତ ଭାଗ ଚେଷ୍ଟାକୁ କିଏ ଯେପରି ପଛକୁ ଟାଣି ଧରୁଛି- ସେ ଜାଣି ପାରୁନାହିଁ । ଭାବି ପାରୁନାହିଁ- ଭାବିବାର ଶକ୍ତି ସତେ କି କିଏ ହରି ନେଉଛି- ବିବେକ ବୋଲି ମଣିଷର ଯେଉଁ ଟିକକ ଆଜିକାଲି ଦୁନିଆରେ ରହିବା ଦରକାର ସେତିକି ମଧ ଚନ୍ଦନ କାଠ ପରି ଘୋରି ହୋଇ ଯାଉଛି । ବଂଚିବା ପାଇଁ ଯେଉଁ ଟିକିଏ ସ୍ନେହ ଆଉ ସରାଗ ଦରକାର ତାହା ବି ଲୋପ ହେବାକୁ ବସିଲାଣି । ମଣିଷ ସାଜୁଛି ମଣିଷର ଶତ୍ରୁ । ଏ ଶତ୍ରୁ ପରଲାଗି ନୁହେଁ, ନିଜଲାଗି । ନିଜକୁ ଶେଷ କରି ଦେବାକୁ ମଣିଷ ସାଜୁଛି ଅନ୍ୟର ଶତୃ- କାହାକୁ ଦେଖି ସହି ପାରୁନାହିଁ- କାହା ଦୁଃଖରେ ଦୁଃଖୀ ସାଜୁନି- ବରଂ ସୁଖରେ ଭାଗୀ ହେବାକୁ ଆସି ଧ୍ୱଂସ କରିବାକୁ ଲାଗି ପଡୁଛି । ନେଉଟିଆ ଶାଗ କାଟି ଖାଇଲେ ସିନା ହେବ ହେଲେ ଓପାଡ଼ି ଦେଲେ ମୂଳକୁ ଯିବଯେ । ଏକଥା ପଦଟିକୁ କିଏ କଣ ବର୍ତ୍ତମାନ ଯୁଗରେ ନିଘା ଦେଉଛନ୍ତି- ନାଁ- ସମସ୍ତେ ଧାଉଁଛନ୍ତି ଗୋଟିଏ ପଛରେ- ଟଙ୍କା- କେବଳ ଟଙ୍କା ଲାଗି----।

(ଦଶ)

ରାଜେଶ୍ ରତନ୍ କାନୁନ୍‌ଗୋ ବର୍ତ୍ତମାନ କଟକ ଜିଲ୍ଲାରେ କଲେକ୍ଟର । ନିଜ ଜୀବନର ଚାକିରୀ କାଳ ମଧରେ ନିଜକୁ ଜଣେ ଉତ୍ତମ ଶାସନାଧୀଶ ଭାବରେ କଟକ ଜିଲ୍ଲା କାହିଁକି ଓଡ଼ିଶାର କେତେକ ଜିଲ୍ଲା ମାନଙ୍କରେ ସେ ଭଲ ଭାବେ ସୁପରିଚିତ କରାଇପାରିଛନ୍ତି। ନ୍ୟାୟ ହିଁ ତାଙ୍କ ଜୀବନର ଏକମାତ୍ର ବ୍ରତ । ସେ ଅନ୍ୟାୟ ବିରୁଦ୍ଧରେ ଅନେକ ବାର ସ୍ୱର ଉତ୍ତୋଳନ କରି ଚାଲିଛନ୍ତି । ନ୍ୟାୟକୁ ଜୀବନର ଉତ୍ତମ ମାନଦଣ୍ଡ ରୂପେ ସେ ଭଲ ଭାବେ ପ୍ରୟୋଗ କରିଛନ୍ତି । ଠିକ୍ ସେହିପରି ତାଙ୍କ ସ୍ତ୍ରୀ ଶାନ୍ତିଲତାଙ୍କୁ ମଧ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଚେତେଇ ଦେଇଛନ୍ତି । ଆଉ ତାଙ୍କ ପିଲାମାନେ ମଧ ଠିକ୍ ପିତାମାତାଙ୍କ ପଦାଙ୍କ ଅନୁଶରଣ କରି ଚାଲିଛନ୍ତି । ବର୍ତ୍ତମାନ ସମାଜରେ ଦେଖା ଦେଇଥିବା ଯଉତୁକ ବିରୋଧରେ ଏକ ପ୍ରଧାନ ସ୍ୱର ଉତ୍ତୋଳନକାରୀ ଶାନ୍ତିଲତା ପ୍ରଧାନନାୟିକା ଭାବରେ ସୁପରିଚିତ । ଦୈନିକ ଖବରକାଗଜ ତଥା କେତେକ ମାଗାଜିନ୍‌ରେ ତାଙ୍କର ଉଚ୍ଚକୋଟୀର ଯଉତୁକ ବିରୋଧୀ ଲେଖାମାନ ପ୍ରକାଶ ପାଉଛି । ଆଉ ଏ ଦିଗରେ ଖୋରାକ୍ ଯୋଗାଇବାରେ ଲାଗିପଡ଼ିଛନ୍ତି ତାଙ୍କର ସ୍ୱାମୀ ।

Digitized by PPRACHIN, SOA

ଶାନ୍ତିଲତା ଗୃହକାର୍ଯ୍ୟରେ ବ୍ୟସ୍ତ । ଅବଶ୍ୟ ସରକାରଙ୍କ ତରଫରୁ ଦୁଇ ଦୁଇଟା ପୂଜାରୀ ଚାକର ମିଳିଥିଲେ ସୁଦ୍ଧା ତାଙ୍କୁ ବିଶେଷ କିଛି କରିବାକୁ ନ ଦେଇ ଶାନ୍ତିଲତା ଲାଗିପଡ଼ିଛନ୍ତି ରୋଷେଇ କାର୍ଯ୍ୟରେ । ସ୍ୱାମୀ ଅଫିସ୍ ଯିବେ ପିଲାମାନେ କିଏ ସ୍କୁଲ ଯିବେ କିଏ କଲେଜ ଯିବ- ନିଜେ ଯଦି ଯତ୍ନ ନ ନେବେ ତେବେ କିଏ ବୁଝିବ- କେତେ ବା ଚାକର ପୂଜାରୀଙ୍କ ଉପରେ ନିର୍ଭର କରିବେ । ଠିକ୍ ଏତିକି ବେଳରେ କଲିଙ୍ଗ୍ ବେଲ୍‌ଟା ବାଜି ଉଠିଲା------- । କିଏ ? ରୋଷେଇ ଘରୁ ଡ଼ାକ ଛାଡ଼ି ଦାଣ୍ଡକୁ ଚାଲିଗଲେ ଶାନ୍ତିଲତା- ସେତେବେଳକୁ ସମୟ ସକାଳ ଆଠଟା- ସ୍ୱାମୀ ଗାଧୋଇ ଯାଇଛନ୍ତି । ମ୍ୟାଡ଼ାମ୍ ନମସ୍କାର- । ନମସ୍କାର କହିଲେ ଶାନ୍ତିଲତା- ବାବୁ ଅଛନ୍ତି- ହଁ ଆପଣ ଏ ଘରେ ଆସି ବସିଥାନ୍ତୁ ମୁଁ ଡ଼ାକି ଦେଉଛି । ଘର ଭିତରକୁ ପଶିଆସିଲେ ଶାନ୍ତିଲତା । କୁକୁରଟା ଅଚିହ୍ନା ଲୋକଙ୍କୁ ଦେଖିଲେ ଭୁକି ଉଠେ । ଅବଶ୍ୟ କୁକୁରଟାକୁ ଚାକର ବାହାରକୁ ବୁଲେଇବାକୁ ନେଇ ଯାଇଥିଲା । କୁକୁର ଥିଲେ ଭଦ୍ରଲୋକଙ୍କୁ କଲିଙ୍ଗ୍ ବେଲ୍ ବଜାଇବାକୁ ପଡ଼େନାହିଁ । କି ଚାକର ଥିଲେ ଶାନ୍ତିଲତାଙ୍କୁ ରୋଷେଇ ଘରୁ ଆସିବାକୁ ପଡ଼ି ନ ଥାନ୍ତା ।

କଲେକ୍ଟର ଗେଷ୍ଟରୁମ୍‌କୁ ପଶିଆସିଲେ । ଉଠିପଡ଼ି ସାର୍ ନମସ୍କାର । ନମସ୍କାର । ବସ ବସ- କେଉଁଠୁ ଆସିଲ ବାପା । ତୁମ ନାଆଁ କଣ ? କଣ କରୁଛ- ଏକା ସ୍ୱରରେ ପଚାରିଗଲେ ରାଜେଶ୍‌ବାବୁ । ସ୍ତ୍ରୀଙ୍କଠାରୁ ଖବର ପାଇ ମୁଣ୍ଡଟାକୁ ଖାଲି କୁଣ୍ଡାଇ ଚାଲିଆସିଲେ । କାରଣ ସେ ସବୁବେଳେ ଚିନ୍ତାକରନ୍ତି ଯେ ଅକାରଣରେ ଜଣେ ଭଦ୍ରଲୋକଙ୍କୁ ଗେଷ୍ଟରୁମ୍‌ରେ ଏତେ ସମୟ ବସାଇବାଟା ଭଲ ନୁହେଁ । ଲୋକ ଅଛନ୍ତି- ଯଦି ତାଙ୍କ ପାଖରେ କୌଣସି କାମଥାଏ- ତେବେ ସେମାନେ ଗୋଡ଼ ଲମ୍ୱାନ୍ତି, ହଲି ହଲି ଆସନ୍ତି- ଏମିତିବି ଚାକରକୁ କହିଦିଅନ୍ତି ବେଳେବେଳେ କହିଦିଅ ଯେ ବାବୁ ନାହାନ୍ତି । କିନ୍ତୁ ଏପରି ଲୋକମାନଙ୍କଠାରୁ କଲେକ୍ଟର ରାଜେଶ୍ ରତନ୍ କାନୁନ୍‌ଗୋ ସମ୍ପୂର୍ଣ୍ଣ ଭିନ୍ନ ।

ମୋ ନାମ ସୀତାକାନ୍ତ ଦାସ । ମୁଁ ଆଜ୍ଞା କଣ୍ଟ୍ରାକ୍ଟରୀ କରେ । ଏହି ବର୍ତ୍ତମାନ ଆଜ୍ଞା କାଠଯୋଡ଼ିରେ ଯେଉଁ ରିଙ୍ଗ୍ ବନ୍ଧ ହେଉଛି ମୁଁ ସେ ସବୁ କଣ୍ଟ୍ରାକ୍ଟ ନେଇଛି । ବାଃ ବାଃ ଭଲ ହେଲା- ସତେ ଯେପରି ଏକ ଉତ୍ସାହ ଉଦ୍ଦୀପନା ଭାବ ମନରେ ନେଇ କହିଉଠିଲେ କଲେକ୍ଟର ତେବେ ବାପା ମୋ ପାଖରେ କି କାମ ଅଛି । ଆଜ୍ଞା, ଆଜ୍ଞା ଅଟେଇ ଯାଇ ରହିଗଲେ ସୀତାକାନ୍ତ- କଣ କୁହ ? ଏଥିରେ ଡ଼ରିବାର କଣ ଅଛି । ଯଦି କିଛି ସେଥିରେ ମୁଁ ସାହାଯ୍ୟ କରିପାରେ । କଲେକ୍ଟରଙ୍କ ମୁହଁରୁ ଏତକ ଆଶ୍ୱାସନା ପାଇ କହି ଉଠିଲେ ସୀତାକାନ୍ତ ସତେ ଯେପରି ନିଜର ଆପଣାର ଲୋକ ପାଖରେ- ସେ କେତେ କଥା କଳ୍ପନା କରିଥିଲେ କଲେକ୍ଟରଙ୍କ ମାନବିକତା ଉପରେ

Digitized by PPRACHIN, SOA

କିନ୍ତୁ ନିଜ ଚକ୍ଷୁ ଆଉ କର୍ଣ୍ଣରେ ପୂର୍ବର ସେହି କଳ୍ପନା ଜଳ୍ପନା ସତେ ଯେପରି ପାଣି ଫୋଟକା ପରି ଫାଟିଗଲା ତାର କୌଣସି ନାଁ ଗନ୍ଧ ମଧ୍ୟ ରହିଲା ନାହିଁ । ଆଜ୍ଞା- ପାଞ୍ଚଲକ୍ଷ ଟଙ୍କାର କାମ କଲିଣି ଏପର୍ଯ୍ୟନ୍ତ ବିଲ୍‌ଟା ମିଳିବାକୁ ନାହିଁ- ଯନ୍ତ୍ରୀଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କୁ କହିଲିଣି କେତେ ଅନୁନୟ ବିନୟ ସହକାରେ ହେଲେ କିଏ ମୋ କଥାକୁ କର୍ଣ୍ଣ ପାତକରୁ ନାହାନ୍ତି କି ବରଂ କାମ ଛାଡ଼ିଦେବାକୁ କହୁଛନ୍ତି । ସାର୍ ମୁଁ କଣ କରିବି ଏତେ ଟଙ୍କା ମୋର କଣ ବୁଡ଼ିଯିବ ? ସୀତାକାନ୍ତଙ୍କ କଥାଗୁଡ଼ିକୁ ଆମୂଳଚୂଳ ଶୁଣିସାରି ଏକ ଦୀର୍ଘ ନିଶ୍ୱାସ ପକାଇ କହିଉଠିଲେ- ତୁମେ ଭଲଭାବେ କାର୍ଯ୍ୟ କରିଛ ତ ? ହଁ ସାର୍ ସେ ସବୁ କାମରେ କୌଣସି ଢ଼ିଲା ନାହିଁ- ଯଦି ଆପଣ ଦେଖିବାକୁ ଚାହାଁନ୍ତି ? ହଉ ହଉ ଏତେ ବ୍ୟସ୍ତ କାହିଁକି ? ମୁଁ ତ ନିଶ୍ଚୟ ଦେଖିବି ତେବେ ତୁମ୍ଭେ କଣ କହୁଛ ତୁମ ଲାଗି କାହାକୁ କହିବାକୁ ପଡ଼ିବ ନା କଣ । ଆଜ୍ଞା ଆପଣ ତ ସବୁ ଶୁଣିଲେ ଯଦି ଦୟା କରିବେ ତେବେ- ବୁଝିଲି ସବୁ ମୁଁ ବୁଝୁଛି- ହଉ ମୁଁ ନିଶ୍ଚୟ ମୁଖ୍ୟମନ୍ତ୍ରୀଙ୍କୁ କହିବି ସେ ତୁମର ବିଲ୍‌ଟାକୁ ମଂଜୁର କରିଦେବେ । କଣ ହେଲା ତ ନା ଆଉ କିଛି ଅଛି । ନାହିଁ ସାର୍ ସେତିକି ତ ଆପଣଙ୍କ ଦୟାରୁ । ବୁଝିଲ ମୋର କଣ ଦୟା- ଦୟା ଏକମାତ୍ର ଭଗବାନ୍ କରନ୍ତି- ମୁଁ ତ ଛାର୍ ମାତ୍ର । ଆଉ ଲୋକମାନେ କଣ କେବେ କାହାକୁ ଦୟା କରନ୍ତି- ଯଦି ଯିଏ କରନ୍ତି ସବୁ ସେହି ଭଗବାନଙ୍କ ଇଚ୍ଛାରେ କରନ୍ତି । ଆରେ ଗୋପାଳ ; ଗୋପାଳକୁ ଡ଼ାକିବା ପୂର୍ବରୁ ସେ ଗୋଟିଏ କପ୍ ଚା' ଓ ବିସ୍କୁଟ୍ ଧରି ପହଞ୍ଚିଗଲାଣି । ଦେ ବାବୁଙ୍କୁ ଦେ, ଗୋପାଳ ସୀତାକାନ୍ତ ବସିଥିବା ଟି ପୟ' ଉପରେ ଚା' ଓ ବିସ୍କୁଟ ରଖି ଦେଇଗଲା । ନିଅ ସୀତାକାନ୍ତ ତୁମେ ତ ମୋ ପୁଅ ପରି ଏଥିରେ ଲାଜ କରିବାର କଣ ଅଛି । ଆଜ୍ଞା ଏସବୁ କଣ ମୁଁ ତ ବର୍ତ୍ତମାନ ଖାଇ ଆସିଲି । ସେଥିରେ କଣ ଅଛି । କିନ୍ତୁ ସାର୍ ଆପଣ, ମୁଁ- ମୁଁ ଦିନକୁ ସକାଳେ ଓ ସନ୍ଧ୍ୟାରେ ଦୁଇଥର ଚା' ପିଏ । ନିଅ ପିଇଦିଅ । ସୀତାକାନ୍ତ କାହିଁକି ? ଏହିପରି ଯେ କୌଣସି ଭଦ୍ରଲୋକ କଲେକ୍ଟରଙ୍କ ନିକଟକୁ ଆସନ୍ତି ଶାନ୍ତିଲତା ସ୍ୱାମୀ ନ କହିବା ପୂର୍ବରୁ ସ୍ୱାମୀଙ୍କ ମନ ଜାଣି ଚା' ବିସ୍କୁଟ ଅତିଥିଙ୍କ ଲାଗି ଚାକର ହାତରେ ପଠେଇ ଦିଅନ୍ତି ।

ସୀତାକାନ୍ତ ଚା ଓ ବିସ୍କୁଟ ଖାଇବା ଭିତରେ ଭାବିଚାଲିଛି ଚା ଓ ବିସ୍କୁଟର ସ୍ୱାଦ ସହିତ କଲେକ୍ଟର ଓ ତାଙ୍କ ସ୍ତ୍ରୀଙ୍କ କଥା- କି ମଧୁର ବ୍ୟବହାର ଏମାନଙ୍କର । ତାଙ୍କ ମନରେ ଗୋଟିଏ ବଡ଼ ଧାରଣା ଥିଲା ଯେ ବଡ଼ଲୋକ ମାନେ ତାଙ୍କଠାରୁ ତଳ ଶ୍ରେଣୀର ଲୋକମାନଙ୍କୁ ଖାତିର କରନ୍ତି ନାହିଁ । କିନ୍ତୁ ଆଜି ସେ ସବୁ ତା ମନରୁ ଧୋଇ ଯାଇଛି । ସେ ଭଲ ଭାବେ ବୁଝି ନେଲେ ଯେ ପାଞ୍ଚଆଙ୍ଗୁଠି ସମାନ୍ ନୁହେଁ । ସେ କେତେବେଳେ ଚା ଓ ବିସ୍କୁଟ ଶେଷ କରି ଦେଇଛନ୍ତି ସେ ଜାଣିପାରିଲେ

Digitized by PPRACHIN, SOA

ନାହିଁ । ଯାଉ ମୁଁ ତେବେ ଆସୁଛି । ହଁ ମୋର ମନେ ରହିଲା ମୁଁ ନିଶ୍ଚୟ ତୁମ କାମ କରିଦେବି । ତୁମେ ଜମା ବ୍ୟସ୍ତ ହୁଅନି । ଯଦି କେବେ କାମପଡ଼େ ଆସୁଥିବ । ନମସ୍କାର ଆଜ୍ଞା- ନମସ୍କାର ହସି ହସି କହିଲେ ରାଜେଶ ବାବୁ । ଠିକ୍ ସେହିପରି ମୁହଁରେ ହସଖେଳେଇ ଲେଉଟିଲେ ଯୁବ କଣ୍ଟ୍ରାକ୍ଟର ସୀତାକାନ୍ତ ଦାସ ।

(ଏଗାର)

ଶାଶୁଘରେ ବୀଣା ଆଜି ଆଉ ନୂଆ ବୋହୂ ନୁହେଁ- ତା ଡ଼େଣାରେ ପରଲାଗି ସେ ଆଜି ନିଜେ ଉଡ଼ିବାକୁ ଚେଷ୍ଟା କରୁଛି । ଏହା ଭିତରେ କଟିଯାଇଛି ପାଞ୍ଚୋଟି ବର୍ଷ- ସମସ୍ତେ ନୂଆ ବେଳେ ସକେଇ ହୁଅନ୍ତି, ଲାଜେଇ ଯାଆନ୍ତି କିନ୍ତୁ ପୁରୁଣା ହେଲେ ଆସ୍ତେ ଆସ୍ତେ ପ୍ରଭାତର ସୂର୍ଯ୍ୟଠାରୁ ମଧ୍ୟାହ୍ନର ସୂର୍ଯ୍ୟପରି ପ୍ରଖର କିରଣରେ ଉଦ୍‌ଭାସିତ ହୋଇଉଠନ୍ତି । ବୀଣାର ଅବସ୍ଥା ବଦଳିଯାଇଛି । ଏତେବଡ଼ ଘରର ଦାୟିତ୍ୱଟାକୁ ଅଳପେ ଅଳପେ ଲଦି ଚାଲିଛନ୍ତି ଶାଶୁ ମନ୍ଦାକିନୀ ବୀଣା ମୁଣ୍ଡ ଉପରେ । ଆଜି ବୀଣା ଏ ଘରର ସବୁ କିଛି । ସତେ ‘ବୀଣା’ ତାର ସୁମଧୁର ହସ କୋମଳ କଥାର ରାଗିଣୀରେ ସମସ୍ତଙ୍କୁ ବଶୀଭୂତ କରିବାରେ ଲାଗିପଡ଼ିଛି । ଅନେକ ଅନେକ ସ୍ୱପ୍ନ- ସବୁଗୁଡ଼ିକ ରଙ୍ଗରଙ୍ଗେଲୀ ଅଳପ କେଇଟା ପାଉଁଶିଆ ପରି ବୀଣାର ଦୁଇନୟନ ଓ ଆବେଗମନରେ ଏକ ରେଖାଙ୍କିତ ସୃଷ୍ଟି କରୁଛି-- ଠକ୍-ଠକ୍-ଠକ୍- ବୁଲା କୁକୁର ଗୁଡ଼ାକ ଭୁକି ଉଠୁଛନ୍ତି । ବେଳ ପ୍ରାୟ ରାତ୍ର ବାରଟା- ବୀଣା ଆଖିକୁ ନିଦ ନାହିଁ ପାଖରେ ନଣନ୍ଦ ଶୋଇଛନ୍ତି । ନଣନ୍ଦ ମିନତିକୁ ଡ଼ାକିଲା ବୀଣା- ଏ ମିନତି ଉଠିଲ କିଏ ଦାଣ୍ଡ କବାଟ ବାଡ଼ଉଛନ୍ତି । ନିଦ ମଳମଳ ଆଖିରେ ମିନତି କହିଉଠିଲା- ଯିଏ ବାଡ଼ଉମ ଭାଉଜ ତୁମେ ଶୋଇପଡ଼ିଲ- ଏତେ ବେଳଯାଏଁ ଶୋଇନ- ପୁଣି ଠକ୍-ଠକ୍-ଠକ୍- ପାଟି ଶୁଭିଲା, ବୋଉ, ବୋଉ, କବାଟ ଖୋଲ- ଧଡ଼ପଡ଼ ଉଠିପଡ଼ି ବୋଉଙ୍କ ଶୋଇବା ଘରକୁ ଦଉଡ଼ିଗଲେ । ତାପରେ ମନ୍ଦାକିନୀ ଉଠି ଦାଣ୍ଡ ଦରଜା ଖୋଲିଲେ- ଆରେ ସୀତୁ ତୁ ଏତେ ରାତିରେ କାହିଁ ଖବର ଦେଲୁନି । କଣ ଆଉ କିଏ ତୋ ସାଥିରେ ନାଁ ଏକା ଆସିଛୁ । ନାହିଁ ବୋଉ ମୁଁ ଏକା । ବୋଉଙ୍କୁ ମୁଣ୍ଡିଆ ମାରି ଘରକୁ ପଶିଲେ ସୀତାକାନ୍ତ- ବାପା ହରେକୃଷ୍ଣ ବାବୁ ଉଠିପଡ଼ିଲେ ପୁଅ ସୀତୁର ପାଟି ଶୁଣି । ବାପାଙ୍କ ପାଦ ଧୂଳି ମୁଣ୍ଡରେ ମାରି ନିଜ ଘରକୁ ଗଲେ ସୀତାକାନ୍ତ- ଆରେ ସୀତୁ ଜଲଦି ଗୋଡ଼ହାତ ଧୋଇଲୁ କଣ ଗଣ୍ଡିଏ ଖାଇଦେଇ ଶୁଅ, ମାଆ ମନ କଣ କେବେ ସମ୍ଭାଳି ହେବ ପୁଅ ଯେତେ ଖାଇ କରି ଆସିଥିଲେ- ନାହିଁ ବୋଉ ମୁଁ ଛକରେ ଖାଇଦେଇ ଆସିଛି- ବୋଉ ତୁ ଗଲୁ ଶୋଇବୁ । ଆରେ ସୀତୁ ଏତେ ରାତିରେ ନ ଆସି କାଲି ସକାଳେ ଆସିଥିଲେ କଣ ଚଳିନ ଥାନ୍ତା ? ହରେକୃଷ୍ଣ ତାଗିଦ

Digitized by PPRACHIN, SOA

କରିକହିଲେ । ନାହିଁ ବାପା ଆସୁ ଆସୁ ଆସିଗଲି । ନାଁ ଏମିତି ଏତେ ରାତିରେ ତୋ ପାଇଁ ନିରାପଦ ନୁହେଁ । ଆଜିକାଲି ଯେଉଁ କାଳବେଳ ଦେଖୁଛୁ ତ ଆମ ଗାଆଁଟା ଚାରି ଫାଙ୍କା ହଉ ଯାଆ ଖାଇଲୁ ନାହିଁତ ଶୋଇବୁ ଯାଆ-------

କଣ ଚୁପ୍‌ଚାପ୍ ସମସ୍ତେ ତ କିଛି କିଛି କଥା କହିଲେ ଆଉ ତୁମେ କଣ ମୋ ସହିତ କଟି ପକେଇଛ ବୋଧେ-- । ଆରେ ହଁ ଦେଖିଲ ଏ ଶାଢ଼ୀଟା ତୁମକୁ କେମିତି ମାନିବ ଦେଖିଲ ଦେଖମ ଏମିତି ମନ ମାରି ଛିଡ଼ା ହୋଇଛ ଯେ- ଓଃ ତେବେ ପାଟି ଫିଟେଇବ ନାହିଁ ହଉ ବାବା ଦେଖିବା କେତେ ବେଳଯାଏଁ ତୁମର ଏ ଅଭିମାନ ମୋ ଉପରେ--- । ମୁଁ ବି କଟି ପକେଇ ଦେଲି ତୁମେ କଟି ଫିଟେଇବା ନ ଯାଏ । କିଛି ସମୟ ଚୁପ୍‌ଚାପ୍ । ଆର ଘରୁ ବାପାବୋଉଙ୍କର କଥାବାର୍ତ୍ତା ଶୁଭିଯାଉଛି- ମଝିରେ ମଝିରେ ମିନତିର କେଇପଦ କଥା--- ସବୁ ସୀତାକାନ୍ତଙ୍କ ଉଦ୍ଦେଶ୍ୟରେ । ମାଆ ବାପ ଦୁହେଁ ସୀତାକାନ୍ତ ପାଇଁ ପାଗଳ--- । ଖଟ ଉପରେ ଶୋଇପଡ଼ିଲେ ସୀତାକାନ୍ତ-- ।.

ମୋ ପାଇଁ ଶାଢ଼ୀଆଣିଲ ଆଉ ବୋଉ ଓ ମିନତି ପାଇଁ କଣ ମୁଁ ମନାକରିଥିଲି । ମୁଁ ଏକୁଟିଆ କେମିତି ଏ ଶାଢ଼ୀ ପିନ୍ଧିବି ଯେ- ଏ ମିନତି ଓ ବୋଉଙ୍କ ଲାଗି ଶାଢ଼ୀ ଆଣିଛ ନାଁ--- କଣ କିଛି କହୁନ ଯେ ଖଟ ପାଖକୁ ଯାଇ ହଲେଇ ଦେଲା ବୀଣା ସୀତାକାନ୍ତଙ୍କୁ, ଓହୋ ସତେ ଯେପରି ନିଦ ଲାଗି ଗଲା । କୁହମ-- । ମୋ ସାଙ୍ଗରେ କିଛି କଥା କୁହନା କହୁଛି ମଣିଷ ଘରେ ଗୋଡ଼ ଦେଇଛି କି ନାହିଁ ପଦିଏ ମିଠା କଥା ନାହିଁ କଣ ନାଁ କଟି । ମୋ ସାଙ୍ଗରେ କଥାନାହିଁ- ଆଉ ଏକ ଅଭିମାନ ମନ ସୀତାକାନ୍ତଙ୍କର ସତେ କି ଚିହିଁକି ଉଠିଲା- କିନ୍ତୁ ସେ ସବୁ ଅଳିକ- ଏତ ସ୍ୱାମୀ ସ୍ତ୍ରୀ ଜୀବନରେର କେବେ ନୂଆ ନୁହେଁ ଅତି ପୁରୁଣା,ଗତାନୁଗତିକ "କିନ୍ତୁ ଏହାରି ଭିତରେ ଥାଏ ସ୍ୱାମୀ ଓ ସ୍ତ୍ରୀ ଦୁହିଁଙ୍କର ଅନାବିଳ ପ୍ରେମ ମନ୍ଦାକିନୀ ଏବଂ ପ୍ରଣୟର ଫଲଗୁଧାରା ।"

ବୀଣାର ଅଭିମାନ ଧୋଇଗଲା ହଉ ବାବା ମୋର ଭୁଲ୍ ହୋଇଗଲା ମୁଁ ଆଉ ଏମିତି କେବେ କହିବି ନାହିଁ- ସୀତାକାନ୍ତଙ୍କ ଛାତି ଉପରେ ମୁଣ୍ଡ ରଖି ଦୁଇନୟନରୁ ବୁହାଇ ଦେଲା କେଇଧାର ଆନନ୍ଦର ଅଶ୍ରୁ । ଇସ୍ ତୁମେ କାନ୍ଦୁଛ ! ସୀତାକାନ୍ତ ବୀଣାର ଲୁହକୁ ପୋଛିଦେଇ ନିଜ ଆଡ଼କୁ ଆଉଜେଇ ନେଲେ ବୀଣାକୁ- ଏହିତ ସ୍ତ୍ରୀର ସ୍ୱର୍ଗ ସ୍ୱାମୀ ଆଉ ସ୍ୱାମୀର ପାରିଜାତ ପୁଷ୍ପ ସ୍ତ୍ରୀ । ସବୁ ଯେ ପବିତ୍ର ଏଥିରେ ଅପବିତ୍ରତାର ପ୍ରଶ୍ନ ଉଠୁଛି କୁଆଡୁ ? ଯେଉଁମାନେ ମିଛର ବାହାନା କରି ସତପରି ଲୁଚି ଲୁଚି ଖେଳ ଖେଳି ଚାଲିଥାଆନ୍ତି, ସେମାନଙ୍କ ଜୀବନରେ ମାଡ଼ିଆସେ

Digitized by PPRACHIN, SOA

ଅପବିତ୍ରର ଦୁଆର - ଆଉ ଏହି ଦୁଆର ସାରା ଜୀବନକୁ ଏକ ଭୀଷଣ ବନ୍ୟାରେ ପରିଣତ କରି ନିଃଶେଷ କରିଦିଏ । ସ୍ୱାମୀ ଓ ସ୍ତ୍ରୀ ଦୁହେଁ ଦୁହିଁଙ୍କର ନାଆ ଓ ନାଉରୀ, ଜଳ ଓ ମାଛ - ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଜଣକୁ ଛାଡ଼ିଲେ ଜଣେ ଯେପରି ବଂଚି ପାରନ୍ତି ନି ।

ରାତ୍ରିର ଚର୍ତୁଦିଗରେ ଶୂନ୍‌ଶାନ୍ । ମଝିରେ ମଝିରେ କୁକୁରମାନଙ୍କର ଭୁକେ ଭୁକେ ଶବ୍ଦ -- ନିସ୍ତବତାରେ ଦୁଇଟି ନିରିହ ପ୍ରାଣୀ ବୀଣା ଓ ସୀତାକାନ୍ତ ରାତ୍ରି ଦେବୀଙ୍କ କୋଳରେ ଶୟନ ରତ । ଏହିତ ସମାଜର ଚିରାଚରିତ ପ୍ରଥା - କିନ୍ତୁ ପ୍ରଥା ହିଁ ବେଳେ ବେଳେ ନୂତନ ମୋଡ଼ ନେଇ ସୃଷ୍ଟି କରୁଛି କିଛି ଝଡ଼ - ଆଉ ଏହି ଝଡ଼ର ଶେଷ ପରିଣତିକୁ ଉପଭୋଗ ଯେଉଁମାନେ କରିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି ସେମାନେ ସୃଷ୍ଟିକୁ ଦେଖନ୍ତି ଅନ୍ୟ ଏକ ଦୃଷ୍ଟି ଭଂଗୀ ନେଇ ।

(ବାର)

ପୁରାତନ ଓ ନୂତନ ପରସ୍ପର ମଧ୍ୟରେ ଗୋଟିଏ ନିବିଡ଼ ସମ୍ପର୍କ ରହିଅଛି । ଏହି ପୁରାତନ ଯେତେ ଜଟିଳ ଓ ସରଳ ହୋଇଥାଉନା କାହିଁକି ନୂତନର ଆଗମନରେ ପୁରାତନର ଯୋଜନା ଆପେ ଆପେ ନତମସ୍ତକ ହୋଇଯାଏ । ହେଲେ ବେଳେ ବେଳେ ନୂତନକୁ ଏପରି ଉଚିତ୍ ଶିକ୍ଷା ପୁରାତନ ଦେଇଥାଏ ଯେ, ନୂତନ ଯେତେବେଳେ ପୁରାତନରେ ପଦାର୍ପଣ କରେ ସେ ଅତୀତର ପୁରାତନ କଥାଗୁଡ଼ିକୁ ମନେପକାଏ । ଆଜିର ଏହି ନୂତନତ୍ୱ ପ୍ରତି ଆମମାନଙ୍କର ଦୃଷ୍ଟିଭଂଗୀ ତଥା ଆମ ସମାଜର ଦୃଷ୍ଟିଭଂଗୀ ଏତେ ଦୃତ ଗତିରେ ଆଗେଇବାରେ ଲାଗିପଡ଼ିଛି ମନେହେଉଛି ଏହା ଭିତରେ କୌଣସି ନାଁ କୌଣସି ଗୂଢ଼ ରହସ୍ୟ ଲିପିବଦ୍ଧ ହୋଇ ଲୁଚିକରି ରହିଛି । କିନ୍ତୁ ଏହି ରହସ୍ୟଟି ଆମ ଚକ୍ଷୁ ସାମ୍ନାରେ ଏପରି ଚଳପ୍ରଚଳ ହେବାରେ ଲାଗିଛି ଯେ ସତେ ଯେପରି ଆମେ ବୋକାଙ୍କ ପରି ଜଳୁ ଜୁଳୁ ଚାହିଁ ରହିଛୁ ।

ଏହିପରି ଅନେକ ଭାବନା ମଧ୍ୟରେ ସ୍ମୃତିଚାରଣ କରିବାରେ ଲାଗିପଡ଼ିଛନ୍ତି ରତନପୁରର ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ 'ବନମାଳୀ ଦାସ' । ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟାର ଜନକ । କନ୍ୟାଟିକୁ ବିବାହ ଦେଇଛନ୍ତି, ତାଙ୍କପରି ଜଣେ ସ୍ୱାଧୀନତା ସଂଗ୍ରାମୀ ତଥା ବନ୍ଧୁ ହରିହର ମହାନ୍ତିଙ୍କ ପୁତ୍ର ଆଡଭୋକେଟ୍ ରମେଶ ସହିତ । ଝିଅ ସୁମିତ୍ରା ସତେ ଯେପରି ବାପ ଓ ମାଆର ଅଲିଅଳି ଏକମାତ୍ର । କିନ୍ତୁ ମାଆର ସ୍ନେହ ହିଁ ତାକୁ ଅଧିକ ଆକୃଷ୍ଟ କରିଛି - ହେଲେ ସବୁକିଛି ସ୍ନେହ ଓ ମମତା ତୁଟିଯାଇଛି ଶାଶୁଘରକୁ ଗଲାପରେ, ଅବଶ୍ୟ ଶାଶୁ ଶଶୁରଙ୍କର ସ୍ନେହ ଅଛି ତା'

Digitized by PPRACHIN, SOA

ପ୍ରତି ଏବଂ ତାର ମଧ୍ୟ ଶାଶୁ ଶଶୁରଙ୍କ ପ୍ରତି କର୍ତ୍ତବ୍ୟକୁ କେବେ ସେ ହେଳା କରିନି । ବନମାଳୀ ବାବୁ ନିଜେ ଗାନ୍ଧୀବାଦୀ ହୋଇ ପୁଅ କଣ ଝିଅ ଏପରିକି ସ୍ତ୍ରୀ ନେତ୍ରମଣିଙ୍କୁ ମଧ୍ୟ ଗାନ୍ଧୀବାଦୀ ଆଦର୍ଶରେ ବାନ୍ଧି ପକାଇଛନ୍ତି । ଝିଅଟି ଶାଶୁ ଘରକୁ ଗଲାପରେ ସତେ ଯେପରି ଘରଟା ଶୂନ୍ୟ ହୋଇପଡ଼ିଛି । ପୁଅ ବିକାଶ ଏବେ ଜଣେ ଦକ୍ଷ ଇଂଜିନିୟର । ସବୁବେଳେ ଗୋଟିଏ ଚିନ୍ତା ଏହି ପୁଅ ବକଟକ ଲାଗି ମାଆ ନେତ୍ରମଣୀଙ୍କର । ହେଲେ ବନମାଳୀ ବାବୁ ସ୍ତ୍ରୀଙ୍କର କଥା ଶୁଣି ମଧ୍ୟ ନ ଶୁଣିଲାପରି ହୁଅନ୍ତି - ''କେତେଥର କହିବି କହିଲ; ଝିଅଟି ଥିଲା ଯେ ଘର ଭଲ ଲାଗୁଥିଲା ଏବେତ ଝିଅ ମୋର ଶାଶୁ ଘରକୁ ଗଲା କଣ ମୁଁ ଏ ଘରଟା ସାରା କାମ କରି କରି ମରିବି ପଛେ ଟିକେ ବୋହୁ ମୁହଁ ଚାହିଁବି ନାହିଁ - ଏହି କଥାଗୁଡ଼ିକ ବନମାଳୀ ବାବୁଙ୍କୁ ବେଳେ ବେଳେ ଆଘାତ ଦିଏ - ହଁ ସତେତ ମୋ ପୁଅ ବିକାଶର ବିବାହ ଯେତେ ଶିଘ୍ର କରିଦେବା ହିଁ ଭଲ । ଆମେ ଆସି ବୁଢ଼ା ବୁଢ଼ୀ ହେଲୁ ଆମର ସେବା ଦରକାର । କିନ୍ତୁ ପୁଣି ବେଳେ ବେଳେ ବର୍ତ୍ତମାନର ପରିସ୍ଥିତିକୁ ଆଖି ଆଗରେ ରଖି ସ୍ତ୍ରୀ ନେତ୍ରମଣିଙ୍କ ଗୋଟିଏ ଦୁଇଟି ଗୁଣକୁ ମନେପକାଇ ଥଙ୍ଗେଇ ଯାଆନ୍ତି ବନମାଳୀ ବାବୁ । ହଁ ତାଙ୍କ ସ୍ତ୍ରୀ ଯେତିକି ଶାନ୍ତ ସେତିକି ପ୍ରଖର । ଅବଶ୍ୟ ଗାନ୍ଧୀନୀତି କଥା ତାଙ୍କୁ କେତେବାର ଉପଦେଶ ଦେଇଛନ୍ତି ବନମାଳୀ ବାବୁ - ଅନ୍ୟ ପଟରେ ଭାବିବାକୁ ଗଲେ ସ୍ତ୍ରୀ ଜାତି, ଆଜିର ଆଧୁନିକା ସ୍ତ୍ରୀମାନଙ୍କର କଥାରେ କାନ ଦେଇ ବଦଳି ଯାଇପାରନ୍ତି ନେତ୍ରମଣି - ହଉ ଦେଖାଯାଉ କୁଆଡ଼ର ପାଣି କୁଆଡ଼କୁ ଯାଉଛି, ତାହା ବୋଲି ପୁଅ ବିକାଶ ମୋର କଣ ଅବିବାହତ ରହିବ ? ନା-ନା- ସତେ ଯେପରି ଜଣେ ପାଗଳ ପରି ସ୍ମୃତିଚାରଣ କରିବସନ୍ତି ବନମାଳୀ ବାବୁ । ସେ ଆଖିରେ ଦେଖୁଛନ୍ତି - ଖବର କାଗଜରେ ପଢୁଛନ୍ତି, କେତେଜଣ ଯୌତୁକ ଲୋଭୀ ସ୍ତ୍ରୀକୁ ନିର୍ଯ୍ୟାତନା ଦେଇ ଏପରିକି ହତ୍ୟା କରୁଛନ୍ତି, କିନ୍ତୁ ତାଙ୍କ ପୁତ୍ର କଣ କେବେ ତାଙ୍କ କଥାରୁ ବାଦ୍ ଯିବ । ନା-ନା- କିନ୍ତୁ ପୁଣି ଏକ ଚିନ୍ତା ମୋ ପୁଅର ସାଙ୍ଗମାନେତ ନଗଦ ପନ୍ଦର, କୋଡ଼ିଏ ହଜାର ଏପରିକି ପଚାଶ ପର୍ଯ୍ୟନ୍ତ ବି ଡିମାଣ୍ଡ ଆଣିଛନ୍ତି, ତେବେ ମୁଁ କଣ ଏଗୁଡ଼ିକ କାଟି ପାରିବିନି ।

(ତେର)

ସମସ୍ତେ ଚାହାନ୍ତି କିପରି ନିଜ ମୁଣ୍ଡ ଉପରୁ ବୋଝଟିକୁ ଓହ୍ଲେଇ ଦେବାଲାଗି - ବରଂ ଏହି ବୋଝ ଯେ ଅନ୍ୟ ପକ୍ଷରେ ଏତେ ଯାତନା, ଲାଞ୍ଛନା ଓ ନିର୍ଯ୍ୟାତନାର ଶୀକାର ହୋଇ ଉଠେ ବେଳେ ବେଳେ ଏହା ଜାଣିସୁଦ୍ଧା ମନୁଷ୍ୟ ଅବହେଳାରେ ମୁର୍ଖ ପାଲଟି ବସିଥାଏ । କିନ୍ତୁ ସମୟ ଆସିଲେ ଆପେ ଆପେ ସମାଧାନ ହୋଇଯିବ

Digitized by PPRACHIN, SOA

ସତ - ମିଥ୍ୟାର ପ୍ରଶୟ ନେବାକୁ ମନ କାହିଁକି ପାଗଳ ପରି ନାଚି ଉଠେ । ଏ କଣ 'ରୀତି' ଏ କଣ 'ନିୟମ' ତେବେ ଏହା କାହିଁକି ହୁଏ ? ସବୁ ତେବେ ଏହି ନାଟକୁଟ ଭିଆଣ ଏହି ମନୁଷ୍ୟ ହାତ କାରସାଦି ଛଡ଼ା ବା ଆଉ କଣ ହୋଇପାରେ ? ଏମିତି ଅନେକ କଥା ଘଟୁଛି ଆମ ସମାଜରେ ଏବେବି ମଧ ଯେ ଘଟୁନାହିଁ ତାହା କେବେ କହିହେବ ନାହିଁ ।

ହରେକୃଷ୍ଣ ବାବୁ ଝିଅ ମିନତିର ବିବାହ ନେଇ ଉଦ୍‌ବିଗ୍ନ ହୋଇ ଉଠିଛନ୍ତି । ସ୍ତ୍ରୀ ମନ୍ଦାକିନୀ ମଧ ସ୍ୱାମୀଙ୍କର ଦଶା ଭୋଗ କରିବାକୁ ପଶ୍ଚାତ୍‌ପଦ ନୁହେଁ, କିପରି ଝିଅଟି ହାତକୁ ଦୁଇହାତ ହୋଇଗଲେ ମୁଣ୍ଡ ଉପରରୁ ଗୋଟିଏ ବୋଝ ତୁଟିବ । ପୁଅ ସୀତାକାନ୍ତ ବି ସେହିକଥା କହୁଛି, ତେବେ ଆଉ କଣ ତାର ଭଉଣୀ ଅବିବାହିତା ରହିବ ! ନାଁ ନାଁ ଯେ କୌଣସି ଉପାୟରେ ବରପାତ୍ର ଖୋଜିବାକୁ ପଡ଼ିବ । ''ରୋଗୀ ଖୋଜୁଥାଏ ଯାହା ବଇଦ ବତାଇ ଦିଏ ତାହା'', ଯୋଗକୁ ଜଣେ ପୁରୁଖା ମଧସ୍ଥି ପହଁଚିଗଲେ ହରେକୃଷ୍ଣ ବାବୁଙ୍କ ଘରେ । ବାବୁ ନମସ୍କାର । 'ନମସ୍କାର' ନମସ୍କାର' କୁଆଡ଼େ ଏମିତି ମାଡ଼ି ଆସିଲ 'ପ୍ରଜାପତି ଘଟ ସୂତ୍ର'ରେ ବାବୁ ଧୁରନ୍ଧର - ଏକ ଖୁସି ମିଜାସରେ କହି ଉଠିଲେ ହରେକୃଷ୍ଣ ବାବୁ । ମଧସ୍ଥି ଆମୂଳରୁ ଆରମ୍ଭ କଲେ - ରତନପୁରର ସ୍ୱାଧୀନତା ସଂଗ୍ରାମୀ ବନମାଳୀ ବାବୁଙ୍କର ପୁତ୍ର ଲାଗି ଗୋଟିଏ କନ୍ୟା ଆବଶ୍ୟକ, ତେଣୁ ମୁଁ ଆଉ କୁଆଡ଼େ ନଯାଇ ସିଧାସିଧା ଆପଣଙ୍କ ଘରକୁ ଚାଲିଆସିଲି ହରେକୃଷ୍ଣ ବାବୁ। ହରେକୃଷ୍ଣ ବାବୁ ଯାହା ଶୁଣିଲେ ତେବେ ତାହା କଣ ସତ ନା ମିଛ । ହୋ ବାବୁ ତୁମେ ଯାହା କହୁଛ ସତ କହୁଛତ ନା ମୋ ସାଙ୍ଗରେ ଥଟ୍ଟା କରୁଛ । ଆଜ୍ଞା ମୁଁ କଣ କେବେ ଥଟ୍ଟା କରେ କହୁନାହାନ୍ତି । ମୋ ନାଁଟା ଯେମିତି ଧୁରନ୍ଧର ମୋ କାମଟା ମଧ ସେମିତି ଧୁରନ୍ଧର । ହଁ ବୁଝିଲ ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ ଚୁପ୍ ରହିଲେ ହରେକୃଷ୍ଣ ବାବୁ । କଣ କହିବେ ଧୁରନ୍ଧରକୁ ମନ ଯେ ପଛେଇ ଯାଉଛି କାହିଁକି ? ତେବେ ଚେଷ୍ଟା କରିବା କେତେ ଠାରୁ ଏମିତି ବର ଘର ଆସିଥିଲେ କିନ୍ତୁ ସମସ୍ତେ ଥରକେ ଯାଇଛନ୍ତି ଯେ ଆଉଥରେ ଦେଖାନାହାନ୍ତି - ଏଇଟା ଲାଗି ଚେଷ୍ଟା କରିବା ପଛେଇ ଯିବା କାହିଁକି ? ଆଚ୍ଛା ଧୁରନ୍ଧର ବରପାତ୍ରଟି କଣ କରୁଛି - ଆଜ୍ଞା ଇଂଜିନିୟର - ତାଙ୍କ ସ୍ୱଭାବ ଯେମିତି ଗୁଣ ସେମିତି ଗୋଟିଏ ପୁଅ ଆଜ୍ଞା ? ବୁଝିଲି, ହେଲେ ତୁମେତ ଜାଣିଛ ଧୁରନ୍ଧର ଏହିପରି ଅନେକ ପ୍ରସ୍ତାବ ମୋତେ ଆଣି ତୁମେ ଦେଇଛ ହେଲେ ଗୋଟିଏ ପ୍ରସ୍ତାବ ଏପର୍ଯ୍ୟନ୍ତ ଠିକ୍ ହୋଇପାରିଲା ନାହିଁ - କୁହ ଆଉ କିପରି ତୁମ କଥାକୁ ବିଶ୍ୱାସ କରିବି ? ଭଙ୍ଗାମନ ନେଇ କହି ଉଠିଲେ ନିରାଶରେ ହରେକୃଷ୍ଣ ବାବୁ । କିନ୍ତୁ ଧୁରନ୍ଧର ମନରେ ସାହାସ ଧରି କହିଉଠିଲେ ଏ ବାହାଘର ନିଶ୍ଚୟ ହେବ । ହରେକୃଷ୍ଣ ବାବୁ ଏଣିକି ଆଉ କିଛି

Digitized by PPRACHIN, SOA

ଚିନ୍ତା କରିବାରନାହିଁ । ଆଗରୁ ସିନା ଆପଣଙ୍କ ପୁତ୍ର ବିବାହ କରିନଥିଲା ଯେ ଆପଣଙ୍କ ଝିଅ ବାହା ହୋଇ ପାରୁ ନଥିଲା - କିନ୍ତୁ ଏଣିକି ଝିଅ ବାହାଘର ଏହି ବର୍ଷ ଯେନତେନ ଉପାୟରେ ମୁଁ କରିଦେଲେ ଗଲା ।

ହରେକୃଷ୍ଣ ବାବୁ ଅବାକ୍ ହୋଇ ଛଳ ଛଳ ନୟନରେ ଅନେଇ ରହିଛନ୍ତି ଧୁରନ୍ଧର କଥା କହିବାର ମୁହଁକୁ । ତାଙ୍କ ଝିଅ କଣ ସତରେ ବାହା ହେବ ? ତାଙ୍କୁ କାହିଁକି ବିଶ୍ୱାସ ଲାଗୁନି ? ଆଚ୍ଛା, ଆଉ କଣ ଭାବୁଛନ୍ତି ମୁଁ ଜବାବ୍ ଦେଉଛି ନିଶ୍ଚୟ କାର୍ଯ୍ୟଟି କରିଦେଲେ ଗଲା .... । ସତକୁ ମିଛ ମିଛକୁ ସତ କରି କହି କାମଟି ହାସଲ କରିନେବା ଏମିତି କେତୋଟି ଲୋକଙ୍କ ଧନ୍ଦା ମୂଳକ ବ୍ୟବସାୟ ଆଉ ସେଇମାନଙ୍କ ଭିତରୁ ଧୁରନ୍ଧର ଗୋଟିଏ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଧୁରନ୍ଧରର ବ୍ୟବସାୟ ହେଲା ମଧ୍ୟସ୍ଥି କରିବା ଯଦି ଜଣେ ସରଳ ଲୋକ ତାର ହାବୁଡ଼ରେ ପଡ଼ିଲା ତାକୁ ନିଃଶେଷ ନକରି ଏ ଲୋକଟି ଛାଡ଼ିବ ନାହିଁ ।

''ବନମାଳୀ ବାବୁ ସରଳ ବିଶ୍ୱାସୀ କିନ୍ତୁ ଧୁରନ୍ଧର ବନମାଳୀ ବାବୁଙ୍କ ବିଶ୍ୱାସରେ ବିଷ ଦେବାକୁ ଯାଉଛି ।'' କିନ୍ତୁ ହରେକୃଷ୍ଣ ବାବୁ ବନମାଳୀ ବାବୁଙ୍କର ବିପରୀତ - ଝିଅ ମିନତିର ବିବାହ ଆଜି ପର୍ଯ୍ୟନ୍ତ ହୋଇ ପାରୁନାହିଁ କେବଳ ଗୋଟିଏ ଗଉନେଇ ଝିଅଟି ଦେଖିବାକୁ 'କାଳି' ତଥାପି କଣ କାଳି ଝିଅ ବିବାହ କରୁନାହାନ୍ତି - ହେଲେ ମିନତିର ବାଁ ଗୋଡ଼ରେ 'ଫାଇଲେରିଆ' ଦୋଷ ରହିଛି ପାଦଟି ବେଳେ ବେଳେ ଫୁଲିଯାଏ ବେଳେ ବେଳେ କମିଯାଏ । ଆଉ ଏହିପରି ପରିସ୍ଥିତିରେ ଯେଉଁମାନେ ମିନତିକୁ ଦେଖିବାକୁ ଆସନ୍ତି ସେମାନେ ସମସ୍ତେ ମୁହଁ ମୋଡ଼ି ଚାଲିଯାଆନ୍ତି । ଏହି ଧୁରନ୍ଧର କେତେ ପ୍ରସ୍ତାବ ଆଣିଛି - ସମସ୍ତେ ଫେରି ଯାଉଛନ୍ତି - କିନ୍ତୁ ଏହି ପ୍ରସ୍ତାବ ବୋଧେ କାର୍ଯ୍ୟକାରୀ ହେବାକୁ ଯାଉଛି କିଛି ହା ହୁଲ୍ଲା ପରିସ୍ଥିତି ଦେଇ -- ''ପାଣି ଗଡ଼ିଯିବ ତାର ଗନ୍ତବ୍ୟ ପଥରେ କିନ୍ତୁ ପଥର ପଡ଼ିଥିବ ଗୋଟିଏ ଜାଗାରେ'' । ଠିକ୍ ପାଣିପରି ମଧ୍ୟସ୍ଥି କାର୍ଯ୍ୟଟି ସାରି ପଥର ତୁଲ୍ୟ ଝିଅ ମିନତିକୁ ଫୋପାଡ଼ି ଦେବାକୁ ଚାହେଁ ଗୋଟିଏ ଜାଗାରେ । ହରେକୃଷ୍ଣ ବାବୁ ଆଉ ବେଶି କଥାବାର୍ତ୍ତା ନ ହୋଇ ଧୁରନ୍ଧରକୁ ଜବାବ୍ ଦେଇଦେଲେ ଆସନ୍ତା ଜୁନ୍ ମାସରେ ଝିଅର ବାହାଘର କରି ଦେବା ପାଇଁ । ଆଚ୍ଛା ଧୁରନ୍ଧର ତୁମେ ପ୍ରସ୍ତାବଟା ବନମାଳୀ ବାବୁଙ୍କ ସହ ପକ୍କା କରିଦିଅ ଓ ଆଉ କେବେ ସେମାନେ ମିନତିକୁ ଦେଖିବାକୁ ଆସିବେ ମୋତେ ଟିକିଏ ଆଗରୁ ଜଣେଇବ । ତେବେ ମୁଁ ଭାବୁଛି ଯଦି ସେମାନେ ମିନତିକୁ ଦେଖି ରାଜି ନ ହୁଅନ୍ତି ? ଆଚ୍ଛା ସେ କଥା ମୋ ଉପରେ ଛାଡ଼ିଦିଅନ୍ତୁ - ବୁଝିଲେ ହରେକୃଷ୍ଣ ବାବୁ ମିନତିକୁ କଣ ସେମାନେ ସତରେ ଦେଖିବେ । ମାନେ ମୁଁ କିଛି ବୁଝିପାରୁ ନାହିଁ ଧୁରନ୍ଧର ଟିକେ ଖୋଲି କରି କୁହ । ମାନେ ମୁଁ କଣ କହୁଛି କି

Digitized by PPRACHIN, SOA

ଆପଣଙ୍କ ବୋହୂ 'ବୀଣା' ତାକୁ ସେମାନେ ଦେଖିବେ - ତାପରେ ତ ସବୁ ଠିକ୍ ହୋଇଯିବ । ମୁଁ ଦେଖୁଛି ତୁମେ ଗୋଟିଏ ନିପଟ ବୋକା ରାମ ଗିରାଧାରୀ ଧୁରନ୍ଧର ଯଦି ବାହାଘର ପରେ ମୋ ଝିଅକୁସେମାନେ ଘରୁ ବାହାର କରିଦିଅନ୍ତି ତେବେ ପରବର୍ତ୍ତୀ ଘଟଣା କଣ ହେବ ବୁଝୁଛ ଟି ? ଆପଣ ସେଥିପ୍ରତି ମୋଟରୁ ଚିନ୍ତା କରୁନ୍ତୁନି ହରେକୃଷ୍ଣ ବାବୁ ମୁଁ ସବୁ କରିଦେବି ଥରେ ଜଣେ ଦେଖିଦେଲା ପରେ ଦେଖାଯିବ ନାହିଁ ଯେ ଏକ ରୋକ୍‌ଠୋକ୍ ଭାବେ କହିଗଲେ ଧୁରନ୍ଧର । ଆଚ୍ଛା କହିଲ ଧୁରନ୍ଧର ମୋ ଝିଅତ କଳା ଯେତେବେଳେ ବେଦୀରେ ବାହାଘର ହେବ ଏବଂ ସେମାନେ ଯଦି ଝିଅ ଗୋଡ଼କୁ ଦେଖିଦିଅନ୍ତି ତାପରେ ମୁଁ କଣ କହିବି ? ଆଜ୍ଞା ହରେକୃଷ୍ଣ ବାବୁ ବାହାଘର ସରିଗଲେ ଗଲା ଆପଣଙ୍କ ଝିଅକୁ କଣ ସତରେ ସେମାନେ ଦେଖିବେ ଯେ ନାଁ ଝିଅ ଆପଣଙ୍କର ସତରେ ବେଦୀ ଉପରକୁ ଯିବ । ଯଦି ଯିବ ଆପଣଙ୍କ ବୋହୂ ବୀଣା ।

ହରେକୃଷ୍ଣ ବାବୁଙ୍କ ମୁଣ୍ଡଟି କାହିଁକି କେମିତି ହୋଇଗଲା ସେ ଜାଣିପାରିଲେ ନାହିଁ - ତାଙ୍କ ବୋହୂ ଥରେ ବେଦୀରେ ବସି ବାହା ହୋଇଛି ପୁଣି ଥରେ ଯିବ - ନାହଁ ଧୁରନ୍ଧର ମୁଁ କିନ୍ତୁ ଏସବୁ କରିପାରିବି ନାହିଁ - ଏହି କଥା ସରିଛି କି ନାହିଁ ଆରଘରୁ କାନ ଡେରି ଶୁଣୁଥିବା ସ୍ତ୍ରୀ ମନ୍ଦାକିନୀ ଟାଉଟାଉ ହୋଇ ପସି ଆସିଲେ ଦାଣ୍ଡଘରକୁ - କହି ଉଠିଲେ ତେବେ ମୋ ଝିଅ କଣ ତେବେ ଅବିବାହିତ ରହିବ ବୋଲି ତୁମ୍ଭେ ଚାହୁଁଛ । କଥାକୁ ଧରିନେଇ ଧୁରନ୍ଧର କହିଲେ ସେହିକଥା କହୁଥିଲି ଆଜ୍ଞା ହରେକୃଷ୍ଣ ବାବୁଙ୍କୁ ଦେଖୁନାହାନ୍ତି କେମିତି ଅମଙ୍ଗ ରହୁଛନ୍ତି । ମୁଁ କହୁଛି ଧୁରନ୍ଧର ତୁମ୍ଭେ ଏ ବାହାଘର ପ୍ରସ୍ତାବ ପକାଅ । ଦେଖିବି ବାବୁ କେମିତି ଅମଙ୍ଗ ହେବେ । କହିଲେ କଣନାଁ ବୀଣା ବେଦୀ ଉପରକୁ ଥରେ ଯାଇଛି ଆଉଥରେ ଯିବନି - ହେଇହୋ ଯିବନି କଣ ଅଲବତ୍ ଯିବ ତା ବୋପା ଯେ ଯିବ । ବୁଝିଲ ମନ୍ଦାକିନୀ ମୋତେ କାହିଁକି ଭଲ ଲାଗୁନି । କେମିତି ଭଲ ଲାଗିବ ଝିଅକୁ ଘରେ ରଖି ବୁଢ଼ୀ କରିବ । ହେଇହୋ ଆଜିକାଲି ଯୁଗରେ କଣ ନ ହେଉଛି କଣ ନ ମିଳୁଛି ଖାଲି ବାପ ମାଆ ଦୁଇଟାକୁ ଛାଡ଼ିଦେଲେ ପଇସା ପକାଇଲେ ସବୁକିଛି ମିଳୁଛି । ଯାଅ ଧୁରନ୍ଧର ତୁମେ ଯେତେ ଶିଘ୍ର ଏ ବାହାଘର ପ୍ରସ୍ତାବ ପକାଅ, ଆଉ ସେମାନେ କେଉଁଦିନ ଦେଖିବାକୁ ଆସିବେ ଶିଘ୍ର ଜଣାଅ । ତେବେ ମାଆ ମୁଁ ଆସୁଛି । ''ମଧ୍ୟସ୍ଥି ଧୁରନ୍ଧର 'ଶକୁନି'ର ଭୂମିକା ଗ୍ରହଣ କଲେ ସତ, ହେଲେ ଶକୁନିର ବୁଦ୍ଧି ଯେ ସବୁ କ୍ଷେତ୍ରରେ ମନେ ନ ପଡ଼ିବ ତାହା ବା କିଏ କହିବ ।'' ହରେକୃଷ୍ଣ ବାବୁ ସ୍ତ୍ରୀ ମନ୍ଦାକିନୀର କଥାକୁ କାଟି ନପାରି ରାଜି ହୋଇଗଲେ, କିନ୍ତୁ ପୁଅ ସୀତାକାନ୍ତ କଣ ଏ କ୍ଷେତ୍ରରେ ରାଜି ହେବ । ଗରଜି ଉଠିଲେ ମନ୍ଦାକିନୀ ପୁଅ ମୋର ରାଜି ହେବନି । କଣ ମୁଁ କିଛି ଅପରାଧ

Digitized by PPRACHIN, SOA

କରିବାକୁ ଯାଉଛି, ଆଜି ସବୁ ତାକୁ ବୁଝାଇବି ମୋ ପୁଅ ସେ ମୋ କଥାକୁ କଣ ଭାଙ୍ଗିଦେବ ନା ସ୍ତ୍ରୀ ବୋଲି ବୀଣାକୁ କଣ କେବେ ସେ ବାରଣ କରିବ ।"

(ଚଉଦ)

ଆଜକୁ ପାଞ୍ଚବର୍ଷର ବୋହୂ ସାଜି ଶାଶୁ ଘରକୁ ଆସିଲାଣି ବୀଣା । ମଝିରେ ମଝିରେ ନିଜ ଘରକଥା ମନେ ପଡ଼ିଲେ ମଧ ସେଗୁଡ଼ିକ ସବୁ ମନରୁ ପୋଛି ଦିଏ । ବାପା ସାଧୁ ମାଷ୍ଟ୍ରେ ଝିଅକୁ ମାସେ ଦି ମାସେଅନ୍ତରରେ ଆସି ଦେଖିଯାଆନ୍ତି । ଆସିଲାବେଳେ ଝିଅ ମନଲାଗି ପଦିଆ ଗୁଡ଼ିଆ ଘରୁ ଖଜା ଓ ମୁଢ଼ି ମୁଆଁ ପାଞ୍ଚ ଦଶଟା ଧରି ଆସନ୍ତି । ଏହା ଭିତରେ ବୀଣା ଦୁଇଥର ମାଆ ହେବାର ସୌଭାଗ୍ୟକୁ ହରାଇ ସାରିଲାଣି । କଣ କରିବ ତା କରମ ତ ଛୋଟ । ଛୋଟ ପିଲାଟି ତା କୋଳକୁ ଭଗବାନ ଆଜିଯାଏଁ ଦେଲେ ନାହିଁ । ନାତି ନାତୁଣୀଟିଏ ଦେଖିବେ ବୋଲି ସାଧୁ ମାଷ୍ଟ୍ରେ କେତେ ତହଲ ବିକଳ ନ ହୁଅନ୍ତି ସତେ । ସେମିତି ବୀଣାର ଶାଶୁ, ଶଶୁର, ତଥା ସ୍ୱାମୀ ମଧ ଅନେଇଁ ବସନ୍ତି । ତଥାପି ମନରେ ଦମ୍ଭ ବାନ୍ଧି ଅନେଇ ବସି ରହେ ବୀଣା କେବେ ତା କୋଳକୁ ପିଲାଟିଏ ଆସିବ ।

ଆଶାର ତୋରଣ ତୋଳିବାକୁ ଗଲାବେଳେ ଅମାନିଆ ଝଡ଼ଟା କେଉଁଠି ଥିଲା କେଜାଣି ହଠାତ୍‌କିନା ମାଡ଼ି ଆସିଲା ବୀଣାର ଜୀବନ ଉପରକୁ । ତେବେ ଏ ଝଡ଼ଟା ଥମିବ ନା ବେଶି ବେଶି ଆକାରରେ ବଢ଼ି ଚାଲିବ ଭାବିପାରେନା ବୀଣା । ତାକୁ ଯେ ବର୍ତ୍ତମାନ ବୟସରେ ଆଉଥରେ ଅଭିନୟ କରିବାକୁ ପଡ଼ିବ । ମନେପଡ଼େ ସ୍ୱାମୀ ସୀତାକାନ୍ତଙ୍କର ସେଦିନ ରାତିର କଥା । ବୀଣା ! ବୀଣା ! କଣହେଲା କୁହ ରହିଗଲ ଯେ ଏକ ଉଦ୍‌ବେଗ ମନନେଇ କହିଉଠିଲା ବୀଣା ସୀତାକାନ୍ତଙ୍କୁ । ବୁଝିଲ ବୀଣା ମୁଁ ତୁମକୁ ଗୋଟିଏ କଥା କହିବାକୁ ଯାଉଛି - ଚୁପ୍ ରହିଗଲେ ସୀତାକାନ୍ତ - କଣ କହିବେ ? ଏହା କଣ କୌଣସି ସ୍ୱାମୀ ତାର ସ୍ତ୍ରୀକୁ ଏପରି କଥା କହିପାରେ ? ନା-ନା ସେ ପାରିବେ ନାହିଁ, ବରଂ ପୁଣି ଚୁପ୍ ରହିଗଲେ ସୀତାକାନ୍ତ । ତାଙ୍କ ମନରେ ଦମ୍ଭ ସବୁ ଭାଙ୍ଗି ଚୁର୍‌ମାର୍ ହେବାକୁ ଯାଉଛି । ସବୁ ନୀରବତା ଭିତରେ ବୀଣାର ପ୍ରାର୍ଥନା ସ୍ୱାମୀ ସୀତାକାନ୍ତଙ୍କୁ - କଣ କହୁଥିଲ ପରା ରହିଗଲ ଯେ କୁହ କୁହ ମୋତେ ଲୁଚେଇବାରେ କଣ ଅଛି । ମୁଁ କଣ କହୁଥିଲି କି ବୀଣା, ତୁମେ ଯଦି ପାରିବ ତେବେ ମୁଁ କହିବି । କୁହ ଆଗେ ପାରିବା ନ ପାରିବା ତ ଦୂର କଥା, ମନରେ ସାହାସ ବାନ୍ଧି କହି ପକାଇଲା ବୀଣା । ବୀଣା ! ତୁମକୁ ଅଭିନୟ କରିବାକୁ ପଡ଼ିବ । ହସି ଉଠିଲା ବୀଣା ସ୍ୱାମୀଙ୍କର ଏହି ଅଭିନୟ ଶବ୍ଦଟିକୁ ଶୁଣି ସେ ଯେ ବର୍ତ୍ତମାନ ତାର ବୈବାହିକ ଜୀବନରେ ଅଭିନୟ କରିଚାଲିଛି ସ୍ୱାମୀ, ଶାଶୁ, ଶ୍ୱଶୁର ଓ ନଣନ୍ଦକୁ ନେଇ ପୁଣି

Digitized by PPRACHIN, SOA

କାହାପାଇଁ ଅଭିନୟ କରିବାକୁ ପଡ଼ିବ, ବୁଝି ପାରିଲା ନାହିଁ ସ୍ୱାମୀଙ୍କର କଥାକୁ ଶୁଣି ପୁଣି ପଚାରିଲା - କୁହ କାହାଲାଗି ପୁଣି ମୋର ଅଭିନୟ ? ତେବେ ଏ ଅଭିନୟ କଣ ମିଛ ନା ସତ୍ୟ ? ନିର୍ଜୀବ ନା ଜୀବନ୍ତ ? ଏହିପରି ଅନେକ ପ୍ରଶ୍ନ ପଚାରିଗଲା ବୀଣା ସ୍ୱାମୀ ସୀତାକାନ୍ତଙ୍କୁ । ସୀତାକାନ୍ତ ଆଉ ନୀରବ ନ ରହି କହିଗଲେ ଏକ ସରଳ ରେଖାରେ - ବୁଝିଲ ବୀଣା ବୋଉ ତଥା ବାପା ମଧ କହୁଛନ୍ତି ତୁମକୁ ମିନତି ଲାଗି କନିଆ ସାଜିବାକୁ ପଡ଼ିବ । କଣ ପାରିବ । ବୀଣାର ମୁଣ୍ଡ ଘୁରେଇଗଲା ପରିଲାଗଲା ବୁଝି ନ ବୁଝି ପଚାରିଲା କଣ କହିଲ ମୁଁ ମିନତି ଲାଗି କନିଆ ସାଜିବି । ତୁମେ ଏଗୁଡ଼ାକ ଏତେ ପାଗଳ ପରି କଣ ଗପି ଚାଲିଛ । ମୁଁ ପାଗଳ ନୁହେଁ ବୀଣା ! ମିନତି ଲାଗି ବାହାଘର ପ୍ରସ୍ତାବ ଆସିଛି ସେମାନେ ଏହାରି ଭିତରେ ମିନତିକୁ ଦେଖିବାକୁ ଆସିବେ ତେଣୁକରି ବୋଉ ତଥା ବାପା କହୁଥିଲେ ତୁମେ ଯଦି ଏତିକି କରିପାରନ୍ତ ତେବେ ଭଉଣୀଟି ମଧ ବାହା ହୋଇପାରନ୍ତା । ତୁମେ ତ ନିଜେ ଦେଖିଛ ବୀଣା କେତେଥର ବିଚାରୀ ଅଭାଗିନୀର ବିଭାଘର ଭାଙ୍ଗିଗଲାଣି କଣ ଏତିକି ପାରିବ ନାହିଁ ? ଏହି ତ ମଣିଷର ବିଚାର। ବୁଝିଗଲା ବୀଣା ସ୍ୱାମୀଙ୍କର ଏହିସବୁ କଥାଗୁଡ଼ିକ । ଖାଲି ଶାଶୁ ଶଶୁର କହୁନାହାନ୍ତି ପରୋକ୍ଷରେ, ପ୍ରତ୍ୟକ୍ଷରେ ସ୍ୱାମୀ ବି ତାର କହୁଛନ୍ତି ତାକୁ ଆଉଥରେ ମିନତି ଲାଗି କନିଆ ସାଜିବାକୁ । କଣ କରିବ ? ତେବେ ଏହା କଣ ସେ ପାରିବ ?

ବୀଣା ମନକୁ ମନ ଛନ୍ଦି ହୋଇଗଲା । ଏହି ସବୁ କଥା ଶୁଣି, ନଣନ୍ଦ ବାହା ହୋଇ ପାରିବ ନାହିଁ । ସେ ଯଦି ଏପରି ଅଭିନୟ ନ କରେ ? ଯଦି କରେ ତାପରେ ନଣନ୍ଦଟିର ଅବସ୍ଥା ଯେ କଣ ହେବ ସ୍ୱାମୀଙ୍କୁ ବି ସେ ସେହି କଥା କହିଲା । କିନ୍ତୁ ସ୍ୱାମୀଙ୍କର ଦମ୍ଭଭରା ସ୍ୱୀକାରୋକ୍ତି ପରେ ତାହା ଦେଖାଯିବ । କେତେ କାକୁତି ମିନତି ହୋଇ ବୀଣା ସ୍ୱାମୀ ସୀତାକାନ୍ତଙ୍କୁ ବୁଝାଉଛି ହେଲେ ସୀତାକାନ୍ତ ରାଜି ହୋଇନାହାନ୍ତି ଏପରିକି ଚିଡ଼ି ଉଠି କହିଲେ - ଯେତେହେଲେ ତୁମେ ମୋର ସ୍ତ୍ରୀ ମୋ କଥାକୁ କାଟିଦେବାର ଅଧିକାର ନାହିଁ, କାରଣ ସ୍ତ୍ରୀ ହିଁ ସ୍ୱାମୀ କଥାରେ ପରିଚାଳିତ ହେବା ଉଚିତ୍ । ହଁ ସତକଥା ବୀଣା ମନକୁ ମନ ବୁଝାଏ ଯେତେହେଲେ ସେ ସୀତାକାନ୍ତଙ୍କ ସ୍ତ୍ରୀ ତଥାପି ସ୍ତ୍ରୀର କଣ ଅଧିକାର ନାହିଁ ସ୍ୱାମୀଙ୍କୁ ଉଚିତ୍ କଥା କହିବାକୁ କଣ କରିବ କିଏ ତାର ଆଜି ଆଉ ସାହା ଭରଷା । ବର୍ତ୍ତମାନ ପରିସ୍ଥିତିରେ ସ୍ୱାମୀ, ଶାଶୁ, ଶଶୁର ସମସ୍ତେ ଗୋଟିଏ କଥା କହି ଚାଲିଛନ୍ତି - ତେବେ କଣ ସେ ବାପାଙ୍କ ପାଖକୁ ଖବର ଦେବ କିନ୍ତୁ କାହା ହାତରେ ? କାଳେ ଏକଥା ସେ ସାଧୁ ମାଷ୍ଟ୍ରେଙ୍କୁ ଜଣେଇ ଦେବ ତେଣୁକରି ଗୋଡ଼େ ଗୋଡ଼େ ସଶସ୍ତ୍ର ପ୍ରହରୀ ପରି ଜଗିଛନ୍ତି ଘର ବଂଶଟା ସାରା । ମିନତି ର ମନରେ ସରାଗ ନାହିଁ ସେ ମଧ ଭାଉଜଙ୍କର ଏପରି ପରିସ୍ଥିତିରେ ସେ

Digitized by PPRACHIN, SOA

ବା କଣ କରିବ- ସେ ପୁଣି ଭାବେ ମୁଁ କଣ ଏମିତି କୁଆଁରୀ ହୋଇ ରହିଯିବି ? ଗାଁ ଲୋକଙ୍କଠାରୁ ଏତେ କଥା ଶୁଣୁଥିବି ? ବୀଣା ମନରେ ଦମ୍ଭ ଆସେ ଯଦି ତା ଅଭିନୟ ବଦଳରେ ନଣନ୍ଦ ମିନତିଟି ବିଭାହୋଇଯାଉ ଘରବଂଶଟା ସମସ୍ତେ ଚାହାଁନ୍ତି- ତେବେ ସେ ବା ପଛେଇ ଯିବ କାହିଁକି ? ସ୍ୱାଗତ କରି ଆଣେ ଜୀବନରେ ଝଡ଼କୁ- ସେ ନାରୀ- ଆଉ ଜଣେ ନାରୀର ରକ୍ଷା କବଚ କଣ ସେ ହୋଇ ପାରିବ ନାହିଁ ? ତାର ତ କୌଣସି ଭୁଲ୍ ନାହିଁ ଯଦି ଏହି ଭୁଲ୍‌ର କୌଣସି ଦୋଷଥାଏ ତେବେ ତାକୁ କଣ ପରିତାପ କରିବାକୁ ପଡ଼ିବ ; ପରିତାପ କରିବେ ଆଜି ଯେଉଁ ମାନେ ତାକୁ ଫୁସୁଲଉଛନ୍ତି-- ହଁ ସେ ପାରିବ ଅଭିନୟ କରି ! ଏହି ଜୀବନଟା ତ ଗୋଟିଏ ନାଟକ । ନାଟକର ଦୃଶ୍ୟ କେତେ ବେଳେ ମନ୍ଥରତ କେତେ ବେଳେ ପ୍ରଖର । ଯଦି ଜୀବନ ନାଟକରେ ଅଭିନୟ ତାର ସଫଳ ହୁଏ ତେବେ ସେ ଜାଣିବ ତାର ଜୀବନ ସାର୍ଥକ ହୋଇଛି ଆଉ ଯଦି ବିଫଳ ହୁଏ- ହସି ଉଠିଥିଲା ବୀଣା ।

ଛାତିର କୋହ ଓ ମନର ମୋହ ଏକ ହୋଇଯାଏ ଆଖିର ଲୁହ ସାଥେ ମିଶି । ତ୍ରିବେଣୀର ସଂଗମ ଘଟେ ବୀଣାର ଜୀବନ ଘାଟରେ । ଯଦି ଏହି ଘାଟ ତାର ପବିତ୍ର ତେବେ ସେ ଆହ୍ୱାନ କରିବସେ ଅପବିତ୍ରର ପଥିକଙ୍କୁ । ପଥିକ ସ୍ନାନ ସାରି ଶାନ୍ତି ପାଇ ଫେରି ଯିବ ନିଜ ପଥକୁ । କିନ୍ତୁ ଏହି ଘାଟ ପଡ଼ିଥିବ- ଖରା ଖାଉଥିବ- ବର୍ଷା ଖାଉଥିବ- ଝଡ଼ ସହୁଥିବ- ଏବଂ ଅନେଇ ବସିଥିବ ଆଉ କେବେ କିଏ ଆସିବ ।

(ପନ୍ଦର)

ଜୀବନର ବଡ଼ ଦାଣ୍ଡେ ଗଡ଼ିଚାଲେ ସମୟର ରଥଚକ । ଏହି ସମୟକୁ କିଏ ମନ ଯୋଗଦେଇ ନିଜ କର୍ମମୟ ଜୀବନକୁ ଆଗେଇ ନେଇ ଗଲାବେଳେ ଆଉ କିଏ ପଛେଇ ପଛେଇ ଯାଉଛି । ରଥଚକ ଗଡୁଛି ଆଗକୁ ଆଗକୁ କିନ୍ତୁ ଜୀବନ ଥଙ୍ଗେଇ ଥଙ୍ଗେଇ ଦୌଡୁଛି ସମୟ ପଛରେ- ହାତ ପାଉନାହିଁ ଧରିବାକୁ । ସମୟ ଯେ ଖସଡ଼ା- ଧରିବାକୁ ଗଲେ ସେମିତି ନିଜକୁ ଠିକ୍ ମାର୍ଗରେ ପରିଚାଳିତ କରିବାକୁ ପଡ଼ିବ । ସମୟ କୋଳରେ ବସାବାନ୍ଧନ୍ତି ଯୋଡ଼ିଏ ପକ୍ଷୀ ଚକୋର ଚକୋରୀ । କିନ୍ତୁ ଚକୋରୀକୁ ହରାଇ ବିଷାଦମନରେ ପକ୍ଷୀ ଶାବକଟିକୁ ଧରି କାଳ ବାହିନିଏ ଚକୋର ପକ୍ଷୀଟି । ପୁଣି କେବେ ଆସିବ ଫେରି ତାର ଚକୋରୀ । ଚକୋରୀ ଆସିବାତ ଦୂରର କଥା ନିଜେ ଅତୀତରେ ଅଭିଶାପରେ ଘାଣ୍ଟିହେବା ଛଡ଼ା ବା ଆଉ ଉପାୟ ଯେ କଣ ଅଛି ?

Digitized by PPRACHIN, SOA

ନିଜ କ୍ୱାଟର ମଧ୍ୟରେ ବସି ଅତୀତ, ବର୍ତ୍ତମାନକୁ ନେଇ ଭାବି ଚାଲିଛନ୍ତି କଟକ ସହରକୁ ବଦଳି ହୋଇ ଆସିଥିବା ଏସ୍.ପି. ମିଷ୍ଟର ରଂଜନ କୁମାର ମାନସିଂହ । ଅତୀତ ଥିଲା ତାଙ୍କ ପାଇଁ ଏକ ଜୁଆଖେଳ । ଏହି ଜୁଆଖେଳରେ ସେ ଜିତିଥିଲେ ମଧ୍ୟ ନିଜର ପୌରୁଷତ୍ୱକୁ ଲୁଚେଇ ପଳେଇ ଯାଇଥିଲେ ନିଜର ଇଲାକାକୁ । କିନ୍ତୁ ଆଜିପର୍ଯ୍ୟନ୍ତ ଆଉ ଓଡ଼ିଶାର ସବୁଜ ଭରା ଶସ୍ୟ ଶ୍ୟାମଳା, ମନ୍ଦିର ମାଳିନୀକୁ ଫେରି ଆସିବେ ସେ କେବେ ହେଲେ ବିଶ୍ୱାସ କରି ନ ଥିଲେ । ଅବଶ୍ୟ କେତେଥର ଟ୍ରେନ୍‌ର ଯାତ୍ରୀସାଜି ଓଡ଼ିଶାର ସୌନ୍ଦର୍ଯ୍ୟ ଉପଭୋଗ କରି ଅନ୍ୟ ରାଜ୍ୟକୁ ଯାଇଛନ୍ତି କର୍ମମୟ ଜୀବନରେ ବାନ୍ଧିହେବାପାଇଁ । ସେତ ସ୍ୱପ୍ନ ଦେଖୁନାହାଁନ୍ତି । ସବୁ ବାସ୍ତବ ଆଜକୁ ବର୍ଷେ ହେବ କଟକ ସହରକୁ ଆସିଲେଣି ନିଜ କର୍ମ କରିବାକୁ । ସତେ କି ସୁନ୍ଦର ଏ ସ୍ଥାନ- ମନେପଡ଼େ ଅତୀତ- ଅଟ୍ଟହାସ୍ୟ କରେ ଅତୀତ- ଘୃଣାକରେ ଅତୀତ- କିନ୍ତୁ ବର୍ତ୍ତମାନ ଏହାର ସବୁ କିଛି ସମାଧାନ କରିନିଏ । କଟକ ଠାରୁ ୩୦ କିମି. ଦୂର ଭୁବନେଶ୍ୱରର ବି.ଜେ.ବି କଲେଜର ଛାତ୍ର ଥିବା ଅବସ୍ଥାର ଘଟଣା ଚକ୍ର ତାଙ୍କ ମନକୁ ଘାଇଲା କରି ପକାଏ । ତେବେ ସେ ଯାହା କରିଛନ୍ତି ଠିକ୍ ନା ଭୁଲ୍- ଭୁଲ୍ ନା ଠିକ୍-- ? ମନଟା କାହିଁକି ଅସ୍ତବ୍ୟସ୍ତ ହୋଇ ପଡୁଛି । ଅତୀତର ଘଟଣା ଗୁଡ଼ିକ ଆପେ ଆପେ ମନକୁ ଆସି ବିଦାରି ପକାଉଛନ୍ତି । କଣ କରିବେ ? ନାଁ ଆଉ ସମୟ ନାହିଁ- ସବୁ ଯେ ଓଲଟ ପାଲଟ- ପୁରାତନ ଓ ନୂତନ । ହଁ ନୂତନକୁ ଗ୍ରହଣ କରିଥିଲେ ପୁରାତନକୁ ଛାଡ଼ି । ହେଲେ, ହେଲା କଣ । ତାଙ୍କର ଆଶାର କୁତବ୍‌ମିନାର୍ ଭାଙ୍ଗି ଚୁର୍‌ମାର୍ ହୋଇଗଲା ମାତ୍ର ରାନୀର ବୟସ ଦୁଇବର୍ଷ ହୋଇଥିଲା ବେଳେ । ରାନୀ ରଂଜନ ମାନସିଂହଙ୍କର ଏକମାତ୍ର ଝିଅ । ଉନବିଂଶ ବୟସ୍କା ଯୁବତୀ ରାନୀ- ନାଁଟା ଯେମିତି ରୂପ ମଧ୍ୟ ସେମିତି । ମନେପଡ଼େ ଆପେ ଆପେ ରାନୀକୁ ଦେଖିଦେଲେ ରଂଜନ ମାନସିଂହଙ୍କର ତାଙ୍କ ସ୍ତ୍ରୀ କଥା । ଠିକ୍‌ତା ମାଆ ପରି ଏହି ରାନୀ । ତାଙ୍କ ଜୀବନରେ କଣ ନ ଘଟିଗଲା । ସବୁ ଯେ କ୍ଷଣ କ୍ଷଣକୁ ଆନ । ନିଶ୍ଚୟ କାହାର ଅଭିଶାପ ଆଜି ତାକୁ ଭୋଗ କରିବାକୁ ପଡୁଛି ।

ସେ ମସ୍ତବଡ଼ ଭୁଲ୍ କରିଛନ୍ତି ଅତୀତରେ ସେ କେତେ ଭଲପାଉନ ଥିଲେ ଶାନ୍ତିକୁ ସତେ । ତେବେ ଆଜି ଶାନ୍ତି କେଉଁଠି ? ଆଉ ତାର ସେହି ପିଲାଟି ?--- ''ମୋତେ ଭୁଲ୍ ବୁଝନି ରଂଜନ, ମୁଁ ତୁମ ଔରସର ସନ୍ତାନକୁ ମୋ ଗର୍ଭରେ ଧାରଣ କରିଛି- ମୁଁ ଯେ ମାଆ ହେବାକୁ ଯାଉଛି- ମୋତେ ବିବାହ କର'' । ଶାନ୍ତିଲତାର ସେହି କାକୁତି ମିନତି ଭରା ଆର୍ତ୍ତଚିତ୍କାରକୁ ପାଦରେ ଠେଲି ଦେଇଥିଲେ ଏହି ରଂଜନ ମାନସିଂହ- କେତେ ଅପରାଧ ସେ କରି ନାହାନ୍ତି- ପୁଣି ମନେପଡ଼େ- ''ମୋତେ

Digitized by PPRACHIN, SOA

ତୁମେ ଭଲ ପାଇଥିଲ କଣ ଏଇଥି ପାଇଁ ମୋତେ ପାଦରେ ଠେଲିଦେଇ ଛାଡ଼ି ଚାଲିଯିବ ବୋଲି । କୁହ ରଂଜନ ତୁମ ବାପାଙ୍କୁ କୁହ ସେ ଆମ ଦୁହିଁଙ୍କର ବିବାହ କରିଦେବେ'' । କିନ୍ତୁ ସବୁ ବିଫଳ ହୋଇଯାଇଥିଲା ଗୋଟିଏ ଖାସ୍ ଖିଆଲି ମିଂଜାସରେ । ସୂତାକୁ ଅଦୁଆ କରିବାକୁ ବେଶି ସମୟ ଲାଗେନି- ସଜାଡ଼ିବାକୁ ହେଲେ ସମୟ ଦରକାର । କିନ୍ତୁ ଆଜି ଆଉ ସମୟ ନାହିଁ ସଜାଡ଼ିବାକୁ । ସବୁ ଅଲରା ଅଦୁଆ । ସେଦିନ ଶାନ୍ତିକୁ ପରିତ୍ୟାଗ କରି ଫେରିଯାଇଥିଲେ ରଂଜନ ନିଜ ରାଜ୍ୟ ପଶ୍ଚିମ ବଂଗକୁ । ସେଠାରେ ପିତାଙ୍କ ଆଦେଶ ତଥା ନିର୍ଦ୍ଦେଶରେ ପୋଲିସ୍ ଚାକିରୀରେ ନିଯୁକ୍ତ ପାଇଲା ପାଞ୍ଚବର୍ଷ ପରେ ବିବାହ କଲେ ଜଣେ ସୁନ୍ଦରୀ ତରୁଣୀକୁ । ପରସ୍ପର ପରସ୍ପରଙ୍କୁ ଖୁବ୍ ଭଲ ପାଉଥିଲେ । ସୁଖର ସଂସାରକୁ ଆଗେଇ ନେଇ ଗଲାବେଳେ ମାତ୍ର ପାଞ୍ଚବର୍ଷ ଭିତରେ ଘୋଟିଆସିଲା ଅମାନିଆ କଳା ବଉଦ ତା ସାଙ୍ଗକୁ ଝଡ଼ ବତାସ । ରଂଜନ ମାନସିଂହ ତାଙ୍କ ସ୍ତ୍ରୀକୁ ହରାଇଲେ ଟ୍ରେନ୍ ଆକ୍ସିଡ଼େଣ୍ଟରେ । ମାତ୍ର ୨ବର୍ଷର ଝିଅ ରାନୀକୁ ବଂଚେଇ ପାରିଥିଲେ । ଆଜି ରାନୀ ହିଁ କେବଳ ତା ମାଆର ସନ୍ତକ । ମନରେ ଏକ ଦୃଢ଼ ସଂକଳ୍ପ ନେଇ ଆଉ ସେ ଦ୍ୱିତୀୟ ଥର ଲାଗି ବିବାହ କଲେ ନାହିଁ । ଅବଶ୍ୟ ବାପା ତାଙ୍କୁ କେତେଥର କହିଲେ ମଧ୍ୟ ସେ ତାଙ୍କ କଥାରେ ମନ ନ ଦେଇ ନିଜ ଚାକିରୀ କ୍ଷେତ୍ରକୁ ଛୋଟ ଝିଅ ରାନୀକୁ ଧରି ଚାଲିଗଲେ । ପିତା ଆଉ ବର୍ତ୍ତମାନ ନାହାଁନ୍ତି । ତାଙ୍କର ବିୟୋଗରେ ଘରର ସମସ୍ତ ସମ୍ପତ୍ତି ବାଡ଼ି ଜଣେ ବନ୍ଧୁଙ୍କର ଦାୟିତ୍ୱରେ ଦେଇ ଚାଲିଆସିଛନ୍ତି ରଂଜନ ମାନସିଂହ। ଜୀବନର ସାଥୀ ତାଙ୍କର ହଜି ଯାଇଛି- ଚାଲିଯାଇଛି ସେ ବହୁତ୍ ଦୂରକୁ ।

ଝିଅ ରାନୀ ରେଭେନ୍‌ସା କଲେଜର +3 ବିଜ୍ଞାନର ର ଛାତ୍ରୀ । ସବୁବେଳେ ରାନୀର ଟିକିନିଖି ଖବର ରଖୁଥାନ୍ତି ରଂଜନ ମାନସିଂହ । ମାଆ ନାହିଁ କିଏ ବା ବୁଝିବ । ଝିଅ ଯେତେବେଳେ ଯାହା କହିଛି ତା ମନ ଲାଖି ସବୁ ଯୋଗେଇ ଚାଲିଛନ୍ତି ରଂଜନ ବାବୁ । ଆଗକୁ ନାହିଁ ତାଙ୍କର କିଏ । ଏକମାତ୍ର ଏହି ରାନୀ ସେ ତାଙ୍କର ପୁଅ ଏବଂ ଝିଅ ଉଭୟ ।

ଏତେ ଗୁଡ଼ାଏ ଭାବିଲାର ମୂଳ କାରଣ ଥିଲା ରଂଜନ ମାନସିଂହଙ୍କର ଆଜି ଶାନ୍ତି ପରି ଜଣେ ନାରୀର ଦର୍ଶନରେ । ତାହା କଣ କେବେ ସମ୍ଭବ ? ନାଁ ଅସମ୍ଭବ କିଛିନୁହେଁ ସେ ଯେ ଆଜି ନିଜେ ଚକ୍ଷୁରେ ଦେଖିଛନ୍ତି କଲେକ୍ଟରଙ୍କ ସହିତ ବସିଯାଉଥିବା ତାଙ୍କ ସ୍ତ୍ରୀକୁ । ତେବେ ସେ କଣ ତାଙ୍କ ଜୀବନର ପ୍ରେମିକା ଶାନ୍ତିଲତା ? ନାଁ ହୋଇପାରେନା ? ଏତେବଡ଼ କଲେକ୍ଟର ରାଜେଶ୍ ରତନ କାନୁନ୍‌ଗୋଙ୍କ ସ୍ତ୍ରୀ ଶାନ୍ତି ହୋଇ ପାରେନା । ସେ ନିଜେ ଯିବେ କଲେକ୍ଟରଙ୍କ କ୍ୱାଟରକୁ ଦେଖିବାକୁ ସେ ପ୍ରକୃତରେ ଶାନ୍ତି ନା ଆଉକିଏ ? ଅବଶ୍ୟ ବର୍ଷେ ହେଲା କଟକ

Digitized by PPRACHIN, SOA

ସହରକୁ ବଦଳି ହୋଇ ଆସିଥିଲେ ମଧ୍ୟ କଲେକ୍ଟରଙ୍କ ସହିତ ତାଙ୍କର ମଧୁର ସମ୍ପର୍କ ଜମି ଉଠିଛି । ବେଳ ପାଉନାହାଁନ୍ତି କଲେକ୍ଟରଙ୍କ ଘର ଆଡ଼େ ଟିକିଏ ବୁଲିଯିବା ଲାଗି । ସବୁବେଳେ କାର୍ଯ୍ୟ ବ୍ୟସ୍ତ ।

ଅନେକ ଭାବନା ମନରେ ବସା ବାନ୍ଧିଲେ ମଧ୍ୟ- ଗୋଟିଏ ଗୋଟିଏ ଭାବନା ଯେ ଲିପିବଦ୍ଧ ହୋଇଯାଏ ମାନସ ପଟରେ ତାକୁ ଭୁଲିବାକୁ ଚେଷ୍ଟା କଲେ ମଧ୍ୟ ଭୁଲିପାରେ ନା ମଣିଷ । ହଜିଯାଇଥିବା ଚିଜଟି ଯଦି କେବେ ଦୃଷ୍ଟି ଗୋଚର ହୁଏ ତେବେ କଳବଳେ ତାର୍ ଅନୁସନ୍ଧାନ କରିବା ଆଜିକାର ମଣିଷ ମାନଙ୍କର ଗୋଟିଏ ପ୍ରକୃତି । ଏହି ପ୍ରକୃତି କେତେବେଳେ ନରମ ତ କେତେବେଳେ ଚରମ ସୀମାରେ ଉପନୀତ ହୋଇଥାଏ । ତାର କୌଣସି ଠିକ୍ ଠିକଣା ନାହିଁ । ରଂଜନ ମାନସିଂହଙ୍କ ଅବସ୍ଥା ଆଜି ଠିକ୍ ସେହିପରି । ଭିକାରୀକୁ ଘୃଣାକରି ତାକୁ ତଡ଼ିଦେଲେ କଣ ହେବ ଧନୀର ଯେ ନିଶ୍ଚୟ ଦିନେ କାମ ପଡ଼ିବ ଭିକାରୀ ପାଖରେ ଏ କଥାକୁ ହେୟ ଗାନ କରିବା ଉଚିତ୍ ନୁହେଁ । ଦୁନିଆରେ ସମସ୍ତେ ସମାନ । ପରଂସର ପରସ୍ପରଙ୍କ ଠାରେ କିଛି ନା କିଛି କାମ ପଡ଼ିବ ଏ କଥାକୁ ଯିଏ ସତ୍ୟ ବୋଲି ଭାବନ୍ତି ସେ କେବେ ପରିତାପ କରିବାକୁ ଯାଆନ୍ତି ନାହିଁ । ଦୁନିଆଟା ତାଙ୍କ ଚକ୍ଷୁରେ ସୁନ୍ଦର.. ।

(ଷୋହଳ)

ମାଂସ ରକ୍ତରେ ଗଢ଼ା ଏହି ମଣିଷ ଶରୀରର ଅବସ୍ଥା ସବୁବେଳେ ସମାନ ନ ଥାଏ । ଏହି ଶରୀର କେତେବେଳେ ସତେଜ ତ ଆଉ କେତେବେଳେ ନିସ୍ତେଜ ଅବସ୍ଥାରେ ପଡ଼ିରହେ । ବୟସ ବଢ଼ିବା ସହିତ ଶରୀରର ତେଜ ଆପେ ଆପେ କମିଯାଏ । ବଳ ଦେହରୁ ହାରିଯାଏ । ଆଜକୁ ପାଞ୍ଚଦିନ ହେବ ସାଧୁମାଷ୍ଟ୍ରେଙ୍କ ଦେହ ଅତିଶୟ ଖରାପ୍ । ଟିକିଏ ଟିକିଏ ଦେହ ଯାହା ବା ଖରାପ ହେଉଥିଲା ତାକୁ ଟୁକୁରା ଟୁକୁରି ଔଷଧରେ ଭଲ କରି ଦେଉଥିଲେ । କିନ୍ତୁ ଏବେ ସେ ସବୁ କିଛି କାମ ଦେଲାନାହିଁ । ତେଣୁ ପ୍ରମୋଦବାବୁ ସାଧୁମାଷ୍ଟ୍ରେଙ୍କୁ ଧରି କଟକ ମେଡିକାଲକୁ ପଳେଇ ଆସିଲେ । ସାଧୁମାଷ୍ଟ୍ରେଙ୍କ ବ୍ଲଡ୍‌ପ୍ରେସରଟା ବହୁତ ବଢ଼ିଯାଇଛି- ଗାଁ ଗହଳିରେ କଣ ସେମିତି କିଏ ବଡ଼ ଡ଼ାକ୍ତର ଅଛନ୍ତି ଯେ ତାଙ୍କୁ ସେ ଦେଖାଇବେ । ଏହି ପ୍ରମୋଦ ବାବୁଙ୍କ ଛଡ଼ା ସାଧୁମାଷ୍ଟ୍ରେଙ୍କ ବା ଆଉ କିଏ ଭରଷା ? ଜଣେ ଦଦରା ଆସରା କରିଛି ଆଉ ଜଣେ ଦଦରାର ଦୃଢ଼ ସାହାସକୁ । ଧନ୍ୟ ପ୍ରମୋଦବାବୁ ନିଜର ମନୋବଳହିଁ ତାଙ୍କୁ ବୃଦ୍ଧତ୍ୱରୁ ଯୁବକକୁ ଫେରାଇ ନେଇଛି । ସେଦିନ ରାତିରେ କି ଦୟନୀୟ ଅବସ୍ଥାରେ ପଡ଼ି ନ ଥିଲେ ଏ ସାଧୁମାଷ୍ଟ୍ରେ । ସାହି ପଡ଼ିଶା ବା କରନ୍ତେ କଣ ? ଏବଂ ଝିଅ ଜ୍ୱାଇଁଙ୍କୁ ଖବର ଦେବେବା କାହିଁକି ? ଅଯଥାରେ ଝିଅଟା ତାଙ୍କର

Digitized by PPRACHIN, SOA

ହଇରାଣ ହୋଇ ଆସିବ, ମନଦୁଃଖ କରିବ । ନାଁ ସେ କାହାକୁ କହିବେ ନାହିଁ କି ଖବର ଦେବେନାହିଁ । କିନ୍ତୁ ସବୁ ମୂଳରେ ଏହି ପ୍ରମୋଦ ବାବୁ- ବାଧକରି ସାଧୁମାଷ୍ଟ୍ରେଙ୍କୁ କଟକ ନେଇ ଆସିଲେ- ସମସ୍ତେ ତ ଚିହ୍ନା- କିଏ ବା ତାଙ୍କର ଆଉ ଯେ ଅଚିହ୍ନା ନିଜ ଝିଅ ଜ୍ୱାଇଁ ତ କଟକରେ ଅଛନ୍ତି ।

ସାଧୁମାଷ୍ଟ୍ରେଙ୍କ ଦେହ ଟିକିଏ ବାଗକୁ ଆସିଲାଣି କିନ୍ତୁ ବହୁତ ଦୁର୍ବଳ ହୋଇପଡ଼ିଛନ୍ତି । ତେଣୁ ଡ଼ାକ୍ତରଙ୍କ ପରାମର୍ଶରେ ତାଙ୍କୁ ଆଉ ପନ୍ଦରଦିନ ମେଡ଼ିକାଲରେ ରହିବାକୁ ପଡ଼ିବ । ଅବଶ୍ୟ ପ୍ରମୋଦବାବୁ ସାଧୁମାଷ୍ଟ୍ରେଙ୍କୁ କହିଛନ୍ତି- ବୁଝିଲେ ମାଷ୍ଟ୍ରେ ବୀଣାକୁ ଖବର ଦେଲେ ସେ ଅନ୍ତତଃ ତୁମର ଟିକେ ସେବା କରନ୍ତା ତ, ତେଣୁ ମୁଁ କହୁଛି ତାକୁ ଖବର ଦେଉଛି ସେ ଆସିବ । ନାଁ-ନାଁ ତାକୁ ଜଣାନ୍ତୁନି ପ୍ରମୋଦବାବୁ, ସେ ମୋ ପାଇଁ କାହିଁକି ହଇରାଣ ହେବ- ଯଦି ଏପଟେ ମୋ ପାଖକୁ ଆସେ ତେବେ ତା ଘର ସମ୍ଭାଳିବ କିଏ କହିଲେ ? ପ୍ରମୋଦ ବାବୁ ଚୁପ୍ ରୁହନ୍ତି । କିନ୍ତୁ ମେଡ଼ିକାଲ୍‌ରେ ପ୍ରତିଦିନ ରାତିରେ ଜଗିକରି ଥାଆନ୍ତି ପ୍ରମୋଦ ବାବୁ । କିଛି ଅସୁବିଧା ନ ଥାଏ । ଅବଶ୍ୟ କୌଣସି ୱାର୍ଡରେ ରହିଥିଲେ ଅସୁବିଧା ହୋଇଥାନ୍ତା । ଏତ ନର୍ସିଂହୋମରେ କଣ ବା ଅସୁବିଧା । ହଁ ଜ୍ୱାଇଁ ଯେତେବେଳେ କଲେଜର ନର୍ସିଂହୋମ୍‌ରୁ ଗୋଟିଏ ରୁମ୍ ନ ମିଳିବ ବା କିପରି ? ଝିଅ ଓ ଜ୍ୱାଇଁ ମେଡ଼ିକାଲ ଆସି ସାଧୁମାଷ୍ଟ୍ରେଙ୍କୁ ଦେଖି ଯାଆନ୍ତି । ଶାନ୍ତିଲତା ନିଜ ବାପା ପରି ସାଧୁମାଷ୍ଟ୍ରେଙ୍କ ସେବା କରିବାକୁ କେବେ ପଛାନ୍ତିନାହିଁ । ସେ ଭଲ କରି ବୁଝିଛନ୍ତି ସାଧୁମାଷ୍ଟ୍ରେ କିଏ ? ସେ ତ ବେଶି କିଛି ନ କଲେ ଏତେବେଳ ସମୟରେ ଟିକିଏ ସେବାତ କରିଥିବେ ?

ପ୍ରମୋଦବାବୁ ଭଲ କରି ବୁଝାଇ ଦେଇଛନ୍ତି ଶାନ୍ତିଲତାଙ୍କୁ 'ବୀଣା' ବର୍ତ୍ତମାନ କେଉଁଠି, କିପରି, ଅଛି । ହଜିଲା ଧନ ପାଖରେ ଥିଲେ ମଧ ମଣିଷ ବେଳେବେଳେ ଖୋଜି ହୁଏ । ସୀତାକାନ୍ତଙ୍କୁ ନିଜ ପୁଅପରି ଦେଖନ୍ତି ଶାନ୍ତିଲତା ହେଲେ ସେ ଜାଣନ୍ତି ନାହିଁ ବୀଣାର ସ୍ୱାମୀ ବୋଲି । କେମିତି ବା ଜାଣିବେ ?- କେତେ ସୀତାକାନ୍ତତ ତାଙ୍କ ସ୍ୱାମୀଙ୍କ ନିକଟକୁ ଆସୁଛନ୍ତି- ସମସ୍ତଙ୍କ ଖବର କଣ କେବେ ରଖିହେବ ? କିନ୍ତୁ ଯେଉଁ ସୀତାକାନ୍ତ ପ୍ରତି ତାଙ୍କର ଆଦର ସେ ଯେ ତାଙ୍କର ଜାମାତା- ଚୁପ୍ କରିଦେଲେ ମନକୁ- କେଉଁ ଅଧିକାରରେ ସୀତାକାନ୍ତଙ୍କୁ ଏପରି ସମ୍ବୋଧନ କରିବେ ? ପୁଣି କେଉଁ ସାହାସରେ ? ସେ ଯେ ଲୁଚକାଳୀ ଖେଳୁଛନ୍ତି ଆଖିରେ ଅନ୍ଧପୁଟୁଳି ବାନ୍ଧି । ''ଚୋର ପଛେ ହୋଇ ଗୋଡ଼ାଇବେ ସମସ୍ତଙ୍କୁ ଛୁଇଁବା ପାଇଁ କିନ୍ତୁ କେବେ ଛୁଇଁବେ ନାହିଁ ।'' ହଁ ମଣିଷ ଏମିତିଭାବେ ଅନେକ କିଛି-- ବେଳ ଆସିଲେ ସବୁ ଆପେ ଆପେ ଧରାପଡ଼ିଯାଏ- ଲୁଚୁଛି ନାଁ ଗୋଡ଼ ଦୁଇଟା ଦିଶୁଛି ।

Digitized by PPRACHIN, SOA

ନିଜ ଚାକରକୁ ମେଡ଼ିକାଲ ପଠାଇଦେଇ ଶାନ୍ତିଲତା ବାପାଙ୍କୁ ଖବର ଦେଲେ ନିଜ କ୍ୱାଟରକୁ ଆସିବା ପାଇଁ । କାରଣ କିପରି ଏକୁଟିଆ ସାଧୁମାଷ୍ଟ୍ରେ ରହିବେ ? ରୋଗୀ ପାଖରେ ଜଣେ ଦରକାର--- । ପ୍ରମୋଦ ବାବୁ ଝିଅ ଘରକୁ, କେତେଦିନ ହେଲା ଆସିନଥିଲେ- ନାତିନାତୁଣୀମାନଙ୍କୁ ଟିକିଏ ଭଲ କରି ଦେଖିଦେଲେ- କିରେ ନାତିଟୋକା ତୋର କେଉଁ କ୍ଲାସ୍ ହେଲା- ନାତି ବିମଳ ଅଜାଙ୍କୁ କୁଣ୍ଢାଇ ପକାଇ କହିଲା ବୁଝିଲ ଅଜା ମୋତେ ଆଉ ଟୋକା କହିବ ନାହିଁ ବୁଝିଲ- । ଦେଖିଲ ମୁଁ କେମିତି ଗୋଟାଏ ଯୁବକ ହୋଇଗଲିଣି । ଏ ବର୍ଷ ପରା ବି.ଏସ୍.ସି. ପଢୁଛି ରେଭେନ୍ସା କଲେଜରେ । ଅଜା ପ୍ରମୋଦବାବୁ ନାତି ବିମଳକୁ ଆଶୀର୍ବାଦ କଲେ । ଠିକ୍ ସମୟରେ ନାତୁଣୀ ନୀତା ଆସି ଅଜାଙ୍କ କାନ୍ଧରେ ଓହଳି ପଡ଼ିଲା- ସେହି ଏକାକଥାବାର୍ତ୍ତା । ପ୍ରମୋଦବାବୁ ଆନନ୍ଦରେ ଅଧୀରା ହୋଇପଡ଼ି ନାତିନାତୁଣୀଙ୍କୁ ମଜ୍ଜାକଥାର ଜୁଆରରେ ଭସେଇ ଦେଲେ । ନାତୁଣୀ ଏହି ବର୍ଷ ମାଟ୍ରିକ୍ ପରୀକ୍ଷା ଦେବ । ଠିକ୍ ତାର ବାପ ମୁହଁ ପରି- କି ସୁନ୍ଦର ସବୁ ଏମାନଙ୍କ ବ୍ୟବହାର । ହଁ ନ ହେବ ବା କିପରି- ମଣିଷର ପୁଣି ଗୋଟାଏ ତ ବଂଚିବାର ରୁଚି ଦରକାର ? ଅନେକ ଆଶା ଓ ଭରଷାର ଖିଅକୁ ସରି କରି କରି କେତେବେଳେ ଶୋଇପଡ଼ିଛନ୍ତି ତାଙ୍କୁ ଜଣାନାହିଁ । ନାତି ନାତୁଣୀ ଦି'ଟା କେତେ ଥଟ୍ଟା କେତେ ମଜ୍ଜା କଲେ ଅଜାସାଥିରେ--- ତାପରେ ଚୁପ୍ ଚାପ୍- ଅଜା ଯେ ଶୋଇ ଗଲେଣି- ପୁଣି କିଏ ଘରକୁ ଆସିଲେଣି------ । ନାତି ବିମଳ ଓ ନାତୁଣୀ ନୀତା ଚାଲିଗଲେ ପାର୍କକୁ ଖେଳିବା ଲାଗି----- ।

କଲେକ୍ଟର ସାହେବ୍ ଘରେ ଅଛନ୍ତି------? ଆଜ୍ଞା ନମସ୍କାର; ନାହାନ୍ତି ଆଜ୍ଞା । ପୂଜାରୀ ବିନମ୍ର ସହକାରେ ଭଦ୍ରବ୍ୟକ୍ତିଙ୍କୁ ଜବାବ୍ ଦେଲା । ଘଡ଼ିଦେଖି ଭଦ୍ରବ୍ୟକ୍ତି ଆଚ୍ଛା ତେବେ ମୋତେ ଅପେକ୍ଷା କରିବାକୁ ପଡ଼ିବ । ଆଜ୍ଞା ଆସନ୍ତୁ, ଗେଷ୍ଟ ରୁମ୍‌ରେ ବସନ୍ତୁ ।

କିରେ ଦାମା ବାବୁଙ୍କୁ କିଏ ଖୋଜୁଥିଲେ ? ଶାନ୍ତିଲତାଙ୍କର କୋମଳ ସ୍ୱର ଘର ଭିତରୁ ଭାସି ଆସିଲା । ମାଆ- ସେ ପରା ଏ କଟକ ଜିଲ୍ଲାର ଏସ୍.ପି. ସାହେବ । ଏସ୍.ପି. ସାହେବ, ତାଙ୍କୁ ବସିବାକୁ କହିଲୁ ନା ନାହିଁ । ହଁ ମା ସେ ତ କହିଲେ ମୋତେ ବାବୁ ଆସିବା ଯାଏଁ ଅପେକ୍ଷା କରିବାକୁ ପଡ଼ିବ । ଭଲ କରିଛୁ । ହଁ ଶୁଣ୍ ଟିଫିନ୍ ଆଉ ଚା' ନେଇ ଦେଇଆସେ । ହଁ ମା ମୁଁ ଯାଉଛି ।

ଗେଷ୍ଟରୁମ୍‌ର କୋଣ ଅନୁକୋଣକୁ ଗୋଟିଗୋଟି ପରୀକ୍ଷା କରିବା ଭଳି ଦେଖିବାରେ ଲାଗିପଡ଼ିଛନ୍ତି ଏସ୍.ପି. ସାହେବ ମିଷ୍ଟର ରଂଜନ କୁମାର ମାନସିଂହ । ସେ କାହାଲାଗି ଆସିଛନ୍ତି କଲେକ୍ଟରଙ୍କ କ୍ୱାଟରକୁ- କଣ କିଛି ଅଫିସ୍ କାମରେ

Digitized by PPRACHIN, SOA

ନା ବ୍ୟକ୍ତିଗତ ଭାବରେ । ତାଙ୍କ ଆଖି ଆଗରେ ସିନେମା ପରଦାର ଛବି ପରି ରୂପାୟିତ ହୋଇଯାଉଛି ଅତୀତର ରଙ୍ଗ ରଙ୍ଗେଲୀ ଏବଂ କଳାଧଳା ଛବି ଗୁଡ଼ିକ । ଏବଂ ଅନେକ ଦିନର ଆଶା ଓ ଆକାଂକ୍ଷା ଆଜି ଅନ୍ୟ ଏକ ରୂପ ନେବାକୁ ଯାଉଛି । ଅତୀତ- ବର୍ତ୍ତମାନରର ପରିସ୍ଥିତିକୁ କରଗତ କରିବା ପରିବର୍ତ୍ତେ ବର୍ତ୍ତମାନ- କରଗତ କରିବାକୁ ଯିବବୋଧେ ଭବିଷ୍ୟତକୁ । ହଠାତ୍ ସବୁ ଭାବନାର ସୁଅଟା ଅଟକିଗଲା । "ଭିତରୁ ପାଟିଶୁଭିଲା ଦାମା ବାବୁଙ୍କୁ ଦେଇ ଆସିଲୁ । ହଁ ମାଆ ଯାଉଛି"- କାନ ପାରି ବାରିଲେ ରଂଜନବାବୁ ସେହି ସ୍ୱରକୁ କିନ୍ତୁ ଆଉ କିଛି କଥାନାହିଁ । ଦାମା ଟିଫିନ୍ ଧରି ପହଁଚିଗଲା । ବାବୁ ! ମାଆ ପଠେଇଲେ । ରଂଜନବାବୁ ଟିଫିନ୍ ଖାଇବାକୁ ମନ ନ ଥିଲେ ମଧ-- ଖାଇବାକୁ ହାତ ନେଲେ- "ମନେପଡ଼େ ଏମିତି କେତେବାର ସେ ଶାନ୍ତିଘରେ ଛେନାପୋଡ଼ ଓ କେକ୍ ଖାଇଛନ୍ତି-- ଆଜି ଠିକ୍ ସେହି ଟିଫିନ୍ ତେବେ ତାଙ୍କ ଅନୁମାନ କଣ କେବେ ଭୁଲ୍ ହୋଇନାହିଁ । ନିଶ୍ଚୟ ଏଠି ଶାନ୍ତି ଅଛି । ପରେ ପରେ ତା ଖାଇସାରିବା ପରେ, ମାଗାଜିନ୍ ଖଣ୍ଡେ ଧରି ପଢ଼ିଗଲେ କେଇଧାଡ଼ି- ମନନାହିଁ- କେମିତି ସେ ଶାନ୍ତିଙ୍କୁ ଦେଖିବେ ?

ଏପଟେ ଶାନ୍ତିଲତା ଘରର ଯାବତୀୟ ଟିକିନିଖି ତଦାରଖ କରିବାକୁ ଗଲାବେଳେ, ମନେପଡ଼ିଗଲା ଆରେ ସେ ତ ଉଲ୍‌ବୁଣା କଣ୍ଟାଟା ଗେଷ୍ଟରୁମ୍‌ରେ ଛାଡ଼ିଦେଇଛନ୍ତି- ହଠାତ୍ ଅନ୍ୟମନସ୍କ ହୋଇ ପଶିଆସିଲେ ଗେଷ୍ଟରୁମ୍ ଭିତରକୁ ଶାନ୍ତିଲତା । ଅବଶ୍ୟ ଦାମାକୁ ପଠେଇଥିଲେ ଭଲ ହୋଇଥାନ୍ତା, ନ ହେଲେ ପରେ ଆଣିଥିଲେ କଣ ହୋଇ ନ ଥାନ୍ତା- କିନ୍ତୁ ସବୁ ମୂଳରେ ଯୋଗ । ଏହି ଯୋଗ ନ ଥିଲେ କିଛି କୁଆଡ଼ୁ ଘଟିବନାହିଁ । ଗେଷ୍ଟରୁମ୍‌କୁ ପଶିଆସି ଅଟକିଗଲେ ଶାନ୍ତିଲତା- ମୁଣ୍ଡଟା କାହିଁକି ଘୁରିଗଲା ପରି ଲାଗିଗଲା । ଦୁଇଟି ନୟନ ତାଙ୍କ ଉପରେ ଚାହିଁ ରହିଛି, ନୁହଁ ଏପଟ, ସେପଟ- ନମସ୍କାର ମ୍ୟାଡାମ୍ ! ରଂଜନଙ୍କ କଣ୍ଠସ୍ୱର ଆପେ ଆପେ ଘାଗରା ହେବାକୁ ବସିଗଲା । କଣ କହିବେ ସେ ମନଟା କାହିଁକି କେଜାଣି ଭୟ ପାଇଲା ପରି ଲାଗିଲା । କିନ୍ତୁ ମନରେ ଦମ୍ଭ ଧରି, ପୁରାତନର ବାନ୍ଧବୀଙ୍କୁ ପାଖରେ ପାଇ କିଏ ବା ଖୁସି ନ ହେବ । ହଁ ଖୁସି ହୁଅନ୍ତି ସମସ୍ତେ ଯେତେ ବେଳେ ସବୁ ଭଲଥାଏ । ଆଜି ସବୁ ଖୁସି ଚୁର୍‌ମାର୍ ହୋଇଯାଇଛି ରଂଜନଙ୍କ ପ୍ରତାରଣାରେ । ପରେ ପରେ ରଂଜନଙ୍କ ମୁହଁରୁ ବାହାରି ପଡ଼ିଲା 'ଶାନ୍ତି ତୁମେ ଏଠି' । ଶାନ୍ତିଲତା ନୀରବ । ପରେ ପୁଣି ସେହି କଥା ଶାନ୍ତି ତୁମେ ତାହାହେଲେ କଲେକ୍ଟର ସାହେବଙ୍କ ସ୍ତ୍ରୀ । ନିଆଁଟା ଆସ୍ତେ ଆସ୍ତେ ଜଳୁଥାଏ କିନ୍ତୁ ଲିଭିଲା ବେଳେ ଜୋର୍ ହୋଇ ଜଳିଉଠେ । ଠିକ୍ ସେହିପରି ଶାନ୍ତିଲତା ନିଆଁ ପାଲଟି ଯାଇ କହିଉଠିଲେ ଆପଣ ଜଣେ ଏସ୍.ପି. ହୋଇ କଲେକ୍ଟର ସ୍ତ୍ରୀଙ୍କୁ କିଭଳି ବ୍ୟବହାର କରିବାକୁ ହୁଏ ଜାଣନ୍ତି

Digitized by PPRACHIN, SOA

ନାହିଁ ? ଆପଣଙ୍କ ପାଟିରେ କଣ ମ୍ୟାଡ଼ାମ୍ ବୋଲି ଶବ୍ଦ ଆସୁନାହିଁ ? ମୋ ନାମ ଧରି ଡ଼ାକିବାକୁ କେଉଁ ଅଧିକାର ଆପଣଙ୍କର ଅଛି ? ଟିକିଏ ଭଦ୍ରାମି ଜାଣନ୍ତି ନାହିଁ ? ଏ ତୁମେ କଣ କହୁଛ ଶାନ୍ତି ଆମର ସେହି ପୂର୍ବ ସମ୍ପର୍କ କଣ ଭୁଲିଗଲ ? ଅତ୍ୟଧିକ ଗରମ ହୋଇଗଲେ ରଂଜନଙ୍କ ଏତେକ କଥାରେ- ଶାନ୍ତିଲତା ଠିକ୍ ଚିହ୍ନିଛନ୍ତି ରଂଜନଙ୍କୁ- ସେ ସବୁ ଭୁଲିଯାଇ ଚିଡ଼ିଉଠି କହିଲେ ପୂର୍ବ ସମ୍ପର୍କ- କାହା ସହିତ ? କଣ ଆପଣଙ୍କ ସହିତ ? କଣ ପାଗଳ ପରି ଏତେ କଥା କହି ଯାଉଛନ୍ତି । ଶାନ୍ତିଲତା ମୋତେ ଭୁଲ୍ ବୁଝନା- । ଭୁଲ୍- ତାଚ୍ଛଲ୍ୟ ଭାବରେ ଗର୍ଜି ଉଠିଲେ ଶାନ୍ତିଲତା- ମୁଁ ଠିକ୍ ତୁମକୁ ଚିହ୍ନିଛି- କଣ ମୋ ଉପରେ ପ୍ରତିଶୋଧ ନେବାର କିଛି ବୋଧେ ବାକି ଅଛି ସେତକ ସୁଝାଇବା ପାଇଁ ଏଠାକୁ ପୁଣି ଚାଲିଆସିଲ ନୁହେଁ ?

ଅନେକ ପାଟି ତୁଣ୍ଡ ଭିତରେ ଘରଟା କମ୍ପିଉଠିଲା କେଇ ମୂହୁର୍ତ୍ତ ଧରି କିନ୍ତୁ ଘରେ ପ୍ରମୋଦ ବାବୁ ଛଡ଼ା ଅନ୍ୟ କେହି ନ ଥିଲେ । ଦାମା ସେତେବେଳକୁ ବଜାର ପଳାଇଯାଇଥିଲା । ପ୍ରମୋଦବାବୁଙ୍କ ନିଦଟା ଭାଙ୍ଗିଗଲା ଶାନ୍ତିଲତାଙ୍କ ପାଟିଶୁଣି । ଏହିତ ସୁବର୍ଣ୍ଣସୁଯୋଗ- ମଣିଷ ଫାଙ୍କିଦେଇ କେତେଦିନ ବୁଲିବ । ଦିନେନା ଦିନେ ଧରାପଡ଼ିବ । ଆଜି ପ୍ରମୋଦବାବୁ ଠିକ୍ ଚିହ୍ନିପାରିଛନ୍ତି ରଂଜନଙ୍କୁ । ଯେତେବେଳେ ସେ ଗେଷ୍ଟରୁମ୍‌କୁ ପଶି ଆସିଲେ- ମଉସା ନମସ୍କାର ବୋଲି ରଂଜନ କହିଲେ । ପ୍ରତିନମସ୍କାର ନ ଜଣେଇ ଏକ ଘୃଣା ମନ ନେଇ କହିଲେ କଣ ଆଉ କିଛି କରିବାର ଅଛି ବୋଧେ ଯାହା ହେଉ ବାପ ନାଁ କରି ଯାଇଥିଲ ଯେ ଦେଖାନଥିଲ ତେବେ ଆଜି କୌଣସି ଖବର ଖୋଜି ଏଠାରେ ଆସି ପହଁଚିଛ ବୋଧେ ନୁହେଁ । ପ୍ରମୋଦ ବାବୁ ଗର୍ଜି ଉଠି ଲାଲ୍ ହୋଇ କହିଉଠିଲେ । କିନ୍ତୁ ରଂଜନ ଏସ୍.ପି. ସତ ନିଜ ଭୁଲ୍ ଲାଗି ଅନୁତପ୍ତ ହୋଇ ଆଉବା ଅଧିକା କଣ କହିବେ । ମୁହଁରେ କଥା ବାହରୁଥିଲେ ମଧ ଭିତରେ ଅନ୍ତନାଳୀ ଯେ ଥରି ଉଠୁଛି । ସେ କଣ ଜାଣିଥିଲେ ପ୍ରମୋଦବାବୁଙ୍କ ସହିତ ତାଙ୍କର ଦେଖାହେବ ବୋଲି । ‘‘ଚୋର ମନ ଚୋର ଗଣ୍ଡିରେ’’ । ପାଟି ଆବୁ ଆବୁ ହୋଇଗଲା- ପଦିଏ କଥା ବାହାରିବାକୁ ନ ଦେଇ ପ୍ରମୋଦବାବୁ କହିଗଲେ- ତୁମେ ଏମିତି କରିବ ବୋଲି ମୁଁ କେବେ ବିଶ୍ୱାସ କରି ନ ଥିଲି । ପୁଣି ଚୋର ପରି ଲୁଚି ପଳାୟନ କଲ ? କିନ୍ତୁ ଆଜି ପୋଲିସର ଉଚ୍ଚ ପାହାଚରେ ରହି କିଭଳି ଏଠାକୁ ମୁହଁ ଦେଖେଇବାକୁ ଆସିଛ ? ତୁମକୁ ଟିକିଏ ଲାଜ ଲାଗୁନାହିଁ ? ଯାଅ ବାହାର ଏଠାରୁ । ତୁମ ବାପାଙ୍କ ନିକଟରେ କେତେ କାକୁତି ମିନତି ହୋଇ ନ ଥିଲି--- କଣ ହେଲା ତାର ପରିଣତି ତୁମେ କିଛି ଜାଣିଛ ? ଖବର ରଖିଛ ? ତେବେ ଆଜି କାହିଁକି ଏଠାକୁ ତୁମର ଏ ଆଗମନ ? ଶାନ୍ତିକୁ ପ୍ରତ୍ୟାଖ୍ୟାନ କରି ଏକ ନବ ଜୀବନ ତ ନିଶ୍ଚୟ ଆରମ୍ଭ କରିଥିବ ? ବହୁତ ସୁଖରେ ଥିବ ? ଚୁପ୍‌ଚାପ୍ କିଛି

Digitized by PPRACHIN, SOA

କହିବେ କହିବେ ବୋଲି ଯେତେ ଚେଷ୍ଟା କଲେ ମଧ ରଂଜନ କିଛି କହିପାରିଲେ ନାହିଁ । ମୁହଁ ତାଙ୍କର ତଳକୁ ପୋତି ହୋଇଗଲା ଆପେ ଆପେ-- । କୁହ ରଂଜନ ତୁମକୁ ମୁଁ କେତେ ଭଲ ପାଉ ନ ଥିଲି- ଆଉ ଯେତେବେଳେ ଶୁଣିଲି ତୁମେ ଶାନ୍ତିକୁ ଏବଂ ଶାନ୍ତି ତୁମକୁ ଭଲ ପାଉଛି ବୋଲି- ସେହିଦିନୁ ତୁମ ଦୁଇଜଣଙ୍କୁ ନେଇ କେତେ ସୁନ୍ଦର ସ୍ୱପ୍ନ ମୁଁ ଦେଖୁଥିଲି- କୁହ ରଂଜନ ତୁମେ କଣ କଲ ? ଏତକ କହିଲା ବେଳେ ଲୁହର ଧାର ବହି ଆସିଲା ପ୍ରମୋଦବାବୁଙ୍କ ଦୁଇ ଆଖିରୁ । ଶାନ୍ତିଲତା ନୀରବ । ରଂଜନ ହତୋତ୍ସାହ ହୋଇଉଠିଲେ । ପ୍ରମୋଦ ବାବୁଙ୍କ ଦୁଇଗୋଡ଼ଧରି କ୍ଷମା ପ୍ରାର୍ଥନା ମାଗିଲେ । ମଉସା ମୋର ଭୁଲ୍ ହୋଇଯାଇଛି ମୋତେ କ୍ଷମା କରନ୍ତୁ ? ଆହୁରି ରାଗିଗଲେ ପ୍ରମୋଦ ବାବୁ, ତୁମକୁ କ୍ଷମା ଦେବି- ମୋ ସମ୍ମୁଖରୁ ଚାଲିଯାଅ । ତୁମକୁ ମୁଁ କଣ କ୍ଷମା ଦେବି- କ୍ଷମା ପରିବର୍ତ୍ତେ ତୁମକୁ ମୁଁ ଅଭିଶାପ ଦେବି । ଚମକି ଉଠିଲେ ଶାନ୍ତିଲତା- ଭୟଭୀତ ହେଲେ ରଂଜନ । ଏ ତୁମେ କଣ କରୁଛ, ଯଦି ଜଣେ ଭୁଲ୍ କରେ ତାଙ୍କୁ ଅଭିଶାପ ଦେଇ ତୁମେ କାହିଁକି ଭୁଲ୍ କରିବାକୁ ବସିଛ ?

ହଁ ଏଇତ ଦୁନିଆଁ- ଜଣେ ମାରୁ ହାଣୁ ଯାହା କରୁ ଅନ୍ୟ ଜଣେ ସହିଗଲେ- ମାରୁଥିବା ଲୋକଟା ଆପେ ଆପେ ରାଗ ଶାନ୍ତ କରିଦେବ । ଠିକ୍ ଆଜି ରଂଜନଙ୍କ ଅବସ୍ଥା । ବୁଝିଗଲେ ପ୍ରମୋଦବାବୁ ଝିଅ ଶାନ୍ତି କଥାକୁ । ଚୁପ୍ ରହିବାର ଲୋକ ସେ ନୁହଁନ୍ତି । ହଁ ଶୁଣ ରଂଜନ ଆସିଛ ଭଲ କରିଛ । ଭାବିଥିଲି ଆଉ କେବେ ତୁମ ସହିତ ଦେଖା ହେବନାହିଁ ବୋଲି । କିନ୍ତୁ ତୁମର ସମ୍ପର୍କ ଯେପରି ଶାନ୍ତି ସହିତ ଥିଲା ଏକଥା ରାଜେଶ ବାବୁ ଯେମିତି ନ ଜାଣନ୍ତି । ତୁମେ ତ ଶିକ୍ଷିତ ମୁଁ ଆଉ କଣ ତୁମକୁ ବୁଝାଇବି, ତୁମେ ଆପେ ଆପେ ସବୁକିଛି ବୁଝିପାରିବ । ମୋ ଝିଅର ସୁନା ସଂସାରକୁ ତୁମେ ଚୂନା କରିବାକୁ ଯାଅନା ରଂଜନ, ତୁମେ ଚାଲିଯାଅ- ଚାଲିଯାଅ ଏଠୁ । ବୃଦ୍ଧ ଅବସ୍ଥାରେ ଏତକ କହିଦେଇ ଥକ୍କି ପଡ଼ିଲେ ପ୍ରମୋଦବାବୁ । ଆଉ କିଛି କହିଥାନ୍ତେ- ନୀରବ ହୋଇ ଗେଷ୍ଟରୁମ୍‌ରୁ ବାହାରିଗଲେ ଶୋଇବା ଘରକୁ, ତାଙ୍କ ପଛେ ପଛେ ଶାନ୍ତି ମଧ । ଦାରୁଭୂତ ମୁରାରୀ ପରି ଏକୁଟିଆ ବସି ରହିଲେ ଏସ୍.ପି. ରଂଜନ ମାନସିଂହ। "ଆଜି କି କଥା ସେ ନ ଶୁଣିଲେ- ସେ ଯାହା କରିଥିଲେ ଏହା କଣ ମଣିଷର ମଣିଷତ୍ୱ" ।

ବାହାରେ ହର୍ଣ୍ଣ ଶୁଭିଲା ବୋଧେ କଲେକ୍ଟର ସାହେବ ଆସିଲେଣି । ମୁଣ୍ଡରେ ଟୋପିଟାକୁ ଦେଇ, ଆଖି କୋଣରୁ ଲୁହପୋଛି ବସି ରହିଲେ ରଂଜନ ମାନସିଂହ । ଚେୟାରରୁ ଉଠିପଡ଼ି କଲେକ୍ଟରଙ୍କୁ ସାଲ୍ୟୁଟ୍‌ମାରିଲେ ପୋଲିସ୍ କାଇଦାରେ । ହଁ ଏଇତ ମାନ ସମ୍ମାନ ଆତ୍ମମର୍ଯ୍ୟାଦା । ଜଣେ ଆଇ.ଏ.ଏସ୍ ଓ ଅନ୍ୟ ଜଣେ ଆଇ.ପି.ଏସ୍ । ଏକା କାଡ଼ରର ଚାକିରୀ ହେଲେ ମଧ ଭିନ୍ନ ପଥ ଭିନ୍ନ ମତ ।

Digitized by PPRACHIN, SOA

କଲେକ୍ଟର ପ୍ରତି ନମସ୍କାର ଜଣାଇ ରଂଜନବାବୁଙ୍କୁ ବସିବାକୁ କହିଲେ । କେତେବେଳେ ଆସିଲେ ରଂଜନ ବାବୁ ? ଆଜ୍ଞା ଏହି ଦଶପନ୍ଦରମିନିଟ୍ ହେବ । ମୋର ଆଜି ଆସିବାର ଡ଼େରି ହୋଇଗଲା । ଆଉବା କଣ କଥାବାର୍ତ୍ତା ହେବେ ରଂଜନ ମାନସିଂହ କଲେକ୍ଟରଙ୍କ ସହିତ ସବୁ କଥା ଯେ ସରିଛି- ଘର ଭିତରେ ବାପ ଝିଅଙ୍କ ଆଲୋଚନା କାଳେ ରଂଜନ ପୂର୍ବ ସମ୍ପର୍କ ଗୁଡ଼ିକ ରାଜେଶ୍ ବାବୁଙ୍କ ଆଗରେ ଆଲୋଚନା କରିପାରେ ଏଣୁ ମନରେ ଗୁଡ଼ିଏ ଭାବନା----- । କିନ୍ତୁ ଆଲୋଚନା-ସମାଲୋଚନା ଚାଲିଲା ରାଜେଶ୍ ବାବୁ ଓ ରଂଜନ ବାବୁଙ୍କର, ଆଜିକାର ଦୁନିଆର ପରିସ୍ଥିତି କିଭଳି ଜଟିଳ ଧାରଣ କରିଛି ଏବଂ ଏହାର ସମାଧାନ ଏହିପରି ହେଲେ ଚଳିବ ନା ନାହିଁ । କଥାବାର୍ତ୍ତା ହେବା ସମୟରେ ମାର୍କ ରଖିଥାନ୍ତି ରାଜେଶ୍ ବାବୁ ରଂଜନବାବୁଙ୍କ ଉପରେ । ସେ ଯେପରି ଅନ୍ୟମନସ୍କ ଜଣାପଡୁଛନ୍ତି । କଣ ଆଜି କିଛି ଘଟଣା ବୋଧେ ଘଟିଛି ନଚେତ୍ ଆପଣ ଏପରି ଅନ୍ୟମନସ୍କ ପରି ଜଣାପଡୁଛନ୍ତି ଯେ- କଥା ଛଳରେ କହିଉଠିଲେ ରାଜେଶ ବାବୁ । ଏତକ ଶୁଣି ରାଜେଶ୍ ବାବୁଙ୍କଠାରୁ ରଂଜନ ବାବୁ ନିଜକୁ ପ୍ରକୃତିସ୍ଥ କରିନେଇ କହି ଉଠିଲେ ନାହିଁ ରାଜେଶ୍‌ବାବୁ କିଛି ନୁହେଁ ଆଜି ଡ୍ୟୁଟି ଟା ବେଶି ପଡ଼ିଯାଇଥିଲା ତ ଟିକିଏ ବୋର୍ ଲାଗୁଛି, ତେଣୁ କରି ଆପଣଙ୍କ ପାଖକୁ ଚାଲି ଆସିଲି । ହଁ ଆପଣଙ୍କୁ ତ କେତେଥର କହିଥିଲି ମୋ କ୍ୱାଟରକୁ ଆସିବା ପାଇଁ । ଆଜି ଯାହାହେଉ ବଡ଼ ଭାଗ୍ୟ । ଏତେ ଦୋସ୍ତି ବଢ଼ିଯାଇଥିଲା ଦୁଇଜଣଙ୍କର । କାରଣ ରଂଜନ ଓ ରାଜେଶ୍ ସାଙ୍ଗହୋଇ I.P.S. ଓ I.A.S. ପରୀକ୍ଷା ଦେଇଥିଲେ । ସେହିଦିନ ଠାରୁ ଦୁଇଜଣଙ୍କ ମଧ୍ୟରେ ସୁସମ୍ପର୍କଟା ରହିଅଛି । ବିଭିନ୍ନ ଆଲୋଚନା ମଧ୍ୟରେ ଦୁଇବନ୍ଧୁଙ୍କର କଥା ଆରମ୍ଭ ହେଲା ଘର ଖବର କଣ ପିଲା ଛୁଆ କେତେ । ରଂଜନ ତାଙ୍କ ଜୀବନର ଘଟଣା ବର୍ଣ୍ଣନା କଲେ-- କିନ୍ତୁ ଲୁଚାଇ ଦେଲେ ମୂଳ ଘଟଣା, ଏହାତ ସ୍ୱାଭାବିକ୍ କଥା, ନ ଲୁଚେଇବା ଉପାୟ କଣ ଅଛି । କାହା ଆଗେ ଖୋଲି କହିବେ ନିଜ କଳାକର୍ମ- ପୁଣି ସ୍ୱୟଂ---- ରାଜେଶ୍ ବାବୁଙ୍କ ଆଗରେ । ଦୁଇବନ୍ଧୁ ଗପ ସାରି ବିଦାୟ ନେବାକୁ ବସିଲେ-- ରାଜେଶ୍ ବାବୁଙ୍କୁ ବହୁତ୍ ବ୍ୟସ୍ତ ଲାଗିଲାଣି । ଅଫିସ୍‌ରୁ ଆସିବା ପରେ ଯାହା ଅବସ୍ଥାଟା ହୁଏ ତା ଅନୁମେୟ । ଠିକ୍ ସେହିପରି ରଂଜନବାବୁ କିପରି ଘରକୁ ଯିବେ ସେ ମଧ୍ୟ ବ୍ୟସ୍ତ । ରାଜେଶ୍ ବାବୁ ରଂଜନ ବାବୁଙ୍କୁ ବିଦାୟ ଦେଇ ଘର ଭିତରକୁ ଗଲେ । ରଂଜନ ମାନସିଂହ କାର୍‌ରେ ବସି ଷ୍ଟିଅରିଂ ମୋଡ଼ିଲେ ନିଜ ଘର ଆଡ଼କୁ । କିଛି ବ୍ୟସ୍ତ ଭରା ମନ ନେଇ । ଭୁଲ୍- ଆଜି ମସ୍ତବଡ଼ ଭୁଲ୍ ସେ କରିଛନ୍ତି । ତାଙ୍କର ଶାନ୍ତି ପାଖକୁ ଯିବାର ନ ଥିଲା । କାହିଁକି ସେ ଯାଉଥିଲେ- ତାଙ୍କର କି କାମ ଥିଲା । ଯାହା ହେବାର ଥିବ ହେବ । ମଣିଷ ଯେତେ ଚିନ୍ତା କଲେ ମଧ୍ୟ କିଛି କରିପାରିବ ନାହିଁ---- ।

Digitized by PPRACHIN, SOA

(ସତର)

ଯେତେ ଖିଅ ସଜାଡି ବସିଲେ କଣ ହେବ ସୂତାଟା ଯେ ଆପେ ଆପେ ଅଡୁଆ ହୋଇଯାଉଛି । ତର୍‌ତର୍ ହୋଇ ଅଫିସ୍ ବାହାରି ପଡ଼ିଲେ ରଂଜନବାବୁ । ଝିଅ ରାନୀକୁ କହିଲେ- ରାନୀ ତୁ ଖାଇ କରି କଲେଜ ଯିବୁ । ନାହିଁ ଡ଼ାଡ଼ି ମୋତେ କାହିଁକି ଆଜି ଭଲ ଲାଗୁନାହିଁ । ଭଲ ଲାଗୁନାହିଁ ମାନେ, ତୋର କଣ ଦେହ ଖରାପ ଅଛି- ରଂଜନବାବୁ ଉଦ୍‌ବେଗ ମନରେ କହିଲେ- ହଉ ତୋ ଇଛା ଯାହା କର । ଯଦି କିଛି ତୋର ଦେହ ବେଶି ଖରାପ୍ ହୁଏ ତେବେ ଫୋନ୍ କରିବୁ । ହଁ ଡ଼ାଡ଼ି । ରଂଜନବାବୁ କାର୍ ଷ୍ଟାର୍ଟ କରି ଅଫିସ୍ ପଳେଇଲେ । ଘରେ ରାନୀ ଏବଂ ଚାକରାଣୀ ମୀନା ଛଡ଼ା ଏତେ ବଡ଼ ବଂଗଳାଟାରେ ଆଉ କେହି ନାହିଁ । ସବୁ ନିଛାଟିଆ, ନିରୋଳା-ମାଛିଟିଏ ପଡ଼ିଲେ ନବଖଣ୍ଡ । ରାନୀ ପରମୁହୂର୍ତ୍ତରେ ଭାବିଲା, ଆଜି ନିଶ୍ଚୟ ସେ କେତେ ଖୋଜିଥିବେ । ବୋଧେ ମୋତେ ଅପେକ୍ଷା କରିଥିବେ । ଏହି ଭାବନାଟା ନ ସରୁଣୁ ହିରୋହଣ୍ଡା ଧରି ମିଷ୍ଟର ବିମଳ କୁମାର ରାନୀ ଘରେ ଆସି ହାଜର୍ ।

ପ୍ରେମିକ କେବେ କଣ ପ୍ରେମିକା ବିନା ବଂଚିପାରେ ? ଆଉ ପ୍ରେମିକା ପ୍ରେମିକର ପଥ ଚାହିଁ ଚାହିଁ ଅନେଇ ବସେ ପ୍ରେମିକର ପଥକୁ । ଯେଉଁଦିନ ରାନୀ କଲେଜ ନ ଯାଏ ସେ ଦିନ ଡ଼େରି ନ କରି ବିମଳ ଛୁଟି ଆସେ ତାର ଘରକୁ, ଆଉ ଆଜି ନ ଆସି କଣ ସେ ରହିପାରନ୍ତା ? ତାର ମନର ମାନସୀ, ଏ ଜୀବନର ସାଥି-ହୃଦୟର ମୋତି ସବୁକିଛି ଏହି ରାନୀ । କି ସୁନ୍ଦର ଏହି ରାନୀ- ରୂପ ତାର ଯେମିତି ମନଛୁଆଁ କଥା ଗୁଡ଼ିକ ମଧ ତଦରୂପ । ''ହାଲୋ ରାନୀ ହାଓ୍ୱ ଆର୍ ଇଉ'' ? ''ଆଇ ଆମ୍ ଭେରି ୱେଲ୍'' । କହି ବସିବାକୁ କହିଲା ରାନୀ ବିମଳକୁ । ନ କହିବ ବା କେମିତି ସେ ଭଲ ଅଛି ବୋଲି, କିନ୍ତୁ ଏପଟେ ଯେ ଦେହରେ କେତେ ଯନ୍ତ୍ରଣା ତାହା ବା କିଏ ବୁଝିବ ? ତା ଛଡ଼ା ଆସୁ ଆସୁ ବିମଳକୁ ସେ କିପରି କହିବ ଯେ ଦେହ ଭଲ ନାହିଁ ବୋଲି । ତେବେ ତୁମେ ତ ଭଲ ଅଛ, କଲେଜ କାହିଁକି ଗଲ ନାହିଁ, ବିମଳ ପଚାରିଲା । ରାନୀ କଣ କହିବ ଖାଲି ଲାଲ୍ ଚିବୁକରେ ଦୁଇଟି ହସର ଜୁଆର ଖେଳାଇ ଦେଇ ମୀନାକୁ କହିଲା କଫି ଆଣିବା ପାଇଁ । ନାଁ ମୁଁ କଫି ଫପି କିଛି ପିଇବି ନାହିଁ- ଆଗ କହିଲ ତୁମର କଣ ହୋଇଛି ? ଆରେ ବାବା ଶୁଣ ମୋର ଦେହ କିଛି ହୋଇନି ଆଜି ଦୁଇଥରସେନ୍‌ସଲେସ୍ ହୋଇଗଲି, ତେଣୁ କଲେଜ ଯିବାକୁ ଭଲ ଲାଗିଲା ନାହିଁ ତେଣୁ ଗଲିନାହିଁ । ନାଁ ମିଛ, ମୁଁ କିନ୍ତୁ ବିଶ୍ୱାସ କରୁନାହିଁ । ମିଛ କି ସତ ମୀନାକୁ ପଚାରୁନ ଜଣାପଡ଼ିବ । ହଁ ବାବୁ ରାନୀ ଅପାଙ୍କର ଦୁଇଥର ଆଜି ଚେତା ବୁଡ଼ିଗଲା । ମୁଁ ତାଙ୍କ ମୁଣ୍ଡରେ ପାଣି ପକାଇ ଚେତା କରାଇଲି । ତେବେ ମଉସା କଣ ତୁମ ଦେହ କଥା ଶୁଣି ନାହାନ୍ତି । ''ଏତକ ସିନା ବିମଳ କହିଗଲା

Digitized by PPRACHIN, SOA

ଯେ ମଉସା ଶୁଣିନାହାନ୍ତି ବୋଲି କେବେ ଦିନେ ହେଲେ ରଂଜନ ବାବୁ ଥିବା ଅବସ୍ଥାରେ ସେ ରାନୀ ପାଖକୁ ଆସେନାହିଁ । ବିମଳକୁ ରଂଜନ ଚିହ୍ନି ନାହାନ୍ତି ।'' ନାଁ ଡ୍ରାଡ଼ିକୁ କାହିଁକି ଏତେ କଥା କହିବି, ମୁଁ କିଛି ଜାଣି ପାରୁନାହିଁ । ମୋର କାହିଁକି ଏମିତି ହେଉଛି, ତେବେ ମୋତେ କାହିଁକି ସନ୍ଦେହ ହେଉଛି ? ବିମଳ ଚମକି ଉଠିଲା- ସନ୍ଦେହ ? କଣ ସନ୍ଦେହ-----? ସେ ଦିନ ସେହି ହ୍ରଦ ଗଡ଼ର ସୁକୋମଳ ଘାସ ଶର୍ଯ୍ୟାରେ ଆମେ ଦୁହେଁ--------। ଅତୀତ ଦିନର କାହାଣୀ ଦୁହେଁ ଭାବିଚାଲିଲେ-----------।

x x x x x x x

ଏହି ରାନୀ ସହିତ ସମ୍ପର୍କ ସ୍ଥାପନ ହୁଏ ବିମଳର ମାତ୍ର ଏକବର୍ଷ । କାରଣ ରାନୀର ଡ୍ୱାଡ଼ି ଟ୍ରାନ୍ସଫର ହୋଇ ଆସନ୍ତି କଟକ । ତେଣୁ ରାନୀ ପଢ଼େ କଟକ ରେଭେନ୍‌ସା କଲେଜରେ ବିମଳ ସହିତ, ଏକା କ୍ଲାସରେ । ଦୁଇଜଣ ପଢ଼ାପଢ଼ିଠାରୁ ଲାଇବ୍ରେରୀ ତଥା କଲେଜ ଫଙ୍କସନ୍‌ରେ ଏପରି ଜଡ଼ିତ ହୋଇ ପଡ଼ିଲେ ଯେ ଜଣେ ଅନ୍ୟ ଜଣକୁ ନ ଦେଖିଲେ ପାଗଳ ପାଗଳି ପରି ହୋଇଯାଆନ୍ତି । ଏ ଯେ ପରସ୍ପରର ମନର ମିଳନ । ଏହିମାତ୍ର ପାଂଚ ମାସ ତଳର ଘଟଣା କ୍ଲାସ୍‌ର ପିଲାମାନେ ପିକ୍‌ନିକ୍ କରିବା ପାଇଁ ହ୍ରଦଗଡ଼କୁ ବାଛିନେଲେ । ସବୁ ଠିକ୍ ଠାକ୍ ସରିଗଲା ପରେ ପିକ୍‌ନିକ୍‌କୁ ବାହାରିଗଲେ କ୍ଲାସର ପିଲାମାନଙ୍କ ସହିତ ବିମଳ ଓ ରାନୀ । ସାଙ୍ଗରେ ଲେକ୍‌ଚରମାନେ ମଧ ଯାଇଥାନ୍ତି । ପହଞ୍ଚି ଗଲାପରେ ଟିଫିନ୍ ଖାଇ ପିଲାମାନେ ବୁଲିବାକୁ ଚାଲିଗଲେ ଯିଏ ଯାହା ବାଟରେ । କିଏ ଗଲା ତ ଶାଳନ୍ଦୀ ନଦୀର ପ୍ରୋଜେକ୍ଟ ଦେଖିବା ପାଇଁ କିଏ ଗଲା ଶାଳନ୍ଦୀ ନଦୀର କଡ଼ରେ ଥିବା ପାହାଡ଼କୁ ବୁଲିବା ପାଇଁ । ଠିକ୍ ସେହିପରି ରାନୀ ଆଉ ବିମଳ ମଧ କାହା ସହିତ ମିଶି ନ ଯାଇ ଦୁହେଁ ଚାଲିଲେ ନିଜେ ବୁଲିବା ପାଇଁ । କି ମନୋରମ ହୃଦୟସ୍ପର୍ଶୀ ସେ ସ୍ଥାନ । ଶାଳନ୍ଦୀ ନଦୀର ବନ୍ଧରେ ସୁକୋମଳ ଘାସର ଗାଲିଚା କି ସୁନ୍ଦର ଏବଂ ଅତ୍ୟଧିକ ସୁନ୍ଦର କରି ଦେଉଥାଏ ବିଭିନ୍ନ ପ୍ରକାର ଫୁଲ ଗୁଡ଼ିକ । ଦୁହେଁ ବିମଳ ଓ ରାନୀ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରି, ନିଜକୁ ହଜେଇ ଦେଲେ ପ୍ରକୃତି କୋଳରେ । ଦେଖ ରାନୀ କି ସୁନ୍ଦର ଏ ସ୍ଥାନ- ହଁ ସତେତ କି ସୁନ୍ଦର- ଦୁହେଁ ଭାବ ବିହ୍ୱଳ ହୋଇ କହି ଉଠିଲେ । କିନ୍ତୁ ସଂଯତ ହୋଇ ରହିବା ଏ ଦୁହିଁଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼ିଲା । ସେ ଦୁହେଁ ଏକା, ତାଙ୍କ ପାଖରେ କେହି ନାହାଁନ୍ତି, ଏତ ସୁବର୍ଣ୍ଣ ସୁଯୋଗ । ନାୟକ ପାଖରେ ନାୟିକା ପ୍ରେମ ଫାଶରେ ଆବଦ୍ଧ । ଏତେ ଦିନ ଯାଏଁ ଦୁହେଁ ଦୁହିଁକୁ ମନର ମିଳନର ଉପଭୋଗ କରି ଆସୁଥିଲେ । ହେଲେ ସେଦିନ ଦୁହେଁ ଦୁହିଁଙ୍କରମନକୁ ମିଶାଇ ଦେଲେ ଏକମନରେ । ଉଭୟେ ଚିନ୍ତା କରିଲେ

Digitized by PPRACHIN, SOA

ଗୋଟିଏ ମନ ନେଇ । ଦୁଇଟି କୋମଳ ଫୁଲ ମିଶି ଗୋଟାଏ ତୋଡ଼ା ହୋଇଗଲେ । ଭାବି ନ ଥିଲେ ଆଗକୁ କଣ ହେବ ? ସବୁକିଛି ଦିଆନିଆ ସରିଗଲା ପରେ ଫେରି ଆସିଲେ ଡ଼ାକ ବଂଗଳାକୁ- ଫିଷ୍ଟଖାଇ ଫେରିଲେ ଘରକୁ । ତାପରେ ଗଡ଼ିଚାଲେ ଦିନ ତାରିଖ ପରେ ତାରିଖ ହୋଇ । ଠିକ୍ ଆଜକୁ ପାଂଚ ମାସ ।

x x x x x x x

ଏତକ ଭାବିଗଲା ପରେ ଚମକି ଉଠିଲେ ଦୁହେଁ, ସେମାନେ କାହିଁକି ଏପରି ସ୍ଥାନକୁ ଗୋଡ଼ ବଢ଼େଇଲେ । ତେବେ ରାନୀର ଅବସ୍ଥା କଣ ହେବ ସେ କଥା ଚିନ୍ତା କରିପାରୁଛି ତ ବିମଳ ? ବିମଳ ଭାବୁଛି କଣ କରିବ ? ରାନୀ ! ଉଁ କଣ କହୁଛ ? ମୁଁ କହୁଛି, ଯେତେଶିଘ୍ର ଏହାପାଇଁ କିଛି ସମାଧାନ କରିବାକୁ ପଡ଼ିବ । ହଁ ମୁଁ ବି ତ ସେହି କଥା ଭାବୁଛି । ତେବେ ଆଉ ଡ଼େରି କାହିଁକି ? ଆସ ମୋ ସାଥିରେ । କୁଆଡ଼କୁ ? ମେଡ଼ିକାଲ୍ । ମେଡ଼ିକାଲ୍ ଯଦି ଡ଼ାଡ଼ି ଜାଣିପାରନ୍ତି ? ନାଁ ସେ ଜାଣିପାରିବେ ନାହିଁ । ଆଚ୍ଛା ଆଜି କାହିଁକି କାଲି ଗଲେ ଚଳନ୍ତା ନାହିଁ, ବୁଝିଲ ବିମଳ ମୋତେ ଆଜି କାହିଁକି ବେଶି ହାଲିଆ ଲାଗୁଛି । ତୁମ କଥା ହେଉ କାଲି କଲେଜ ଗଲାପରେ ସବୁକିଛି ବନ୍ଦୋବସ୍ତ କରିବା ପାଇଁ ପଡ଼ିବ- ଏକ ହତୋସାହ ମନ ନେଇ କହି ଉଠିଲା ବିମଳ । ତାର ମୁଣ୍ଡ ଚକର୍ ଖାଉଛି । ସେ କେଡ଼େ ବଡ଼ ଅପରାଧ ନ କଲା, ସମସ୍ତଙ୍କ ଆଖିରେ ସେ ଶାନ୍ତ ସରଳ । ହେଲେ ଭିତରେ ସେ ଏମିତି ବୋଲି ଯଦି କେହି ଜାଣେ ତେବେ ଅବସ୍ଥାଟା ଯେ କଣ ହେବ ? ଏତେ କଣ ଭାବୁଛ ବିମଳ । ରାନୀ ବ୍ୟଥା ଭରା ମନ ନେଇ କହିଉଠିଲା । ଯାଅ ତୁମେ ପଳାଅ ଡ଼ାଡ଼ିଙ୍କ ଆସିବା ବେଳ ହୋଇଗଲାଣି । ହାତଘଣ୍ଟାକୁ ଚାହିଁଲା ବିମଳ ଆରେ ସତେତ ସେ ୧୧ଟାରୁ ୪ଟା ପର୍ଯ୍ୟନ୍ତ ରାନୀ ସହିତ ଗପ କରୁଛି । ଆଚ୍ଛା ତେବେ ମୁଁ ଆସୁଛି, ତୁମେ ଯେମିତି କାଲି କଲେଜ ଯିବାକୁ ଭୁଲି ନ ଯାଅ ।

ରାନୀ ବିମଳକୁ ବିଦାୟ ଦେଇ ବେଡ୍ ପାଖକୁ ଗଲା ଶୋଇବା ପାଇଁ । ଶୋଇବ ବା କେମିତି ସାରା ଦେହଟା ଯେ ତାତି ଭର୍ତ୍ତି ହୋଇଗଲାଣି ଭୟରେ- କାହିଁକି ସେ ପଥକୁ ଗୋଡ଼ ବଢ଼ାଉଥିଲା ପରବର୍ତ୍ତୀ ଅବସ୍ଥାଟା କଣ ହେବ ?--- ଆଜିଯାଏଁ କାହିଁକି ସେ ବିମଳକୁ କି ଡ଼ାକ୍ତରଙ୍କ ପରାମର୍ଶ କଲାନାହିଁ ? ସେ ଯେ କିଛି ଠିକ୍ ଚିନ୍ତା କରିପାରୁନାହିଁ । ମୀନା - ମୀନା କଣ ହେଲା ରାନୀଅପା ? ମୋତେ ଟିକିଏ ମୋଡ଼ିଦବୁ । ମୀନା ରାନୀକୁ ମୋଡ଼ି ଦେଉଛି କିନ୍ତୁ ଏହାରି ଭିତରେ ରାନୀ ପୁଣି ଥରେ ଚେତା ହରାଇଲାଣି ତାକୁ ଜଣାନାହିଁ- ରାନୀଅପା, ରାନୀଅପା- ଏଁ କଣ ହେଲା ପୁଣି ଚେତା ବୁଡ଼ିଗଲାନା କଣ ? ମୁଁ କଣ କରିବି ଯେ, ଏହା କହି ପାଣି ଆଣି ମୁହଁରେ ଛିଂଚିଲା, ହେଲେ ସବୁଥର ପରି ଏଥର ରାନୀର ଚେତା ଆଉ

Digitized by PPRACHIN, SOA

ଫେରିଲା ନାହିଁ । ଯୋଗକୁ ଅଫିସ୍‌ରୁ ଆସି ପହଁଚି ଗଲେ ରଂଜନ ବାବୁ । କଣ ହୋଇଛି ? କଣ ହୋଇଛି, ତୁ ଏମିତି ପାଣି କଣ ରାନୀ ମୁହଁରେ ଛିଞ୍ଚୁଛୁ । ଅସ୍ତବ୍ୟସ୍ତ ଭାବେ କହି ଉଠିଲେ ରଂଜନ ବାବୁ । ନିଜେ ଯାଇ ରାନୀକୁ ଦେଖିଲେ, ଆଉ ଡେ଼ରି ନ କରି ଫୋନ୍ କଲେ ଡ଼ାକ୍ତରଙ୍କୁ ତାପରେ ରାନୀ ମୁଣ୍ଡ ଉପରେ ବସି ତା ମଥାରେ ହାତ ଆଉଁସିଲେ । ଏ କଣ ହେଉଛି ମାଆ ତୋର ? ଆଛା ମୀନା, ରାନୀର କଣ ଏହା ପ୍ରଥମ ନା ଆଉ କେବେ ହୋଇଥିଲା । ନାହିଁ ବାବୁ ଆଜି କାହିଁକି ତିନିଥର ଏମିତି । ତିନିଥର ତୁ ଏ ଯାଏଁ ମୋତେ କାହିଁକି କହି ନଥିଲୁ ଚିଡ଼ିଉଠିଲେ ମୀନା ଉପରକୁ ।

ଏହି ସମୟରେ ଡ଼ାକ୍ତର ଘର ଭିତରକୁ ପଶିଆସିଲେ । ନମସ୍କାର ସାର୍ । ପ୍ରତି ନମସ୍କାର ଜଣାଇ କହିଗଲେ- ଦେଖନ୍ତୁ ଡ଼ାକ୍ତର ଆଜି ରାନୀ କାହିଁକି ତିନିଥର ଚେତା ହରାଇଲାଣି । ଆପଣ ବ୍ୟସ୍ତ ହୁଅନ୍ତୁନି ମୁଁ ଦେଖୁଛି- ଡ଼ାକ୍ତର ରାନୀର ଦେହକୁ ପରୀକ୍ଷା କରି ଯାହା ଜାଣିଲେ- ସେଥିରେ ଖୁସି ହେବେନା ଦୁଃଖ କରିବେ କିଛି ଜାଣିପାରିଲେ ନାହିଁ । ସେ ଭଲ କରି ଜାଣନ୍ତି ରାନୀ ଏସ୍.ପି. ସାହେବଙ୍କ ଏକ ମାତ୍ର ଝିଅ । ଏ ଯାଏଁ ବି ତାର ବିବାହ ହୋଇନାହିଁ । କିନ୍ତୁ ସେ ରାନୀରଚିକିତ୍ସାରୁ ଯାହା ଜାଣିଲେ, ତା ଯଦି ଏସ୍.ପି. ସାହେବ ଜାଣନ୍ତି ତେବେ କଣ ହେବ ? କଣ ହୋଇଛି ଡ଼ାକ୍ତର ଏତେ ଭାବୁଛନ୍ତି ଯେ-- ରଂଜନବାବୁ ବଡ଼ ବ୍ୟସ୍ତ ହୋଇ ପଚାରି ପକାଇଲେ । କୌଣସି ଉତ୍ତର ଦେବା ପୂର୍ବରୁ ଇଂଜେକ୍‌ସନ୍‌ଟା ରାନୀ ଦେହରେ ଫୋଡ଼ିସାରି କହିଉଠିଲେ ଡ଼ାକ୍ତର- ଅବଶ୍ୟ ଡ଼ାକ୍ତର କିଛି କହିବା ପୂର୍ବରୁ ପୁଣି ଇଙ୍ଗିତ ଦେଲେ ମୀନା ଆଡ଼କୁ । ଓହୋ ରଂଜନ ବାବୁ ବୁଝିଗଲେ- ମୀନାକୁ କହିଲେ ଭିତରକୁ ଯିବାପାଇଁ, ମୀନା ଘର ଭିତରକୁ ପଳେଇଗଲା । ବୁଝିଲେ ସାର୍ ! ଆପଣଙ୍କ ଝିଅ ମାଆ ହେବାକୁ ଯାଉଛନ୍ତି । ମାଆ ହେବାକୁ ? ମାଆ ? ଏକଣ କହୁଛନ୍ତି ଡ଼କ୍ଟର ? ହଁ ସାର୍ ଏହା ସତ କଥା, ସତେ ଯେପରି ଡ଼ାକ୍ତର ବଡ଼ ଦୁଃଖ ସହକାରେ କହିଉଠିଲେ । ନା- ନା ଏହା ହୋଇପାରେନା ଡ଼କ୍ଟର । ଏହା ହୋଇ ପାରେନା ? ମୋ ଝିଅ ପରି ------ ! ସାର୍ ! ମୁଁ ଭଲ ଭାବରେ ପରୀକ୍ଷା କରିଛି ଆପଣଙ୍କ ଝିଅଙ୍କୁ, ଆପଣ ମୋ କଥାକୁ ବିଶ୍ୱାସ କରନ୍ତୁ । ସବୁ ଆଡ଼େ ଅନ୍ଧାର, ଘରର ଛାତଟା ସତେ ଯେପରି ରଂଜନବାବୁଙ୍କ ମୁଣ୍ଡ ଉପରେ ଛିଣ୍ଡି ପଡ଼ିବ । ହଠାତ୍ ଆଉ କିଛି ପାଟିରୁ ନ ବାହାରୁଣୁ ଚେୟାର୍ ଉପରେ ପଡ଼ି ଗଲେ ରଂଜନ ବାବୁ । ଡ଼ାକ୍ତର ଦୌଡ଼ିଆସି ଧରିପକାଇଲେ । ଆରେ ସାର୍ ଯେସେନ୍‌ସେଲେସ୍ ଭିତରୁ ଚେୟାର୍ ଶବ୍ଦ ଶୁଣି ଚାକରାଣୀ ମୀନା ଦୌଡ଼ି ଆସିଲା । - ଏଁ ବାବୁଙ୍କର କଣ ହେଲା ? ଡ଼କ୍ଟର କହିଲେ ନାଁ ସେ କିଛି ନୁହେଁ ତୁମେ ଆଗ ଗରମ ପାଣି ଆଣ ତ । ମୀନା

Digitized by PPRACHIN, SOA

ଭିତରକୁ ଦୌଡ଼ି ଗଲା------ । ଡ଼ାକ୍ତର ରଂଜନ ବାବୁଙ୍କର ଛାତିଟାକୁ ପରୀକ୍ଷା କରିବାକୁ ଲାଗିଲେ- ମୀନା ଗରମ ପାଣି ଧରି ପଂହଚି ଡ଼ାକ୍ତରଙ୍କୁ ଦେଲା । ଡ଼ାକ୍ତର ଗୋଟାଏ ଇଂଜେକ୍‌ସନ୍ ରଂଜନ ବାବୁଙ୍କ ହାତରେ ଦେଇ ତାଙ୍କ ପାଖରେ ବସି ରହିଲେ । ଏହି ସମୟରେ ରାନୀର ଚେତା ଫେରି ଆସିଛି । ସେ ଏକ୍‌ଦମ୍ ଆଶ୍ଚର୍ଯ୍ୟ ହୋଇପଡ଼ିଲା ଏ କଣ ତା ଡ଼ାଡ଼ି ଚେୟାର ଉପରେ ଶୋଇ ରହିଛନ୍ତି ଏବଂ ଡ଼କ୍ଟର ଯେ ତାଙ୍କ ପାଖରେ । ମୋ ଡ଼ାଡ଼ିଙ୍କର କଣ ହେଲା ଡ଼କ୍ଟର । ଡ଼କ୍ଟର ଆଉ କଣ କହିବେ ? ନାଁ ସେ କିଛି ନୁହେଁ ଟିକିଏ .... । ବୁଝିଲେ ରାନୀ ଦେବୀ.... । ଆପଣଙ୍କ ଡ଼ାଡ଼ିଙ୍କର ଲୋ ବ୍ଲଡ୍ ପ୍ରେସର ତେଣୁ ଟିକିଏ କଥା ଭାବିଦେଲେ, ହଠାତ୍ ସେ ଏପରି ହୋଇପଡୁଛନ୍ତି । ଅବଶ୍ୟ ଏହା ଆପଣଙ୍କ ଡ଼ାଡ଼ିଙ୍କର ପ୍ରଥମ । ତେବେ ଡ଼କ୍ଟର ଆପଣ ତାଙ୍କୁ ଭଲ କରନ୍ତୁ । ବ୍ୟସ୍ତ ହୁଅନ୍ତୁନି ରାନୀ ଦେବୀ । ଗଲେ, ଆପଣ ବେଡ୍‌ରୁମ୍‌ରେ ଟିକେ ରେଷ୍ଟ ନେବେ । ମୁଁ ଆପଣଙ୍କ ଡ଼ାଡ଼ିଙ୍କ କଥା ବୁଝୁଛି, ଯାଆନ୍ତୁ । କାହିଁକି ? ଡ଼କ୍ଟର ମୋର କଣ ହୋଇଛି ଯେ ମୁଁ ରେଷ୍ଟ ନେବି । ଏହିତ ଟିକିଏ ଆଗରୁ ଆପଣ ଚେତାହରାଇ ପଡ଼ିଥିଲେ । ରାନୀ ମୁଣ୍ଡରେ ଚେତା ପଶିଲା- ହଁ ସତେତ ତାଙ୍କ ବାମ ହାତରେ ଇଂଜେକ୍‌ସନ୍‌ର ବିନ୍ଧାଟା ଏ ପର୍ଯ୍ୟନ୍ତ ହେଉଛି- ତେବେ ଡ଼କ୍ଟର ଯଦି ମୋ ଡ଼ାଡ଼ିଙ୍କ ଆଗରେ କହିଦିଅନ୍ତି------ ? ଡ଼କ୍ଟରଙ୍କ ସହିତ ବେଶୀ କିଛି କଥାବାର୍ତ୍ତା ନ କରି ନିଜ ବେଡ୍‌ରୁମ୍ ଭିତରକୁ ପଶିଗଲେ ରାନୀ । ମୀନା ମଧ୍ୟ ତାଙ୍କ ପଛେ ପଛେ । ମୀନା ନୀରବ, ରାନୀ ନୀରବ । ଉଭୟେ ଉଭୟଙ୍କ ମୁହଁକୁ ଚାହିଁବା ଛଡ଼ା ଅନ୍ୟ କିଛି ନ ଥିଲା ।

ଚାକରାଣୀ ମୀନା ଏତେ ଛନ୍ଦର ମନ୍ଦର କଥା ଜାଣିନି, କେବଳ ଜାଣିଛି ରାନୀ ତାର ବେହୋସ୍ ହୋଇ ପଡ଼ିବା କଥା- ସେ କାହିଁ ଜାଣିବ "ସାରୁ ଭିତରେ ମାରୁ ଅଛିବୋଲି ।" ସେ ଜାଣିଲେ ବି ଚକୁଳି ଖାଇବା ଲୋକ ବିନ୍ଧ ଗଣିବାକୁ ବା ଯିବ କାହିଁକି ? ରାନୀ, ମୀନାକୁ ପଚାରିଲା ଡ଼ାଡ଼ିଙ୍କର ଏ କଣ ହେଲା ମୀନା ? ବୁଝିଲ ରାନୀ ଅପା ମୁଁ କିଛି ଜାଣିନି । ମୋତେ ବାବୁ କହିଲେ ଭିତରକୁ ଯିବା ଲାଗି ମୁଁ ଭିତରକୁ ପଳେଇ ଆସିଲି । ତା ପରେ ଡ଼ାକ୍ତର ବାବୁ ଓ ଆମବାବୁ ତୁମ ବିଷୟରେ କଣ କଥାବାର୍ତ୍ତା ହେଉଥିଲେ କିନ୍ତୁ ମୁଁ ସେ ସବୁ ଭଲ ଭାବେ କିଛି ଜାଣିନି । ତା ପରେ ଶବ୍ଦ ଶୁଣି ମୁଁ ଦୌଡ଼ି ଗଲା ବେଳକୁ ବାବୁ ଆମର ଚେତା ହରେଇ ଚେୟାରରେ ପଡ଼ିଛନ୍ତି ତାଙ୍କ ପାଖରେ ଡ଼ାକ୍ତର । ତା ପରେ ଡ଼ାକ୍ତରଙ୍କୁ ମୁଁ ଗରମ ପାଣି ନେଇ ଦେଲି, ସେ ବାବୁଙ୍କୁ ଇଂଜେକ୍‌ସନ୍ ଦେଲେ । ତା ପରେ ଦେଖିଲାରୁ ତୁମର ଚେତା ଆସିଲା, ବାବୁ ଚେତା ହରାଇ ପଡ଼ିଲେ--- କାନ୍ଦ କାନ୍ଦ ହୋଇ ଏତକ କହିଗଲା ମୀନା । ଏହିତ ଦରଦ- ଜଣେ ଜଣଙ୍କର ପାଇଁ । ମୀନା ଚାକରାଣୀ ହେଲାବୋଲି

Digitized by PPRACHIN, SOA

ତାର ମନ ଅଛି, ତାର ହୃଦୟ ଅଛି । ପେଟ ଚାଖଣ୍ଡକ ଲାଗି ଆଜକୁ ଆଠମାସରୁ ବେଶି ହେବ ରଂଜନ ବାବୁଙ୍କ ଘରେ ଚାକରାଣୀ ସାଜି ରହିଅଛି । କିନ୍ତୁ ରଂଜନବାବୁ ତାକୁ ଚାକରାଣୀଠାରୁ ଉପର ଆସନରେ ରଖିଛନ୍ତି । ଯାବତୀୟ ଘରକାମ ରନ୍ଧାବଢ଼ାଠାରୁ ଘସାମୋଡ଼ା ପର୍ଯ୍ୟନ୍ତ ସବୁକରେ ଏହି ମୀନା- ସେ ଯେପରି ରଂଜନ ବାବୁଙ୍କ ପରିବାର ମଧ୍ୟରୁ ଜଣେ । ପରିବାର ଏକ-ଦୁଇ-ତିନିକୁ ନେଇ । ମୀନା ବଡ଼ ଦୁଃଖୀ- ସ୍ୱାମୀ ପରିତ୍ୟକ୍ତା- କେଡ଼େ ଦୟନୀୟା ହୋଇ ସେ ବୁଲୁ ନ ଥିଲା- ଏମିତିକି ବାର ଘର କାମ କଲେ ମଧ ପେଟ ଖଣ୍ଡକ ତାର ଅପୋଷା ରହୁଥିଲା ବେଳେବେଳେ । ଯେଉଁଦିନଠାରୁ ରଂଜନବାବୁଙ୍କ ଘରେ ସେ ଆସି ରହିଲାଣି- ତାକୁ ଯେପରି ସ୍ୱର୍ଗଠାରୁ ବଳି ଅଧିକ ଲାଗେ ଏହି ଘର ଖଣ୍ଡିକ । ଠିକ୍ ମନନିଏ ରାନୀର ଏହି ମୀନା । ମୀନା ଚାକରାଣୀ ସତ, ହେଲେ ବେଳେବେଳେ ମାଆପରି ସ୍ନେହ କରେ ରାନୀକୁ- ମହତ କଥା କୁହେ ରାନୀକୁ । କିନ୍ତୁ ବଡ଼ ଲୋକୀର ଝିଅ ଏହି ରାନୀ, ମୀନା କଥାକୁ ଅଳପେକେ ବି ଖାତିରି କରେନାହିଁ । ହଁ କେମିତି ବା କରିବ ସେ ଯେ ଜଣେ ଏସ୍.ପି ର ଝିଅ ଆଉ ସେ ଯିବ ଏ ଚାକରାଣୀଟାର କଥାକୁ କାନ ଦେବାକୁ ? କିନ୍ତୁ ରାନୀକୁ ଆଜି ପସ୍ତେଇ ହେବାକୁ ପଡ଼ିଛି । ତାର ସବୁ ଦମ୍ଭ ଅହଂକାରର ଅଟ୍ଟାଳିକା ଆଜି ଚୁର୍‌ମାର୍ ହେବାକୁ ବସିଛି । ଆଉ କିଛି ନ ଭାବି କିଛି ମୀନାକୁ ନ କହି ତକିଆରେ ମୁହଁ ମାଡ଼ି କଇଁ କଇଁ ହୋଇ କାନ୍ଦି ଉଠିଲା ରାନୀ । ମୀନା ଯେତେ ବୁଝାଇଲେ ମଧ ବୁଝିଲା ନାହିଁ । ଅପା ! ତୁମେ କାନ୍ଦୁଛ, ବାବୁ ଭଲ ହୋଇଯିବେ । ଛି ! ମୋ ରାଣ ଅପା ତୁମେ କାନ୍ଦନା, ତୁମେ କାନ୍ଦିଲେ ବାବୁ ଜାଣିବେ, ତାପରେ ବାବୁଙ୍କ ମନଦୁଃଖ ହେବନି.... । ହଁ ସତେତ ଡ଼ାଡ଼ି ତାର ମନଦୁଃଖ କରିବେ । ନ କାନ୍ଦି ତକିଆରେ ମୁହଁ ମାଡ଼ି ପଡ଼ି ରହିଲା । ମୀନା ରାନୀର ପାଦଦୁଇଟାକୁ ଆଉଁସିବାରେ ଲାଗିଲା । ମଝିରେ ମଝିରେ ବାବୁଙ୍କୁ ଯାଇଁ ଦେଖି ଆସୁଥାଏ, ତାପରେ ଗୋଟାଏ କପ୍ କଫି ଡ଼ାକ୍ତରଙ୍କୁ ନେଇ ଦେଲା ।

ନିଦରୁ ଉଠିଲାପରି ଉଠିପଡ଼ିଲେ ରଂଜନବାବୁ । ଆରେ ଡ଼କ୍ଟର ଆପଣ ମୋ ପାଖରେ ବସିଛନ୍ତି । ହଁ ସାର୍ ଆପଣ ଜମା ବ୍ୟସ୍ତହୁଅନ୍ତୁନି । ଆପଣ ବର୍ତ୍ତମାନ ପାଇଁ ପୁରା ସୁସ୍ଥ । ହଁ ଶୁଣନ୍ତୁ ସାର୍ ଏ ମେଡ଼ିସିନ୍ କେତେଟା ଲେଖିଦେଉଛି, ଆପଣ କିଣି ଆଣି ଖାଇବେ । ଏତ ଆପଣଙ୍କର ନର୍ମାଲ୍ ବ୍ଲଡ ପ୍ରେସରତୁ ନଟ୍ ଓରି ସାର୍ ! ହଁ ମୁଁ ସିନା ସୁସ୍ଥ ହୋଇଯିବି । ହେଲେ ଡ଼କ୍ଟର ମୋ ଝିଅ କଥା କଣ ବୁଝିଲେ ତା ପାଇଁ ଉପାୟ ? ଭଙ୍ଗା ମନ ନେଇ କହିଉଠିଲେ ରଂଜନ ବାବୁ । ଡ଼କ୍ଟର ନୀରବତା ପ୍ରଦର୍ଶନ କଲେ- ଏ କଣ ଡ଼କ୍ଟର ଆପଣ ନୀରବ ରହିଲେ ? କିଛି କହୁନାହାନ୍ତି ଯେ ! କ୍ଷମା କରିବେ ସାର୍ ! ମୁଁ ଯାହା କହିବି ଅବଶ୍ୟ ଆପଣ ରାଜି ହେବେନାହିଁ କିନ୍ତୁ ?

Digitized by PPRACHIN, SOA

କିନ୍ତୁ କଣ ଡ଼କ୍ଟର ? କୁହନ୍ତୁ ମୁଁ ଆପଣଙ୍କ କଥା ବୁଝୁଛି ସାର୍ ! ଆପଣ ଭାବୁଥିବେ ଡ଼ାକ୍ତରୀ ବିଦ୍ୟାରେ ସବୁକିଛି ସମ୍ଭବ ! ହଁ ସମ୍ଭବ ସତ, ହେଲେ ବେଳେ ବେଳେ ରୋଗୀ ଏପରି ଅବସ୍ଥାରେ ଉପନୀତ ହୁଏ ଯେ ତାକୁ ଡ଼ାକ୍ତରମାନେ ବଂଚେଇବା ମଧ୍ୟ କଷ୍ଟସାଧ ହୁଏ, ତେଣୁ କରି ମୁଁ କହୁଛି....... । କଥାକୁ ଛଡ଼େଇ ନେଇ ରଂଜନ ବାବୁ କହି ଉଠିଲେ ରାନୀର ଆବର୍ସନ କରାଇ ନେବାଟା ଭଲ କଣ ଏଇଆ ତ ? ଆପଣ, ଆପଣଙ୍କ ଝିଅର ଆବର୍ସନ ନ କରାଇ ତାର ମନ ଲାଖି ବର ସହିତ ବିବାହ କରିଦେବା ମୋ ମତରେ ହିଁ ଭଲ । ଡ଼କ୍ଟରଙ୍କ ଏତକ କଥା ଶୁଣି ରଂଜନବାବୁ ରାଗିଗଲେ । ଆପଣ ଡ଼ାକ୍ତର ହୋଇ ଏହା କହିପାରିଲେ ? ଆପଣଙ୍କ ମେଡ଼ିକାଲ୍‌ରେ ତ ଦିନକୁ ଦିନ ଏହିପରି କେତେ କେତେ ପେସେଣ୍ଟ ସେମାନଙ୍କର ଆବର୍ସନ କରାଇ ନେଉଛନ୍ତି ଆଉ ଆପଣ ଏଥିରେ ରାଜି ହେଉନାହାନ୍ତି କାହିଁକି ? ମୁଁ ଦୁଃଖିତ ସାର୍ ! ଅବଶ୍ୟ ଏହା ସତ କଥା ଯେ ଶହଶହ ସ୍ତ୍ରୀ କଣ ଝିଅ କଣ ନିଜେ ନିଜର ଆବର୍ସନ କରାଇ ନେଉଛନ୍ତି କିନ୍ତୁ ପରବର୍ତ୍ତୀ ଅବସ୍ଥାଟା ଯାହା ହେଉଛି- ସେ କଥା ବୁଝିଲା ବେଳକୁ "ନେଡ଼ି ଗୁଡ଼ କହୁଣୀକୁ ବୋହି ପଡ଼ିଥିବ" ସାର୍ ! ନ ବୁଝିଲା ପରି ଡ଼କ୍ଟରଙ୍କ ମୁହଁକୁ ଚାହିଁ ବସିଲେ ରଂଜନ ବାବୁ । ବୁଝିପାରିଲେ ନାହିଁ ବୋଧେ ସାର୍, ଯେଉଁମାନେ ଏ କାମ କରୁଛନ୍ତି ସେମାନେ ସେମାନଙ୍କ ପରବର୍ତ୍ତୀ ଜୀବନରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ! ଜାଣନ୍ତି ସାର୍ ଧରନ୍ତୁ ଆପଣଙ୍କ ଝିଅର ମୁଁ ଆବର୍ସନ କରିଦେବି- ତା ପରେ ଦେଖିବେ ଆପଣଙ୍କ ଝିଅର ସ୍ୱାସ୍ଥ୍ୟ ହାନି ଘଟିବେ, କାରଣ ଏହା କରିବା ଦ୍ୱାରା ତା ଦେହରୁ ରକ୍ତସ୍ରାବ ହେବ, ସ୍ୱାସ୍ଥ୍ୟ ହାନି ହେବା ଦ୍ୱାରା ନାନା ରୋଗର ସମ୍ମୁଖୀନ ହେବ । ମୋର କରିବାର କିଛି ନାହିଁ ଆପଣ ଯେବେ କହୁଛନ୍ତି କାଲି ମୁଁ ଆସି ମେଡ଼ିକାଲ୍ ଯିବା ଦରକାର ନାହିଁ ଏହି ଘରେ କରି ଦେଇଯିବି । କିନ୍ତୁ ଗୋଟିଏ କଥା ସାର୍ ପାଞ୍ଚମାସର ପିଲାକୁ ନଷ୍ଟ କଲାବେଳକୁ ବହୁତ ଅସୁବିଧା ହୋଇପାରେ; ଚିନ୍ତାପଶିଲା ରଂଜନବାବୁଙ୍କର- ଠିକ୍ ରାନୀପରି ଅବସ୍ଥାର ସମ୍ମୁଖୀନ ହୋଇଥିବ ନିଶ୍ଚୟ ଦିନେ ଶାନ୍ତିଲତା । ତେବେ ସେ କଣ ସେ ଦିନର ଗର୍ଭକୁ ନଷ୍ଟ କରି ଦେଇଛି ନାଁ ତାକୁ ଜନ୍ମ ଦେଇଛି ? ଅନେକ ପ୍ରଶ୍ନବାଚୀ ରଂଜନ ବାବୁଙ୍କ ଭାରାକ୍ରାନ୍ତ ମନକୁ ଖଣ୍ଡ ବିଖଣ୍ଡିତ କରି ଦେଉଛି- କଣ କରିବେ ?

ଏପଟେ ଝିଅର ଜୀବନମାଟି- ଆରପଟେ ଲୋକନିନ୍ଦା । କାହା ସପକ୍ଷରେ ଯିବେ ସେ । ସେ ଯେ ବର୍ତ୍ତମାନ ଜୀବନ ନଈର ମଝିରେ- ଏ କୂଳକୁ ଗଲେ କୁମ୍ଭୀର.. ଆର କୂଳକୁ ଗଲେ ମଗର । କେଉଁ କୂଳ ସେ କରିବେ । ଝିଅ ବୋଲି ଗୋଟିଏ ଆଗକୁ କେହି ବୋଲି ନାହିଁ- ଯଦି ଏପରି କରନ୍ତି ତେବେ ଝିଅଟିର ଜୀବନ ବୋଲି କିଛି ରହିବ ନାହିଁ ସବୁ ବେକାର- ଅସାର । ଆରପଟେ ଏହା ଯଦି ନ କରାନ୍ତି

Digitized by PPRACHIN, SOA

ତେବେ ଏତେ ବଡ଼ ସମ୍ମାନର ଅଧିକାରୀ ସେ ହୋଇ ନିନ୍ଦା ଭତ୍ସନା ଶୁଣିବାକୁ ପଡ଼ିବ ଲୋକମାନଙ୍କ ଠାରୁ, ବିଶେଷ କରି ତାଙ୍କ ସାଙ୍ଗ ସାଥିମାନେ କଣ କହିବେ ? କଣ ଭାବୁଛନ୍ତି ସାର୍ ! ଆପଣଙ୍କ ଇଚ୍ଛା ଯାହା କରିପାରନ୍ତି । ତେବେ ମୁଁ ଆସୁଛି ସାର୍ । ଡ଼ାକ୍ତରକୁ ସତେ ଯେପରି ଛାଡ଼ି ଦେବାକୁ ରଂଜନ ବାବୁଙ୍କର ମନ ନ ଥିଲା । ତଥାପି ଯିବାକୁ ଅନୁମତି ଦେବାପୂର୍ବରୁ ଗୋଟିଏ ଅନୁରୋଧ କଲେ ରଂଜନ ବାବୁ- ଡ଼କ୍ଟରଙ୍କୁ । ଡ଼ୋଣ୍ଟ ଡ଼ିକ୍ଲାର ପ୍ଲିଜ୍ ! ଡ଼ାକ୍ତର ଜାଣନ୍ତି, କାରଣ ମଣିଷର ଗୋଟାଏ ଆତ୍ମସମ୍ମାନ ଅଛି ଏ ସମାଜରେ, ବିଶେଷ କରି ଆଜି ଯେଉଁମାନେ ଉଚ୍ଚପାହ୍ୟାରେ ରହିଛନ୍ତି ସେମାନଙ୍କ ପକ୍ଷେ ଏଗୁଡ଼ିକ ଅତି ଭୟଙ୍କର ହୋଇପଡ଼େ । ମୁଁ ଭାବୁଛି ଡ଼କ୍ଟର ମୁଁ କଣ କରିବି, ବୁଝିଲି ମୁଁ ଆପଣଙ୍କ କଥାକୁ, ତେବେ ଲୋକ ନିନ୍ଦାରୁ ତ୍ରାହି ମିଳିବ କେମିତି ? ମୋ ମତରେ ସାର୍ ରାନୀକୁ ପଚାରି ସବୁ କଥା ସଂଗ୍ରହ କରନ୍ତୁ, ଆଉ ସେହି ଯୁବକର ପିତାମାତାଙ୍କୁ ଖୋଲିକରି କୁହନ୍ତୁ । ଯଦି ପିତାମାତା ଫାଙ୍କି ଦିଅନ୍ତି ଏପରିକି ସେହି ଯୁବକ ଯଦି ଫାଙ୍କି ଦିଏ । ବୁଝିଲେ ସାର୍ ଆପଣ ପାଣିରେ ନ ପଶି............ ଛାଡ଼ନ୍ତୁ ସେ କଥା- ଆଗଥରେ ଯାଇ ଚେଷ୍ଟା କରନ୍ତୁ ସାର୍ । ହଉ ତେବେ ମୁଁ ଆସୁଛି ସାର୍ । ଯଦି କିଛି ଅସୁବିଧା ହୁଏ ମୋତେ ଜଣେଇ ଦେବେ । ଆରେ ଆପଣଙ୍କ ଫି'ଟା ନେଇ ଯାଆନ୍ତୁ । ଆଜ୍ଞା କ୍ଷମା କରିବେ ଆପଣଙ୍କଠାରୁ ଫି ନେବି । ବୁଝିଲେ ସାର୍ ମୋର ଏହି ଫି'ଟା ଆପଣ ମୋତେ ଫିଷ୍ଟ ଦେଇ ସୁଝିଦେବେ, ହାତଘଡ଼ିକୁ ଚାହିଁ ଡ଼େରି ହୋଇଗଲା ସାର୍ ଆସୁଛି ! ନମସ୍କାର ! ପ୍ରତିନମସ୍କାର ଜଣାଇ ବଳାଇ ଦେଇ ଆସିଲେ ରଂଜନବାବୁ ଡ଼କ୍ଟରଙ୍କୁ । ଆରେ କେଡ଼େ ଭୁଲ୍ ହୋଇଗଲା- ମୀନା- ମୀନା ଡ଼କ୍ଟରଙ୍କୁ କଫି କିମ୍ବା ଚା' ଦେଇଥିଲୁ, ଭିତରକୁ ପଶିଆସି ମୀନା କହିଲା ହଁ ବାବୁ । ଆଚ୍ଛା ଏଠୁ ରାନୀ କୁଆଡ଼େ ଗଲା । ଆଉ ଘରେ ଅପା ଶୋଇଛନ୍ତି । ହଉ ତୁ ଗଲୁ ଟଙ୍କାନେ ବଜାରରୁ କିଛି ସଉଦା ଘେନିଆସିବୁ । ବାବୁଙ୍କ ଠାରୁ ଟଙ୍କା ନେଇ ମୀନା ବଜାରକୁ ବ୍ୟାଗ ଧରି ଚାଲିଗଲା । ଘରେ ବାପ ଝିଅ ଦୁଇଟା- ଏପଟେ ରଂଜନ ବାବୁ- ସେପଟେ ଘରେ ରାନୀ । ମଝିରେକାନ୍ଥଟା । ଦୁହେଁ ନୀରବ କିଏ କାହା ପାଖକୁ ଯାଇପାରୁ ନାହାଁନ୍ତି- କେମିତି କିଏ କାହାକୁ କଣ କହିବେ । ରଂଜନ ବାବୁଙ୍କର ମନେ ପଡ଼ିଗଲା ଡ଼କ୍ଟରଙ୍କ ଗଲା ବେଳର କଥା ପଦକ- ''ଆପଣ ଫି, କଣ ଦେବେ ସାର୍ ଫିଷ୍ଟରେ ଶୁଝିଦେବେ'' । ହସ ଲାଗିଲା ରଂଜନ ବାବୁଙ୍କୁ- ଫି'ଟା ଫିଷ୍ଟରେ ଶୁଝିଦେବେ ଏହା କଣ ସମ୍ଭବ ?

ଏ କଣ ସେ ଯେ ହସୁଛନ୍ତି । ଆଉ ଘରେ ରାନୀ ସବୁ ଶୁଣିବ ଯେ । ହଁ ରାନୀ କଣ ନିଦରେ ଶୋଇଥିଲା- ତା ମନ ତ ଭୟରେ ଭାରାକ୍ରାନ୍ତ- ଦେହରୁ ଗମ୍ ଗମ୍ ଝାଳ ବହି ଆସୁଛି । ରଂଜନବାବୁ ପୁଣି ଭାବିଲେ- ଏଥରକ ହସ ବଦଳରେ

Digitized by PPRACHIN, SOA

ଦୁଇ ନୟନରୁ ଝରି ଆସିଲା ଲୁହର ଧାର । ଏ ଲୁହ ନୁହେଁ ଦୁଇ ଆଖିରୁ ଝରି ପଡୁଛି ସତେ ଯେପରି ଲହୁର ଧାର। ଭେଁ - ଭେଁ ହୋଇ କାନ୍ଦି ଉଠିଲେ । ମୁଣ୍ଡର ବାଳକୁ ଆମ୍ପୁଡ଼ି ଆମ୍ପୁଡ଼ି ଚେୟାରରେ ଢ଼ୋ ଢ଼ୋ କରି ମୁଣ୍ଡ ବାଡ଼େଇଲେ । ଆର ଘରେ ଶୋଇଥିବା ରାନୀ ଆଉ ସମ୍ଭାଳି ହୋଇପାରିଲା ନାହିଁ ଡ଼ାଡ଼ିଙ୍କର ଏପରି .... ଶୁଣିଲା । ଧଡ଼ପଡ଼ ହୋଇ ଉଠି ଆସିଲା ରଂଜନବାବୁଙ୍କ ପାଖକୁ । ଏ କଣ କରୁଛ ? ଡ଼ାଡ଼ି ତୁମେ ଏ କଣ କରୁଛ ?

ରଂଜନ ବାବୁ ଆଖି ଲାଲ୍ ଲାଲ୍ କରି ଯମଦୂତ ପରି ରାନୀର ଗଳା ଚିପିବାକୁ ଧାଇଁ ଆସିଲେ- ତାପରେ ରହିଗଲେ- ତୁ ମଲୁ ନାହିଁ କଳଙ୍କିନୀ କେଉଁ ଅଧିକାର ନେଇ ମୋତେ ତୁ ଡ଼ାଡ଼ି ବୋଲି ସମ୍ବୋଧନ କରୁଛୁ । ତୋ ମୁହଁ ମୁଁ ଚାହିଁବି ନାହିଁ- ମୋତେ କାହିଁକି ବା ମରଣ ନ ହେଲା- ମୁଁ ବଂଚି ରହି ଆଜି ଏହା ସବୁ ଦେଖୁଛି । କିଛି ନ ବୁଝିଲା ପରି ପଚାରିଲା ରାନୀ, ଏ କଣ ତୁମେ କହୁଛ ଡ଼ାଡ଼ି ? କିଛି ଜାଣିନୁ- କିଛି ବୁଝି ପାରୁନୁ ? ମୋତେ ପୁଣି ପଚାରୁଛୁ ? କହ ତୁ କାହା ସହିତ- ରହିଗଲେ ରଂଜନବାବୁ କଣ କହିବେ ଝିଅକୁ । ବାପ ହୋଇ ଝିଅକୁ କଣ ଏପରି ପଚାରନ୍ତି ? ତେବେ ଏପଟେ ନ ପଚାରିଲେ ଆଉ କଣ ମାଆ ଅଛି ଯେ ପଚାରିବ । ହଁ ମୀନା ପଚାରିବ କିନ୍ତୁ ସେ ଯେ ବାହାର ମଣିଷ- ତୁଣ୍ଡ ବାଇଦ ସହସ୍ର କୋଶ ଭଳି- ସେ ଚାରିଆଡ଼େ କହି ବୁଲିବ- ନାଁ- ନାଁ କାହା ଦ୍ୱାରା ସେ ପଚାରିବେ ନାହିଁ- ସେ ବେସରମ ହେବେ ପଛେ ଝିଅକୁ ପଚାରିବେ ? କହ ରାନୀ ତୁ କାହାକୁ ଭଲ ପାଉ । ଡ଼ାଡ଼ି ଏ କଣ କହୁଛ ମୁଁ ତୁମ କଥା ଆଜି କିଛି ବୁଝିପାରୁନି । ରାଗି ଉଠିଲେ ରଂଜନ ବାବୁ- ବୁଝିପାରୁନୁ ? ଛୁଆଟିଏ ହୋଇଛୁ ? ତୋତେ ଏତେ ଫ୍ରିରେ ବୁଲିବାପାଇଁ ଛାଡ଼ି ଦେଇଥିଲି କଣ ଏଇଥିପାଇଁ, ମୋ ନାଁ ପକେଇବୁ ବୋଲି ? ମୁଁ ଯାହା ପଚାରୁଛି ମୋ କଥାର ସଠିକ୍ ଉତ୍ତର ଦେ । ହଁ କହ ତୁ କାହାକୁ ଭଲ ପାଉ- ଆଉ କିଏ ତୋର ସେହି ପ୍ରେମିକ ଆଜି ତୋର ସର୍ବନାଶ କରିଛି । କହ ! ମୋ କଥାର ଉତ୍ତର ଦେ ? ଡ଼ାଡ଼ିଙ୍କର ଏତକ କଥା ଶୁଣି ସାରି ଭୟରେ ଥରିବାକୁ ଲାଗିଲାଣି ରାନୀ । ପାଟିତାର ଖନୀ ମାରିଯାଉଛି- କଣ କହିବ ସେ ଡ଼ାଡ଼ିଙ୍କୁ- କେମିତି କହିବ- ଭେଁ ଭେଁ ହୋଇ କାନ୍ଦି ଉଠିଲା ରାନୀ ଡ଼ାଡ଼ିଙ୍କ ପାଦଧରି । ପିତାମନ କଣ ସମ୍ଭାଳି ହୁଏ ଝିଅର ଏପରି ମୁହୂର୍ତ୍ତରେ । ରଂଜନ ବାବୁ ନିଜେ ମଧ କାନ୍ଦି ପକାଇଲେ- ତାଙ୍କ ଆଖିର ଅମାନିଆ ଲୁହ ବହିଆସିଲା । ମୁଁ ତୋତେ କେତେ ଭଲ ନ ପାଏ, କହ ମାଆ ମୁଁ ତୋତେ କେଉଁ ଦିନ କିଛି କଥା ବାରଣ କରିଛି ? ମୋତେ ଖୋଲି କରି ନ କହିଲୁ କାହିଁକି ? ମୁଁ କଣ ତୋ ମନ ଲାଖି ବର ସହିତ ବିବାହ କରି ଦେଇ ନ ଥାନ୍ତି ? କିନ୍ତୁ ମାଆ ଆଜି ଯାହା ହେଲା- ତାପାଇଁ କଣ

Digitized by PPRACHIN, SOA

କରାଯିବ । ସବୁ ଶୁଣି ରାନୀ କେବଳ କାନ୍ଦିବା ଛଡ଼ା ତାର ଆଉ କିଛି ଉପାୟ ନ ଥିଲା । ଝିଅର ଲୁହପୋଛି କୋଳକୁ ଆଉଜାଇ ଆଣିଲେ ରଂଜନ ବାବୁ । କହ ମାଆ ତୁ କାହାକୁ ଭଲପାଉ ? କହ ମାଆ ତୁ କାହାକୁ ଭଲପାଉ ? ମୁଁ ତୋତେ ତାହାରି ସହିତ ବିଭା କରିଦେବି । ଦୁଇଥର ଏହିପ୍ରଶ୍ନ ପଚାରିଗଲେ ରଂଜନବାବୁ । ଡ଼ାଡ଼ିଙ୍କର ବାରମ୍ବାର ପ୍ରଶ୍ନର ଉତ୍ତର ନ ଦେଇ ଆଉ କଣ ରହିପାରେ ରାନୀ ? ''ପାଟିରୁ ଏହି ପଦିଏ କଥା ବାହାରିବାପାଇଁ ସତେ ଯେପରି ତୁଣ୍ଡକୁ କିଏ ଜାବୁଡ଼ି ଧରୁଛି- ଅନ୍ୟପଟରେ ଯଦି ଡ଼ାଡ଼ିଙ୍କୁ ଏପରି କଥା ନ କୁହେ ତେବେ ତାର ଅବସ୍ଥା ଯେ କଣ ହେବ ସେ କଥା ନିଜେ ହୃଦୟରେ ଅନୁଭବ କରିପାରୁଛି । କ୍ଷଣିକ ଭୁଲ୍ ପାଇଁ ଆଜି ସେ ସାରା ଜୀବନ ପସ୍ତାଇବାକୁ ଯାଉଛି । ନା- ନା- ସେ ଡ଼ାଡ଼ିଙ୍କୁ ତାର ସବୁ ଖୋଲି କରି କହିଦେବ ।'' ଡ଼ାଡ଼ି ମୁଁ ବିମଳକୁ ଭଲପାଏ । ରାନୀର ଏହି ପଦିଏ କଥା ତା ତୁଣ୍ଡରୁ ନ ସରୁଣୁ, ସେ କଥା ପଦକୁ ଛଡ଼େଇ ନେଇ କହିଉଠିଲେ ବିମଳ ? ଏ ବିମଳ କିଏ ? କେଉଁଠି ତାର ଘର ? ତା ବାପା କଣ କରନ୍ତି ? ଏକା ନିଶ୍ୱାସରେ ପଚାରିଗଲେ ରଂଜନବାବୁ । ସେ ସମାଧାନ ପାଇଁ ବ୍ୟାକୁଳ ଯେତେଶୀଘ୍ର ଏହାର ସମାଧାନ ହୋଇଗଲେ ଗୋଟିଏ ଅଡୁଆର ସମାପ୍ତ ଘଟିବ । କହ ମାଆ କହ । ଝିଅକୁ କଅଁଳେଇ ପଚାରିଲେ ରଂଜନବାବୁ । ଡ଼ାଡ଼ି ମୋର କ୍ଲାସ୍‌ମେଟ୍ । ସେ ଏହି କଟକରେ ରୁହେ ।

ରଂଜନବାବୁଙ୍କ ମନ ରାନୀର ଏ ଉତ୍ତରରେ ଶାନ୍ତି ପାଇଲା ନାହିଁ । ବିମଳ ରାନୀର କ୍ଲାସ୍‌ମେଟ୍ ଏହି କଟକରେ ରୁହେ । ହଁ ଏମିତି କେତେପିଲା କଲେଜରେ ପଢୁଛନ୍ତି । ଏହି କଟକ ସହରରେ ରହୁଛନ୍ତି- ତା ବୋଲି ସମସ୍ତିଙ୍କର ଚଳିବା ଷ୍ଟାଟସ୍ କଣ ଭଲ ଅଛି । ଏବଂ ବାପ ମାଆଙ୍କର ନାଁ ଅଛି । ହଁ ବୁଝିଲି ରାନୀ- ବିମଳ ତୋ କହିବା ଅନୁସାରେ ଏହି କଟକରେ ରହୁଛି । ତେବେ କହ ମାଆ ତା ବାପା କଣ କରନ୍ତି ? ରାନୀକୁ ରଂଜନ ବାବୁଙ୍କର ଏପରି ପ୍ରଶ୍ନରେ ଭୟଭୀତ ଲାଗିଲା । କାରଣ ସେ ଆଜି କଲେକ୍ଟର ପୁଅଙ୍କର ପ୍ରେମିକା ସାଜିଛି । ଏତେ ବଡ଼ କଟକ ଜିଲ୍ଲାର ଶାସନାଧୀଶଙ୍କ ପୁଅ ଆଜି ତାର ପ୍ରେମିକ ହୋଇପାରିଛନ୍ତି- ଅବଶ୍ୟ ଯେତିକି ଗର୍ବ ସେତିକି ନିରାଶ ହୋଇ ପଡ଼େ ରାନୀ । ତେବେ ବାପାଙ୍କୁ କଣ ବିମଳ ପିତାଙ୍କ କଥା ଖୋଲି କହିବ । ଏ କଣ ଭାବୁଛୁ ରାନୀ ଚୁପ୍ ରହୁଛୁ କାହିଁକି ? କହ ବିମଳ ବାପା କଣ କରନ୍ତି ? ଡ଼ାଡ଼ି ବିମଳ ବାପା କଲେକ୍ଟର ଆମର ଏହି କଟକରେ ଅଛନ୍ତି । ହଠାତ୍‌କିନା ଖଣ୍ଡିଏ ନିଆଁ ରଂଜନବାବୁଙ୍କ ଛାତିରେ ଖେଳିଗଲା । ଆଉଥରେ ରାନୀକୁ ପଚାରିଲେ ତୁ କଣ ସତ କହୁଛୁ ରାନୀ ବିମଳପିତା କଟକର କଲେକ୍ଟର । ହଁ ଡ଼ାଡ଼ି ଏହା ସତ କଥା । ଓଜନିଆ ସାରା ଆକାଶଟା ରଂଜନବାବୁଙ୍କ ମୁଣ୍ଡରେ ଲଦି ହୋଇ

Digitized by PPRACHIN, SOA

ପଡ଼ିବା ଭଳି ଲାଗିଲା । ସାରା ଘରଟାରେ ଆଲୁଅ ଜଳୁଥିଲେ ମଧ ଅନ୍ଧାର ପରି ଦିଶିଯାଉଛି ତାଙ୍କ ଆଖିକୁ । ପେଟ ଭିତରୁ ଉଠିଆସୁଛି ନିଆଁ ଖଣ୍ଡମାନ ତଣ୍ଟି ମୂଳଯାଏ । ସତେକି ଏକ ଅଗ୍ନିଶିଖା ଜାଳିଦେବ ସାରା ଘରଟାକୁ, ଆଉ ନିଜେ ମଧ ପୋଡ଼ି ହୋଇ ଯିବେ ସେହି ନିଆଁରେ । ମଟମଟ ହୋଇ ଚାହିଁ ରହିଥିଲେ ଝିଅ ମୁହଁକୁ, କିନ୍ତୁ ଦେହ, ମନ, ପ୍ରାଣରେ ଦେଖାଦେଇଛି ଅନେକ ଜ୍ୱାଳା- ଆଉ ବଂଚିବାର କ୍ଷୁଧା । ସତ୍ୟତାର ମୋହନ ବଂଶୀ ଏବେ ବି ବାଜି ଉଠୁଛି ମିଛୁଆର କପଟି ତୁଣ୍ଡରେ । ସତ ହିଁ ସତ । ସତ କେବେ ମିଛ ହୋଇପାରେ ନାଁ । କିନ୍ତୁ ମିଛକୁ ସତ କରି ରୂପାୟିତ କଲେ, ମିଛ ଧରାପଡ଼ିଯିବ ସତ୍ୟତା ଆଗରେ । ''ବହିଗଲା ପାଣି ଆଉ କେବେ ଫେରି ଆସେ ନାହିଁ'' ବହିଗଲା ବେଳେ ଭସାଇ ନେଇଛି ସଚୋଟ୍ ପଣିଆ ଦେଖାଉ ଥିବା ମଣିଷଗୁଡ଼ାଙ୍କ ମନ ଗୁଡ଼ିକୁ ।

ସେହିମାନଙ୍କ ଭିତରୁ ରଂଜନବାବୁ ଗୋଟିଏ । ସେଦିନର ଶାନ୍ତି ତାଙ୍କ ପ୍ରେମିକା- ସେ ବି ଏହିପରି ଅବସ୍ଥାରେ ଉପନୀତ ଥିଲା- ତାକୁ ସେ ବେଳରେ ପ୍ରତ୍ୟାଖ୍ୟାନ କରି ଚୋରପରି ଲୁଚିପଳାଇ ଯାଇଥିଲେ । କିନ୍ତୁ ଆଜି ? ସେ ପୋଲିସ୍‌ର ଉଚ୍ଚ ପାହ୍ୟାରେ ଥାଇ ବି ଝିଅ ରାନୀର ଏପରି ଦୟନୀୟ ଅବସ୍ଥାରୁ ଦୋଷୀକୁ ଧରିବାପାଇଁ ତାଙ୍କ ପୋଲିସ୍ ଚାକିରୀ ଆଜି ହାର୍ ମାନିବାକୁ ଯାଉଛି । ଏଠି ଚାଲୁଛି ଚୋର ଓ ପୋଲିସ, ପୋଲିସ ଓ ଚୋରଙ୍କର ଛକା ପଂଚାଖେଳ କିଏ କାହାକୁ ଖୋଜୁଛି, କିଏ କାହାକୁ ଧରୁଛି । ଫାଙ୍କାବାଜ୍, ଧୋକାବାଜ୍ ଦୁନିଆରେ ଏହିତ ନିତି ଦିନିଆ ଖେଳ । କେବଳ ମନର ଟିକିଏ ମୋହ ପାଇଁସିନା । ମଣିଷ ଏଠି ମଣିଷ ପରି ବଂଚି ପାରୁନି, ରାଜରାସ୍ତାରେ ସ୍ୱଇଚ୍ଛାରେ ଚାଲିପାରୁନି । ନିଜର ସ୍ୱାଧୀନତା ବୋଲି କିଛି ନାହିଁ । କ୍ଷଣିକ ସୁଖ ଭୋଗଲାଗି କରିଯାଉଛି ଅନେକ କୁକର୍ମ । ଯେଝାମନକୁ ଯେଝା ରଜା । ଏଠି ପ୍ରଜା ବୋଲି କିଏ ନାହିଁ । ଶାସନ ଏଠି ଢ଼ିଲା । ଦୁର୍ନିତିର ବାହୁଛାୟାରେ ସମସ୍ତେ ଛପିଯିବାକୁ ଚେଷ୍ଟା କରୁଛନ୍ତି । ଯଦି ଧରାପଡ଼ନ୍ତି, ଗୋଟିଏ ପଟରେ ପଶି ଅନ୍ୟପଟରେ ଖଲାସ୍ । ଏଠି ବଂଚିବା ପାଇଁ ସଂଗ୍ରାମ ଲୋଡ଼ା । କିନ୍ତୁ ଏ ସଂଗ୍ରାମ କରିବ କିଏ ? ବିପ୍ଳବର ଶିଖାକୁ ଟେକି ଧରିବ କିଏ ? ଯିଏ ବା କେତେଜଣ ବାହାରୁଛନ୍ତି ଆଗୁଆ ହୋଇ, ସେମାନେ ପୁଣି ପଛକୁ ପଳାଉଛନ୍ତି କାରଣ ତାଙ୍କ ଆଗରେ ହଲହଲ ହେଉଛି ଟଙ୍କାର ବିଡ଼ା । ସୁଖ ସ୍ୱପ୍ନର ତାଜମହଲ୍ ତାଙ୍କୁ ଆହ୍ୱାନ କରୁଛି । ମଣିଷ ଏଠି ମଣିଷର ରକ୍ଷକ ନ ହୋଇ ଭକ୍ଷକ ସାଜିଛି । ଟାଉଟରିର ଜୁଆଖେଳ ନିତିଦିନ ପ୍ରତିକ୍ଷଣରେ ଚାଲୁଅଛି ।

ରଂଜନବାବୁ ଆଜି ସିନା ଆଇନର ରକ୍ଷକ । କାନୁନ୍‌ର ଶାସକ । କିନ୍ତୁ ଅତୀତ ହସୁଛି ଦାନ୍ତକୁ ଦେଖେଇ- ଖତେଇ ହେଉଛି । ବିବେକ୍ ଢ଼େଇଁ ଢ଼େଇଁ ତାଳି ମାରୁଛି ।

Digitized by PPRACHIN, SOA

ସେତେବେଳେ ତୋର ବୁଦ୍ଧି କୁଆଡ଼େ ଯାଇଥିଲା ବିବେକ୍ କୁଆଡ଼େ ଯାଇଥିଲା ରଂଜନ ମାନସିଂହ । ତୁ କଣ ଚିନ୍ତା କରି ପାରିଲୁନି, ଥରେ ଭାବି ପାରିଲୁନି ମନରେ, ଚୋରପରି ଲୁଚି ପଳେଇଲୁ । ତୋତେଟିକେ ଲଜ୍ଜାନାହିଁ । ଆଜି ଯେପରି ନିଜ ଝିଅ ଲାଗି ଭାବି ଯାଉଛୁ, ସେତେବେଳେ ପ୍ରମୋଦବାବୁଙ୍କ ଝିଅ କଥା ଭାବିଥିଲୁ, ନିଜ ପ୍ରେମିକା କଥା ଭାବିଥିଲୁ । ନା- ନା ତୁ ଗୋଟିଏ ଚୋର- ଟାଉଟର୍- ଧପ୍‌ପାବାଜ୍ । ନିଜ ଘରେ ଆଜି ତାଙ୍କୁ ବିଷପରି ଲାଗୁଛି । ବଡ଼ ବଡ଼ ପାଟି କରି କହିଉଠିଲେ ରଂଜନବାବୁ । ରାନୀ କିଛି ବୁଝିପାରୁନି-ଡାଡିଙ୍କର ଏ କି ଅବସ୍ଥା । ମୀନା ବଜାରରୁ ଆସି ଦ୍ୱାରମୁହଁରେ ଛିଡ଼ା ହୋଇଛି । ସେ ମଧ ଆବାକ୍ କଣ ହୋଇଛି ଆଜି ତାର ବାବୁଙ୍କର ? କାହିଁ କେବେ ତ ଦିନେ ଏପରି ସେ ବାବୁଙ୍କ ଅବସ୍ଥା ଦେଖିନଥିଲା ।

ମଣିଷ ଦୋଷକରି ଲୁଚିଲୁଚି ବୁଲିଲେ କଣ ହେବ, ଉପରେ ଭଗବାନ ହିଁ ସବୁସାକ୍ଷୀ । ତାଙ୍କର ବଡ଼ବଡ଼ ଦୁଇଟି ନୟନ ଘୁରି ବୁଲୁଛି ଏହି ସାରା ସଂସାର ଉପରେ । ପ୍ରତି ଅଣୁ ମାତ୍ରା ଉପରେ ବି ରହୁଛି ତାଙ୍କର ଦୃଷ୍ଟି । ଆଉ ରଂଜନବାବୁ, କଣ ଭଗବାନଙ୍କ ଚକ୍ଷୁରୁ ବାଦ୍ ପଡ଼ିବେ ? ଯେସାକୁ ତେସା । ଯିଏ ଯେପରି କର୍ମ କରିବ- ପର ଜନ୍ମରେ ନୁହେଁ, ଏହି ଜନ୍ମରେ, ବଂଚିଥିବା ଭିତରେ, ଭଗବାନ ସବୁ ଦେଖେଇ ଦେବେ । ଏ କଣ କଳିଯୁଗ ? ଯୁଗକୁ କଳିଯୁଗ ବୋଲି ସମସ୍ତେ କୁହନ୍ତି ସତ, ହେଲେ କଣ ହେବ ଏଠି ଯେ ସବୁ ସତ କଥା ଧରାପଡ଼ିଯାଉଛି, ତେଣୁ ଏ କଳି ଯୁଗ ନୁହେଁ- ଏ ଯୁଗ ଯେ ସତ୍ୟ-ଯୁଗ ।

(ଅଠର)

ଜଣକ ଲାଗି ଅନ୍ୟ ଜଣେ ବନ୍ଧା । ଜଣକର କୁଆଁରୀତ୍ୱକୁ ଜବର୍‌ଦସ୍ତ ଅନ୍ୟଜଣଙ୍କ ଉପରେ ଲଦିଦେଇ ତାକୁ ଯଦି କୁଆଁରୀ କନିଆ ହୋଇ ସାଜିବାକୁ ହୁଏ ତେବେ- ବୋହୂ ହୋଇ ବୀଣା ସାଜିଛି ନୂଆମନ, ନୂଆସ୍ୱପ୍ନ ନେଇ ଅବାସ୍ତବ ନୁହେଁ ବାସ୍ତବର ରୂପରେଖ ଭିତରେ କନିଆ । ଯଦିଓ ସେ ସତରେ କନିଆଁ ହୋଇ ବସି ରହିଥିଲା ନଣନ୍ଦ ମିନତିର ଶାଶୁ ଓ ଶଶୁରଙ୍କ ଆଗରେ- ମଥାରୁ ଲିଭାଇ ଦେଲା ସିନ୍ଦୁର ଚିତା ଟିକିଲିଟିଏ ଛଡ଼ା । ହାତରୁ ଓହ୍ଲାଇ ଦେଲା ସବୁତକ ଚୁଡ଼ି ଏକ ମାତ୍ର ପଟେ ପଟେ ସୁନାକାଚ ବ୍ୟତୀତ । ବଧୂର ଭୂମିକାକୁ ଜବର ଦସ୍ତି ତଡ଼ିଦେଇ ସାଜିଲା କୁଆଁରୀ କନିଆ- ହାଃ-ହାଃ-ହାଃ- ନିୟତି ହସିଉଠିଛି । କାଳ ଆଖି ଇସ୍‌ରା ମାରୁଛି । ମନ ଛଟପଟ ହେଉଛି । କାହାର ନୁହେଁ- ନୁହେଁ ଶାଶୁ ନୁହେଁ ଶଶୁର- ନୁହେଁ ନିଜର ସ୍ୱାମୀ ଆଉ ଯାହାଲାଗି ଏତେ ନାଟ ସେହି ନଣନ୍ଦ ଶୁଖିଲାରେ ବସି

Digitized by PPRACHIN, SOA

ମାଛ ଖେଳେଇବାରେ ଲାଗି ପଡ଼ିଛି । ତାର ସ୍ୱପ୍ନ ଦେଖିବାର ସୀମାନାହିଁ । ତାର ଭାବିବାର ମନ ପଛେଇ ପଛେଇ ଯିବାବେଳେ ତାକୁ ଅନ୍ୟ ଜଣଙ୍କ ଉପରେ ଆସ୍ଥାରଖି ଆଗେଇ ଆଗେଇ ନେଇ ଯାଉଛି ନିୟତି । ସେଦିନ ବୀଣାକୁ ଦେଖି ରାଜି ହୋଇଗଲେ ବନମାଳୀବାବୁ ଓ ତାଙ୍କ ସ୍ତ୍ରୀ ନେତ୍ରମଣି । ବୀଣା ହାତରେ ନେତ୍ରମଣି ପିନ୍ଧାଇଦେଲେ ପାଞ୍ଚଣାଓଜନର ସୁନା ମୁଦି । ଦେଖିସାରିଲା ପରେ ଜବାବ୍‌ହେଲା ପନ୍ଦର ହଜାର ଟଙ୍କା ଦେବେ ବୋଲି ହରେକୃଷ୍ଣ ବାବୁ କହିଲେ । କିନ୍ତୁ ଯଉତୁକ ସପକ୍ଷରେ ବନମାଳୀ ବାବୁ ନ ଥିଲେ ମଧ ସ୍ତ୍ରୀ ନେତ୍ରମଣିଙ୍କ କହିଉଠିଲେ ଆଜି କାଲିତ ଦେଖୁଛ ସମୁଦି ମୋ ପୁଅ ଲାଗି ବୋହୁଟି ଯେମିତି ପାଇଲି ସେମିତି ଦାଣ୍ଡସୁନ୍ଦରକୁ ପଚାଶ ହଜାରଟି ଟଙ୍କା ଦେଲେ ମୋ ପୁଅର ସମ୍ମାନ ରହିବ । ତେଣୁ ଆଗାମୀ, ଜୁନ୍ ମାସ ୯ରେ ବାହାଘର ହେବାର ଠିକ୍ ହେଲା । 'ବୀଣା' ସବୁ ଶୁଣିଛି ସବୁ ଜାଣିଛି । ଏବଂ ମିନତି ଲୁଚି ବସିଛି ଆରପଟ ଘରେ- ତାକୁ କାନ୍ଦ ଲାଗୁଛି କିନ୍ତୁ କାନ୍ଦିପାରୁନି- ହସଲାଗୁଛି ହସିପାରୁନି । ଏହି କାନ୍ଦ ହସ ଭିତର ସୀମା ରେଖାରେ ତାର ହୃଦୟ ତନ୍ତ୍ରୀ ଯେପରି ଖିନ୍‌ଭିନ୍ କିଏ କରିପକାଉଛି । ହାୟଃ ବିଧାତା ତାକୁ କଣ ଜନମ ଦେଲୁ ଏଇଥିପାଇଁ- ତା ଲାଗି ତା ଭାଉଜକୁ ଦେଖେଇ ତା ମାଆ ବାପ ଆଜି ତାକୁ ଶାଶୁଘରକୁ ପଠେଇ ଦେବେ ବୋଲି ବସିଛନ୍ତି । ହଁ ! ଭାବେ ମିନତି, ଯଦି ଏହା ନ ହୁଏ ତେବେ ସେ ସାରାଜୀବନ ବାପମାଆଙ୍କ ମୁଣ୍ଡରେ ବୋଝ ହୋଇ ରହିଯିବ- ତାର ସବୁ ସୁଖ ସ୍ୱପ୍ନ ଉଜୁଡ଼ିଯିବ । ପୁଣି ଚେତନ ମନରେ ବୁଦ୍ଧି ଦିଶେ- କଣ ମୁଁ ଏତେ ଅସୁନ୍ଦରୀ- ମୋ ପରି ଝିଅ କଣ ଶାଶୁଘରକୁ ବାହାହୋଇ ଯାଉନାହାଁନ୍ତି ? କାହିଁକି ବାପା ଓ ବୋଉ ଏମିତିକି ଭାଉ ଛି ଛି କଣ କାହାକୁ କହିବି ସେ ତାର ପାଟିକୁ କିଏ ବନ୍ଦ କରିଦେଉଛି- ତୁ ଏତେ କଣ ଭାବୁଛୁ ମିନତି ଯାହା ହେଉଛି ସବୁ ତୋର ଭଲପାଇଁ, ମଙ୍ଗଳ ପାଇଁ । ସେ ନିରୂପାୟ ! ହା ହୁତାସର ବହ୍ନିରେ ଜଳି ଯାଉଛି ତା ହୃଦୟ, ପୋଡ଼ିଯାଉଛି ତା ମନ । ସେ କାହାକୁ ପଦିଏ କଥା କହିବାକୁ ଡ଼ରଲାଗୁଛି ସବୁ ଚୁପ୍‌ଚାପ୍ ନୀରବତା ଭିତରେ ଗତି କରୁଛି------------ ନିର୍ବନ୍ଧ ସରିଯାଇଛି ------ ।

'ବୀଣା' ବାପାଙ୍କୁ ଖବର ଦେବ ଦେବ ବୋଲି ଦେଇ ପାରିନାହିଁ, ଘରରୁ ବାହାରକୁ ବାହାରିବା ମନା, ସାଇ ପଡ଼ିଶା ସ୍ତ୍ରୀଙ୍କ ସାଥିରେ ମିଶିବା ମନା । କେମିତି ଚଳିବ ଏ ଘରେ, କାହିଁ ଆଜିଯାଏଁ ତ ତାକୁ ଏମିତି କିଏ ବାରଣ କରି ନ ଥିଲେ, ତେବେ ଆଜି କାହିଁକି ? ଶାଶୁ, ଶଶୁର, ସ୍ୱାମୀ, ତାକୁ ପ୍ରହରୀ ପରି ଜଗିରହିଛନ୍ତି । ଆରଘରୁ କାନ ପାରିଲା ବୀଣା- ଶାଶୁ ତାର ଚିଠି ପଢୁଛନ୍ତି ଶଶୁରଙ୍କ ଆଗରେ । ବୀଣା ମୋର ସ୍ନେହ ନେବୁ । ଜାଣିବୁ ମୁଁ କଟକ ଯାଉଛି ପ୍ରମୋଦବାବୁଙ୍କ ସାଙ୍ଗରେ

Digitized by PPRACHIN, SOA

ମୋ ଦେହ ଅସୁସ୍ଥଥିବାରୁ, ତେଣୁ ମାଆ ତୁ ଆଉ ସୀତାକାନ୍ତ ସୁବିଧା ମିଳିଲେ ଟିକିଏ ଯିବ ଆଉ ବେଶି କିଛି ଲେଖୁନି (ଇତି) ତୋର ବାପା । ଏ ଚିଠିଟି ସାଧୁମାଷ୍ଟ୍ରେ ଦଶଦିନ ପୂର୍ବରୁ ତାଙ୍କ ଗାଆଁ ପଦିଆ ଗଉଡ଼ ହାତରେ କଦଳୀ କାନ୍ଦୀଏ, କଖାରୁ ଦୁଇଟା ଦେଇ ପଠାଇଥିଲେ । କିନ୍ତୁ ତାର ଶାଶୁ ଚିଠିକୁ ଲୁଚାଇ ଆଜି ଶଶୁରଙ୍କ ଆଗରେ ପଢ଼ାଉଛନ୍ତି । ଏମିତି ପଦିଆ ସହିତ ଦେଖା କରିବାକୁ ଶାଶୁ ତାକୁ ବାରଣ କରିଥିଲେ, ଚିଠି ଦେଖେଇବା ଦୂରର କଥା । ତେବେ ବର୍ତ୍ତମାନ ବୀଣା କଣ କରିବ ଆଗରୁ ଜାଣି ଥିଲେ ହୁଏତ ବାପାଙ୍କୁ ଦେଖିଯିବା ଲାଗି ତାର ସ୍ୱାମୀଙ୍କୁ କହିଥାନ୍ତା । କଣ କରିବ ସେ ଯେ ଏ ଘରେ ବନ୍ଦିନୀ । ସେଦିନ ରାତିରେ ସୀତାକାନ୍ତକୁ କହିଲା ବୀଣା- ହେଇ ଶୁଣୁଚ ବାପାଙ୍କ ଦେହ ଖରାପ୍ ସେ କଟକ ମେଡ଼ିକାଲ୍‌ରେ ପଡ଼ିଛନ୍ତି ଟିକିଏ ମୋ ମନ ହେଉଛି ଦେଖିବାକୁ ଚାଲନ୍ତନି । ଦେଖିଯିବା ତ ଦୂରେ ଥାଉ ସୀତାକାନ୍ତ ଚିଡ଼ି ଉଠିଲେ ବୀଣା ଉପରକୁ- ତୁମେ କେମିତି ଜାଣିଲ ଯେ ତୁମ ବାପା କଟକ ମେଡ଼ିକାଲ୍‌ରେ ପଡ଼ିଛନ୍ତି ବୋଲି ? ହଁ ସତ କଥାତ ବୀଣା କେମିତି ଜାଣିଲା- ଯଦି ସେ କହିବ ଶାଶୁ ଆଉ ଘରେ ଶଶୁରଙ୍କ ଆଗରେ ଚିଠି ପଢୁଥିଲା ବେଳେ ସେ ଶୁଣିଛି ବୋଲି, ତେବେ କଥାଟା କଣ ହେବ ? ଆଉ ଯଦି କୁହେ ପଦିଆ କହିଛି ବୋଲି ତେବେ ପରବର୍ତ୍ତୀ ଅବସ୍ଥାଟା- ସ୍ୱାମୀ କାନରୁ ଶାଶୁଙ୍କ କାନକୁ ତା ପରେ ଶଶୁର ଓ ନଣନ୍ଦଙ୍କ କାନକୁ ବ୍ୟାପିଯାଇ ଏ ଘରେ ତାଣ୍ଡବ ସୃଷ୍ଟି ହେବ । କଣ କହିବ କିଛି ଚିନ୍ତା ନ କରି ପାରି କହିଉଠିଲା ‘‘କାଲି ରାତିରେ ସ୍ୱପ୍ନ ଦେଖିଥିଲି ।’’ ସୀତାକାନ୍ତ ହସି ଉଠିଲେ ସ୍ୱପ୍ନ ଦେଖିଥିଲ । ବୁଝିଲ ବୀଣା ସ୍ୱପ୍ନ କଣ କେବେ ସତ ହୁଏ । ବୀଣାର ଆଖିର ଲୁହ ଆଖିରେ ମରିଗଲା, ମନର କଥା ମନରେ ରହିଗଲା ସୀତାକାନ୍ତଙ୍କର ଏପରି କଥା ଶୁଣି । ଅବଶ୍ୟ ବୀଣା କହିବା ପୂର୍ବରୁ ସୀତାକାନ୍ତଙ୍କୁ ତାଙ୍କ ବୋଉକି ବାପା କିଏ କହିନାହାଁନ୍ତି ଯେ ଶଶୁର ତାର କଟକ ମେଡ଼ିକାଲରେ ଅଛନ୍ତି ବୋଲି, ତେଣୁ ସେ ବା କିପରି ଜାଣିବେ ? ମନ୍ଦାକିନୀ କି ହରେକୃଷ୍ଣ ବାବୁ ପୁଅକୁ ଚିଠି ଲୁଚେଇ ରଖିଛନ୍ତି କାରଣ ଯଦି କହିଦିଅନ୍ତି ପୁଅ ତାଙ୍କର ତ ଏବେ କଟକ ସବୁଦିନେ ଯିବା ଆସିବା କରୁଛି କାଳେ ଯିବ ଦେଖିବାକୁ, ପୁଣି ଗଲେ ବାରଆଡୁ ବାରକଥା ଆଲୋଚନାରେ ସବୁକିଛି ରହସ୍ୟ ପଦାରେ ପଡ଼ିଯିବ । ପୁଅକୁ ବି ସନ୍ଦେହ- ମାଇପ କଥାରେ ପଡ଼ି ମନ କେଉଁ ଆଡ଼କୁ ଉଳିଯିବ ।

ଏ ଦୁନିଆରେ ସମସ୍ତେ ସମସ୍ତଙ୍କୁ ଅବିଶ୍ୱାସୀ । ଅବିଶ୍ୱାସର ଜାଲ ଏବେବି ସବୁଆଡ଼େ ବିଛୁରିତ । ବୁଢ଼ିଆଣୀ ଜାଲପରି ଅବିଶ୍ୱାସର ଜାଲଟା ଦୁନିଆର ବୁଦ୍ଧିଜୀବିଠାରୁ ଆରମ୍ଭ କରି ଅଜ୍ଞାନୀ ଅଶିକ୍ଷିତଙ୍କ ପର୍ଯ୍ୟନ୍ତ ବି ଘେରି ରହିଛି ।

Digitized by PPRACHIN, SOA

କେଉଁଠି ମାତ୍ରାଟା କମ୍ ଓ କେଉଁଠି ବେଶୀ ! ମନ୍ଦାକିନୀ ମାଉପଟାଟି ଏଥିରେ ବାଦ୍ ଯିବେ କାହିଁକି ? ଯେତିକି ଯେତିକି ସେ ବୁଢ଼ି ହେଉଛନ୍ତି ସେତିକି ସେତିକି ଅବୁଝି ସବୁ ଆସି ତାଙ୍କ ମୁଣ୍ଡରେ ପଶୁଛି । ବେତେ ଭଲ ନ ପାଉଥିଲେ ସେ ବୀଣାକୁ । ଏପରି ପରିବର୍ତ୍ତନ ପୁଣି ଏହି ମଣିଷଗୁଡ଼ାକ ହୋଇ ଯାଆନ୍ତି । ଧନ୍ୟରେ ଦଇବ ତୁ ତ ବଡ଼ ବିଚିତ୍ର । ''ବୀଣା''ର ମନ କଣ ତୁ ବୁଝିପାରୁନୁ- ତାକୁ କେଉଁଠି ନେଇ କେଉଁଠୁ ଥୋଇବାକୁ ଯାଉଛୁ ।

ସବୁ ଭାବନାକୁ ଏଡ଼ାଇ ଦେଇ, ନିଜର ଅନ୍ଧକାର ଅଭିନୟକୁ ପାଶୋରୀ ପକାଇ ଭାବି ଚାଲିଛି ମନ ପକାଇ ବୀଣା ତାର ବାପାଙ୍କ କଥା । କେମିତି ଟିକିଏ ସେ ଦେଖି ଯାଆନ୍ତା । ଯାହାକୁ ହୃଦୟର ସବୁ କିଛି ମନ କଥା ଖୋଲି କରି କୁହନ୍ତା ସେ ତ ଶୁଣୁ ଶୁଣୁ କଥା ପଦିଏରେ ପାଟି କରି ଉଠୁଛନ୍ତି କାହାକୁ କହିବ ? ହେ ଭଗବାନ୍ ! ତୁମ କାନରେ ମୋ ଡ଼ାକ କଣ ଶୁଭୁନାହିଁ ? ତୁମେ ବଡ଼ ବଡ଼ ଆଖିରେ ପରା ଚାହିଁଅଛ ମୋ ଦୁଃଖ କଣ ଦେଖି ପାରୁନ ? ତୁମର ପରା ବଡ଼ ମନ ହେଲେ ମୋ ମନ କଥା କଣ ତୁମେ ଜାଣି ପାରୁନ ? ତୁମ ଇଚ୍ଛାରେ ପରା ଏ ଜଗତ ଆତଯାତ, ତେବେ ତୁମେ କଣ ମୋ ପାଇଁ ଏହି ପରୀକ୍ଷା କରୁଛ । ହଉ ପ୍ରଭୁ ତୁମକୁ କଣ କହି ତୁମ ମନ ତୋଷିବି । ତୁମେ ପରା ଅନ୍ତର୍ଯ୍ୟାମୀ । ମୋ କଥା କଣ କିଛି ତୁମକୁ ଜଣା ନାହିଁ । ବୀଣା ଆଖିକୁ ନିଦ ନାହିଁ- ସବୁଆଡୁ ସବୁ କଥା ଭାବି ଚାଲିଛି ଗୋଟିଏ ପରେ ଗୋଟିଏ, ସତେ ଯେପରି ଭାବନା ଗୁଡ଼ିକ ମିଶି ନଈ ପାଲଟିଯିବ- ତାପରେ ନଈର ସୁଅ ଗଡ଼ି ଗଡ଼ି ଯାଇ ମିଶିଯିବ ମହାଭାବ ସାଗରରେ- ଯେଉଁଠିକି କିଛି କୂଳ କିନାରା ନ ଥିବ- ଖାଲି ଜଳ- ଶୂନ୍ୟ ଆକାଶ । ଭାସି ଆସିଲା ରାତ୍ରିର ହୃଦୟ ବିଦାରୀ ଗାଆଁ ମୁଣ୍ଡରେ ହେଉଥିବା ଠାକୁରାଣୀଙ୍କ ପୀଠରେ ନାମଯଜ୍ଞର ମହାମନ୍ତ୍ର---------- ଓଁ ହ୍ରାଂ - ଶ୍ରୀଂ - କ୍ଳୀଂ---------

(ଉଣେଇଶି)

ଗୋଟିଏ ଦିଗରେ ଧୂମିଳ ଆକାଶରେ ଅସ୍ତଗାମୀ ସୂର୍ଯ୍ୟଙ୍କର ରକ୍ତିମ ଆଭାସ ଓ ଅନ୍ୟଦିଗରେ ସଂନ୍ଧ୍ୟାର ଆଗମେ ପୂର୍ଣ୍ଣମୀର ଜହ୍ନଟା ରୂପା ଥାଳିଆ ପରି ଉଇଁ ଆସୁଛି ଧୀରେ ଧୀରେ ଦିଗ୍‌ବଳୟ ଆଡ଼କୁ । ଏହି ଦୁଇଟି ପ୍ରକୃତିର ମଧ୍ୟମ ସୀମାରେଖା ଭିତରେ କାନ୍ଦୁଛି ହସୁଛି ଏହି ଅମାନିଆ ମଣିଷଙ୍କର ମନଗୁଡ଼ିକ । କେଉଁଥିରେ ମନ ମାନେନା । ସବୁ ଯେ ପର । ଅମାନିଆ । ଅଲୋଡ଼ା । ଭାବରାଇଜର ସ୍ୱପ୍ନପୁରୀରେ ଚାଲୁଛି ଐନ୍ଦ୍ରଜାଲିକର ଚମତ୍କାର ଯାଦୁବିଦ୍ୟା । ସେ ଚକ୍ଷୁ ବନ୍ଧନରେ ଚମକାଇ ଦେଉଛି ଅଗଣିତ ନରନାରୀଙ୍କୁ (ସେ ଭାବୁଛି ନିଜେ

Digitized by PPRACHIN, SOA

ଏକୁଟିଆ ବାଲାକ୍, ଏକା ବୁଢ଼ିଆ । ତା ପରି ଆଉ ଜଣେ ଯଦି ଆସି ତା ନିକଟେ ଠିଆ ହୋଇ ତାର ଖେଳ ଦେଖେ, ତେବେ ତାର ମନ ଈର୍ଷାର ଏକଖିଅ ତୋଳିଦେଇ ବନ୍ଧନ କରେ ଯାଦୁକରକୁ । ତା ପରେ------ ସଳାସୁତରା- ମିଳାମିଶା----।)

କର୍ମମୟ ଜୀବନ ଭିତରେ ଆସିଥାଏ କେତେ ଜଟିଳ ସମସ୍ୟା । ସବୁ ସମସ୍ୟାର ବୋଧେ ସମାଧାନ ହୋଇପାରେନା ତେଣୁ ଦରକାର୍ ନିଜର ଅଭିଜ୍ଞତା । ମଣିଷ ଯେତିକି ପାରେ ସେତିକି କରେ । କେତେ ଜଣ ଆଗୁଆ ହୋଇ ବାହାରିଲେ ମଧ୍ୟ ସମସ୍ତେ ଯେ ବାହାଦୁରିର ଅଧିକାରୀ ହୋଇପାରୁଛନ୍ତି ତା ନୁହେଁ । କିନ୍ତୁ କେତେକ ବାହାଦୁରି ପ୍ରତି ଆଶା ନ ରଖି ମଣିଷ ହୋଇ ମଣିଷ ପ୍ରତି ଯେତିକି କର୍ତ୍ତବ୍ୟ କରିବା ଦରକାର୍ ତାକୁ ଯଦି ନ କରେ ତେବେ ମଣିଷ ହୋଇ ବଂଚିବା ନିରର୍ଥକ । କର୍ତ୍ତବ୍ୟ ମୂଳରେ ଜୀବନର ସବୁକିଛି ନିହିତ ଥାଏ । ଏହି କର୍ତ୍ତବ୍ୟ ବଡ଼ ହେଉବା ଛୋଟ ହେଉ ଯଦି ଜଣେ ଅନ୍ୟ ଜଣ ଲାଗି କରିପାରିଲା ତେବେ ସେ ଯେ ଭଗବାନଙ୍କ ଆଶୀଷ ନିଶ୍ଚୟଁ ପାଇବ ଏଥିରେ ବାହୁଲ୍ୟନାହିଁ । ଭଲ ଚିନ୍ତାକଲେ ଭଲ ଫଳ ମିଳେ । ଏହି ମନ ମୂଳରେ ଭଗବାନ ରହିଛନ୍ତି । ଯାର ମନ ଯେପରି ତା ପ୍ରଭୁ ସେପରି । ପ୍ରମୋଦ ବାବୁ ଆଜକୁ ପନ୍ଦର ଦିନ ହେବ ସାଧୁମାଷ୍ଟ୍ରେଙ୍କୁ ମେଡ଼ିକାଲ୍‌ରେ ରଖି ସେବାକରିବାରେ ଲାଗିପଡ଼ିଛନ୍ତି । ଯାହାହେଉ ଡ଼ାକ୍ତରଙ୍କ ପରାମର୍ଶ, ପ୍ରମୋଦବାବୁଙ୍କ ସେବାରେ ସାଧୁମାଷ୍ଟ୍ରେ ଟିକିଏ ଭଲ ଅବସ୍ଥାକୁ ଫେରି ଆସିଛନ୍ତି । କିନ୍ତୁ ଡ଼ାକ୍ତରଙ୍କ ପରାମର୍ଶରେ ଆଉ ପାଞ୍ଚ ଛଅ ଦିନ ମେଡ଼ିକାଲରେ ରହିବାକୁ ପଡ଼ିବ ସାଧୁମାଷ୍ଟ୍ରେଙ୍କୁ । ରାଜେଶ୍‌ବାବୁ, ଶାନ୍ତିଲତାଙ୍କ ସାଧୁମାଷ୍ଟ୍ରେଙ୍କ ପ୍ରତି ଅବଦାନ ମଧ୍ୟ କମ୍ ନୁହେଁ । ଦୁହେଁ ପ୍ରାୟ ପ୍ରତି ଦିନ ନ ହେଲେ ମଧ୍ୟ ମଝିରେ ପ୍ରାୟ ମେଡ଼ିକାଲ୍ ଯାଆନ୍ତି ସାଧୁମାଷ୍ଟ୍ରେଙ୍କୁ ଦେଖି ଆସିବାକୁ । ଯେତେବେଳେ ଡ଼ାକ୍ତର ମାନେ ଜାଣିଲେ ଯେ ରାଜେଶ୍ ବାବୁଙ୍କ ଜଣେ ଆତ୍ମୀୟ ଚିକିତ୍ସିତ ହେଉଛନ୍ତି ବୋଲି ସମସ୍ତେ ଭଲଭାବେ ଚିକିତ୍ସା କରିବାକୁ ଲାଗିପଡ଼ିଛନ୍ତି ସାଧୁମାଷ୍ଟ୍ରେଙ୍କୁ । କେଉଁଥିରେ ଟିକିଏ ମାତ୍ର ହେଳା ନାହିଁ ।

ସକାଳୁ ମେଡ଼ିକାଲରୁ ଫେରି ଜ୍ୱାଇଁଙ୍କ କ୍ୱାଟରରେ ନିଜର ନିତ୍ୟକର୍ମ ଶେଷ କରି କଣ ଟିକିଏ ଖାଇନେଇ ମେଡ଼ିକାଲ ପୁଣି ବାହାରିଯିବେ ବୋଲି ତର୍‌ତର୍ ହେଉଛନ୍ତି ପ୍ରମୋଦବାବୁ, ଠିକ୍ ଏହି ସମୟରେ ସୀତାକାନ୍ତ ଆସି ପହଂଚିଗଲା କଲେକ୍ଟର ସାହେବଙ୍କ କ୍ୱାଟରରେ । ସେଠାରେ ପ୍ରମୋଦବାବୁଙ୍କୁ ଦେଖି ସୀତାକାନ୍ତଙ୍କ ଛାତିରେ ସତେ ଯେପରି ବଡ଼ ଧକ୍କା ଲାଗିଲା । ତେଣୁ କିଛି ନ କହି ପ୍ରମୋଦବାବୁଙ୍କୁ ପ୍ରଣାମ ଜଣାଇଲା । ତା ପରେ ରାଜେଶ ଓ ଶାନ୍ତିଲତାଙ୍କୁ ମଧ୍ୟ ଯଥାମାନ୍ୟ । ଆରେ ବସ୍ ବସ୍ ସୀତାକାନ୍ତ ବହୁଦିନ ପରେ ଦେଖା ହେଲା ତୁମର । ହଁ ଆଉ ସବୁକଣ

Digitized by PPRACHIN, SOA

ଚାଲିଛି । ସୀତାକାନ୍ତ ଚେୟାରରେ ବସିପଡ଼ି ସବୁ କିଛି ଗପି ଗଲେ ତା ପରେ ବଢ଼େଇ ଦେଲେ ଖଣ୍ଡିଏ ନିମନ୍ତ୍ରଣ କାର୍ଡ ରାଜେଶ୍ ବାବୁଙ୍କ ହାତକୁ । ରାଜେଶ୍‌ବାବୁ କାର୍ଡଟିକୁ ପଢ଼ି ଖୁସି ହେଲା ପରି ଜଣା ପଡ଼ିଲେ । ଆଗାମୀ ଜୁନ୍ ୯ରେ ବାହାଘର ଭଉଣୀ ମିନତିର । ସାର୍ ଆପଣ ଯିବାକୁ ଚେଷ୍ଟା କରିବେ ଆଉ ମ୍ୟାଡ଼ାମ୍ ମଧ । ସୀତାକାନ୍ତ କହିଗଲେ ଏକାନିଶ୍ୱାସରେ । ପ୍ରମୋଦବାବୁ ନୀରବ ହୋଇ ସବୁ ଦୃଶ୍ୟ ଦେଖୁଥିଲେ ହଠାତ୍ ସୀତାକାନ୍ତ ତାଙ୍କୁ ମଧ ଏକ କାର୍ଡ ବଢ଼ାଇ ଦେଇ କହିଲା- ‘‘ମଉସା ଆପଣ କିଛି ମନେ କରିବେନି ଆଉ ମାତ୍ର ମିନତିର ବାହାଘର ଅଳ୍ପଦିନ ରହିଲା ତେଣୁ ଏଠାରେ ଆପଣଙ୍କୁ କାର୍ଡଟି ଦେଉଛି । ଯେତେଦୁଃଖ ଥିଲେ ଯେତେ ଅଭିମାନ ଥିଲେ ମଧ ପ୍ରମୋଦବାବୁ ସୀତାକାନ୍ତଙ୍କ ହାତରୁ କାର୍ଡଟି ଧରି ପଢ଼ିଲେ । ତା ପରେ କହିଉଠିଲେ ବାପ ସୀତାକାନ୍ତ ଜାଣିଛ କି ନାହିଁ ତାବି ମୋ ପକ୍ଷରେ ସମ୍ଭବ ନୁହେଁ ବୋଲି ମୁ ଭାବୁଛି । ଆଚ୍ଛା ସାଧୁମାଷ୍ଟ୍ରେ ଏଠାରେ କଟକ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଛନ୍ତି । ଗୋଟିଏ ନିଆଁଖଣ୍ଡ ଝଲକାଇ ଦେଲା ସୀତାକାନ୍ତର ଛାତିକୁ । ହଁ ସତେତ ବୀଣା ମୋତେ ସେଦିନ ରାତିରେ ଠିକ୍ କଥା କହୁଥିଲା । କିଛି ନ ଜାଣିଲାପରି କଣ ହୋଇଥିଲା ଶଶୁରଙ୍କର, କେବେଠାରୁ ଆସିଲେଣି । ପ୍ରମୋଦବାବୁ ରାଗିଲା ପରି ଜଣା ପଡ଼ିଲେ- ତୁମେ ତେବେ ଜାଣି ନାହଁ ଯେ ତୁମ ଶଶୁର ଅର୍ଥାତ୍ ସାଧୁମାଷ୍ଟ୍ରେ ଏଠା ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଛନ୍ତି ବୋଲି । ସେ ତ (ସାଧୁମାଷ୍ଟ୍ରେ) ତୁମ ଘରକୁ ଚିଠି ଲେଖି ଜଣାଇଥିଲେ । ନାହିଁ ମଉସା, ମୋତେ କ୍ଷମା କରିବେ ମୁଁ ଜମା ଜାଣିନାହିଁ । ଜାଣିନାହଁତ ଅଭିମାନ ମନରେ କହିଉଠିଲେ ପ୍ରମୋଦବାବୁ, ତେବେ ଆସ ମୋ ସାଥିରେ । କୁଆଡ଼କୁ ମଉସା- ମେଡ଼ିକାଲ୍‌କୁ ଆସ ମୋ ସାଥିରେ । ପ୍ରମୋଦବାବୁ ଓ ସୀତାକାନ୍ତ ବାହାରିପଡ଼ିଲେ ମେଡ଼ିକାଲ ଯିବାଲାଗି । ଶାନ୍ତିଲତା ବାପା ପ୍ରମୋଦବାବୁଙ୍କ ଉପରେ ଟିକିଏ ବିରକ୍ତହୋଇ କହିଉଠିଲେ- ରୁହ ବାପା ଏତେ ତର୍‌ତର୍ କାହିଁକି ସୀତାକାନ୍ତ, ଟିକିଏ ଟିଫିନ୍ ଖାଇଦେଇ ଯାଆନ୍ତୁ । ପୂଜାରୀ ଆଣି ସୀତାକାନ୍ତଙ୍କୁ ଟିଫିନ୍ ଓ ଚା’ ଦେଇଗଲା । କେତେ ଆଲୋଚନା ଭିତରେ ଘରଟା କମ୍ପିଉଠିଲା କେଇ ସମୟ ଧରି କିଛି ଦୁଃଖ ସୁଖକୁ ନେଇ । ଏହି ଦୁଃଖ ସୁଖର ମଣିଷ ଗୁଡ଼ାକ କିଛି ନ ବୁଝି ଅବୁଝା ପରି ଚାହିଁ ରୁହନ୍ତି ଜଣେ ଜଣଙ୍କର ମୁହଁକୁ ।

ଡ୍ରାଇଭର ଗ୍ୟାରେଜରୁ ଗାଡ଼ି ବାହାର କରି ଆଣିଲା । ପ୍ରମୋଦବାବୁ ଓ ସୀତାକାନ୍ତ ଜିପ୍‌ରେ ବସି ଠିକ୍ ପାଞ୍ଚ ଦଶହାତ ବାଟ ଯାଇଛନ୍ତି କି ନାହିଁ ସାମ୍ନା ଗେଟ୍ ପଟରେ ପ୍ରବେଶ କଲେ ଏସ୍.ପି. ରଂଜନ ମାନସିଂହ । ମଉସା ! ନମସ୍କାର, ପ୍ରମୋଦବାବୁ ପ୍ରତିନମସ୍କାର ଜଣାଇଲେ । ସୀତାକାନ୍ତ ମଧ ରଂଜନ ବାବୁଙ୍କୁ

Digitized by PPRACHIN, SOA

ନମସ୍କାର ଜଣାଇଲା । ନିଜ କାରରୁ ଓହ୍ଲେଇ ପଡ଼ିଲେ ରଂଜନ ବାବୁ । ମଉସା ଆପଣବୋଧେ କୌଣସି ଜରୁରୀ କାମରେ ଯାଉଛନ୍ତି- ଏତକ କହି ଚୁପ୍ ହୋଇ ରହିଲେ ରଂଜନ ମାନସିଂହ । ଗୋଟିଏ ଦୃଢ଼ ହଁ ପକାଇ କହିଉଠିଲେ ପ୍ରମୋଦବାବୁ- କଣ କିଛି କାମ ଥିଲା ବୋଧେ ମୋ ନିକଟରେ । ହଁ ମଉସା ମୁଁ କଣ କହୁଥିଲି କି ? ହଉ ହେଲା ତୁମେ ଅପେକ୍ଷା କରିଥାଅ ମୁଁ ଏଇନେ ଆସୁଛି । ଏ ଡ୍ରାଇଭର ଚାଲ୍ । ପ୍ରମୋଦବାବୁ ଓ ସୀତାକାନ୍ତ ଚାଲିଗଲେ ମେଡ଼ିକାଲ୍‌କୁ । ରାଜେଶ୍‌ବାବୁ ନିଜ ଗେଷ୍ଟ୍ ରୁମ୍‌ରେ ବସି ଚା ପିଉପିଉ ପେପର ପଢୁଛନ୍ତି । ଏହି ସମୟରେ ଘରଭିତରକୁ ପଶିଗଲେ ରଂଜନବାବୁ । ଗୋଟିଏ ଢ଼ାଞ୍ଚାରେ ସମ୍ମାନ ଜଣାଇଲେ ରାଜେଶ୍‌ବାବୁଙ୍କୁ ଏପରିକି ଶାନ୍ତିକୁ ମଧ । ରଂଜନବାବୁଙ୍କୁ ଦେଖି ରାଜେଶ୍‌ବାବୁ ଯେତିକି ଖୁସି- ଶାନ୍ତିଲତା ସେତିକି ରାଗି ପଂଚମ ହୋଇଗଲେଣି । ସତେକି ରଂଜନ ମାନସିଂହର ଛାଇପଡ଼ିଲେ ଶାନ୍ତିଲତାଙ୍କର ନାହି ଡ଼େଉଁଛି । ସକାଳୁ ସକାଳୁ କେଉଁ ଆଡ଼େ ନ ଯାଇ ରଂଜନ ମାନସିଂହ ଚାଲିଆସିଛନ୍ତି ରାଜେଶ୍ ବାବୁଙ୍କୁ ଦେଖା କରିବାକୁ । ‘‘ଶାନ୍ତି ଗଲ ଗଲ ଚା ଆଣିଲ, ଦେଖ ସକାଳୁ ସକାଳୁ ବନ୍ଧୁଙ୍କର ଆଜି ଦର୍ଶନ ମିଳୁଛି ।’’ ଯୋଗକୁ ସେଦିନ ଅଫିସ୍ ବନ୍ଦ । ତେଣୁ ଦୁଇବନ୍ଧୁ ଜମେଇ ଦେଲେ ଗପର ଆସର । କିନ୍ତୁ ଏହି ଗପ ନୁହେଁ ମରମ ବେଦନା ଏ କଥା ଅଙ୍ଗେ ଲିଭାଇ ସାରି ରାଜେଶ୍‌ବାବୁଙ୍କୁ କିପରି ରାନୀକଥା କହିବେ ତାହା ବୁଦ୍ଧି ଦିଶୁନାହିଁ ରଂଜନ ବାବୁଙ୍କର ।

(ଆରପଟେ ରାନୀ ରଂଜନ ବାବୁଙ୍କ ସବୁକଥା ଜାଣିପାରି ଫୋନ୍ କରିଛି ବିମଳ ପାଖକୁ...... ଫୋନ୍ ଉଠାଇଛନ୍ତି ଶାନ୍ତିଲତା- ହାଲୋ କିଏ କହୁଛନ୍ତି- ମୁଁ ମୁଁ- ପାଟି ଖନି ବାଜିଗଲା ରାନୀ କିଛି କହିଲା ନାହିଁ ଯେମିତି ଅସ୍ତବ୍ୟସ୍ତ କେବଳ ଏତିକି, ବିମଳ ଅଛନ୍ତି ଟିକିଏ ଡ଼ାକି ଦେବେ ଜରୁରୀ କାମ ଅଛି । ଶାନ୍ତିଲତାଙ୍କ ମୁଣ୍ଡଗରମ୍ ହୋଇଗଲା ପୁଣି ଗୋଟାଏ ଝିଅ, ବିମଳ ପାଖରେ ଜରୁରୀ କାମ କିଛି ନ ବୁଝିପାରି ବିମଳକୁ ଡ଼ାକିଦେଲେ, ବିମଳ ଆସି ଫୋନ୍ ଧରିଲା, କିନ୍ତୁ ବିମଳ ନ ଜାଣି ପାରିଲା ଭଳି ଶାନ୍ତିଲତା କବାଟ ପଛରେ ରହି ଶୁଣିବାକୁ ଚେଷ୍ଟା କଲେ । ‘‘ଭଲ ଭାବେ ନ ଶୁଭିଲେ ମଧ ଅଳ୍ପ ଅଳ୍ପ ଶୁଭୁଥାଏ ଶାନ୍ତିଲତାଙ୍କୁ । ବୁଝିଲ ବିମଳ ଡାଡି ମୋର ସବୁ ଜାଣିପାରିଛନ୍ତି ତେଣୁ ସେ ଆଜି ତୁମ ଘରକୁ ଯାଇଛନ୍ତି । ତୁମେ ଯେଉଁ କଥା କହିଥିଲ ଆଜି ଆଉ ଯାଇ ହେବନାହିଁ । ବିମଳ ମଧ ହତୋତ୍ସାହ ତଥା ଭୟାତୁର ଭାବେ ତେବେ ଆମେ କଣ କରିବା ? ଆଉ ତୁମର ଏ ଅବସ୍ଥା । ଡାଡି ତୁମଘରୁ ଫେରିଲା ପରେ ଯାହା ହେବ । ହଉ ରହୁଛି । ଫୋନ୍ ଥୋଇଦେଲା ରାନୀ । ବିମଳ ମୁଣ୍ଡଟା କାହିଁକି ଘୂରେଇ ଦେଲା ରାନୀ ଡାଡି ନିଶ୍ଚୟ ମମୀ ଓ

Digitized by PPRACHIN, SOA

ତାଡିଙ୍କ ଆଗରେ କହିବେ । ତା ପରେ - ତାପରେ---- ଦୁମ୍ କରି ତଳେ ପଡ଼ିଗଲା ବିମଳ । ଶାନ୍ତିଲତା ତ ସବୁ ଶୁଣୁଥିଲେ ପୁଅକୁ ତଳୁ ଉଠାଇ ବିଛଣା ଉପରେ ଶୁଆଇଦେଲେ କାହାକୁ କିଛି ନ କହି ମୁଣ୍ଡରେ ପାଣି ଛିଂଚି ଚେତା କରାଇଲେ । ଆରେ ବିମଳ ତୋ ମୁଣ୍ଡ ଘୁରେଇଲା କାହିଁକି ? କିଛି କଣ ଅସୁବିଧା ହୋଇଛି ବୋଧେ ? ମମୀ ପାଦରେ ମୁଣ୍ଡ ବାଡ଼େଇ କାନ୍ଦି ଉଠିଲା ବିମଳ । ଏପଟେ ଶାନ୍ତିଲତା ମଧ୍ୟ ଫୋନ୍‌ରୁ ଟିକିଏ ଟିକିଏ ଆଭାଷ ପାଇଛନ୍ତି-ସବୁ ଜାଣି ନ ଜାଣିଲା ପରି ଅଭିନୟ କଲେ ଶାନ୍ତିଲତା, ତୁ ଏତେ ବ୍ୟସ୍ତ ଥିଲା ପରି ଜଣା ପଡୁଛୁ ବିମଳ, ତୋର କଣ କିଛି ହୋଇଛିନା କଣ, କହ କହ ଖୋଲିକହ? ମମୀ ! ଏହା କହି କାନ୍ଦି ଉଠିଲା ବିମଳ । ପୁଅ ଆଖିରୁ ଲୁହ ପୋଛି ଦେଲେ ଶାନ୍ତିଲତା, ବ୍ୟସ୍ତହୁଅନା ବିମଳ ମୁଁ ଯେତେହେଲେ ତୋର ମମୀ, ତୋର କଣ ଅସୁବିଧା ହେବାକୁ ମୁଁ ଦେବି, ଟିକିଏ ବିଶ୍ରାମନେ ସବୁକିଛି ସମାଧାନ ହୋଇଯିବ । ଆଉ କିଛି ପୁଅକୁ ନ ପଚାରି ରୋଷେଇ ଘରକୁ ପଶିଗଲେ ଶାନ୍ତିଲତା ।

ଏପଟେ ରଂଜନ ବାବୁ ମୁହଁକୁ ଶୁଖାଇ ଏଣୁ ତେଣୁ ଗୁଡ଼ାଏ ଗପ ଗପି ଚାଲିଛନ୍ତି, କିନ୍ତୁ ସବୁ ଗପ ତାଙ୍କ ମନର ଗପକୁ ଛୁଇଁଛୁଇଁ ଯାଇ ହୃଦୟକୁ ଭେଦ କରୁଛି । କିଭଳି ରାଜେଶ୍‌ବାବୁଙ୍କ କହିବେ ? କଣ କହିବେ ? ତଥାପି ଖୋଲି କରି କହିଦେଲେ ରଂଜନ ବାବୁ- ବୁଝିଲେ ରାଜେଶବାବୁ ମୁଁ ଆପଣ ନିକଟକୁ ଗୋଟିଏ ଜରୁରୀ କାମପାଇଁ ଆସିଥିଲି । ରାଜେଶ ବାବୁ ଗପର ମୁଣି ଭିତରେ ହସି ହସି ପଚାରି ବସିଲେ କାହିଁ ଆପଣ ତ ଏତେ ବେଳଯାଏଁ କିଛି କହି ନାହାଁନ୍ତି । କଣ କହିବି ରାଜେଶ୍‌ବାବୁ । କହିବି କହିବି ବୋଲି ଜିଭ ଲେଉଟୁ ନାହିଁ, ପରକ୍ଷଣରେ କିନ୍ତୁ ମୋତେ ପସ୍ତେଇବାକୁ ପଡୁଛି । ରଂଜନବାବୁ ମନ ଶୁଖାଇ ଏତକ କହି ହୋଇଗଲେ । କୁହନ୍ତୁ ରଂଜନବାବୁ ଚୁପ୍‌ହୋଇଲେ କାହିଁକି ? କଣ କିଛି ଅସୁବିଧା ଆପଣଙ୍କର ହୋଇଛି ବୋଧେ । ହଁ ରାଜେଶ୍ ବାବୁ,ଅସୁବିଧାଠାରୁ ମହା ଅସୁବିଧାରେ ମୁଁ ବର୍ତ୍ତମାନ ବାଟ ଚାଲୁଛି । ତେବେ କୁହନ୍ତୁ କୌଣସି ରିସ୍କ ବୋଧେ ଆପଣଙ୍କ ଉପରେ ପଡ଼ିଛି । ନାହିଁ ରାଜେଶ୍‌ବାବୁ ମୋ ପାଇଁ ମୁଁ ଯେତେ ବ୍ୟସ୍ତ ନୁହେଁକେବଳ ମୋର ଏକମାତ୍ର ଝିଅ ପାଇଁ ମୁଁ ବ୍ୟସ୍ତ । ରାଜେଶ୍ ବାବୁ ଆଶ୍ଚର୍ଯ୍ୟ ହୋଇଗଲେ ରଂଜନବାବୁଙ୍କର ଏହି ପଦିଏ କଥା ଶୁଣି- ଝିଅ ପାଇଁ ଆପଣ ବ୍ୟସ୍ତ । କଣ ହୋଇଛି ଆପଣଙ୍କ ଝିଅର ? କଣ ଆଉ ହେବ ରାଜେଶ୍ ବାବୁ ଝିଅମୋତେ ବର୍ତ୍ତମାନ ମହାସମୁଦ୍ରରେ ଭସେଇ ନିଜେ ମଧ୍ୟ ଭାସିବାକୁ ଲାଗିଛି । ସେ ଯେ ମାଆ ହେବାକୁ ଯାଉଛି ? ରାଜେଶ୍ ବାବୁଙ୍କ ଛାତିରେ ଧଡ଼ାସ୍ କିନା ଯେପରି ଗୋଟାଏ କିଏ ପିଟି ଦେଲା ପରିଲାଗିଲା, ଏବଂ ଚମକି ପଡ଼ି କହି ଉଠିଲେ ରଂଜନ ବାବୁ

Digitized by PPRACHIN, SOA

ଆପଣ କଣ ଯାହା କହୁଛନ୍ତି ସତ ? ହଁ ସତ ରାଜେଶ୍‌ବାବୁ ମୁଁ ବାପ ହୋଇ ଝିଅ ନାମରେ କଣ ମିଛ କହିପାରେ ? ତେବେ ଆପଣ କଣ କରିବାକୁ ଚାହୁଁଛନ୍ତି- ରାଜେଶ୍ ବାବୁ ପଚାରି ଉଠିଲେ । କଣ କରିବି ଯଦି ପୁଅର ପିତା ରାଜି ହୁଅନ୍ତି ତେବେ ମୋ ଝିଅଟିକୁ ତାଙ୍କ ପୁଅ ସହିତ ବିବାହ କରି ଦିଅନ୍ତି । ରଂଜନ ବାବୁଙ୍କର କଥା ପଦିଏରେ ସତେ ଯେପରି ଅନ୍ୟମନସ୍କ ଭାବ ପ୍ରକାଶ କଲେ ରାଜେଶ୍ ବାବୁ- କଣ କହୁଛନ୍ତି ଆପଣଙ୍କୁ ପୁଅପିତା ? ତେବେ ଆପଣଙ୍କ ଝିଅର ଯେ ଭାବିସ୍ୱାମୀ ହେବ ତାକୁ ଆପଣ ଜାଣିସାରିଲେଣି । ହଁ ଜାଣିସାରିଲିଣି । ଉତ୍ସାହ ମନନେଇ ପଚାରିଲେ ରାଜେଶ୍ ବାବୁ । କିଏ କେଉଁଠି ତା ଘର ଆଉ ଆପଣଙ୍କ ଜ୍ୱାଇଁଟି କଣ କରୁଛି । ଏ ପ୍ରଶ୍ନର ଉତ୍ତର ଦେବାକୁ ରଂଜନ ବାବୁଙ୍କ ମନ ପଛକୁ ଟାଣୁଥିଲେ ମନ ଆଗୁଆ ହୋଇ କହିଉଠିଲେ- କିଏ ଆଉ ହେବ । ରାନୀର କ୍ଲାସ୍ ମେଟ୍, ଏହି କଟକରେ ରୁହେ । କଟକରେ ? ତେବେ ତା ବାପା କଣ କରନ୍ତି- ଉତ୍କଣ୍ଠାରେ ପଚାରିଚାଲିଛନ୍ତି ରାଜେଶବାବୁ ରଂଜନ ବାବୁଙ୍କୁ । ମୋତେ କ୍ଷମା କରିବେ ରାଜେଶ୍ ବାବୁ- ଆପଣଙ୍କ ପୁତ୍ର ବିମଳ ହିଁ ମୋର ଭାବି ଜ୍ୱାଇଁ । ଚମକି ପଡ଼ିଲେ ରାଜେଶ୍ ବାବୁ । ମୁହଁ ତାଙ୍କର ଲାଲ୍ ପଡ଼ିଗଲା । ହାତର ମାଗାଜିନ୍‌ଟା ଥରି ଉଠିଲା । କଣ କହିଲେ ମୋ ପୁଅ ବିମଳ ଆପଣଙ୍କ ଭାବିଜ୍ୱାଇଁ ? ଆପଣ ରାଗନ୍ତୁନି ରାଜେଶ୍ ବାବୁ ପଚାରନ୍ତୁ ଆପଣ ବିମଳକୁ । ଘର ଭିତରୁ ଏତକ ଶୁଣିସାରି ଶାନ୍ତିଲତା ବାହାରି ଆସିଲେ- ଆଜିର ମୁକାବିଲା ଆଜିର ନୁହେଁ - ଏ ଯେ ବହୁଦିନ ଅପେକ୍ଷା ରତ ଅତୀତର ।

ଏହି ଯେ ସୁବର୍ଣ୍ଣ ସୁଯୋଗ- ଏ ସୁଯୋଗ ଛାଡ଼ି ଦେଲେ ହୁଏତ ଆଉ କେବେ ଆସି ନ ପାରେ- ଶାନ୍ତିଲତା ମନେ ପକାଇଲେ ଏମିତି ଦିନେ ତାଙ୍କ ପିତା ପ୍ରମୋଦ ବାବୁ ରଂଜନ ପିତାଙ୍କ ନିକଟକୁ ଯାଇଥିଲେ କିନ୍ତୁ ସେ କଣ କଲେ ପିତାଙ୍କୁ ମୋର ବିଭିନ୍ନ କଥା କହି ଫେରେଇ ଦେଲେ ଟିକିଏ ଦୟାବି ତାଙ୍କ ମନରେ ହେଲାନାହିଁ, ଆଉ ଏହି ରଂଜନବାବୁ ଚୋର ପରି ଲୁଚି ପଳାଇଲେ । ଏତକ ଶାନ୍ତିଲତା ମନେ ମନେ ଭାବୁଥିଲେ ମଧ୍ୟ ଲୋତକର ଧାରଟା ଆପେ ଆପେ ବହି ଆସିଲା ଆଖି କୋଣରୁ କିନ୍ତୁ ତାକୁ ବୋହିବାକୁ ନ ଦେଇ ଏକ ଦମ୍ଭସହକାରେ କହିଉଠିଲେ- ''ଏ କଣ କହୁଛନ୍ତି ଏସ୍.ପି. ସାହେବ ମୋ ପୁଅ ଆପଣଙ୍କର ହେବ ଭାବିଜ୍ୱାଇଁ, ଜାଣିପାରୁ ନାହାଁନ୍ତି ଯେ ଏ ହେଉଛି ଜିଲ୍ଲା କଲେକ୍ଟରଙ୍କ ନିବାସ ଏବଂ ସ୍ୱୟଂ କଲେକ୍ଟରଙ୍କ ଆଗରେ ତାଙ୍କ ପୁଅ ନାମରେ ଏତେ ମିଛ କଥା କହୁଛନ୍ତି ଆପଣ । ଆପଣଙ୍କ ଝିଅ କାହାସହିତ କଣ କେଉଁଠି କରିଥିବ, ମୋ ପୁଅ ରାନୀ ସହିତ ପଢ଼େ, ତା ବୋଲି ମୋ ପୁଅ ଆପଣଙ୍କ ଝିଅ ଜୀବନକୁ ନେଇ ଖେଳ ଖେଳିଥିବ ଆପଣ କେଉଁ ସାହାସରେ ଏ କଥା କହିଯାଉଛନ୍ତି ?'' ମୋତେ ବିଶ୍ୱାସ କରନ୍ତୁ

Digitized by PPRACHIN, SOA

''ଶାନ୍ତି ମୁହଁରୁ ବାହାରି ଆସୁଥିଲା'' କିନ୍ତୁ ପରେ ମୋତେ ବିଶ୍ୱାସ କରନ୍ତୁ ମ୍ୟାଡ଼ାମ୍ ମୁଁ ଯାହା କହୁଛି ସତ କହୁଛି । ମୁଁ କେବେ ମିଛ କହୁନି । ଏତକ କହି କାନ୍ଦି ପକାଇଲେ ରଂଜନବାବୁ । ସେ ଜାଣନ୍ତି ଶାନ୍ତିଲତା ଆଜି ଠିକ୍ ତାର ବଦଳା ନେବ । ହେଲେ ପଛ କଥାକୁ ଜୋର୍ ନ ଦେଇ ବର୍ତ୍ତମାନ କଥାକୁ ଜୋର୍ ଦେଲା ବେଳକୁ, କଣ ହେବ ସବୁ ଯେ ଓଲଟ ପାଲଟ ହୋଇଯାଉଛି ।

ଏପଟେ ଶାନ୍ତିଲତା ବିମଳଠାରୁ ଯାହା ଶୁଣି ଥିଲେ ଅବଶ୍ୟ ନ କହିଲେ ମଧ ଫୋନ୍‌ରୁ ଯେଉଁ ପଦିଏ ଦୁଇପଦ କଥା ଶୁଣିଥିଲେ ବର୍ତ୍ତମାନ ସବୁ ଠିକ୍ । ତେବେ ବିମଳ ଭଲପାଏ ରାନୀକୁ । ଶାନ୍ତିଲତାଙ୍କ ମନରେ ଯେତିକି ଆନନ୍ଦ ପରକ୍ଷଣରେ ସେତିକି ନିରାନନ୍ଦ । ଶାନ୍ତିଲତା କହିଉଠିଲେ, ଶୁଣୁଛଟି- କିପରି ଏସ୍.ପି. ବାବୁ ଏପରି କଥା କହୁଛନ୍ତି । ଚିଡ଼ି ଉଠି ରାଜେଶ୍‌ବାବୁ କହିଉଠିଲେ- ଶୁଣିଲଣି ଆଉ କଣ ଶୁଣିବି ମୋତେ କିଛି ପଚାରନାହିଁ ମୋତେ ଭାବିବାକୁ ଦିଅ । ଘର ଭିତରକୁ ପଶିଆସଲେ ପ୍ରମୋଦ ବାବୁ ପ୍ରାୟ ଦଶ ପନ୍ଦର ମିନିଟ୍ ହେବ ସବୁ କଥା ଶୁଣିଛନ୍ତି- କଣ ଆଉ ଭାବିବ ରାଜେଶ୍ ? ଭାବିବାର ସମୟ ଏ ନୁହେଁ ବରଂ ଏହାର କିଛି ସମାଧାନ କର । ରାଜେଶବାବୁ ପ୍ରମୋଦବାବୁଙ୍କ ମୁହଁକୁ ଚାହିଁ କହିଲେ ଡାଡି ଏ ଆପଣ କଣ କହୁଛନ୍ତି । ଶାନ୍ତିଲତା ମଧ ତଦରୂପ-ଡାଡି ଏକଣ କହୁଛ । ପ୍ରମୋଦ ବାବୁ ଚେୟାର ଉପରେ ବସି ପଡ଼ି ସ୍ମିତ ହାସ୍ୟହସି କହିବାକୁ ଲାଗିଲେ- ମାଆ ଶାନ୍ତି ''କୁକୁର ଯଦି ମଣିଷକୁ କାମୁଡ଼େ ହେଲେ ମଣିଷ କଣ କୁକୁରକୁ କେବେ କାମୁଡ଼ିନି ବରଂ ବାଡ଼େଇପାରେ, ମାରିଦେଇ ପାରେ ।'' ରାଜେଶ୍‌ବାବୁ କିଛି ବୁଝିପାରିଲେନି ଚାହିଁ ରହିଲେ ଶଶୁର ପ୍ରମୋଦ ବାବୁଙ୍କ ମୁହଁକୁ ଶାନ୍ତିଲତା ପିତାଙ୍କ କଥାକୁ ଠିକ୍ ବୁଝିନେଇ ଆଉ କିଛି ଏପରି ନ କହିବାକୁ ଇସରା ଦେଲେ । କାରଣ ତାର ସ୍ୱାମୀ ଯେ ଏଠାରେ ବସିଛନ୍ତି । ପ୍ରମୋଦବାବୁ ଥକି ପଡ଼ିଛନ୍ତି ତାଙ୍କର ଆଉ ସ୍ମରଣ ଶକ୍ତି ରହିନାହିଁ- ବୁଢ଼ା ହେଲେ କେତେବେଳେ କେଉଁଠି କଣ କହି ଦେଉଛନ୍ତି । ଏତକ କଥା କିନ୍ତୁ ରଂଜନ ବାବୁଙ୍କ ହୃଦୟ ପଟରେ ବିନ୍ଧି ଦେଇଛି ଗୋଟିଏ ତୀକ୍ଷ୍ଣ ଶର । ଏ ଶରକୁ କାଢ଼ି ହେବନାହିଁ । ଯଦି ସେ ପ୍ରକୃତରେ ମଣିଷ ହୋଇଥାନ୍ତି ତେବେ ସେ ଠିକ୍ ବୁଝିଥିବେ ପ୍ରମୋଦ ବାବୁଙ୍କର ଏହି କଥା ପଦିଏ । ଶାନ୍ତିଲତା କିନ୍ତୁଡାଡିଙ୍କର ଏପରି ବାକ୍ୟାଳାପକୁ ଘୋଡ଼େଇବାକୁ ଯାଇ କହିଉଠିଲେ, ଡାଡି ଆପଣ ମେଡ଼ିକାଲରୁ ଆସି ଥକି ପଡ଼ିଛନ୍ତି, ଯାଆନ୍ତୁ ଟିକିଏ ରେଷ୍ଟ୍ ନେବେ । କଣ ଏଣୁ ତେଣୁ କହିଗଲେ । ରଂଜନବାବୁ କିନ୍ତୁ କହିଉଠିଲେ ମଉସା ଯାହା କହିଛନ୍ତି ଠିକ୍ । ଏଥିରେ କୌଣସି ଭୁଲ୍ ନାହିଁ, ତେବେ ବର୍ତ୍ତମାନ କଣ କରାଯିବ କୁହନ୍ତୁ ମଉସା । ପ୍ରମୋଦ ବାବୁ ଟିକିଏ ସଚେତ ଅବସ୍ଥାକୁ ଆସିଯାଇ କହିଉଠିଲେ- କାହିଁକି

Digitized by PPRACHIN, SOA

ରଂଜନବାବୁ ଆଜି କାଲିତ ମେଡିକାଲ ସାଇନ୍ସର କୌଣସି ଅଭାବନାହିଁ ବରଂ ଯଦି ଆପଣ ଆପଣଙ୍କ ଝିଅର--- କଥା ଛଡ଼େଇ ନେଇ ରଂଜନବାବୁ କହି ଉଠିଲେ ବନ୍ଦ କରନ୍ତୁ ମଉସା ବନ୍ଦ୍ କରନ୍ତୁ ମୋତେ ଏତେ କହି ଆଉ ଲଜ୍ଜା ଦିଅନ୍ତୁ ନାହିଁ ।

ଏପଟେ ପ୍ରମୋଦବାବୁଙ୍କ ଅଧରରେ ଖେଳିଗଲା ସ୍ମିତହାସ୍ୟର ଜୁଆର । କିନ୍ତୁ ରଂଜନ ମାନସିଂହ ମୁଣ୍ଡକୁ ତଳକୁ ପୋତି କଣ ଭାବିବାକୁ ଲାଗିଲେ । ରାଜେଶବାବୁ ଉଠିପଡ଼ି ବିମଳ ରୁମ୍‌କୁ ପଶିଯାଇ ବିମଳର ହାତ ଧରି ଟାଣିଆଣିଲେ ସମସ୍ତଙ୍କ ସାମ୍ନାକୁ । କହ ବିମଳ ରଂଜନବାବୁ ଯାହା କହୁଛନ୍ତି କଣ ସତ ? ବିମଳ ଚୁପ୍ ହୋଇ ରହିଲା । ତୁ ମୋଠାରୁ ଜନ୍ମ ହୋଇ ମୋର ଆଜି ମାନ ସମ୍ମାନ ସବୁ କିଛି ପଦାରେ ପକାଇ ଦେଲୁ । ପଢ଼ିବା ନାଁ କହି କଲେଜ ଯାଇଁ ଏହି କୀର୍ତ୍ତି ଅର୍ଜନ କଲୁ । ଧିକ୍ ତୋ ଜୀବନ । କହ ତୁ କଣ ସତରେ ରାନୀକୁ ଭଲପାଉ ଏବଂ ବିବାହ କରିବାକୁ ଚାହୁଁ । କହ ଚୁପ୍ ରହିଲୁ ଯେ, ବିମଳ ତଳକୁ ମୁହଁ ପୋତି ଠିଆ ହୋଇଥାଏ- ତା ଛାତି ଭିତରଟା ଥରି ଉଠୁଥାଏ- ମନଟାକୁ କିଏ ଯେପରି ବିଦାରି ଆଂପୁଡ଼ି ପକଉଥାଏ । ଶାନ୍ତିଲତା ସ୍ୱାମୀଙ୍କ ଉପରେ ଚିଡ଼ି ଉଠି କହିଲେ-କଣ ଏତେ ଗୁଡ଼ାଏ ମୋ ପୁଅକୁ କହି ଯାଉଛ, ହଁ ସେ ରାନୀକୁ ଭଲପାଏ, କିନ୍ତୁ ଭଲପାଏ ବୋଲି କଣ ମାନେ ଅଛି ଯେ ବାହାହେବାକୁ ପଡ଼ିବ । ରଂଜନ ବାବୁଙ୍କ ମୁହଁ କଳାକାଠ ପଡ଼ିଗଲା । ରାଜେଶବାବୁ ଶାନ୍ତିଲତାଙ୍କ ଉପରକୁ ଚିଡ଼ି ଉଠି କହିଲେ- ବୁଝିଲ ଶାନ୍ତି ତୁମ ଯୋଗୁ ଆଜି ଏ ପିଲାମାନେ ଉଦ୍ଧତ ହୋଇଛନ୍ତି, ଯିଏ ବାଟରେ ଗଲାବେଳେ ମାଛିକୁ ମ' ବୋଲି କହୁ ନ ଥିଲା ତାର ଆଜି ଗୁଣ ଦେଖ- କଣ ସେ ନ କଲା- କୁହତ ଯଦି ଏପରି କଥା ବାହାରେ ପ୍ରକାଶ ହୁଏ ତେବେ ମୋର ମାନ ସମ୍ମାନ ରହିବ ତ ?

ପ୍ରମୋଦ ବାବୁ ଉଠିପଡ଼ି ବିମଳକୁ ଆଣି ନିଜ ପାଖରେ ବସାଇଲେ, ତା ପିଠି ଥାପୁଡ଼େଇ ଦେଲେ- ଆଖିର ଲୁହକୁ ପୋଛିଦେଲେ- ଆରେ ନାତିଟୋକା ତୁ ମାଇକିଆ ପରି କାନ୍ଦୁଛୁ- ଆରେ ତୁ ମରଦ ପୁଅ, ତୋର କଣ ବାହାହେବା ବୟସ ହୋଇନାହିଁ, ଗୋଟାଏ କାହିଁକି ପାଞ୍ଚଟା ଆଣି ତୋତେ ବାହାକରି ଦେବି । କହ ବିମଳ ତୁ ରାନୀକୁ ଭଲପାଉ । ବିମଳର ଆଖିକୋଣରୁ ଝରଝର ଲୁହ ଧାର ବୋହି ଆସିଲା । ଶାନ୍ତିଲତା ପୁଅ ମନକଥା ଠିକ୍ ବୁଝିଛନ୍ତି- ଆରେ ବିମଳ ତୁ ଗଲୁ ଆର ଘରକୁ ଯାଆ, ବିମଳର ହାତଧରି ତା ରୁମ୍‌ରେ ଛାଡ଼ିଦେଇ ଆସିଲେ ଶାନ୍ତିଲତା । କିଛି ସମୟ ଚୁପ୍ ଚାପ୍ ହୋଇ ରହିଲେ ସମସ୍ତେ । କାହା ମୁହଁରୁ କିଛି କଥା ପଦିଏ   ହେଲେ ବାହାରୁ ନ ଥାଏ । ରଂଜନ ବାବୁ ମୁହଁକୁ ତଳକୁ କରି ବସିରହିଲେ । ଗାଲରେ ହାତଦେଇ ବସିଲେ ରାଜେଶ୍ ବାବୁ । ପ୍ରମୋଦବାବୁ

Digitized by PPRACHIN, SOA

ଦୁଇବାହୁକୁ ଛାତିରେ ଛନ୍ଦି ମାଗାଜିନ୍ ଉପରେ ଆଖି ବୁଲେଇଲେ- ଆଉ ଶାନ୍ତିଲତା ତିନିକପ୍ କଫି ଓ ବିସ୍କୁଟ ଧରି ପହଞ୍ଚିଗଲେ- 'ଟ୍ରେ ଉପରେ ଥୋଇ ଦେଇ ଗୋଟିଏ କପ୍ ବଢ଼େଇ ଦେଲେ ରଂଜନ ବାବୁଙ୍କ ହାତକୁ, ଅନ୍ୟ ଗୋଟିଏ ରାଜେଶ୍ ବାବୁଙ୍କୁ ଆଉ ଗୋଟିଏ ପ୍ରମୋଦ ବାବୁ ନିଜେ ନେଇ ପିଇଲେ ।

''ଶାନ୍ତିଲତା ଭାବି ଚାଲିଲେ ଏମିତି କେତେଥର କଫି କରି ପିଆଇଛନ୍ତି ରଂଜନବାବୁଙ୍କୁ । କିନ୍ତୁ ସମୟ ସ୍ରୋତରେ ସବୁ ଓଲଟି ବଦଳି ଯାଇଛି ପରିସ୍ଥିତି । ଅବଶ୍ୟ କେଇପଦ କଥା ରଂଜନବାବୁଙ୍କ ମନକୁ ଅନୁତାପରେ ଘାରିଦେଇଥିବ । ନ କହି ନ କହି କେତେ କଥା ସେ କହି ଯାଇଛନ୍ତି ରଂଜନବାବୁଙ୍କୁ । ସେ ତ ଜଣେ ନାରୀ- ସେ ବି ଦିନେ ରାନୀପରି ଶୀକାର ହୋଇଥିଲେ । ସେଦିନ ଓ ଆଜି ଭିତରେ ବେଶି କିଛି ଫରକ୍ ନାହିଁ, ମାତ୍ର ଯେତିକି ଫରକ୍ ସବୁ ନିଜ ନିଜ ଭିତରେ ସମ୍ପର୍କ ଭିତରେ । ସେ କଣ ରାନୀକୁ ତାଙ୍କ ପରି ଅବସ୍ଥା ଭୋଗ କରିବାକୁ ଦେବେ, ନାଁ ସେ ଯେ ଜନନୀ, ଜନନୀ ହୋଇ ରାନୀର ଏତେ ଅମଙ୍ଗଳ କରିବେ । ପୁଣି ସେ ଭାବନ୍ତି ତାଙ୍କ ପିତାଙ୍କର ଧନ ବଳ ଥିଲା ବୋଲି ସେ ଆଜି ଏପରି ଜଣେ ବ୍ୟକ୍ତିଙ୍କର ହାତ ଧରିଛନ୍ତି । ସମସ୍ତେ କଣ ପାରୁଛନ୍ତି- ପଛେଇ ଯାଉଛନ୍ତି, ଏମିତିକି ସାରାଜୀବନ ହା ହୁତାସରେ ଦିନ କାଟି ସେହି ମରଣକୁ ବରଣ କରୁଛନ୍ତି । ଗୋଟିଏ ନିଜେ ଅନୁଭବୀ- ଆଉ ଗୋଟିଏର ଦ୍ରଷ୍ଟା ସେତ ନିଜେ । ରାନୀକୁ ସେ ବୋହୁ କରି ଆଣିବେ ନିଜ ପୁଅର ମନ ଲାଖି । ପୁଅ ଚାହୁଁଛି ରାନୀକୁ, ରାନୀ ଚାହିଁଛି ତାଙ୍କ ପୁଅକୁ । ସେ କାହିଁକି ପ୍ରତିବନ୍ଧକ ସୃଷ୍ଟି କରିବେ ?''

ରଂଜନବାବୁ ଚେୟାରରୁ ଉଠି ପଡ଼ି ବାହାରିବାକୁ ଚେଷ୍ଟା କରୁଥିଲେ । ରାଜେଶ୍‌ବାବୁ ବାରଣ କଲେ- ଆରେ କୁଆଡ଼କୁ ଯାଉଛନ୍ତି ? ବସନ୍ତୁ, ବସନ୍ତୁ ଏଇଠି ଲଞ୍ଚ୍ ଖାଇ କରିଯିବେ । ଆପଣତ ମୋର ବନ୍ଧୁ ନୁହଁନ୍ତି ଆଜିଠାରୁ ମୋର ସମୁଦି ହେଲେ । ରଂଜନ ବାବୁ ରାଜେଶ୍ ବାବୁଙ୍କର ଏତକ କଥାଶୁଣି ନିଜ କାନକୁ ବିଶ୍ୱାସ କରି ପାରିଲେ ନାହିଁ- ଆପଣ ଏ କଣ କହୁଛନ୍ତି ରାଜେଶବାବୁ; ଆଶ୍ଚର୍ଯ୍ୟର ଏକ ଢ଼େଉ ଚମକାଇ ଦେଲା ରଂଜନ ବାବୁଙ୍କ ମନକୁ । ରାଜେଶ୍‌ବାବୁ ସୀତାକାନ୍ତ ଦେଇ ଯାଇଥିବା କାର୍ଡଟିକୁ ଟ୍ରେ ଉପରୁ ସାଉଁଟି ଆଣି ପଢ଼ିଲେ ଆଗାମୀ ଜୁନ୍ ୯ ତାରିଖରେ ବାହାଘର । ଏଇଟା ଏ ବର୍ଷର ଶେଷ ତିଥି ଆଉ ଯାଇଁ ଗୋଟିଏ ବର୍ଷ ପରେ । ମନରେ କିଛି ସମୟ ଭାବି ରାଜେଶ୍ ବାବୁ କହି ଉଠିଲେ- ଆସନ୍ତା ୯ ତାରିଖ ଏହି ଆଜି ଜୁନ୍ ୫ ତାରିଖ ତେଣୁ ମାତ୍ର । ମୋ ମତରେ ଯେତେଶିଘ୍ର ଏ କାମଟି ସାରି ଦେଲେ ଭଲ ହେବ । ଶାନ୍ତିଲତା ଓ ପ୍ରମୋଦ ବାବୁ, ରାଜେଶ ବାବୁଙ୍କ ମୁହଁକୁ ଚାହିଁ ରହିଛନ୍ତି । କିଛି ଯେପରି ସତେ ବୁଝି ପାରୁ ନ ଥିଲା ପରି । ଦଇବ ଦଉଡି ମଣିଷ

Digitized by PPRACHIN, SOA

ଗାଇ, ଯେଣିକି ଓଟାରେ ତେଣିକି ଯାଇ । ଏଥିରେ ମଣିଷ କଣ କରିପାରେ ସବୁ ସେହି ଦଇବର ହାତ- ଏତକ କହି ଉଠିଲେ ପ୍ରମୋଦବାବୁ । ମଣିଷ କେତେ ଭାବେ କେତେ ଚିନ୍ତା କରେ କିନ୍ତୁ ସବୁରି ମୂଳରେ ଭଗବାନଙ୍କ ଆଶିଷଟି ନିହିତ ନ ଥିଲେ କୌଣସି କାମ ହୋଇପାରେନା । ହଁ ରାଜେଶ୍ ତୁମେ ଠିକ୍ କହିଛ ଆଗାମୀ ୯ ତାରିଖ ବାହାଘର ଲାଗି ଉପଯୁକ୍ତ ସମୟ । ତେଣୁ ଆଉ ଡ଼େରି କାହିଁକି ? ଶାନ୍ତିଲତା କଣ କହିବେ କହିବେ ବୋଲି ହେଉଥିଲେ, ଆଉ ସମ୍ଭାଳି ହୋଇ ନ ପାରି କହିଉଠିଲେ- କଣ ଏମିତି ହଠାତ୍ ବାହାଘରଟା ମୋ ପୁଅର ଠିକ୍ ହୋଇଗଲା ବୋଲି, ତା ବୋଲି ରଂଜନବାବୁ । ରଂଜନବାବୁ ଶାନ୍ତିଲତାଙ୍କ କଥାକୁ ବୁଝିପାରି କହିଉଠିଲେ- ମୁଁ ଆପଣଙ୍କ କଥାକୁ ବେଶ୍ ହୃଦୟଙ୍ଗମ କରିସାରିଛି ମୋର ବିମଳ ପ୍ରତି ଯାହା କର୍ତ୍ତବ୍ୟ ତଥା ଆପଣମାନଙ୍କ ସମ୍ମାନକୁ ମୁଁ କେବେ ହେଲେ ପଦାରେ ପକେଇ ଦେବି ନାହିଁ, ବରଂ ଆଜି ଆପଣମାନେ ଯେଉଁ ବିପଦରୁ ମୋତେ ଉଦ୍ଧାର କରିଛନ୍ତି, ସେଥିପାଇଁ ଚିରଋଣୀ ହୋଇ ସାରାଜୀବନ ଆପଣଙ୍କ ନିକଟରେ ରହିବି । ରଂଜନବାବୁ ସତେ ଏକ ଭାବ ବିହ୍ୱଳ ମନ ନେଇ କହି ଚାଲିଗଲେ ଏହି କଥା ଗୁଡ଼ିକ, ସତେ ସେ କେତେ ଆନନ୍ଦ ନୁହଁନ୍ତି, ସେ କଣ କେବେ ବିଶ୍ୱାସ କରି ଥିଲେ ଏପରି ହେବ ବୋଲି । ସବୁ ସେହି ଭଗବାନଙ୍କ ଦୟା । ଯିବାକୁ ବାହାରି ପଡ଼ିଲେ । କିନ୍ତୁ ରାଜେଶ୍ ବାବୁ ଛାଡ଼ିଦେଲେ ନାହିଁ ସେତେବେଳକୁ ସମୟ ପ୍ରାୟ ଗୋଟାଏ । ସବୁ ବାଧବାଧକତା ଭିତରେ ରଂଜନ ବାବୁ ରାଜେଶ୍ ବାବୁଙ୍କ ଘରେ ଲଞ୍ଚ୍ ଖାଇଲେ । ରାଜେଶ୍ ବାବୁ ସ୍ତ୍ରୀ ଶାନ୍ତିଲତାଙ୍କୁ କହିଲେ- ଶାନ୍ତି ତୁମେ ଓ ଡ଼ାଡ଼ି ଆଜି ଯାଇ ରାନୀକୁ ଦେଖି ମୁଦି ଦେଇ ଆସ । ଏ କାମ ଯେତେଶିଘ୍ର କରିଦେଲେ ଭଲ ହେବ । ରଂଜନ ବାବୁ ନିଜ କାର୍‌କୁ ଷ୍ଟାର୍ଟ କରି ଘରଆଡ଼କୁ ମୁହାଁଇଲେ ରାଜେଶ୍ ବାବୁଙ୍କଠାରୁ ବିଦାୟ ନେଇ । ଏହି ସମୟରେ ଟେଲିଫୋନ୍ ବାଜି ଉଠିଲା କ୍ରିଂ କ୍ରିଂ ହୋଇ- ରାଜେଶ୍ ବାବୁ ଧରିଲେ- ହାଲୋ କିଏ କହୁଛନ୍ତି ? ଟେଲିଫୋନ୍‌ରୁ ଶୁଭି ଆସିଲା ସାର୍ ଦୟାକରି ଟିକିଏ ଅଫିସ ଆସନ୍ତୁ ଜରୁରୀ କାମ ଅଛି । ଟେଲିଫୋନ୍ ଥୋଇ ଦେଇ ଆଉ ଶୋଇବେ କଣ ପ୍ୟାଣ୍ଟସାର୍ଟ ପିନ୍ଧି ଅଫିସ୍‌କୁ ବାହାରି ଗଲେ ରାଜେଶ୍‌ବାବୁ ଗଲାବେଳେ କହିଗଲେ- ହଁ ଶାନ୍ତି ଶୁଣ ଡ଼ାଡ଼ିଙ୍କୁ ନେଇ ତୁମେ ଶିଘ୍ର ଯାଅ, ମୋର ଅଫିସରୁ ଫୋନ୍ ଆସିଛି ମୁଁ ଅଫିସ୍ ଯାଉଛି- ବୋଧେ ମୋର ଟ୍ରାନ୍ସଫର ନେଇ । ଶାନ୍ତିଲତା ଚମକି ପଡ଼ିଲେ କଣ କହିଲ ଟ୍ରାନ୍ସଫର, ହଁ ଶାନ୍ତି ମୋର ବେଳନାହିଁ ମୁଁ ଆସୁଛି । ପରେ କଥାବାର୍ତ୍ତା । ତୁମେ ଯେମିତି ଭୁଲି ନ ଯାଅ ଶିଘ୍ର ଯିବ ।

ରଂଜନବାବୁ ତାଙ୍କ ଘରକୁ ଯିବାର ଚାରିଘଣ୍ଟା ପରେ ପାଞ୍ଚଟା ବେଳେ ଗୋଟିଏ ଜିପ୍‌ରେ ଯାଇଁ ପହଂଚିଗଲେ ଶାନ୍ତିଲତା ଓ ପ୍ରମୋଦ ବାବୁ । ରଂଜନବାବୁ

Digitized by PPRACHIN, SOA

ପ୍ରମୋଦବାବୁ ଓ ଶାନ୍ତିଲତାଙ୍କୁ ନିଜ ଘରକୁ ପାଛୋଟି ନେଲେ । ଝିଅ ରାନୀ ଶାନ୍ତିଲତା ଓ ପ୍ରମୋଦବାବୁଙ୍କୁ ଆସି ପାଦଛୁଇଁ ମୁଣ୍ଡିଆ ମାରିଲା । କିନ୍ତୁ ସତେ ଯେପରି ତାର ମନରୁ ସବୁ କିଛି ହସକୁ କିଏ ଛଡ଼େଇ ନେଇଛି । ସରସତା ନାହିଁ । ରାନୀ ତୁ ଚିହ୍ନିଛୁ ଇଏ କିଏ କହିଲୁ । (ଶାନ୍ତିକୁ ଓ ପ୍ରମୋଦବାବୁଙ୍କୁ ଦେଖେଇ) ଏ ହେଉଛନ୍ତି ବିମଳର ମମୀ ଓ ଏ ହେଉଛନ୍ତି ବିମଳର ମାମୁଁ ଅଙ୍କା । ରାନୀ ଭୟପାଉିଲା ପରି ଥରି ଉଠିଲା- ସାରା ଦେହଟା କମ୍ପିବାକୁ ଲାଗିଲା । ମୁଣ୍ଡ ଘୂରେଇ ଗଲା ନଥି କରି ତଳେ ପଡ଼ିଗଲା । କଣ ହେଲା କଣ ହେଲା କହି ସମସ୍ତେ ଉଠିପଡ଼ି ରାନୀକୁ ନେଇ ବେଡ୍‌ରେ ଶୁଆଇ ଦେଲେ । ଶାନ୍ତିଲତା ରାନୀର ମଥାକୁ ଆଉଁସି ଦେଉଥାନ୍ତି ଏବଂ ମୁହଁରେ ପାଣି ଛିଞ୍ଚୁଥାନ୍ତି । ଘରର ଫ୍ୟାନ୍‌ଟା ପୁରାପୁରି ଫୁଲ୍ ସ୍ପିଡ୍‌ରେ ଘୁରୁଥାଏ । ଠିକ୍ ଦଶମିନିଟ୍ ପରେ ରାନୀର ଚେତାଫେରି ଆସିଲା । ରାନୀର ଦୁଇନୟନରୁ ଦୁଇଧାର ଲୁହ ବହିଆସୁଥାଏ । ଖାଲି ମିଟି ମିଟି ହୋଇ ଶାନ୍ତିଲତାଙ୍କ ମୁହଁକୁ ଚାହିଁ ରହିଥାଏ ରାନୀ । କାହିଁ ସେ କେବେତ ଆଗରୁ ଶାନ୍ତିଲତାଙ୍କୁ ଦେଖି ନ ଥିଲା । କେତେ ଭଲ ଏ । ମାଆ ପରି ମମତାବୋଳା କଥା- ଛି ମାଆ ତୁ କାନ୍ଦୁଛୁ । ମୁଁ କଣ ତୋର ମାଆ ନୁହେଁ । ଦେଖା ତୋର ହାତ, ଏହା କହି ଶାନ୍ତିଲତା ରାନୀ ଆଙ୍ଗୁଠିରେ ପିନ୍ଧାଇଦେଲେ ଗୋଟାଏ ମୁଦି । ସେହି ମୁଦି ଉପରେ ଲେଖାଥିଲା 'ବିମଳ' ।

ରାନୀ ଚମକି ଉଠିଲା । ଏହିତ ବିମଳ ହାତରେ ପିନ୍ଧଥିବା ମୁଦି । ଶାନ୍ତିଲତା ଆସିଲାବେଳେ ବିମଳଠାରୁ ମୁଦିଟି ମାଗିନେଇ ଆସିଥିଲେ ରାନୀ ଲାଗି । ସେ ଚାହିଁଥିଲେ ଅନ୍ୟ ଗୋଟାଏ ମୁଦି ହୁଏତ ବଜାରରୁ କିଣିପାରିଥାନ୍ତେ, କିନ୍ତୁ ଗଢ଼ିବାକୁ ସମୟ ନ ଥିଲା । ଶାନ୍ତିଲତା ବଡ଼ ଚାଲାକ୍ କାରଣ ତାଙ୍କ ପୁଅ ବିମଳ ଯେତେବେଳେ ଭଲପାଏ ରାନୀକୁ, ଆଉ ଏପଟେ ରାନୀ ମଧ୍ୟ ବିମଳକୁ ତେଣୁ ବିମଳ ଲେଖାଥିବା ମୁଦିଟି ହିଁ ଏଥିପାଇଁ ଉପଯୁକ୍ତ । ରାନୀ ଜାଣୁ ବିମଳର ମମୀ ଦୁଇଜଣଙ୍କର ଭଲ ପାଇବାକୁ ସ୍ୱାଗତ କରନ୍ତି ବୋଲି । ମାଆ ରାନୀ ତୁ ଆଜିଠାରୁ ଏକା ରଂଜନ ବାବୁଙ୍କର ଝିଅ ନୁହେଁ ତୁ ମୋର ଝିଅ ବୋହୂ ସବୁକିଛି । ହଁ ମାଆ ତୁ ଟିକିଏ ରେଷ୍ଟ ନେଉଥାଆ । ମୁଁ ତୋ ଡ଼ାଡ଼ିଙ୍କ ସହିତ କିଛି କଥା ହେଉଛି । ରଂଜନ ବାବୁଙ୍କ ନିକଟକୁ ଆସିଲେ ଶାନ୍ତିଲତା । ରଂଜନବାବୁ ଓ ପ୍ରମୋଦ ବାବୁ କିଛି କଥାବାର୍ତ୍ତା ହେଉଥିଲେ । ଏକ ଦୀର୍ଘ ନିଶ୍ୱାସଟାଏ ପକାଇ ଚେୟାରଉପରେ ବସିପଡ଼ିଲେ ଶାନ୍ତିଲତା । ମୀନା ଗୋଟାଏ ଟ୍ରେରେ କଫି ଓ ବିସ୍କୁଟ ଆଣି ଥୋଇଦେଲା ଟେବୁଲ୍ ଉପରେ ଏବଂ ଘର ଭିତରକୁ ପଳେଇଗଲା । ରଂଜନ ବାବୁ ଶାନ୍ତିଙ୍କ ହାତକୁ ବଢ଼ାଇ ଦେଲେ ପ୍ରମୋଦବାବୁଙ୍କ ହାତକୁ ମଧ୍ୟ ଏବଂ ନିଜେ କଫି ପିଇବାକୁ ଲାଗିଲେ । ଶାନ୍ତିଲତା ଖଣ୍ଡେ ବିସ୍କୁଟ ଚୋବାଇ କଫିରୁ ମୁନ୍ଦାଏ

Digitized by PPRACHIN, SOA

ପାଟିକୁ ନେଇ କହିଉଠିଲେ- ଏମିତି ସୁଯୋଗ ଆଉଥରେ ତୁମ ସହିତ ଭେଟ ହେବ ବୋଲି ମୁଁ କଳ୍ପନା କରି ନ ଥିଲି । ମୋତେ ଆଉ ଏତେ କହି ଲଜ୍ଜାଦିଅ ନାହିଁ ଶାନ୍ତି ମୁଁ ଏବେ ଅନୁତପ୍ତ । ଅତୀତର ନିଆଁରେ ମୁଁ ବର୍ତ୍ତମାନ ପୋଡ଼ି ହୋଇ କଳାକାଠ ପଡ଼ିଯାଇଛି । ପ୍ରମୋଦବାବୁ କଥାଟାକୁ ଛଡ଼େଇ ନେଇ କହିଉଠିଲେ- ଆଉ ସେହି କଳାକାଠଟିର ନିଆଁକୁ ଲିଭାଇବାକୁ ଯାଇ ମୁଁ ଏହି ପ୍ରସ୍ତାବରେ ରାଜି ହୋଇଗଲି ରଂଜନ । ତୁମେ ଜାଣ ତୁମେ ଯେଉଁ ଭୁଲ୍ କରିଥିଲ ଅତୀତର ଜୀବନରେ ତାର ପ୍ରାୟଶ୍ଚିତ ଲାଗି ତୁମ ଝିଅକୁ ମୋ ନାତି ବିମଳ ପାଇଁ ଠିକ୍ କରି ନେଇଗଲି ମୁଁ । ଆଉ ଯଦି ମୁଁ କରଭିଡ଼ି ନ ଥାନ୍ତି ତେବେ ପରବର୍ତ୍ତୀ ଅବସ୍ଥାଟା କଣ ହୋଇଥାନ୍ତା ଜାଣିଛତ- ଶାନ୍ତିକୁ ଦେଖାଇ- ଏହି ଶାନ୍ତିପରି ରାନୀ--- ଚୁପ୍ ରହିଗଲେ ଆଉ ଘରେ ରାନୀ ଅଛି ସେ; ଯଦି ଶୁଣେ ତାର ବାପ- ଛି- ଛି ଏ ଯେ କେଡ଼େ ଅସୁନ୍ଦର କଥା ।

କିନ୍ତୁ ଶାନ୍ତି ଚୁପ୍ ନ ରହି କହି ଉଠିଲେ ମୋ ପରି ଗୋଟିଏ ଶିଶୁର ଜନନୀ ସେ ହୋଇଥାନ୍ତା ତା ପରେ ତୁମର ଭାଳେଣୀ ପଡ଼ିଥାନ୍ତା କଣ କରିବ କଣ କରିବ ବୋଲି । ଆଉ ଶେଷରେ ତାକୁ ମାରି ଦେଇଥାନ୍ତ ନଚେତ୍ ତାହା କରି ନ ଥିଲେ ମହାନଦୀ କିମ୍ୱା କାଠଯୋଡ଼ିରେ ଭସେଇ ଦେଇଥାନ୍ତ ? ପ୍ରମୋଦବାବୁଙ୍କୁ ଟିକିଏ ଖରାପ ଲାଗିଲା ଶାନ୍ତିଙ୍କର ଏହି କଥା ଶୁଣି ତେଣୁ ସେ ତ ନିଜେ ଏ କର୍ମ କରିଛନ୍ତି ଆଉ କାହା ଦୋଷ ଦେବେ- ସେଦିନ ବୀଣାକୁ ସେହି ଅନ୍ଧକାର ରାତ୍ରିର କିଆ ଗୋହରୀଆ ରାସ୍ତାରେ ପକାଇ ଦେଇ ଚାଲି ଆସିଥିଲେ । ଆଉ ଆଜି ରଂଜନ କଣ ସେଇଆ କରିଥାନ୍ତେ ? ମୋତେ କ୍ଷମାକର ଶାନ୍ତି ମୁଁ ମସ୍ତବଡ଼ ଭୁଲ୍ କରିଛି । ଏତକ କହି ପ୍ରମୋଦ ବାବୁ ଲୁହ ଗଡ଼େଇ ଦେଲେ ଦୁଇନୟନରୁ । ରଂଜନ ବାବୁ କିଛି ବୁଝି ନ ପାରି ପ୍ରମୋଦବାବୁଙ୍କର ଏପରି କାନ୍ଦିବାର ଦେଖି କହି ଉଠିଲେ- ମଉସା ଏ କଣ ଆପଣ କାନ୍ଦୁଛନ୍ତି ? ପ୍ରମୋଦ ବାବୁ ଏକ ଦୀର୍ଘ ନିଃଶ୍ୱାସ ମାରି କହି ପକାଇଲେ ଅତୀତକୁ ମନେ ପକାଇ ଶାନ୍ତିଲତା କହି ପକାଇଲେ ତୁମେ ବି ଡ଼ାଡ଼ିଙ୍କ ପରି ଅତୀତକୁ ମନେ ପକାଇ କେବେ କାନ୍ଦି ଉଠିଥାନ୍ତ । କହି ପାରିବେ ରଂଜନ ବାବୁ- ସେହି ଦିନର ଶିଶୁଟି ଆଜି କିଏ ବୋଲି ? ତୁମେ ଜାଣିପାରିବନି କାରଣ ତୁମେ ଯେ ଜଣେ ପଳାୟନ ପନ୍ଥୀ ଆଉ ମୋର ଠିକଣା ରଖିବ ବା କାହିଁକି ? ତୁମର ମୁଁ କି ଅପରାଧ କରିଥିଲି ତୁମେ ମୋତେ ଧୋକ୍କା ଦେଲ । ରଂଜନ ବାବୁ କହିଉଠିଲେ, ତେବେ ତୁମେ କଣ ସେ ଶିଶୁଟିକୁ ଜନ୍ମ ଦେଇଛ ? ଆଉ କଣ କରିଥାନ୍ତି ତାକୁ କାଳର ଗହୀରରେ ନିକ୍ଷେପ କରିଥାନ୍ତି ନାଁ ଜନ୍ମ ହେବାକ୍ଷଣି ତଣ୍ଟି ଚିପି ଦେଇଥାନ୍ତି । କୁହ ରଂଜନ ମୁଁ ତାକୁ ଜନ୍ମ ଦେଇ କଣ କିଛି ଭୁଲ୍ କରିଛି ? ରଂଜନ ବାବୁ ଚୁପ୍ ହୋଇଗଲେ "ନିଜ ମନ ତ ନିଜକୁ ପାପରେ ଘାଣ୍ଟୁଛି ।" ଆଶ୍ଚର୍ଯ୍ୟ ହୋଇ

Digitized by PPRACHIN, SOA

ପଚାରିଲେ ଶାନ୍ତିଲତା । ତୁମକୁ ଆଶ୍ଚର୍ଯ୍ୟ ଲାଗିଲା ବୋଧେ ରଂଜନ ବାବୁ ଜାଣିଛ ସେ ଶିଶୁ କନ୍ୟାଟି ଆଜି ମୋର ବଡ଼ ହୋଇ ବିବାହ ହୋଇଛି ଜଣେ କଣ୍ଟ୍ରାକ୍ଟରକୁ । ପ୍ରମୋଦବାବୁ କହି ଉଠିଲେ ଆଜି ଯାହାକୁ ମୋ ସହିତ ଜିପ୍‌ରେ ଦେଖିଲ ସୀତାକାନ୍ତ ଦାସ୍ । ରଂଜନ ବାବୁ ଆଶ୍ଚର୍ଯ୍ୟ ହୋଇଗଲେ, କଣ କହୁଛନ୍ତି ମଉସା ମୁଁ ବଡ଼ ଅନୁତପ୍ତ ପ୍ରମୋଦ ବାବୁଙ୍କ ପାଦଧରି ମୋତେ କ୍ଷମା କରନ୍ତୁ । ହଁ କ୍ଷମା କରିବି ମୁଁ, ମୁଁ ବା କିଏ ? କ୍ଷମା ଦେଲା ଲୋକ ଭଗବାନ ସେ ତୁମକୁ କ୍ଷମା ଦେବେ, ଆଉ ମୁଁ ତ ଛାର ମଣିଷ, ମୋର ବା କେଉଁ ଅଧିକାର ଅଛି ତୁମକୁ କ୍ଷମାଦେବି । ହଁ ଶୁଣ ତା ପରେ ଶାନ୍ତିର ସେହି ପିଲାଟାକୁ ଆମ ଗାଁର ରାସ୍ତାରେ ପକେଇ ଦେଲି, ତାକୁ ସାଉଁଟି ନେଲେ ଆମ ଗାଁ ସାଧୁ ମାଷ୍ଟ୍ରେ ଯେ କି ବର୍ତ୍ତମାନ ଏହି ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଛନ୍ତି ରକ୍ତଚାପ ରୋଗରେ ଆକ୍ରାନ୍ତ ହୋଇ । ସେହି ସାଧୁମାଷ୍ଟ୍ରେ ପିତା ମାତା ଉଭୟେ ସ୍ନେହରେ ବାନ୍ଧି ଦେଲେ ବୀଣାକୁ । ବୁଝିପାରିଲନି ବୋଧେ ସାଧୁମାଷ୍ଟ୍ରେ ଝିଅର ନାଁ ଦେଇଥିଲେ ବୀଣା । ତା ପରେ ତାକୁ ପଢ଼େଇ ମୋ ପରାମର୍ଶରେ ବିବାହ ଦେଲେ ସୀତାକାନ୍ତ ସହିତ । କିନ୍ତୁ ସାଧୁମାଷ୍ଟ୍ରେ ଜାଣନ୍ତି ନାହିଁ କିମ୍ବା ବୀଣା ମଧ ଜାଣେ ନାହିଁ ମୁଁ କାହିଁକି ତାଙ୍କ ପ୍ରତି ଏତେ ମମତା ଦେଖାଉଛି ବୋଲି । ସବୁ କିଛି ଅଜଣା ଭିତରେ ଜଣାଶୁଣାର ମୋହଟା ବେଶ୍ ବହୁତ ବାଟ ଆଗେଇ ଯାଇ ପାରିଛି । ହଁ ଶୁଣ ରଂଜନ ତୁମକୁ ମୋର ଅନୁରୋଧ,ଏହି ଅନୁରୋଧ ଦୁଇଥର ହୋଇଗଲା ଯେପରି ରାଜେଶ୍ ଏପରି ସମ୍ବାଦର ଖିଅଟିଏ ନପାନ୍ତି ତେଣୁ ତୁମକୁ ମୁଁ ହୁସିଆର କରିଦେଉଛି । କାରଣ ବର୍ତ୍ତମାନ୍ ତୁମେ ଦୁଇଜଣ ସମୁଦି,ମୋ କଥା ବୁଝିପାରୁଥିବ ଆଉବା ତୁମକୁ କଣ କହିବି,ତୁମେ ଜାଣିବା ଶୁଣିବା ଲୋକ,ଛୋଟଛୁଆ ହୋଇ ରହିଛ ଯେ ସେଦିନପରେ..... ।

ରଂଜନ ବାବୁ ମନେ ମନେ ଯେତିକି ଦୁଃଖ କରୁଥାନ୍ତି ସେତିକି ମଧ୍ୟ ଅନୁତପ୍ତର ଶିକାର ହେଉଥାନ୍ତି । କୁହନ୍ତୁ ମଉସା ସେହି ଝିଅଟିକୁ ଦେଖିବାର ଅଧିକାର କଣ ମୋର ନାହିଁ ? ନା, ନାହିଁ ଏକ ଗମ୍ଭିର ସ୍ୱରରେ କହିଉଠିଲେ ପ୍ରମୋଦବାବୁ । ଜାଣିଛ ରଂଜନ ଯିଏ ମା ଜନ୍ମ କରିଛି ଶାନ୍ତିକୁ ମଧ୍ୟ ତା ସହ ପରିଚୟ କରାଇ ଦେଇନାହିଁ ଆଉ ତୁମ ସହିତ ; ଜାଣିଛ ରଂଜନ କେତେ ଘାତ ପ୍ରତିଘାତ ଭିତରେ 'ବୀଣା' ତାର ଜୀବନ ବିତାଇଛି, ସବୁ ସହିନେଇ ଯାଇଛି । ଦେଖିବେ କିନ୍ତୁ ଅଜଣା ଭାବରେ । ଜଣା ମଣିଷ ଅଜଣା ହୋଇ ରହିବ ! ଶାନ୍ତିଲତା ଗାଲରେ ହାତଦେଇ ଭାବନାର ଜୁଆର ସାଥିରେ ସଜାଡ଼ି ଚାଲିଛନ୍ତି ଅତୀତର ଅଡୁଆ ସୂତାର ଖିଅକୁ । କିନ୍ତୁ ସଜାଡ଼ିବେବା କିପରି ବରଂ ଲୋତକର ଧାର ବହିଆସୁଛି ଗଡ଼ି ଗଡ଼ି ଆଖି କୋଣରୁ ଚିବୁକ ଉପରକୁ । ଲୁଗା କାନିରେ ପୋଛିପକାଇଲେ । ହାତ ଘଣ୍ଟାକୁ

Digitized by PPRACHIN, SOA

ଚାହିଁଲେ ପ୍ରମୋଦବାବୁ ସମୟ ସାତଟା ତାଙ୍କୁ ଯେ ପୁଣି ମେଡ଼ିକାଲ ଯିବାକୁ ହେବ । କାରଣ ମେଡ଼ିକାଲ୍‌ରେ ସୀତାକାନ୍ତକୁ ଛାଡ଼ି ଦେଇ ସେ ଆସିଥିଲେ । ଏପଟେ ସୀତାକାନ୍ତ ଭଉଣୀ ବାହାଘର ନେଇ ବ୍ୟସ୍ତ । ତେଣୁ ଶାନ୍ତିଲତା ଓ ପ୍ରମୋଦବାବୁ ରଂଜନବାବୁଙ୍କଠାରୁ ବିଦାୟ ନେଲେ । ଆସିଲାବେଳେ ଶାନ୍ତିଲତା ରାନୀର ବେଡ୍‌ରୁମ୍‌କୁ ଯାଇ ତାକୁ ଗେଲକରି କହିଆସିଲେ ମାଆ ପଛକଥା ଭୁଲି ବର୍ତ୍ତମାନ କଥା ଚିନ୍ତା କର ତୋର କିଛି ଅସୁବିଧା ହେବନି ମୁଁ ପରା ତୋର ମାଆ । ଗାଡ଼ି ଗଡ଼ି ଚାଲିଲା କଟକ ମେଡ଼ିକାଲ୍ । ରଂଜନବାବୁ ଫାଟକ ନିକଟକୁ ଆସି ବିଦାୟ ଦେଇ ଫେରିଚାଲିଲେ ଘରକୁ ।

ପ୍ରତ୍ୟେକ ମଣିଷ ଜୀବନ ଚକ ଘୂରି ଯାଉଛି କିଛି ଓଲଟ ପାଲଟ ମଧ ଦେଇ । ଏହି ଚକକୁ ଓଲଟାଇବାକୁ ହେଲେ ନିଜର ସାମର୍ଥ୍ୟ ହିଁ ଦରକାର । ସବୁକିଛି ଚୋରା ଲୁଚା ଭୁଲ୍‌ର ସମାଧାନ କରିବାକୁ ହେଲେ ମତବିରୋଧ୍ ହେଲେ ଚଳିବନାହିଁ, ତେଣୁ ପରସ୍ପର ମଧ୍ୟରେ ଆନ୍ତରିକତା ଦରକାର୍ । ଏହିପରି ପରିସ୍ଥିତିରେ ପ୍ରମୋଦବାବୁ ଓ ଶାନ୍ତିଲତାଙ୍କ ମନରେ ଯେତେ ରାଗ ଅଭିମାନ ଥାଉନା କାହିଁକି ଓ ଅନ୍ୟପଟରେ ରଂଜନବାବୁ ଯେତେ ଭୁଲ୍ କରିଥାଆନ୍ତୁନା କାହିଁକି ଏମିତିକି ବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ବେଳେ ଟିକିଏ ଆସରା ଲାଗି ଧାଇଁ ଯାଇଥିଲେ ରାଜେଶ୍ ବାବୁଙ୍କ ନିକଟକୁ । ପ୍ରମୋଦବାବୁ ଓ ଶାନ୍ତିଲତା ବହୁତ କିଛି କହିଯାଇଛନ୍ତି ରଂଜନବାବୁଙ୍କୁ, ଏସବୁ ଶୁଣି ନିଜକୁ ଦୋଷୀ ବୋଲି ସାବ୍ୟସ୍ତ କରି ରଂଜନବାବୁ ସହି ଯାଇଛନ୍ତି । ଯଦି ପ୍ରମୋଦବାବୁ ଓ ଶାନ୍ତିଲତା ପ୍ରତିଶୋଧପରାୟଣ ହୋଇ ରଂଜନବାବୁଙ୍କୁ ହଇରାଣରେ ପକେଇଥାନ୍ତେ ହୁଏତ ବାଧହୋଇ ରଂଜନବାବୁ ରାଜେଶବାବୁଙ୍କ ନିକଟରେ ଆବୃତ୍ତି କରିଥାନ୍ତେ ଶାନ୍ତିଲତା ଓ ତାଙ୍କ ମଧ୍ୟରେ ଥିବା ଅତୀତ ଜୀବନର କାହାଣୀ, କିନ୍ତୁ ତାହା ହେଲା ନାହିଁ । ଏବଂ ଯଦି ରଂଜନ ବାବୁ ନିଜ ଦୋଷ ସ୍ୱୀକାର ନ କରି ଧମକ୍ ଚମକ୍ ଦେଖାଇଥାନ୍ତେ, ତେବେ ରାନୀର ଜୀବନକୁ ନେଇ ସାରାଜୀବନ ହନ୍ତସନ୍ତରେ କାଳ କାଟିଥାନ୍ତେ, ପରିତାପରେ ଘାଣ୍ଟି ହୋଇଥାନ୍ତେ । କିନ୍ତୁ ସମାଧାନ ହୋଇଯାଇଛି ଭଲ । ଅତୀତର ଦୋଷ ଆଉ କଣ କେବେ ମୁକ୍ତ ହୋଇପାରେ ? ଯାହା ହୋଇଯାଇଛି ତାକୁ ଫେରେଇ ଆଣିବାକୁ ଯେତେଚେଷ୍ଟା କଲେ ମଧ ସମ୍ପୂର୍ଣ୍ଣ ରୂପେ ଫେରେଇ ଆଣିପାରେ ନାହିଁ ଏହି ମଣିଷ, ବରଂ ଅନ୍ୟ କେଉଁ ବାଟରେ ଅତୀତର କିଛି ଅଂଶ ଆପେ ଆପେ ଯୁକ୍ତି ତର୍କ ମଧରେ ତଥା ବର୍ତ୍ତମାନର ଘନଘଟା ପରିସ୍ଥିତିରେ ଅଂଶ ଗ୍ରହଣ କରି ସାମିଲ୍ ହୋଇଯାଏ । ଏହା ଜୀବନ ପଟରେ ଲିପିବଦ୍ଧ ହୋଇ ରହିଯାଏ କାଳ କାଳକୁ ।

Digitized by PPRACHIN, SOA

(କୋଡ଼ିଏ)

ବିବେକ୍ ବୋଲି ଗୋଟିଏ ମହାଦରବ ମଣିଷର ଥାଏ । କାରଣ ମଣିଷ ଯେତେ ଦୁଷ୍ଟ ହିଂସ୍ର ହୋଇଥାଉନା କାହିଁକି ଦିନେନା ଦିନେ ତାର ବିବେକ୍ ତାକୁ କୁହାରଚନା କରେ ତାର କୁକର୍ମ ପାଇଁ । ସୀତାକାନ୍ତ ସେଦିନ ମେଡ଼ିକାଲରୁ ସାଧୁମାଷ୍ଟ୍ରେ ତଥା ନିଜ ଶ୍ୱଶୁରଙ୍କୁ ଦେଖି ଘରକୁ ଫେରି ପିତାମାତାଙ୍କ ଆଗରେ କହିଲା । ବିଶେଷତଃ ମନ୍ଦାକିନୀ ପୁଅ ମୁହଁରୁ ଶ୍ୱଶୁରଙ୍କ ପ୍ରତି ଏତେ ଦରଦ କଥା ଭାବି ଗାଳିଦେବାତ ଦୂରେଥାଉ ଟିକିଏ ଆଗକୁ ପଛକୁ ବିଚାର କରି, ଏପରିକି ବୀଣାକୁ ଶୁଣାଇ ଶୁଣାଇ କହିଉଠିଲେ ଆରେ ସୀତୁ ସମୁଦିଙ୍କର ଏତେ ବଡ଼ ଗୋଟାଏ ଘାଟିଥିଲା, ପୁଣି ଯାଇ କଟକ ମେଡ଼ିକାଲରେ ପଡ଼ିଛନ୍ତି, ଯାହାହେଉ ତୁ ତାଙ୍କୁ କେଉଁ ଯୋଗରେ ଯାଇ ଦେଖି ଆସିଲୁ, ଆଲୋମା ବୀଣା, ତୁ ଟିକିଏ ଯାଉନୁ ବାପାଙ୍କୁ ତୋର ଦେଖି ଆସିବୁ । ବୀଣା ଏତକ ଶାଶୁଙ୍କ ମୁହଁରୁ ଶୁଣି ଭାବିଲା ହେ ଭଗବାନ ତୁମର କି ଦୟା ମୋ ବାପାଙ୍କୁ ଟିକିଏ ହେଖିବାକୁ ସୁଯୋଗ ଦେଲ, ପୁଣି ଭାବେ ତେବେ ଶାଶୁ ଏତେ ଶିଘ୍ର ପରିବର୍ତ୍ତନ ହେଲେ କିପରି ? ବୀଣା ରୋଷେଇଘରେ ଚୁଲି ପାଖରେ ବସି ସବୁ ଶୁଣି କାନ୍ଦିବାକୁ ଲାଗିଲା । ଆଜକୁ ଦଶପନ୍ଦରଦିନ ହେବ ବାପା ତାର ମେଡ଼ିକାଲ୍ ଗଲେଣି କିନ୍ତୁ ସେ ସେଦିନଠାରୁ ଦେଖିପାରିଲାନି କି ଶୁଣିପାରିଲାନି ବରଂ କାନଡ଼େରି ଶୁଣିଥିଲେ କଣ ହେବ ସେଥିରେ କଣ ଯାଇହୁଏ । ଶୁଣିପାରିଲା ଆରଘରେ ସ୍ୱାମୀଙ୍କୁ ତାର ଶାଶୁ କହୁଛନ୍ତି- ଯାଆ ଆଜି ବୀଣାକୁ ନେଇ ତୋ ଶଶୁରଙ୍କୁ ଦେଖି ଆସେ । ହଁ ଗଲାବେଳେ ଫଳମୂଳ ନେବୁ । ଆରେ ଚାହିଁଛୁ କଣ ତୁ ଆଜି ଯାଆ ଆଉଡ଼େରି କଲେ ଚଳିବ ନାହିଁ । ପରେ ଚୁପ୍‌ଚୁପ୍ କହିଲେ ବୀଣା ଯେମିତି ଶୁଣିନପାରିବ- ହୁସିୟାର୍ ସବୁବେଳେ ବୀଣାପାଖେ ପାଖେ ଥିବୁ ତା ବାପ ଆଗରେ ବୀଣା ଯଦି ସବୁକିଛି ଖୋଲିକହି ଦିଏ ତେବେ ସବୁ ଭଣ୍ଡୁର ହୋଇଯିବ । ତେଣୁ ତୁ ଯେମିତି ମୋ କଥା ଭୁଲି ନ ଯାଉ । ତା ପରେ ସୀତାକାନ୍ତ ବୀଣାପାଖକୁ ଆସି କହିଲେ- ବୀଣା ! ବାହାରିଲ ଶିଘ୍ର କଟକ ଯିବା । ବୀଣା ନ ଜାଣିଲାପରି କହିଉଠିଲା କଟକ ? ହଁ କଟକ ତୁମ ବାପା ପରା ମେଡ଼ିକାଲରେ ଅଛନ୍ତି । ବୀଣା ପୁଣି ନ ଜାଣିଲାପରି ହେଲା କାରଣ ବୀଣା ଆଗରୁ ଥରେ ସୀତାକାନ୍ତକୁ କହିଥିଲେ ମଧ ସେ ଶୁଣି ନ ଥିଲେ । ବାପା କେତେଦିନ ହେଲା ଗଲେଣି ? କାହିଁ ମୁଁ କଣ ଜାଣିଥିଲି ନାଁ ଶୁଣିଥିଲି କାଲି କଲେକ୍ଟରଙ୍କ ଘରୁ ପ୍ରମୋଦ ମଉସାଙ୍କଠାରୁ ଶୁଣି ମେଡ଼ିକାଲ୍ ଗଲି ସେଠାରେ ବାପାତୁମର କହିଛନ୍ତି ତୁମକୁ ନେଇଯିବାଲାଗି । ଆଉ ବେଶି ଡ଼େରି କର୍‌ନା ଶିଘ୍ର ବାହାରିଲା ଦଶଟା

Digitized by PPRACHIN, SOA

ଭିତରେ କଟକରେ ଯାଇଁ ପହଁଚିବା । ସେତେବେଳକୁ ସମୟ ସାତଟା । ବୀଣା ଅଯଥା ଯୁକ୍ତି ନ କରି ସ୍ୱାମୀଙ୍କ ସହିତ ବାହାରି ପଡ଼ିଲା । ଆଉ କଣ ତାକୁ ଭୋକ ନା ଶୋଷ ହେଉଛି ପୁଣି କିଭଳି ଏ ଜେଲ୍‌ରୁ ଟିକିଏ ମୁକ୍ତି ମିଳିବ ସେଥିପାଇଁ ସେ ଚିନ୍ତିତ ଥିଲା । ଶାଶୁ ଓ ଶଶୁରଙ୍କୁ ପ୍ରଣାମ କରି ମିନତିକୁ ରୋଷେଇ କରିବା ଲାଗି କହି ବୀଣା ସ୍ୱାମୀଙ୍କ ସହିତ ବାହାରି ପଡ଼ିଲା କଟକ କେଉଁ ଏକ ଆଶା ତଥା ଆକାଂକ୍ଷାର ମନ ନେଇ ।

ଗାଡ଼ି ଗଡ଼ି ଚାଲୁଥାଏ ଯେତିକି ବୀଣାର ମନ ଉଚ୍ଛନ୍ନ ହେଉଥାଏ ସେତିକି କେମିତି ଯାଇଁ ସେ ବାପାଙ୍କୁ ତାର ଦେଖିବ । ବସଷ୍ଟାଣ୍ଡରେ ଓହ୍ଲାଇ ଗୋଟାଏ ରିକ୍‌ସାରେ ବସି ସୀତାକାନ୍ତ ଓ ବୀଣା ମେଡ଼ିକାଲ୍‌କୁ ଗଲେ । ରିକ୍‌ସା ବାଲା ଠିକଣା ଜାଗାରେ ଲଗାଇ ସୀତାକାନ୍ତଙ୍କଠାରୁ ପଇସା ନେଇ ଚାଲିଗଲା । ତାପରେ ସୀତାକାନ୍ତ ଓ ବୀଣା ନର୍ସିଂହୋମ ଆଡ଼କୁ ମାଡ଼ିଚାଲିଲେ । ଦରଜାଟା ଖୋଲାଥିଲା, ସ୍କ୍ରିନ୍‌ଟା ପବନରେ ଦୋହଲୁଥିଲା । ବେଡ୍ ଉପରେ ଚୁପ୍‌ଚାପ୍ ଶୋଇରହିଥିଲେ ସାଧୁମାଷ୍ଟ୍ରେ ସେହି କ୍ୟାବିନ୍ ଭିତରେ ଆଉକିଏ ସମ୍ପର୍କୀୟ ନ ଥିଲେ କେବଳ ନର୍ସ ଛଡ଼ା । ପ୍ରମୋଦବାବୁ ରାତିରେ ସାଧୁମାଷ୍ଟ୍ରେଙ୍କ ପାଖରେ ଥିଲେ ତେଣୁ ସକାଳୁ ଶାନ୍ତିଲତାଙ୍କ କ୍ୱାଟରକୁ ଚାଲିଯାଇଛନ୍ତି । ନର୍ସ ସହିତ କେଇପଦ କଥାହେଲେ ସୀତାକାନ୍ତ ତାପରେ ନର୍ସ ବାହାରିଗଲେ ରୁମ୍ ଭିତରୁ । ସାଧୁମାଷ୍ଟ୍ରେ ଶୋଇ ରହିଛନ୍ତି କିଛି ସେ ଜାଣିନାହାଁନ୍ତି । କାରଣ ସାଙ୍ଗେସାଙ୍ଗେ ନର୍ସ ଗୋଟାଏ ଇଂଜେକ୍‌ସନ୍ ଦେଇଗଲେ । ଅବସ୍ଥା ଟିକିଏ ଭଲଆଡ଼କୁ ଆସିଥିଲେ ମଧ୍ୟ ସାଧୁମାଷ୍ଟ୍ରେ ନିଜକୁ ଦୁର୍ବଳ ମନେ କରୁଥିଲେ । ବୀଣା ବାପାଙ୍କର ଏପରି ଅବସ୍ଥା ଦେଖି ସମ୍ଭାଳି ନ ହୋଇପାରି କାନ୍ଦିବାକୁ ଚେଷ୍ଟା କଲା । ବଡ଼ ପାଟିରେ ନ କାନ୍ଦି ବୁହାଇ ଦେଲା ଆଖିରୁ ଧାର ଧାର ଲୁହ । ବାପାଙ୍କ ଦୁଇ ପାଦକୁ ଆଉଁସି ପକାଇଲା । ବୀଣା ଆଖିର ଲୁହବିନ୍ଦୁ ଠୋପାଠୋପା ହୋଇ ପଡୁଥାଏ ସାଧୁମାଷ୍ଟ୍ରେଙ୍କ ଗୋଡ଼ ଓ ପାଦରେ । ବୀଣାର ହାତପରଶକୁ ଜାଣିପାରି ସାଧୁମାଷ୍ଟ୍ରେ ଆଖି ଖୋଲିଲେ । ବୀଣାକୁ ଦେଖିଦେଇ ଉଠିପଡିବାକୁ ଚେଷ୍ଟା କରୁଥିଲେ କିନ୍ତୁ ସୀତାକାନ୍ତ ତାଙ୍କୁ ଶୁଆଇଦେଲେ ବିଛଣାରେ କିନ୍ତୁ ସାଧୁମାଷ୍ଟ୍ରେ ବିଛଣାରୁ ଉଠିପଡ଼ି କହିଲେ ମାଆ ତୁ ଆସିଛୁ । ଏତକ ପଦିଏ କଥାରେ ଧାରଧାର ଅମାନିଆ ସ୍ନେହ ମମତାର ଲୁହ ଗଡ଼ି ଆସିଲା ସାଧୁମାଷ୍ଟ୍ରେଙ୍କ ନୟନରୁ । ବୀଣାମଧ୍ୟ ତଦରୂପ, କାନ୍ଦି କାନ୍ଦି ଉଚ୍ଛନ୍ନ ହୋଇଗଲେ ବାପ ଝିଅ ଦୁଇଟାଯାକ । ସୀତାକାନ୍ତ ବୀଣାକୁ ଗାଳିଦେଲେ- ବୀଣା ଏକଣ ଘରହୋଇଛି ତୁମେ ଏତେ ଅଧିରା ହୋଇ କାନ୍ଦୁଛ ? ବୀଣା ଚୁପ୍ ହେଲେ ମଧ୍ୟ ତାର ଅମାନିଆ ମନଟା ବାପାଙ୍କୁ ଭଲ କରି ଦେଖିନେଲା । କୋହ ପରେ କୋହ ଖାଲି ଉଠୁଥାଏ । ସୀତାକାନ୍ତ

Digitized by PPRACHIN, SOA

ବାଧ ହୋଇ ଶ୍ୱଶୁରଙ୍କୁ କହିଲେ- ବାପା ଆପଣ ଟିକିଏ ଚୁପ୍ ହୁଅନ୍ତୁ ଏମିତି ଅଧର୍ଯ୍ୟ ହେଲେ ଚଳିବ । ଆପଣଙ୍କ କହିବା ଅନୁସାରେ ମୁଁ ତ ବୀଣାକୁ ଧରି ଆସିଲି । ସାଧୁମାଷ୍ଟ୍ରେଙ୍କୁ ଦୁଇହାତରେ ଧରି ଆସ୍ତେ କରି ଶୁଆଇ ଦେଲେ । ଆରେବୀଣା ବ୍ୟାଗରୁ ସେଓ, କମଳା, ଅଙ୍ଗୁର ଓ ହର୍ଲିକ୍ସଟା ବାହାର କରିଦିଅ । ବୀଣା ବ୍ୟାଗରୁ କାଢି ର୍ୟାକ୍ ଉପରେ ଥୋଇଦେଲା । ଏତକ ଦେଖି ସାଧୁମାଷ୍ଟ୍ରେ କହିଉଠିଲେ ଏତେଗୁଡ଼ାଏ କାହିଁକି ଆଣିଥିଲୁ ମାଆ ଅଯଥାରେ ପଇସା ଖର୍ଚ୍ଚ କରି । ମୋତେ କିଛି ଭଲ ଲାଗୁନାହିଁ । ମାଆ ତୋତେ ଦେଖିବି ଦେଖିବି ବୋଲି ମନରେ କେଡ଼େବଡ଼ ଆଶାଥିଲା । ଆସିଲାଦିନ ପଦିଆ ହାତରେ ଚିଠିଟାଏ ଦେଇଥିଲି ତୁ କଣ ଜାଣିନୁ । ବୀଣା ଚୁପ୍ ରହି ସୀତାକାନ୍ତଙ୍କ ମୁହଁକୁ ଚାହିଁଲା ସୀତାକାନ୍ତ ବୀଣାମୁହଁକୁ । କିନ୍ତୁ ସୀତାକାନ୍ତଙ୍କୁ ସତେ ଯେପରି ଅଡୁଆ ଅଡୁଆ ଲାଗିଲା କିନ୍ତୁ ନୀରବ ହୋଇ ଶ୍ୱଶୁରଙ୍କ ପାଖରେ ବସିଥାନ୍ତି । କାହାକୁ କହିବେ ''ଚୋରମନ ତ ଚୋର ଗଣ୍ଠିରେ'' ଆଜି ସେ କଣ କରିବାକୁ ଯାଉଛନ୍ତି ସେ ଜାଣି ମଧ୍ୟ ଅଜଣା । ବାଟରେ ଚାଲୁଥିଲେ ମଧ୍ୟ ସେ ଯେ ଅବାଟରେ ଯାଉଛନ୍ତି ଏ କଥା ଚେତେଇ ଦେବା ଲୋକ କେବଳ ତାଙ୍କ ସ୍ତ୍ରୀ ବୀଣା । ଆଉ ଏହି 'ବୀଣା'କୁ ନେଇ ସେ ଯେଉଁ ଖେଳ ଖେଳିବାକୁ ଯାଉଛନ୍ତି, ସେ ହୁଏତ ଜିତିପାରନ୍ତି ଅବା ହାରି ମଧ୍ୟ ପାରନ୍ତି । କିଂକର୍ତ୍ତବ୍ୟ ବିମୂଢ଼ ହୋଇ ନୀରବରେ ବସି ରହିବା ଛଡ଼ା ତାଙ୍କର ଆଉ ବା କଣ ଅଛି ।

ମଣିଷ ମଣିଷର ସୀମାକୁ ଟପି ଗଲେ ଯାହାହୁଏ, ସେହି ଅବସ୍ଥାଟାକୁ ଟପିଯିବାକୁ ବସିଛନ୍ତି ନିଜ ବୁଦ୍ଧିରେ ହୁଏତ ନ ହେଲେ ମଧ୍ୟ ଅନ୍ୟ ସମ୍ପର୍କୀୟ ତଥା ନିଜର ଆତ୍ମୀୟ ମାନଙ୍କ ପ୍ରଚେଷ୍ଟାରେ । ସୀତାକାନ୍ତ ଶ୍ୱଶୁରଙ୍କ ପାଖରେ ବେଡ୍ ଉପରେ ବସିଥିଲେ ମଧ୍ୟ ମନଟା ତାଙ୍କର ଚକର କାଟୁଥିଲା ଘରଠାରୁ କଟକ ଓ କଟକରୁ ଘର । ଏତିକିବେଳେ ପଶିଆସିଲେ ଭିତରକୁ ଶାନ୍ତିଲତା, ପ୍ରମୋଦବାବୁ ଓ ସାଥିରେ ଏସ୍.ପି. ରଂଜନବାବୁ । ଏମାନଙ୍କୁ ଦେଖି ସୀତାକାନ୍ତଙ୍କ ଭାବନା ଫେରିଆସିଲା ବର୍ତ୍ତମାନ ପରିସ୍ଥିତିକୁ । ସୀତାକାନ୍ତ ସମସ୍ତଙ୍କୁ ନମସ୍କାର କରି, ବୀଣାକୁ ଇସାରା ଦେଲା ପ୍ରଣାମ କରିବାକୁ । ରଂଜନବାବୁ ସାଧୁମାଷ୍ଟ୍ରେଙ୍କୁ ନମସ୍କାର କରି ସାଧୁମାଷ୍ଟ୍ରେଙ୍କ ପିଠିକୁ ଆଉଁସି ଦେଲେ । ଏମାନଙ୍କୁ ସବୁଦେଖି ବୀଣାବେଡ୍ ଉପରୁ ଉଠି ପଡ଼ି କଡ଼ରେ ଛିଡ଼ା ହେଲା । ଶାନ୍ତିଲତା ଠିକ୍ ଚିହ୍ନିପାରିଛନ୍ତି ବୀଣାକୁ । କିନ୍ତୁ ବୀଣା ପ୍ରମୋଦବାବୁଙ୍କଠାରୁ ଶୁଣିଥିଲା ଯେ ଶାନ୍ତିଲତା ହେଉଛନ୍ତି ତାଙ୍କ ଝିଅ ବୋଲି । ଅବଶ୍ୟ ବୀଣା ମହିଳା କଲେଜରେ ପଢ଼ିଆସିଛି, ଏବଂ ଥରେ ଫଙ୍କସନ୍ ବେଳେ ଶାନ୍ତିଲତାଙ୍କୁ ଦେଖିଥିଲା ହେଲେ ଏତେକଥା ବା କାହିଁକି ସେ ମନେରଖିବ । ଯିଏ ମନ ରଖୁବା ନ ରଖୁ ଶାନ୍ତିଲତା ଠିକ୍ ମନେ ରଖିଛନ୍ତି- ସେ ଭାବିନଥିଲେ ଯେ

Digitized by PPRACHIN, SOA

ହଠାତ୍ ଏମିତି ମେଡ଼ିକାଲ୍‌ରେ ଦେଖାହେବବୋଲି । ପ୍ରମୋଦବାବୁ ଶାନ୍ତିଲତାର ଭାବନାକୁ ରୋକିଦେଇ କହିଉଠିଲେ ମାଆ ଶାନ୍ତି ତୁ ଚିହ୍ନିପାରୁଛୁ ଏ ପରା ମାଷ୍ଟ୍ରେଙ୍କ ଝିଅ ଏବଂ ସୀତାକାନ୍ତଙ୍କ ଧର୍ମପତ୍ନୀ । ବୀଣା ଲାଜେଇଗଲା । ଓଢ଼ଣାଟା ଯେତିକିଥିଲା ଆଉ ଟିକେ ଟାଣିଦେଲା । ରଂଜନବାବୁ ଆଖିକୁ ବିଶ୍ୱାସ କରି ପାରିଲେନି । ଶାନ୍ତିଲତା ବୀଣାପାଖକୁ ଯାଇ କହିଲେ- ଆଲୋ ମାଆ ତୁ ଏତେ ଲାଜ କଲେ ଚଳିବ ଓଢ଼ଣୀଟା କାଢ଼ିଦେ ଏଠି କିଏ ଏମିତି ଅଛନ୍ତି ଯେ ତୁ ଲାଜ କରୁଛୁ । ''ହଁ ହୋଇପାରେ ସମସ୍ତେ ତାର ଆତ୍ମୀୟ କିନ୍ତୁ ସେ ଯେ ଅଜଣା- ତାର ଠିକଣା ନାହିଁ । ଜଣେ ତାର ଠିକଣା ରଖିଥିଲା, ବର୍ତ୍ତମାନ ସେ ଠିକଣା ବଦଳି ଯାଇ ଆଉ ଜଣେ ରଖିଛି ନୂଆ ଠିକଣାରେ ।''

ଗୋଟାଏ ବେଂଚରେ ବୀଣାକୁ ନିଜ ପାଖରେ ବସାଇ ତାର ଦେହମୁଣ୍ଡକୁ ଭଲଭାବେ ପରଖି ବସୁଥାନ୍ତି ଶାନ୍ତିଲତା ଗୋଟିଗୋଟି ଘରକଥା ପଚାରି ବସୁଥାନ୍ତି । ନିଜମନ ତ ନିଜକୁ ପାପରେ ଘାଣ୍ଟୁଛି ସେ ବା ଆଉ କଣ ଅଧିକା ବୀଣାକୁ ପ୍ରଶ୍ନ କରିବେ ? ଖାଲି ଏତିକି ସୀତାକାନ୍ତ, ବୀଣାକୁ ସାଙ୍ଗରେ ନେଇ ଆମଘର ଆଡ଼େ କେବେ ଆସ ? ସୀତାକାନ୍ତ କହିଲେ ମ୍ୟାଡାମ୍ ବର୍ତ୍ତମାନ ଯାଇ ହେବନାହିଁ । ଭଉଣୀ ବିଭାଘର ମାତ୍ର ତିନି ଦିନ ରହିଲା । ପରେ କେବେ ସୁବିଧା ହେଲେ ବୁଲି ଆସିବୁ । ଶାନ୍ତିଲତା ଚମକି ପଡ଼ିଲା ପରି ହେଲେ- ଆରେ ସତେତ ମୁଁ ଭୁଲି ଯାଇଛି ହଁ ଶୁଣ ମୋ ପୁଅ ବିମଳର ବାହାଘର ମଧ୍ୟ ସେହିଦିନ । ତେଣୁ କରି ତୁମ ଦୁଇଜଣଙ୍କୁ ମୋ ନିମନ୍ତ୍ରଣ ରହିଲା । ସୀତାକାନ୍ତ ନିଜକୁ ବିଶ୍ୱାସ ନ କରି ପାରି ପଚାରିଲେ ମ୍ୟାଡାମ୍ ! ଆପଣ ଏକଣ କହୁଛନ୍ତି କାହିଁ କାଲିତ କିଛି କହିଲେ ନାହିଁ, ପ୍ରମୋଦ ବାବୁ କଥା ଛଡ଼େଇ ନେଇ କହିଉଠିଲେ, ବୁଝିଲ ସୀତାକାନ୍ତ ଯେତେବେଳେ ବିବାହ ଯୋଗ ଫିଟିବ କେହି ଘଡ଼ିଏ ରଖିପାରିବେ ନାହିଁ, ତେଣୁ ବିମଳର ବାହାଘର ହେବାଟା କିଛି ବାହାଦୂରୀ ନୁହେଁ । ଆଉ ଜାଣିଛ ଏହି ରଂଜନବାବୁଙ୍କ ଝିଅ ରାନୀକୁ ବିମଳ ବିବାହ କରୁଛି । ସୀତାକାନ୍ତ ଖୁସି ହୋଇଗଲା କିନ୍ତୁ ଦୁଃଖ କରି କହିଲା- ବୁଝିଲେ ମଉସା କଣ ଆଉ ମଜାଥାଏ ଏପଟେ ବାହାଘରକୁ ସେ ପଟେ ବାହାଘର । ପ୍ରମୋଦବାବୁ ହସିଲେ, ସାଧୁମାଷ୍ଟ୍ରେ ହସିଲେ ଏବଂ କହିଲେ ତେବେ ମୁଁ କଣ ଏଇଠି ରହିବି । ପ୍ରମୋଦବାବୁ କହିଲେ ନାହିଁ ନାହିଁ ମାଷ୍ଟ୍ରେ ଡ଼ାକ୍ତର ଆପଣଙ୍କୁ ଆଜି ରିଲିଭ୍ କରିବାକୁ କହିଛନ୍ତି ତେଣୁ କାଲି ଆପଣ ରିଲିଭ୍ ହେବାକୁ ମୁଁ କହିଦେବି, କାରଣ ଆଜି ଆପଣଙ୍କର ଟିକିଏ ଅବସ୍ଥା ଭଲ ନାହିଁ । ତେବେ କାଲି ସକାଳୁ ଗାଁକୁ ପଳେଇବା ନୁହେଁ ସାଧୁମାଷ୍ଟ୍ରେ କେତେବଡ଼ ଖୁସିମିଂଜାସରେ କହିଉଠିଲେ । ଶାନ୍ତିଲତା କହିଲେ ବୁଝିଲ ମଉସା ତୁମେ ଗାଁକୁ ଯିବ ବୋଲି ତରତର ହେଲଣି ନୁହେଁ, ହଁ ଯିବନି କେମିତି

Digitized by PPRACHIN, SOA

ସେପଟେ ଯେ ସମୁଦିଙ୍କ ଝିଅ ତଥା ଝ୍ୱାଇଁର ଭଉଣୀ ବିଭାଘର, ଖିରୀପୁରୀ ମିଠା କାହିଁ କେତେ କଥା । ହଁ ମନେ ରଖନ୍ତୁ ମଉସା ମୋ ପୁଅ ବାହାଘର ସେ କଥା ଯେମିତି ନ ଭୁଲନ୍ତି । ପ୍ରମୋଦ୍‌ବାବୁ ମନଖୁଶୀର କହିଲେ- ମାଷ୍ଟ୍ରେ ଆପଣ ଗାଁକୁ ଯିବାକୁ ଏତେ ତର୍‌ତର୍ କାହିଁକି ? ବର୍ତ୍ତମାନ ପରିସ୍ଥିତିରେ ଗାଁକୁ ନ ଯାଇ ଶାନ୍ତିବସାରେ କିଛିଦିନ ରହିଗଲେ କଣ ଖରାପ ହେବ ଆପଣଙ୍କର । ଦେଖନ୍ତୁ ଗାଁକୁ ଗଲେ ଡ଼ାକ୍ତର ମିଳିବା କଷ୍ଟକର ବରଂ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଗଲା ପରେ ଗାଁକୁ ଚାଲିଗଲେ ଭଲହେବ । କଣ ମୁଁ ମିଛ କହୁଛି ସୀତାକାନ୍ତ କହୁନ । ହଁ ବାପା ! ମଉସା ଯାହା କହୁଛନ୍ତି ସତ । ଆପଣ ମ୍ୟାଡାମ୍‌ଙ୍କ ବସାରେ ରହିଯାଆନ୍ତୁ କିଛିଦିନ, ତାପରେ ଗାଁକୁ ଯିବେ । ସାଧୁମାଷ୍ଟ୍ରେ ଚାହୁଁଥିଲେ ସେ କିପରି ଏ ମେଡ଼ିକାଲରୁ ଯେତେ ଶିଘ୍ର ଯିବେ । ଏ ମେଡ଼ିକାଲ ନୁହେଁ ଯମପୁର । ଟିକିଏ କଣ୍ଠ ନେଉଟେଇ କହି ଉଠିଲେ ମାଷ୍ଟ୍ରେ ଆଲୋ ମାଆ ବୀଣା ମୋ ପାଦ ଦିଇଟା ଟିକେ ଘସିଦେଲୁ । ବୀଣା ଆସି ଘସି ଦେଉଛି ବାପାଙ୍କ ପାଦ, ଶାନ୍ତିଲତା ଏବଂ ରଂଜନବାବୁ ଅନେଇ ରହିଛନ୍ତି । ଦୁଇଜଣଙ୍କ ମନରେ ଭାବନାର ଫଲ୍‌ଗୁ ବହି ଚାଲୁଛି ଅତୀତକୁ, ଅତୀତରୁ ବର୍ତ୍ତମାନକୁ । ରଂଜନବାବୁ ସୁଖୀ ହେବେକି ଦୁଃଖୀ ହେବେ ନିଜେ ଭାବି ପାରୁନାହାଁନ୍ତି । ଯଦି ଶାନ୍ତିଲତାଙ୍କୁ ବିବାହ କରିଥାନ୍ତେ- ଆଜି ହୁଏତ ବୀଣା ତାଙ୍କୁ ଡାଡି ବୋଲି ସମ୍ବୋଧନ କରିପାରିଥାନ୍ତା । କିନ୍ତୁ ସବୁ ଅଜଣା- ଜାଣିବା ଲୋକ ଜାଣୁଛି ନ ଜାଣିବା ଲୋକ ଜାଣିବା ଲୋକ ସହିତ ପାଦ ମିଳାଇ ବାଟ ଚାଲୁଛି- ସବୁ ଦେଖୁଛି ସବୁ ଶୁଣୁଛି, କେଡ଼େ ନିରୀହ ଏ ବୀଣା । ରଂଜନ ମାନସିଂହଙ୍କୁ ଆଉ ବୁଝେଇବାକୁ ପଡ଼ିଲାନି ସେ ସବୁ କିଛି ବୁଝିପାରିନେଲେ 'ବୀଣା' ନାଁ ଟା ଶୁଣୁଶୁଣୁ, ତାଙ୍କର ପିତୃତ୍ୱର ହୃଦୟଟା ବିଳାପ କରିଉଠୁଥିଲେ ମଧ୍ୟ ଝିଅଟିଏ ପରି ବୀଣାକୁ ସେ ଚାଣିପାରୁନାହାଁନ୍ତି । ସେ ଯେ ଜଣେ ଧୋକାବାଜ୍- କଣ ନ କଲେ ଏ ପରି ସୁବାସିତ ସୁକୋମଳ ପୁଷ୍ପଟିକୁ ଫୁଟିବାର ନ ଦେଖି କଢ଼ି ଅବସ୍ଥାରେ ଗଛଟିକୁ....... । ନା, ଭାବିଲେ ଫେରି ଆସିବ ନାହିଁ ପଛ କଥାଗୁଡ଼ିକ, ବରଂ ବର୍ତ୍ତମାନ କଣ କରାଯିବ ତାହା ଚିନ୍ତା କରିବା ବିଧେୟ । ବୁଝିଲେ ସୀତାକାନ୍ତ ବାବୁ ଆପଣଙ୍କୁ ମୋର ମଧ ନିମନ୍ତ୍ରଣ କାରଣ ମ୍ୟାଡାମ୍ (ଶାନ୍ତିଙ୍କୁ ଦେଖେଇ) ମୋର ସମୁଦୁଣୀ ହେଲେ । ଯେହେତୁ ମୋର ଝିଅ ସହିତ ତାଙ୍କ ପୁଅର ବିବାହ ହେଉଛି । ହଁ ଆଛା ଧନ୍ୟବାଦ୍ କହି ସୀତାକାନ୍ତ ବ୍ୟାଗରୁ ଗୋଟାଏ କାର୍ଡ ବାହାର କରି ରଂଜନବାବୁଙ୍କୁ ଦେଇ ଦେଲା । ନିଅନ୍ତୁ ସାର୍ ! ଆପଣ ମ୍ୟାଡାମ୍‌ଙ୍କର ଏତେ ଘନିଷ୍ଠ ବନ୍ଧୁ ହେବେବୋଲି ମୁଁ ଜାଣି ନ ଥିଲି, ସେଥିପାଇଁ ମୋତେ କ୍ଷମା କରିବେ । କାର୍ଡଟିକୁ ରଂଜନବାବୁ ଧରି ପଢ଼ିଗଲେ । କିନ୍ତୁ କଣ ହେବ ନିଜ ଝିଅ ବାହାଘର ଯେ । ତେଣୁ କିଛି ନ କହି

Digitized by PPRACHIN, SOA

ପକେଟରୁ ଦୁଇଶହ ଏକ ଟଙ୍କା କାଢ଼ି ସୀତାକାନ୍ତଙ୍କୁ ଧରେଇ ଦେଲେ । ନିଅନ୍ତୁ, ସୀତାକାନ୍ତ ଆବୁକାବୁ ହୋଇଗଲେ ବୀଣା ଚାହିଁଥାଏ ସବୁ ନ ଜାଣିଲାପରି ହଠାତ୍ ଏମିତି ସମ୍ପର୍କ ଭିତରେ------ ।

ଶାନ୍ତିଲତା ନିଜ ବ୍ୟାଗରୁ ପାଞ୍ଚଶତ ଏକଟଙ୍କା ସୀତାକାନ୍ତଙ୍କ ହାତରେ ଦେଇ କହିଲେ- ଭାବିଥିଲି ସେଦିନ ତୁମ ଭଉଣୀ ବିବାହକୁ ଯିବି ବୋଲି ହେଲେ ଯାଇ ତ ହେବନି ତେଣୁ ଏତକ ରଖ ଭଉଣୀ ପାଇଁ କିଛି ନେଇଯିବ । ସୀତାକାନ୍ତ ନୀରବ । ଟଙ୍କା ତକ ଧରି ପକେଟରେ ରଖିଲେ କଣ କାହାକୁ ଉତ୍ତର ଦେବେ ? ଏମାନେ ସବୁ ଯେ ବଡ଼ଲୋକ ପୁଣି ରାତିପାହିଲେ ଏମାନଙ୍କ ପାଖରେ କାମ, ତେଣୁ ଚୁପ୍ ହୋଇ ରହିଲେ । ପ୍ରଥମେ ଅମଙ୍ଗ ହେଉଥିଲେ ମଧ ପ୍ରମୋଦବାବୁ କହିଲେ ଆରେ ସୀତାକାନ୍ତ, ଏତେ ଭାବୁଛ କଣ ନିଅ ରଖ ତାପରେ ସୀତାକାନ୍ତ ଟଙ୍କାଗୁଡ଼ିକ ଆଣି ରଖିଲେ । ଶାନ୍ତିଲତା ଟିକିଏ ରହି ଭାବନାକୁ ଫେରିଯାଇ ପଛକୁ ଫେରି ଆସିଲେ ନିଜ ହାତରୁ ମୁଦିଟିଏ କାଢ଼ି ବୀଣା ଆଙ୍ଗୁଠିରେ ପିନ୍ଧାଇ ଦେଲେ । ବୀଣା ଚମକିଗଲା- ତା ଦେହ ଭିତରଟା ଥରି ଉଠିଲା । ସୀତାକାନ୍ତ କହି ଉଠିଲେ- ଏ କଣ କରୁଛନ୍ତି ଆପଣ ? ଆରେ ସୀତାକାନ୍ତ ତୁମେ କଣ ଜାଣନା ତୁମ ସ୍ତ୍ରୀଙ୍କୁ ମୁଁ ଆଜି ପ୍ରଥମେ ଦେଖିଲି ବୋଲି । ତେଣୁ ବା ଆଉ କଣ ଦେବି ଏହି ମାତ୍ର ମୁଦିଟିଏ । ବୀଣା ତଳକୁ ମୁହଁପୋତିଲା । ସାଧୁମାଷ୍ଟ୍ରେ ଶାନ୍ତିଲତା ମୁହଁକୁ ଚାହିଁ ରହି କହିଲେ- ମାଆ ତୁ ଏଗୁଡ଼ାକ କଣ କରୁଛୁ କହିଲୁ ? ଶାନ୍ତିଲତା ସାଧୁମାଷ୍ଟ୍ରେଙ୍କୁ କହିଲା- ମଉସା ଏକିଛି ନୁହେଁ ମୁଁ ବା ତୁମ ଝିଅକୁ କଣ ଦେବି ? ଆଉ କିଛି ନ କହି ଚୁପ୍ ହୋଇଗଲେ, ଆଖିକୋଣରୁ ଅମାନିଆ ଅଶ୍ରୁ ଦୁଇଧାର ବୋହି ଆସିଲା । ତାପରେ କିଏ କାଳେ ଜାଣିବ ବୋଲି ରୁମାଲ୍‌ରେ ପୋଛି ଦେଲେ ଶାନ୍ତିଲତା । ବୀଣା ଚାହିଁଲା ଶାନ୍ତିଲତାଙ୍କୁ ବୁଝିପାରିଲା ନାହିଁ- ପୁଣି ଚାହିଁଲା ପ୍ରମୋଦବାବୁଙ୍କୁ ଜାଣି ମଧ ଜାଣି ପାରିଲାନାହିଁ । ହେଲେ ଏସବୁ ମୂଳରେ ଯେ କୌଣସି ଗୋଟିଏ ଗୂଢ଼ ରହସ୍ୟ ଲୁକ୍‌କାୟିତ ଭାବରେ ରହିଛି ସେବା କାହିଁକି ଜାଣିବ । ଏବଂ ଅନ୍ୟପଟରେ ସାଧୁମାଷ୍ଟ୍ରେ ମଧ ଅଜଣା ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ଏମିତି ଅନେକ ସମୟରେ ସେ ବୁଝିପାରୁ ନାହାଁନ୍ତି ତାଙ୍କ ଆଖି ସାମ୍ନାରେ ଏତେ ଘଟଣା ଘଟୁଛି କାହିଁକି ? ପ୍ରମୋଦବାବୁ ସାଧୁମାଷ୍ଟ୍ରେଙ୍କ ଅତି ଘନିଷ୍ଠ ହୋଇଥିଲେ ମଧ ସେ ଖୋଲି କରି କେବେ କହିନାହାଁନ୍ତି ଏ 'ବୀଣା' ଶାନ୍ତିଲତାର ଝିଅ ବୋଲି ଏବଂ ବର୍ତ୍ତମାନ ତୁମପାଖରେ ଯେ ଛିଡ଼ା ହୋଇଛନ୍ତି ରଂଜନବାବୁଙ୍କ ଝିଅବୋଲି । ମାଆ, ବାପ ଦୁହେଁ ଝିଅ ପାଖରେ ଥିଲେ କଣ ହେବ । ପାଳିତ ବାପ ସାଧୁମାଷ୍ଟ୍ରେ ଓ ବୀଣାକୁ ଯେ ସବୁ ଅଜଣା । ପ୍ରମୋଦବାବୁ ଭାବିଗଲେ ସବୁକଥା ଖୋଲି ସାଧୁମାଷ୍ଟ୍ରେଙ୍କୁ

Digitized by PPRACHIN, SOA

ଏଇଠି କହିଦେବେ ବୋଲି ଆରେ ସୀତାକାନ୍ତଟା ଯେ ଅଛନ୍ତି ସେ ତ ଜ୍ୱାଇଁ । ପୁଣି ତାଙ୍କ ଆଗରେ ନା ଥାଉ । ପୁଣି ମନେ ମନେ ଚିନ୍ତା କଲେ ପ୍ରମୋଦ ବାବୁ କାହିଁକି ବା ଜଣେଇବି ଏମିତି ଗୋଟାଏ ଅଜଣା ତ ବାଟେବାଟେ ଚାଲିଛି, ଯେଉଁମାନେ ଜାଣିଛନ୍ତି ଏଇମାନେ ମୁଁ, ଶାନ୍ତି ଓ ରଂଜନ ଏହି ଆମେ ତିନିଜଣ । ବାକି ସମସ୍ତେ ଅଜ୍ଞାତ ସେ ବା ଜାଣି ଆଉ ଲାଭ କଣ ? ସାଧୁମାଷ୍ଟ୍ରେ ପ୍ରମୋଦବାବୁଙ୍କ କାନରେ କହିଲେ- ପ୍ରମୋଦବାବୁ ଝିଅ ଜ୍ୱାଇଁକୁ ମୋର କଣ ଆଣି ଖାଇବାକୁ ଦିଅନ୍ତୁ । ପ୍ରମୋଦ ବାବୁ ଆଗରୁ ଜାଣିଥିଲେ ମଧ ସେ ମେଡ଼ିକାଲ୍‌ର ପରିବେଶ ମଧରେ ଖାଇବାକୁ ଦେବାକୁ ପସନ୍ଦ କଲେନି । ହଁ ମା ବୀଣା ଆଉ ସୀତାକାନ୍ତ ଆସିଲ ମୋ ସହିତ ଟିକିଏ ବଜାର ଆଡୁ ବୁଲିଆସିବା ଆଉ ଶାନ୍ତି ଏବଂ ରଂଜନ ତୁମେମାନେ ମାଷ୍ଟ୍ରେଙ୍କ ପାଖରେ ଥାଅ । ଶାନ୍ତି ଠିକ୍ ବୁଝିନେଲେ ତା ତାଡିଙ୍କ ମନ କଥା ଏବଂ କହିଲେ ବୀଣା କଣ ଆଜି ପଳେଇବ ଆଉ ସୀତାକାନ୍ତ ତୁମେ କଣ କହୁଛ ଆସି ଚାରିଟା ବାଜିଲାଣି ତେଣୁ ମୁଁ କଣ କହୁଛି କି କାଲି ସକାଳୁ ସକାଳୁ ପଳେଇଗଲେ ଗାଁକୁ କେମିତି ହୁଅନ୍ତା ? ସାଧୁମାଷ୍ଟ୍ରେ ମନା କଲେ କହିଲେ ବୁଝିଲୁ ମାଆ ଶାନ୍ତି ସେ (ବୀଣା) ଯେତେବେଳେ ଘରର ବୋହୂ ତା ମୁଣ୍ଡ ଉପରେ ସବୁ ଦାୟିତ୍ୱ ଦିନେ ବାହାରେ ରହିଗଲେ ଶ୍ୱଶୁର ଶାଶୁ ତାର ଅସୁବିଧା ଭୋଗିବେ । ତେଣୁ ସେମାନେ ଆଜି ପଳେଇ ଯାଆନ୍ତୁ । ସୀତାକାନ୍ତ କହିଲେ ହଁ ବାପା ଆମେ ଆଜି ପଳେଇବୁ ପାଞ୍ଚଟାରେ ତ ବସ୍ ଅଛି । ତେବେ ଆଉ ଡ଼େରି କାହିଁକି ମାଆ ବୀଣା ! ବୀଣାର ମନ ନ ଥିଲା ବାପାଙ୍କୁ ଛାଡ଼ି ଦେଇ ଯିବାକୁ । ହେଲେ କଣ କରିବ ସେ ଯେ ଆଉ ବାପ ଘରର ଝିଅ ନୁହେଁ ଯେ ରହିଯିବ । ଏତକ ଭାବି ବୀଣା ଆଖିରୁ ଲୁହ ବୋହିଗଲା । ସାଧୁମାଷ୍ଟ୍ରେ ଝିଅର ଆଖିରୁ ଲୁହପୋଛି ତାକୁ ବିଦାୟ ଦେଲେ । ମୁଣ୍ଡତଳୁ ବଟୁଆରୁ ପାଞ୍ଚଶତ ଟଙ୍କା ସୀତାକାନ୍ତଙ୍କୁ ଦେଲେ ମିନତି ବାହାଘର ଲାଗି । ପ୍ରମୋଦବାବୁ, ରଂଜନ, ଶାନ୍ତି, ବୀଣା ଏବଂ ସୀତାକାନ୍ତ ଜିପ୍‌ରେ ବସି ବଜାରକୁ ଗଲେ । ସେଠାରେ ବୀଣା ଓ ସୀତାକାନ୍ତଙ୍କ ସହିତ ସମସ୍ତେ ଟିଫିନ୍ ଖାଇଲେ । ତା ପରେ ବୀଣା ଓ ସୀତାକାନ୍ତକୁ ବସ୍‌ରେ ବସାଇ ଘରକୁ ଲେଉଟିଲେ ପ୍ରମୋଦବାବୁ, ଶାନ୍ତି ଓ ରଂଜନବାବୁ ।

(ଏକୋଇଶି)

ନିଜବୁଦ୍ଧିରେ ଯେତିକି ବାଟ ଚାଲିବା ଦରକାର୍ ତା ଠାରୁ ଯଦି ଅନ୍ୟ କାହାରି ବୁଦ୍ଧିରେ ମଣିଷ ବାଟ ଚାଲେ, ତେବେ ସେ ଖାଲରେ ପଡ଼ିବ ନାହିଁତ ଆଉ ପଡ଼ିବ କିଏ ? ତେଣୁ ସବୁ କାର୍ଯ୍ୟ କରିବାକୁ ଯିବା ପୂର୍ବରୁ ମଣିଷ ଚିନ୍ତା କରିବା ଭଲ ରୂପେ ଦରକାର । ଯାହାର ଏହି ଚିନ୍ତା ଶକ୍ତିଟି ଯେତେ ପ୍ରଖର ତାର ବୁଦ୍ଧିମଧ ପ୍ରଖର । ତେଣୁ କଥାରେ ଅଛି ''ବୁଦ୍ଧି ଥିଲେ ବାପଘରେ ପୁଅ'' ।

Digitized by PPRACHIN, SOA

ଚାହିଁ ଚାହୁଁ ଦିନପରେ ରାତି ରାତିପରେ ଦିନ ହୋଇ ଜୁନ୍ ୯ ତାରିଖ ପଂହଚି ଗଲା। ହରେକୃଷ୍ଣ ବାବୁଙ୍କ ଦାଣ୍ଡଦୁଆରେ ବାଜି ଉଠିଲା ଶୁଭ ସାହାନାଇ । ଆଜି ଯେ ମିନତିର ବାହାଘର, ସାହିପଡ଼ିଶା ଗାଁ ଗାଉଁଲୀ ସମସ୍ତଙ୍କର ଆନନ୍ଦ । ପୁଣି ଟୁପୁର ଟାପର- ଆଲୋ କିଏମ ସେ ରାଜିହେଲା ସେ କାଳି ପୁଣି ଗୋଦରୀ ଗୋଡ଼ି ଟୋକୀକି । ଆଲୋ ମୁଁ ତ ସେହି କଥା ଭାବୁଛି । ହଁ ଇଏତ ସ୍ୱାଭାବିକ ନିତିଦିନିଆ ଗାଁ ଗାଉଁଲିଆ ପୋଖରୀ କୁଳିଆ ଘଟଣା । ବିଭାଘର ଆୟୋଜନଟା ଜୋର୍ ସୋର୍‌ରେ ଚାଲିଛି ହରେକୃଷ୍ଣ ବାବୁଙ୍କ ଘରେ । ହରେକୃଷ୍ଣ ବାବୁ ମନେରଖିଛନ୍ତି ଗୋଟି ଗୋଟି କରି ଧୂରନ୍ଧର କଥାକୁ, କାଳେ କିଏ ଜାଣିଯିବ ତେଣୁ ହୁସିଆର । ସବୁ ଯେମିତି କାଇଦା କଟକଣା ଚୋରାଲୁଚା ବେପାର । ହଁ ଯଦି କିଏ ଜାଣେ ତେବେ ସବୁ ଚିନ୍ତା ଭାବନା ଭୁସୁଡ଼ି ପଡ଼ିବ, ଝିଅଟି ତାଙ୍କର ହୀନିମାନିଆ ହେବ ତାପରେ ତାପରେ---- । ଚୁପ୍ ରହିଲେ ହରେକୃଷ୍ଣବାବୁ କୁଣିଆ ସବୁଆସି ଘରେ ପଂହଚି ଗଲେଣି । କିନ୍ତୁ ମନ୍ଦାକିନୀକୁ ସତର୍କ କରାଇ ଦେଇଛନ୍ତି ହରେକୃଷ୍ଣ ବାବୁ- ହେଇଟି ଶୁଣ ଯେମିତି ବୀଣା କାହା ସାଙ୍ଗରେ ବେଶି କଥାବାର୍ତ୍ତା ନ କରେ, ମନ୍ଦାକିନୀ ଭାରି ଚତୁରୀ ସେ କଣ ସହଜରେ କାହାକୁ ବୀଣା ସହିତ କଥାବାର୍ତ୍ତା କରିବାକୁ ଦେବେ । ତାଙ୍କ ଆଖି ଯେ ଘର ଚାରିଆଡ଼େ ବୁଲୁଛି । ଚାହୁଁ ଚାହୁଁ ସଂନ୍ଧ୍ୟାବେଳ ହୋଇଗଲା---- ମିନତିକୁ ସଜ୍ଜ କରି ଘରେ ବସେଇ ଦେଇଛନ୍ତି ମନ୍ଦାକିନୀ ତା ପାଖରେ ସାହି ପଡ଼ିଶାର ଝିଅ ବୋହୂ । କେତେ ଥଟ୍ଟା ନ କଲ, ଚାହିଟାପରାରେ ଘରଟା ଫାଟିପଡୁଛି ପୁଣି କିଏ ଦେଖି ଲୁଚେଇ ଲୁଚେଇ ମୁହଁ ମୋଡୁଛି ତ କିଏ ଦାନ୍ତ ଚିପି କହୁଛି ସବୁ ସିନା ମଣିଷର ଭାଗ୍ୟ । ଗୋଟିଏ ପରେ ଗୋଟିଏ ଉପହାର ନାଲି ନେଳି ଖୋଳରେ ପଶି ଆସି ଥୁଆହେଉଛି ମିନତି ପାଖରେ । ପୁଣି କିଏ ଟଙ୍କା ଗୁଂଜି ଦେଉଛନ୍ତି ମିନତି ହାତରେ । ଅତିଥିମାନେ ଆସୁଛନ୍ତି ମିନତିକୁ ଦେଖି ଭୋଜି ଖାଇ ଚାଲିଯାଉଛନ୍ତି । କେତେପ୍ରକାର ଆଇଟମ୍ ମଧ୍ୟରେ ଭୋଜିଟା ବେଶ୍ ଭଲ୍ ହୋଇଛି । କିଏ ହାକୁଡ଼ି ମାରିଲାଣି ତ କିଏ ପେଟରେ ହାତମାରି କହୁଛି- ''ଯାହାକୁହ ଭାଇ ଏମିତିଆ ଭୋଜି କେବେ ମୁଁ ଖାଇ ନ ଥିଲି, ଆଜିଯାହା ଖାଇଲି ନା ଦେଖୁନ ମୋ ପେଟକୁ'' । କେତେ ଲୋକ କେତେ କଥା କହିବେ, କିଏ ପ୍ରଶଂସା କରିବ ତ କିଏ ବଦନାମ୍ କରିବ ।

ବୀଣା ଲାଗି ପଡ଼ିଛି ଘର କାମରେ ତାକୁ କାହା ସହିତ ଗପିବାକୁ ଟିକିଏ ବେଳନାହିଁ । ସଦାବେଳେ ନଜର୍ ରଖିଥାନ୍ତି ମନ୍ଦାକିନୀ । ବାପା ଦେଇଥିବା ପାଞ୍ଚଶତ ଟଙ୍କାକୁ ଶାଶୁଙ୍କୁ ଦେଇଦେଇଛି । କଣ ବା ଆଉ ତାର ବାପା ଦେବେ ନିଜେ ତ ରୋଗ ଶର୍ଯ୍ୟାରେ ପଡ଼ିଛନ୍ତି । ମନକୁ ମନ କେତେ କାନ୍ଦିଲା, ହେଲେ ଏ ସମୟରେ ଲୁହ ଗଡ଼େଇବା ଭଲ ନୁହେଁ ଭାବିକାମରେ ଲାଗିପଡ଼ିଲା । ଅତିଥିମାନେ ତଥା ଗାଆଁ

Digitized by PPRACHIN, SOA

ଲୋକେ ଖାଇପିଇ ଚାଲିଗଲେଣି । ଆଉ ଯେଉଁ ସାହିପଡ଼ିଶାମାନେ ସେମାନେ ସବୁ ଖାଇ ନିଜଘରେ ବରକୁ ଦେଖିବାକୁ ଅପେକ୍ଷା । କେବଳ ଯିଏ କୁଣିଆ ଏବଂ ମିନତିର ସାଙ୍ଗମାନେ ସେ ସବୁ ସାହିଟା ଭିତରେ ଚଳପ୍ରଚଳ କରୁଛନ୍ତି । ରାତି ଆସି ଏଗାରଟା ହଠାତ୍ ଗୋଟାଏ ବମ୍ ଫୁଟିଉଠିଲା । ହରେକୃଷ୍ଣ ବାବୁ ଓ ସୀତାକାନ୍ତ ଚମକି ଉଠିଲେ- ବର ଆସି ଗଲା ବୋଧେ । ହରେକୃଷ୍ଣ ବାବୁ ତର୍‌ତର୍ ହୋଇ ଘର ଭିତରେ ପଶି ସ୍ତ୍ରୀ ମନ୍ଦାକିନୀଙ୍କୁ କହିଲେ ଆଉ ଡ଼େରିକାହିଁକି କରୁଛ ମିନତିକୁ କୁହ ଘର କବାଟ ଟା ବନ୍ଦ କରିଦେଇ ଶୋଇପଡୁ । ହଁ ଶୁଣ ବୀଣାକୁ କହିଦିଅ ସେ କନିଆ ହୋଇ ମୁଣ୍ଡରେ ଓଢ଼ଣା ଟାଣି ବସିରହୁ ଯେମିତି ତା ପାଖକୁ ବାରିକିଆଣୀ ଛଡ଼ା ଆଉ କିଏ ନ ଯାଆନ୍ତି । ତା ପରେ ମନ୍ଦାକିନୀ ଆଉ ଡ଼େରି ନ କରି ମିନତିକୁ କହିଲେ- ଆଲୋ ମିନୁ ତୁ ଗଲୁ ଆର ଘରେ କବାଟ କିଳି ଶୋଇପଡ଼ ଯେମିତି ତୋତେ କିଏ ନ ଦେଖନ୍ତି ବୁଝିଲୁ । ମିନତି ଆଖିରୁ ବୋହି ଗଲା ଧାର ଧାର ଲୁହ କାନ୍ଦି କରି କହିଉଠିଲା- ତୁ ମୋତେ ଏ କଣ କହୁଛୁ ବୋଉ ତୁ ଜାଣିନୁ ମୋ ସାଙ୍ଗମାନେ ପୁଣି ସାହିର ଖୁଡ଼ି, ବଡ଼ବୋଉ, ଭାଉଜମାନେ ସେ କଣ ଜାଣିପାରିବେ ନାହିଁ । ମନ୍ଦାକିନୀଙ୍କ ଚିନ୍ତାପଶିଲା ଆଲୋ ସତେତ ସ୍ୱାମୀଙ୍କ ପାଖକୁ ଦୌଡ଼ିଗଲେ- ଶୁଣିଲ କୁଆଡ଼େ ଯାଉଛ କଣ କରିବା କୁହ ସବୁକଥା କହିଦେଲେ । ହରେକୃଷ୍ଣବାବୁ ପାଗଳପରି ଏଣେତେଣେ ହେଉଥାନ୍ତି କଣ ଗୋଟିଏ ମିଂଜାସରେ କହିଗଲେ କଣ କରିବେ । ସୀତାକାନ୍ତ ପଂହଚିଗଲା- କଣ ହୋଇଛି ବୋଉ କିଛି କହୁନୁ କାହିଁକି । କଣ ଆଉ କହିବିରେ ସବୁ ଗୋଳମାଳ ବୁଝିଲୁ ସୀତୁ କେମିତି ମିନତି ବାହାହେବ, ଯଦି ଜଣାପଡ଼େ । ତୁ ମୋଟେ ବ୍ୟସ୍ତ ହୁଅନା ବୋଉ ମୁଁ ସବୁଠିକ୍ କରିଦେଉଛି, ହଁ ଶୁଣ୍ ବୋଉ ମିନତି ଯେଉଁ ଘରେ ଅଛି ସେ ଘରେ ବୀଣା ଆଉ ମିନତି ଛଡ଼ା କେବଳ ବାରିକିଆଣୀ ଯିବ ଆଉ ଆସିବ ସେ ଘରକୁ ତୁ କାହାକୁ ଛାଡ଼ି ଦେବୁନି ସମସ୍ତଙ୍କୁ କହିବୁ ଦୁଆରେ ବସ ବାହାଘର ଦେଖିବ । ତା ପରେ ପୁଅ ବୁଦ୍ଧିରେ ବାପ ମାଆ ଦୁଇଟା ସେ ଘର ଭିତରୁ ସମସ୍ତଙ୍କୁ ହସିକରି ନାନା କଥା କହି ବାହାର କରିଦେଲେ । ଘର ଭିତରେ ବୀଣା ଓ ମିନତି ଦୁହେଁ ଦୁହିଁଙ୍କୁ ଚାହିଁଥାଆନ୍ତି । ଏପରିକି ନିଜ କୁଣିଆକୁ ସେ ଘରକୁ ଛାଡ଼ି ଦେଲେ ନାହିଁ ମନ୍ଦାକିନୀ, ଘର ଦୁଆର ମୁହଁରେ ଜଗିବସିଲେ । ବର ଆସି ଗାଁ ମୁଣ୍ଡରେ ପଂହଚିଗଲାଣି ଗୋଟାଏ ପରେ ଗୋଟାଏ ହାବିଳୀ ଆଲୋକିତ କରି ଗାଁଟାକୁ ଢ଼ୋ ଢ଼ା ଶବ୍ଦରେ ପ୍ରକମ୍ପିତ କରୁଛି । ବାଜା ବାଜି ଉଠୁଛି, ମାଇକି ବାଜୁଛି । ଗାଁର ଛୁଆପିଲା ଧାଁ ଧପଡ଼ ମାରି ବର ଦେଖିବାକୁ ଧାଉଁଛନ୍ତି । ଗଛବାଣଟା ଫୁଟି ଉଠିଲା ଢ଼ୋ ଢ଼ା ଶବ୍ଦ କରି କାନ ଅତଡ଼ା ପଡ଼ିଗଲା ।

ଭଲ ଲୋକୀ ମିଷ୍ଟର ଧୁରନ୍ଧର ବାବୁ ଏହି ସମୟରେ ହରେକୃଷ୍ଣ ବାବୁଙ୍କ ଘରକୁ ଧପାଲିଛନ୍ତି । କାରଣ ସୁବର୍ଣ୍ଣପୁର ଗାଁଟା ଗୋଟାଏ ବଡ଼ ଗାଆଁ । ଶହେ

Digitized by PPRACHIN, SOA

ସରିକି ଘର ଏ ଗାଁଆରେ । ବ୍ରାହ୍ମଣ କରଣଠାରୁ ଆରମ୍ଭ କରି ବାଉରୀ, କଣ୍ଡରା, ଧୋବା, ବାରିକ ଏହିପରି ଭିନ୍ନ ଭିନ୍ନ ଜାତିଙ୍କ ଘର ଏହି ଗାଁଟାରେ । ବର ଆସିଲେ ଗାଁ ମୁଣ୍ଡ ଠାକୁରାଣୀଙ୍କ ବାଟ ଦେଇ ଆସିବ । ଏହି ପ୍ରଥା ଚଳି ଆସିଛି କେତେ ଦଶନ୍ଧି ଧରି । ବରଯେଉଁଠି ରହି ପ୍ରଶେସନ କରୁଛି ତାଠାରୁ ଗାଁ ଆଡ଼କୁ ଆସିବାକୁ ବରଗଛଟାଏ ତା ମୂଳରେ ଗୋଟାଏ ଚାନ୍ଦିନୀ । ଚାନ୍ଦିନୀ ଉପରେ ବସିଛନ୍ତି ଗାଁ ପଞ୍ଚାୟତର ସରପଞ୍ଚ ବାସୁଦେବ ଶତ୍‌ପଥୀ । କେତୁଟା ଗାଁ ମୁଖିଆଙ୍କ ସହିତ ଗଂଜେଇ ଚିଲମର ଆସରାଟା ଖୁବ୍ ଜମି ଯାଇଛି । ଧୁରନ୍ଧରଙ୍କୁ ଧପାଲିଥିବାର ଦେଖି ଚିଲମ୍‌କୁ ଶୋଠାଏ ନେଇ ଧୂଆଁକୁ ଅଧେଢ଼ୋକି ଅଧେକାଢ଼ି କହିଉଠିଲେ--

- ଆରେ ବାବା ଧୁରନ୍ଧର କୁଆଡ଼େ ଏମିତି ଧପାଳିଛ ଟିକିଏ ଶୁଣ ଭଲା । ଆଜ୍ଞା ନମସ୍କାର । ସରପଞ୍ଚବାବୁ ମୋତେ ଆଉ ଏ ବେଳରେ ଡ଼ାକନ୍ତୁ ନାହିଁ ଦେଖୁଛନ୍ତି ବର ଆସିଗଲାଣି ପରା । ଗୋଟିଏ କୁଟିଳ ହସ ହସି ସରପଞ୍ଚେ କହି ଉଠିଲେ ମୁଁ ଦେଖୁଛି ସବୁ ବୁଝୁଛି ତୁମ କଥା । ହେଲେ ଶିବଙ୍କ ପ୍ରସାଦରୁ ଟିକିଏ ହୋଇଯାଉ । ଆଜ୍ଞା ମୋତେ କ୍ଷମା କରିବେ, ଆଉ କେବେ ? ଆରେ ଶୁଣ ଶୁଣ ଏହା କହି ସରପଞ୍ଚ ବାସୁଦେବ ଶତ୍‌ପଥୀ ଧୁରନ୍ଧରର ହାତକୁ ଭିଡ଼ି ଆଣି ନିଜ ପାଖରେ ବସାଇ ଦେଲେ । ନିଅ ବେଶି ନୁହେଁ ଶୋଠାଏ, ଧୁରନ୍ଧର ନାହିଁ ନାହିଁ କରୁଥିଲା ହେଲେ କଣ ହେବ ଯାଚିଲା ଧନ କଣ ଛାଡ଼ିହୁଏ ପୁଣି ଯିଏ ଖାଇଛି ଯେଉଁ ଜିନିଷଟା ଯଦି ମାଗଣାରେ ମିଳୁଛି ତାକୁ ଛାଡ଼ିବ କାହିଁକି ? ଏହା ଭାବି ହରେକୃଷ୍ଣ ବାବୁଙ୍କ ଘରକୁ ଯାଉଥିବା ଲୋକ ଧୁରନ୍ଧର ଗୋଟାଏ ଚିଲମର ଗଂଜେଇ ଚକ ଏକୁଟିଆ ଶେଷ କରିଦେଲେ । ଆଉ ଯାଆନ୍ତି କୁଆଡ଼େ ଆଖିଗୁଡ଼ିକ ଲାଲ୍, ମୁଣ୍ଡଟା ଭାରିପରି ଜଣାପଡୁଛି- ମନ କହୁଛି ଏଇଠି ଏମିତି ଶୋଇପଡନ୍ତାକି ?

ସବୁ ମୂଳରେ ଚକ୍ରାନ୍ତ ଲାଗି ରହିଛି- ବାସୁଦେବ ଶତପଥି ଏ ସୁବର୍ଣ୍ଣପୁର ପଞ୍ଚାୟତର ସରପଞ୍ଚ ତାଙ୍କର ପୁରାପୁରି ରାଗ ହରେକୃଷ୍ଣ ବାବୁଙ୍କ ଉପରେ । କାରଣ ହରେକୃଷ୍ଣବାବୁ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦୀ ଥିଲେ । ଏମିତିକି ଅନେକ ସମୟରେ ବିବାଦ ଲାଗିଛି ମିଳାମିଶା ହୋଇଛି ସତ କିନ୍ତୁ ରାଗଟା ଯେ ଯାଇନି ଇଏତ ସୁବର୍ଣ୍ଣ ସୁଯୋଗ ଏହାକୁ ଛାଡ଼ିବା ଉଚିତ୍ ନୁହେଁ । କେତେ ହଇରାଣ ତାଙ୍କୁ ଭୋଟବେଳେ ନ କରିଛନ୍ତି ଏଇ ହରେକୃଷ୍ଣ ବାବୁ, ସବୁ ଆଜି ସୁଧସହ ଆଦାୟ କରିନେବି । ଏହା ମନେ ମନେ ଭାବି ଚାଲିଛନ୍ତି ବାସୁଦେବ ଶତ୍‌ପଥୀ । ଏପଟେ ବର ରୋଷଣୀ ଧୁମ୍‌ଧାମ୍‌ରେ ଚାଲିଛି କିନ୍ତୁ ଯିଏ ଭଲଲୋକୀ ନିଶାରେ ଟଳମଳ । ସରପଞ୍ଚ ହଲେଇ ଦେଲେ ଧୁରନ୍ଧରଙ୍କୁ ଆରେ ତୁମେ ଯିବା ଲୋକ ଏଠି ଏମିତି ଟଳୁଛ, କେମିତି କଥା ଆଦାୟ କରିବେ ଧୁରନ୍ଧର ଠାରୁ ସେହି ଯୋଜନା କରୁଥାନ୍ତି ସରପଞ୍ଚ । ନିଶାରେ

Digitized by PPRACHIN, SOA

ଟଳମଳ ହୋଇ ଧୁରନ୍ଧର କହିଉଠିଲା କୁଆଡ଼େ ଆଜ୍ଞା ଯିବି ଯଦି ଆଉ କିଛି ଗଂଢେଇ ଅଛି ଦେଲେ ଟାଣିଦେଇ ଶୋଇପଡ଼ିବି । ଚତୁରତାର ସହ ପଚାରିବସିଲେ ସରପଞ୍ଚ ତୁମେ ପରା ଭଲଲୋକୀ ପୁଣି କହୁଚ କଣନା କୁଆଡ଼କୁ ଯିବି ? ଯାଅ ଯାଅ । ସରପଞ୍ଚଙ୍କ ହାତଛିଞ୍ଚାଡ଼ି ଦେଇ ଧୁରନ୍ଧର କହିଲେ, ମାର୍‌ଗୁଲି ଭଲଲୋକୀକୁ ମୁଁ କଣ ଭଲଲୋକୀ ଆଁ କଣ ଏମିତି କହୁଛନ୍ତି ? ଧୁରନ୍ଧରଠାରୁ କଥା ଆଦାୟ କରିବା ପାଇଁ ତା କଥାକୁ ଟିକିଏ ଟେଇଁ ଦେଲେ ସରପଞ୍ଚ କହି ଉଠିଲେ- ଆଉ ତୁମେ ପରା ଏ ବାହାଘର ଠିକ୍ କରିଛ, ଯାହାହେଉ ଝିଅଟା ବାହାହୋଇ ଗଲେ ଗାଁରୁ ଗୋଟିଏ ଗ୍ରହଯିବ ଏବଂ ତା ଛଡ଼ା ତୁମର ତ ନାଁ ଟା ରହିବ ଯେ ଧୁରନ୍ଧର ଗୋଟାଏ କାଳି ତଥା ଗୋଦରୀକୁ ସୁଯୋଗ୍ୟ ବର ସହିତ ବାହା କରିଦେଲା । କଥା ନ ସରୁଣୁ ଧୁରନ୍ଧର କହି ଉଠିଲା ଯାହା କୁହନ୍ତୁ ଆଜ୍ଞା ସବୁ ମୋ ବୁଦ୍ଧି ମୋ ବୁଦ୍ଧି ନ ଦେଇଥିଲେ କଣ ହରେକୃଷ୍ଣ ବାବୁ ତାଙ୍କ ଝିଅ ବାହାକରିବାକୁ ଆଗେଇଥାନ୍ତେ । ହଁ ତା ନୁହେଁ ତ କଣ କଥା ପ୍ରସଙ୍ଗରେ କହିଉଠିଲେ ସରପଞ୍ଚ ଆଚ୍ଛା କିସ ତୁମର ବୁଦ୍ଧି ବାବା ଧୁରନ୍ଧର କୁହତ ଟିକିଏ ଶୁଣିବା । ଧୁରନ୍ଧର ଚେତା ଫେରିଆସିଲା ପାଟିରେ ଆଂଗୁଠି ଦେଇ କହିଉଠିଲା ସରପଞ୍ଚଙ୍କ ଆଗ୍ରହଟା ବେଶି ବଢ଼ିବଢ଼ି ଚାଲିଲା କେମିତି ଧୁରନ୍ଧରଠାରୁ କଥା ଆଦାୟ କରିବେ । ଆଉଥରେ ଚିଲମଟାରେ ଗଂଢେଇ ପୁରେଇ ସଜାଡ଼ିଦେଲେ- ନିଅ ଧୁରନ୍ଧର ଆଉ ଟିକିଏ ହୋଇଯାଉ- ଧୁରନ୍ଧର ଆଉ କି ଛାଡ଼ନ୍ତି ନିଶାଟା ଯେ କମି କମି ଯାଉଛି- ଏହା କହି ଗୋଟାକ ଯାକ ଚିଲମକୁ ଉଡ଼େଇ ଦେଲା । ସବୁ ଠିକ୍ ହୋଇଗଲା - ବୁଝିଲେ ସରପଞ୍ଚ ବାବୁ ସବୁ ମୋ ବୁଦ୍ଧି ମାନେ... ସରପଞ୍ଚ କହି ଉଠିଲେ ହଁ ସବୁ ତୁମ ବୁଦ୍ଧି । ଧୁରନ୍ଧର ଆମୂଳଚୂଳ ସବୁ ଗପିଗଲା କେମିତି ବୀଣାକୁ ମିନତି ବଦଳରେ ବେଦୀରେ ବସାଇ ବାହାଘର କରିଦେଇ ବର ସାଙ୍ଗରେ ମିନତିକୁ ବିଦା କରି ଦେବାକୁ ପଡ଼ିବ, ଏହା କହି କାହା ଆଗରେ ନ କହିବାକୁ ବାରଣ କଲେ ଧୁରନ୍ଧର ସରପଞ୍ଚଙ୍କୁ । କିନ୍ତୁ ସରପଞ୍ଚେ କଣ ସହଜେ ଛାଡ଼ନ୍ତି ହଉ ହେଲା ଧୁରନ୍ଧର ଏଥର ତୁମେ ଯାଅ ତେଣେ ତୁମକୁ ଅପେକ୍ଷା କରିଥିବେ ହରେକୃଷ୍ଣ ବାବୁ । ଏହା କହି ଧୁରନ୍ଧରଙ୍କୁ ଉଠାଇ ରାସ୍ତା ଦେଖାଇ ବିଦା କରିଦେଲେ । ଅବଶ୍ୟ ସରପଞ୍ଚଙ୍କ ପାଖରେ ଏସବୁ କଥା ହେଲାବେଳେ କେହି ନ ଥିଲେ ଯିଏ ବା ଥିଲେ ସେମାନଙ୍କ କାନ ତଥା ମନ ଥିଲା ବର ରୋଷଣୀ ପାଖରେ । କଣ କରିବେ ଚିନ୍ତା କଲେ ସରପଞ୍ଚ, ବରକୁ ଇଆଡୁ ବିଦା କରି ଦେବେନା ଠିକ୍ ଚୋଖ ଟାଇମ୍‌ରେ ବାହାଘର ସରିଲେ ମାନେ ହାତଗଣ୍ଠି ପଡ଼ିସାରିଲେ ତାଙ୍କ କୂଟନୀତି ପ୍ରୟୋଗ କରିବେ । ଏହାଭାବିଭାବି ଯୋଜନା ଠିକ୍ କରି ସେହି ସମୟକୁ ଅପେକ୍ଷା କଲେ । ଗାଡ଼ି ଗଡ଼ିଚାଲିଲା ରୋଷଣୀ ପଛେ ପଛେ ହରେକୃଷ୍ଣଙ୍କ ଘର ଆଡ଼କୁ । ଧୁରନ୍ଧର

Digitized by PPRACHIN, SOA

ଆଗରୁ ପଂହଚି ହରେକୃଷ୍ଣ ବାବୁଙ୍କୁ ଦେଖାକରି ସାରି ପେଟେ ଖାଇ ଶୋଇପଡ଼ିଲେ ବେଞ୍ଚ ଉପରେ । ଅନ୍ତତଃ ବର ଆସି ପହଞ୍ଚିବା ପର୍ଯ୍ୟନ୍ତ ଟିକିଏ ବିଶ୍ରାମ ନିଅନ୍ତୁ ହେଲେ ।

ଧୁମ୍‌ଧଡ଼ାକ୍ ରୋଷଣୀ କରି ବର ପହଞ୍ଚି ଯାଇଛି ହରେକୃଷ୍ଣ ବାବୁଙ୍କ ଦାଣ୍ଡରେ । ଯେମିତି ନୀତି ନିୟମ ହେବା କଥା ସେହି ସହକାରେ ଜ୍ୱାଇଁଙ୍କୁ ବାଟବରଣୀ କରି ନେଇଛନ୍ତି ହରେକୃଷ୍ଣ ବାବୁ । ସଜ୍ଜା ହୋଇଥିବା ଦାଣ୍ଡ ମେଳାରେ ବର ବସିଲେ ଏବଂ କେତେକ ବରଯାତ୍ରୀ । ତା ପରେ ମହାପ୍ରସାଦ ସେବା ପରେ ପରେ ସର୍‌ବତ୍ । ତା'ର କିଛି ସମୟ ପରେ ସମସ୍ତ ବରଯାତ୍ରୀ ଖାଇବାକୁ ଖଳାକୁ ପଳେଇ ଗଲେ । ବରଯାତ୍ରୀପ୍ରାୟ ଶହେ ସରିକି ହେବେ ଆସିଛନ୍ତି । ଖିଆ ସରିଗଲା ପରେ ବରଯାତ୍ରୀମାନଙ୍କ ମଧ୍ୟରୁ ସାତ ଆଠ ଜଣ ରହିକି ତଥା ବରର ପିତା ଏବଂ ସମ୍ପର୍କୀୟ କେତେ ଜଣଙ୍କୁ ଛାଡ଼ିଦେଲେ ଆଉ ସମସ୍ତେ ପଳେଇ ଗଲେ । ଆଉ ବେଶି ଡ଼େରି କରନ୍ତୁ ନାହିଁ ସମୁଦି ଲଗ୍ନ ବେଳ ଗଡ଼ି ଯାଉଛି, ଏତକ କହିଗଲେ ଜ୍ୱାଇଁ ପିତା ବନମାଳୀ ବାବୁ । ହରେକୃଷ୍ଣ ବାବୁ, ବନମାଳୀ ବାବୁଙ୍କର ଏହି ପଦକ କଥାରେ ଯେମିତି ଟଳି ପଡ଼ିବା ଭଳି ଲାଗିଲେ- ହଁ, ହଁ, ସମୁଦୀ ଡ଼େରିକଣ ଏଇତ ବାହାଘର ଆରମ୍ଭ ହେବ ଏହା କହି ଘର ଭିତରକୁ ଚାଲିଗଲେ । ମନ୍ଦାକିନୀ ଶୁଣିଲ ସବୁଠିକ୍ ତ ? ସ୍ତ୍ରୀ ମନ୍ଦାକିନୀ ହଁ ମାରିଲେ । ତା ପରେ ହରେକୃଷ୍ଣ ବାବୁ ବାରିକିଆଣୀକୁ ଡ଼ାକି କହିଲେ- ତୋତେ ଗୋଟାଏ କଥା କହିବି ପରୀ ତେଣୁ ତୁ ସେହି ଅନୁସାରେ କାମ କରିବୁ । ପରୀ ଟିକିଏ ରହିଯାଇ କହିଲା କେଉଁ କଥା ବାବୁ ! ମୁଁ କେବେ କଣ ତୁମ କଥା କାଟିଦେଇଛି କହୁନ ବାବୁ କେଉଁ କଥା । ପରୀକୁ ଚୁପ୍ ରହିବାକୁ କହିଲେ ହରେକୃଷ୍ଣ ବାବୁ । ତା ହାତରେ ପଚାଶ ଟଙ୍କିଆ ଟିଏ ଗୁଂଜି ଦେଇ କହିଲେ- ବୁଝିଲୁ ପରୀ ବୀଣାକୁ ବେଦୀ-ଉପରକୁ ଆଣିବୁ ମିନତି ବଦଳରେ । ପରୀ ଚମକି ପଡ଼ିଲା- ହଇହୋ ବାବୁ ବୀଣା ସାଆନ୍ତାଣୀଙ୍କୁ କଣ ବେଦୀ ଉପରକୁ ନେବି ? ମୁଁ କିଛି ବୁଝିପାରୁନାହିଁ । ଚୁପ୍ ହେବାକୁ ପରୀକୁ ପୁଣି କହି ହରେକୃଷ୍ଣ ବାବୁ କହିଲେ ମୁଁ ଯାହା କହୁଛି ତାହା କର ତୋର ଏତେ କଥା ମୁଣ୍ଡ ପୁରେଇବା କଣ ଅଛି ସବୁ ତୋତେ ପଛରେ ନିରୋଳାରେ କହିବି ତୋ ପାଉଣାକୁ ଛାଡ଼ି ନେଏ ରଖିଥାଆ ଏ ପଚାଶ ଟଙ୍କା, ହଁ ଶୁଣ୍ ଯେମିତି କେହି ନ ଜାଣନ୍ତି ବୁଝିଲୁ । ହଁ ଟିଏ ମାରିଲା ପରୀ ସେ କିଛି ବୁଝିପାରିଲା ନାହିଁ, ପରେ କିଛି କିଛି ବୁଝିଲା ଏବଂ ହାତରେ ଟଙ୍କା ଦେଖି ଆଉ ବୁଝିବାକୁ ଚେଷ୍ଟା ନ କରି ତା' କାମରେ ଲାଗି ପଡ଼ିଲା । ତାର ବା କଣ ଯାଉଛି । ହରେକୃଷ୍ଣ ବାବୁ ବେଳେ ବେଳେ ବିଚଳିତ ହୋଇପଡୁଥାନ୍ତି । ଧୁରନ୍ଧରଙ୍କୁ ଉଠେଇ ଦେଲେ ହରେକୃଷ୍ଣବାବୁ- ହେଇ ହୋ ତୁମେ ଜଣେ ଭଲ ଭଦ୍ରଲୋକ। କରୁଛ ତ ପେଟେ ଖାଇ ଦେଇ ଶୋଇ ପଡ଼ିଲ ତେଣେ ବାହାଘର ହେଲାକି ନାହିଁ

Digitized by PPRACHIN, SOA

ବୁଝାନାହିଁ ନା ଶୁଝାନାହିଁ । ନିଦମଳ ମଳ ଆଖିରୁ ଉଠିପଡ଼ି ହରେକୃଷ୍ଣ ବାବୁଙ୍କର ଏତକ କଥାକୁ ଶୁଣି ଧୁରନ୍ଧର କହି ଉଠିଲେ- ମୋ କହିବା ଅନୁସାରେ ସବୁ ହେଉଛି ତ । ରାଗିଉଠି କହି ଉଠିଲେ ହରେକୃଷ୍ଣ ବାବୁ ଆସ୍ତେ ଆସ୍ତେ ସେହି କଥା ଅନୁସାରେ, ତେଣୁ ସବୁ ଆଡ଼କୁ ନଜର ରଖିବାକୁ ପଡ଼ିବ । ଧୁରନ୍ଧରର ନିଶାଟା ଭଲ କରି ଛାଡ଼ିଗଲା । ନଜର ରଖିବା କଥାଟା ଶୁଣି ମାନେ ସେ ନିଶାରେ ସରପଞ୍ଚକୁ କହିଦେଇଥିଲେ ତ, କଣ କରିବେ ? ପୁଣି ମନେ ମନେ ନାହିଁମ ସେ ମିଛରେ କହୁଥିଲେ ନାଁ ସତକଣ କହିଛନ୍ତି । ବାଉଳା ହେଲେ ଧୁରନ୍ଧର ଏତେ ବାଟ ଆଗେଇ ଆସି ଆସି ଶେଷରେ ଯଦି କିଛି ହୋଇଯାଏ ତେବେ... କଣ ଏତେ ଭାବୁଛ ଧୁରନ୍ଧର ଆସ ଘର ଭିରତକୁ ଆସ । ଧୁରନ୍ଧର ଘର ଭିତରକୁ ଗଲେ ସତ କିନ୍ତୁ ମନର ସରାଗ ମଉଳି ଯାଇଥାଏ ବାସି ଫୁଲପରି । ବେଦୀ ପାଖରେ ଚେୟାର ଉପରେ ବସିଥାନ୍ତି, କାରଣ ଯେମିତି ହେଉ ରାତାରାତି ବାହାଘର ସରିବ ସେହି ଅନୁସାରେ ବନମାଳୀବାବୁଙ୍କ ସହିତ କଥାବାର୍ତ୍ତା ହେଉଥାନ୍ତି ଧୁରନ୍ଧର । ଆଉ ଆଜ୍ଞା କାହିଁକି ଡ଼େରି ଆପଣଙ୍କ ବ୍ରାହ୍ମଣ, ଅବଧାନ ଓ ବାରିକଙ୍କୁ କୁହନ୍ତୁ ସେ ବେଦୀକୁ ଆସିବେ । ଏତକ କହୁଥାନ୍ତି ସତ ସବୁ ଯେମିତି ଚୋରାଳୁଚା ବେପାର ପରି ତାଙ୍କୁ ଲାଗୁଥାଏ ଛାତି ଭିତରଟା ଥରି ଉଠୁଥାଏ କାଳେ କିଏ ବନ୍ଦ କରିଦେବ ।

ଏ ପଟରେ ମନ୍ଦାକିନୀ ବୀଣାକୁ କହିଲେ, ମାଆଲୋ ତୁ କଣ ଚାହୁଁନା ତୋ ନଣନ୍ଦଟି ବାହା ହେଉ ବୋଲି । ବୀଣା କିଛି ବୁଝି ପାରିଲାନି, କଣ କହୁଛନ୍ତି ବୋଉ ମୁଁ କିଛି ବୁଝିପାରୁନି । ମାଆ ମୁଁ କଣ କହୁଥିଲି କି ତୁ ତ ଜାଣୁ ସେମାନେ ତୋତେ ଦେଖି ରାଜି ହୋଇଛନ୍ତି, ତେଣୁ ସେହି ଅନୁସାରେ ବେଦୀ ଉପରକୁ ତୋତେ ଯିବାକୁ ପଡ଼ିବ ତା ପରେ ବାହାଘର ସରିଗଲେ ମିନତିକୁ ବର ସହିତ ବିଦା କରିଦେବା । ବୋଉ ଆପଣ କଣ କହୁଛନ୍ତି ମୁଁ ଯେ ବିବାହିତା ଅଥଚ ଆଉ ଥରେ ବେଦୀରେ ବସିବି ? ଘର ଭିତରକୁ ପଶିଆସି ହରେକୃଷ୍ଣ ବାବୁ କହିଲେ- ସେଥିରେ କଣ ଅଛି ବୀଣା ଏହାଠାରୁ କାହିଁ କେତେ କେତେ ଘଟିଯାଉଛି, ଇଏତ ସାମାନ୍ୟ । ବୀଣା ଚମକି ଉଠି କହିଉଠିଲା ସାମାନ୍ୟ । ବାପା ଆପଣ ଏହା କହିପାରିଲେ ? ଘର ଭିତରକୁ ପଶିଆସି ସୀତାକାନ୍ତ ବୀଣାକୁ କହିଲେ ସାମାନ୍ୟ ନୁହଁତ ଆଉ କଣ ତୁମେ କଣ ଚାହଁନା ମିନତି ବାହା ହେଉ ବୋଲି, ଯଦି ଚାହଁ ତେବେ ତୁମକୁ ବେଦୀ ଉପରକୁ ଯିବାକୁ ପଡ଼ିବ । ସ୍ୱାମୀଙ୍କର ଏପରି କଥା ଶୁଣି ଦୁଃଖରେ ଭାଙ୍ଗି ପଡ଼ିଲା ବୀଣା, କାହାକୁ କହିବ ସବୁ ଯେ ତାର ଭାଗ୍ୟ । ଛି ଛି କେତେ ନୀଚମନା ସବୁ ଏମାନେ, ଯାହାକୁ ହୃଦୟ ଆସନରେ ଦେବତା କରି ପୂଜା କରୁଛି ସେହି ସ୍ୱାମୀ ଆଜି ତାକୁ

Digitized by PPRACHIN, SOA

ଅଧର୍ମ, ଅନ୍ୟାୟ କର୍ମ କରିବାକୁ ପ୍ରବର୍ତ୍ତାଉଛନ୍ତି । ପୁଣି ମନରେ ଭାବନା ଆସେ ନା ସ୍ୱାମୀଙ୍କ କଥାକୁ ସେ କେବେ ଭାଙ୍ଗିବନି କାରଣ ସ୍ୱାମୀ ଯାହା କହିବେ ସ୍ତ୍ରୀ ସେହି ଅନୁସାରେ ଯିବା ଉଚିତ୍, ସେ ବା କାହିଁକି ବାରଣ କରିବ ବେଦୀ ଉପରକୁ ଯିବାକୁ ପ୍ରସ୍ତୁତ ଅଛି ବୋଲି ରାଜି ହୋଇଗଲା ବୀଣା । ଦାଣ୍ଡରୁ ଭାସି ଆସିଲା ଯୋଡ଼ି ନାଗରା ମହୁରୀର ଶବ୍ଦ ।

ସବୁ ନୀତିନିୟମ ଭିତରେ ବାହାଘର ଆରମ୍ଭ ହେଲା । ବୀଣା ଓ ମିନତି ଯେଉଁ ଘରେ ଥାଆନ୍ତି ତା ଭିତରକୁ କେବଳ ବାରିକିଆଣୀ ବ୍ୟତୀତ ଆଉ କିଏ ଯାଉ ନ ଥାନ୍ତି । ବରଯାତ୍ରୀମାନେ ବେଦୀ ଚାରିକଡ଼େ ଚେୟାର ଉପରେ ବସିଥାନ୍ତି, କେଇଟା ଥଟ୍ଟାଳିଆ ଦିଅର ହିସାବ୍ ହେବେ ସେମାନେ ଝିଅ ଯେଉଁଘରେ ବସିଥାଏ ସେ ଘରକୁ ଦେଖିବାକୁ ଗଲାବେଳେ ଦୁଆର ମୁହଁରେ ମନ୍ଦାକିନୀକୁ ଦେଖି ଫେରି ଆସୁଛନ୍ତି । ବାହାଘର ସରିବା ଉପରେ ହୋଇଗଲାଣି, କହିବାକୁ ଗଲେ ହାତ ଗଣ୍ଠିଟି ଖାଲି ବାକି ଅଛି । ଏତେବେଳଯାଏଁ ସବୁ ଲୁଚାଛପା କାମ ଚାଲୁଥିଲା, ସତେ ଯେପରି କିଏ ଜାଣିପାରୁନଥାନ୍ତି । ତା ପରେ ବରକନ୍ୟାଙ୍କର ହାତଗଣ୍ଠି ପଡି ବେଦୀ ଚାରିପାଖେ ସାତଥର ବୁଲିବା ବେଳକୁ ବିକାଶ କାନରେ ତାର ସାଙ୍ଗ ଜଣେ କଣ କହିବାକୁ ଲାଗିଲା । ଏତିକି ବେଳକୁ ଧୁରନ୍ଧର ଚିଡ଼ିବାକୁ ଲାଗିଲେ ଆରେ ବାହାଘର ସରିଯାଉ କଥା ହେବ । ବିକାଶର ମୁହଁ ବାହାଘର ଉପାସିଆ ତଥା ହୋମରେ ଯେତିକି କଳା ପଡ଼ିଥିଲା ତାଠାରୁ ଅଧିକ ଲାଲ୍ ହୋଇଗଲା । ବରକନ୍ୟା ଘରକୁ ଯିବାତ ଦୂରର କଥା । ସାଙ୍ଗେ ସାଙ୍ଗେ ତା ସାଙ୍ଗମାନଙ୍କୁ କହି ଯେମିତି ବୀଣା ସହିତ ବିକାଶର ଲୁଗାରେ ଗଣ୍ଠି ପଡ଼ିଛି କାର୍‌ରେ ଯାଇଁ ବସିପଡ଼ିଲେ । ବେଦୀପାଖରେ ବିକାଶ ପିତା ବନମାଳୀ ବାବୁ ଏମିତି ତାଙ୍କ ସପକ୍ଷର ପୁରୁଖା ଲୋକମାନେ ବାରଣ କରୁଛନ୍ତି, ଆରେ ବିକାଶ ତୁ କୁଆଡ଼େ ଯାଉଛୁ ବର୍ତ୍ତମାନ କଣ ବିଦାବିଦି ବେଳ ? କିନ୍ତୁ କାହାକଥା ମାନିଲା ନାହିଁ ବିକାଶ । ହରେକୃଷ୍ଣ ବାବୁ ଓ ସୀତାକାନ୍ତ ଆଶ୍ଚର୍ଯ୍ୟ ଓ ଭୟରେ କହିଲେ ଇଏ କଣ ହେଉଛି ବିକାଶ ତୁମେ ବାହାଘର ସରୁ ସରୁ ଯାଇଁ କାର୍‌ରେ ବସିଗଲ ।

ଧୁରନ୍ଧରର ମୁଣ୍ଡ ଘୁରିଗଲା ତାକୁ ଚାରିଦିଗ ଅନ୍ଧାର ଦିଶିଲା । କିଛି ବୁଦ୍ଧି ନ ପାଇ ସରପଞ୍ଚଙ୍କ ପାଖକୁ ଦୌଡ଼ିଲା ସରପଞ୍ଚେ ସେହି ଗାଁ ମୁଣ୍ଡ ଚାନ୍ଦିନୀ ଉପରେ ବସି ସେମିତି ଗଂଜେଇ ଚିଲମର ଆସର ଭିତରେ କୁଟୁଳିଆ ନୀତି ପ୍ରୟୋଗ କରି ଚାଲିଛନ୍ତି । ସେ କଣ ସହଜେ ଛାଡ଼ନ୍ତି ତାଙ୍କର ଠିକ୍ ବଦଲା ନେଇଛନ୍ତି । ଜ୍ୱାଇଁ ଏମିତି ଝିଅକୁ ନେଇ ଗାଡ଼ିରେ ବସିଲା ବେଳକୁ ବାହାଘର ଦେଖିବାକୁ ଠିଆ ହୋଇଥିବା ଲୋକେ ନାନା କଥା ବାର୍ତ୍ତାହେଲେ ବିକାଶକୁ ଦେଖେଇ ଦେଖେଇ ବହୁତ କଥା କହିଗଲେ ଏମିତିକି ବନମାଳୀ ବାବୁଙ୍କୁ । କିନ୍ତୁ ବିକାଶ ଚୁପ୍ ରହି

Digitized by PPRACHIN, SOA

ଯାଉଥାଏ । ଯେତେବେଳେ ସୀତାକାନ୍ତ କହିଲେ ଏହା ଭଲ ହେଲା ନାହିଁ ବିକାଶ ତୁମେ କଣ କରିବାକୁ ଚାହଁ । ସେତିକି ବେଳେ ବିକାଶ ବୀଣା ମୁଣ୍ଡରୁ ଓଢ଼ଣା କାଢ଼ି ଦେଲେ ଦେଖତ ଭାଇ ଏ ମୋ ସ୍ତ୍ରୀ ମିନତି ନାଁ ତୁମ ସ୍ତ୍ରୀ ତଥା ମୋ ଭାଉଜ ବୀଣା । ଠିଆ ହୋଇଥିବା ଲୋକେ ଚକିତ ହୋଇଗଲେ । କୁହାରଟନାର ସୀମାଟପିଗଲା । ସୀତାକାନ୍ତ ଓ ହରେକୃଷ୍ଣ ବାବୁଙ୍କୁ ଯିଏ ଯେତେ ପ୍ରକାର କଥା କହିଲେ । ଠିକ୍ ସେତିକି ବେଳେ ବିକାଶ ଡ୍ରାଇଭରକୁ କହି ଗାଡ଼ି ଷ୍ଟାର୍ଟ କରି ନେଇ ନିଜର ଘରକୁ ପଳେଇଲେ । ଏହା ଶୁଣି ମିନତିର ହୋସ୍ ବୁଡ଼ିଗଲା । ମନ୍ଦାକିନୀ ଯେମିତି ଦ୍ୱାର ପାଖରେ ବସିଥିଲେ ସେମିତି । ବନମାଳୀ ବାବୁ କିଛି ବୁଝିପାରିଲେନି ଅବୁଝା ପରି ଚାହିଁ ରହିଲେ । ଠିକ୍ ସେତିକି ବେଳକୁ ଧୁରନ୍ଧର ଦୌଡ଼ି ଦୌଡ଼ି ଆସି ପହଞ୍ଚିଲା ହରେକୃଷ୍ଣ ବାବୁ ସବୁମୂଳରେ ଆମ ସରପଞ୍ଚ । ହରେକୃଷ୍ଣବାବୁ ଓ ସୀତାକାନ୍ତ ସରପଞ୍ଚଙ୍କ ଉପରକୁ ରାଗି ପଞ୍ଚମ । କିନ୍ତୁ ସରପଞ୍ଚ ବାସୁଦେବ ଶତ୍‌ପଥୀ, ହରେକୃଷ୍ଣ ବାବୁଙ୍କ ଦାଣ୍ଡକୁ ଆସି ସବୁ ଗୁମର କହିଲେ; ବନମାଳୀ ବାବୁଙ୍କୁ । ବୁଝିଲେ ବନମାଳୀ ବାବୁ ଆଜି ଆପଣଙ୍କ ପୁଅର ଜୀବନ ନଷ୍ଟ ହୋଇଛି ଜାଣନ୍ତି । ଏହି ହରେକୃଷ୍ଣ ବାବୁ ଆପଣଙ୍କୁ ଧୋକ୍‌କା ଦେବାପାଇଁ ନିଜ ବୋହୂ ବୀଣାକୁ ବେଦୀ ଉପରକୁ ଆଣି ଆପଣଙ୍କ ପୁଅ ସହିତ ବିଭା ଦେଇ ମିନତିକୁ ଆପଣଙ୍କ ପୁଅ ସହିତ ପଠେଇ ଥାଆନ୍ତେ । ଆଉ ଜାଣନ୍ତି ଏତକ ମୂଳରେ ସବୁ ହେଉଛି ଏହି ଧୁରନ୍ଧର । ଧୁରନ୍ଧର ଏତକ ଶୁଣି ମୁହଁ କଳାକାଠ ପଡ଼ିଗଲା । ଆଉ ସମ୍ଭାଳି ହୋଇ ପାରିଲାନି ସୀତାକାନ୍ତ, ସରପଞ୍ଚ ବାସୁଦେବ ଶତ୍‌ପଥୀଙ୍କ ସାର୍ଟଟାକୁ ଧରିଦେଲା । ତା ପରେ ତ ସୁବର୍ଣ୍ଣପୁର ଗାଁଟା କମ୍ପିଲା ଖଣ୍ଡପ୍ରଳୟରେ । ବାସୁଦେବ ଶତ୍‌ପଥୀ ଦଳ ଓ ହରେକୃଷ୍ଣବାବୁଙ୍କ ଦଳ ମଧ୍ୟରେ କିଛି ସମୟ ପାଇଁ ସଂଘର୍ଷ ଲାଗିଲା । ଏହା ଦେଖି ବନମାଳୀବାବୁ ଏବଂ ତାଙ୍କ ବରଯାତ୍ରୀ ଗାଡ଼ିରେ ବସି ଗାଁ କୁ ପଳେଇ ଗଲେ । ଶୁଭ କାମରେ ଅଶୁଭର ସଂକେତ । ଦୁଇଦଳଙ୍କ ଭିତରେ ସଂଘର୍ଷ ଫଳରେ ସୀତାକାନ୍ତ ଓ ହରେକୃଷ୍ଣ ବାବୁଙ୍କ ମୁଣ୍ଡ ଫାଟିଯାଇଛି ଏବଂ ସେପଟ ଦଳରୁ ଖଣ୍ଡିଆଖାବରା ଏମିତିକି ହଣାହଣି ଫଳରେ କାହା ହାତ ତ କାହା ଗୋଡ଼ । ସୁବର୍ଣ୍ଣପୁର ରାତି ତିନିଟାଠାରୁ ସକାଳ ପାଞ୍ଚଟା ଯାଏଁ ଗୋଟିଏ ଯୁଦ୍ଧ କ୍ଷେତ୍ରରେ ପରିଣତ ହୋଇଗଲା । ଏହି ସଂଘର୍ଷ ଫଳରେ କେହି ଯଦିଓ ମୃତାହତ ହୋଇ ନାହାଁନ୍ତି କିନ୍ତୁ ଗୁରୁତର ଭାବେ ଆହତ ହୋଇଛନ୍ତି । ଆଉ କିଛି ସମୟ ଧରି ଚାଲିଥାନ୍ତା କିନ୍ତୁ ବନମାଳୀ ବାବୁ ନିଜଗାଁକୁ ଯିବା ସମୟରେ ପୋଲିସ୍‌ଥାନାରେ ଖବର୍ ଦେଇ ନିଜ ଘରକୁ ପଳେଇଲେ ।

ଏହି ସଂଘର୍ଷ ଚାଲିଥିବା ବେଳେ ପୋଲିସ୍ ପହଞ୍ଚି ଅବସ୍ଥାକୁ ଶାନ୍ତକରି ଆହତ ଲୋକମାନଙ୍କୁ ମେଡ଼ିକାଲକୁ ନେବାର ବ୍ୟବସ୍ଥା କରି ଦୁଇଦଳ ମୁଖିଆଙ୍କ

Digitized by PPRACHIN, SOA

ନାମରେ ମକଦ୍ଦମା ରଜୁ କରି ଥାନାକୁ ନେଇଗଲେ । ସୀତାକାନ୍ତ ଓ ହରେକୃଷ୍ଣଙ୍କ ଅବସ୍ଥା ଅସମ୍ଭାଳ ପୁଣି ପୋଲିସ୍ । ଏକଣ ହେଲା ଘରକୁ ଆସି ସୀତାକାନ୍ତ ଦେଖିଲା ତା ବୋଉ ଓ ଭଉଣୀ ଦୁଇଜଣ ଯାକ ବେହୋସ୍ କଣ କରିବ ? ପାଣି ଆଣି ଛିଞ୍ଚାଛିଞ୍ଚି କରି ଦୁହିଁଙ୍କୁ ଚେତା କରାଇଲା । ନିଜକୁ ଧିକ୍କାର କଲା ସୀତାକାନ୍ତ— ତାରି ପାଇଁ ଆଜି ଏତେ ସଂଘର୍ଷ ସେ ଯଦି ବୀଣାକୁ କହି ନ ଥାନ୍ତା ତେବେ ଏତେ ପାଲା ଲାଗିନଥାନ୍ତା । ମିନତି ଭାଇଙ୍କର ଏପରି ଅବସ୍ଥା ଦେଖି ଲୁଗାରୁ ଖଣ୍ଡେ ଚିରି ପଟି ବାନ୍ଧି ଦେଲା । ହାଉଳୀ ଖାଇଲା ପରି ହେଉଥାଏ ଭାଉଜ କୁଆଡ଼େ ଗଲେ । ଶାଶୁ ମନ୍ଦାକିନୀ ସେ ମଧ୍ୟ ଏକା ଅବସ୍ଥା ସତେ ଯେମିତି ହୃଦୟରେ ଜୀବନ ନ ଥାଏ- ଖାଲି କହୁଥାନ୍ତି ବୀଣା ମୋ ବୋହୂ ବୀଣାକୁ ଫେରେଇ ଆଣେରେ ସୀତାକାନ୍ତ ଏହା କହି ବେହୋସ ହୋଇ ପଡୁଥାନ୍ତି । ତେଣେ ହରେକୃଷ୍ଣ ବାବୁ ଯାଇ ଥାନାରେ । ବାହାଘରର ଜିନିଷ ପତ୍ର ଯେ ଯେଉଁଠାରେ ପଡ଼ିଛି ସେମିତି । ଏଯାଏଁ ବି ବେଦୀ ଉପରୁ ହୋମ ନିଆଁଟା ଲିଭିନାହିଁ । ଚାହୁଁ ଚାହୁଁ ଦିନ ଦଶଟା ବାଜିଲା । ସାହି ପଡ଼ିଶାଏ ଆସି କେତେ କଥା ଯାହା ମନକୁ ଯାହା ଆସିଲା ତାହା କହି ଦେଉଥାନ୍ତି । ସବୁ ଶୁଣି ନୀରବ ହୋଇ ଆଖିର ଲୁହ ଗଡ଼ାଇଥାନ୍ତି ସୀତାକାନ୍ତ, ମନ୍ଦାକିନୀ ଓ ମିନତି ।

x x x x x x x

ରତନପୁରରେ ପହଞ୍ଚିଗଲା ବରବୋହୂଙ୍କର କାର୍ ଟା ଯେମିତି, ସେତେବେଳକୁ ଦିନ ଆଠଟା ସରିକି ହେବ । ଗାଁର ଝିଅ ବୋହୂମାନେ ନୂଆ ବୋହୂଟିକୁ ଦେଖିବାଲାଗି ଧାଇଁଲେ ବନମାଳୀ ବାବୁଙ୍କ ଘରକୁ । ବନମାଳୀବାବୁଙ୍କ ଘର ସାମ୍ନାରେ କାର୍ ପହଞ୍ଚିଲା । ଘରୁ ବାହାରି ଆସିଲେ ସାତମାଇପେ ହାତରେ ଧରିଥିବା ଥାଳି । ତହିଁରେ ରହିଛି ଦୁବ, ବରକୋଳିପତ୍ର, ଅରୁଆଚାଉଳ, ଗୁଆ, ନଡ଼ିଆ ଏବଂ ଘିଅବତୀ । ନୂଆ ବୋହୂକୁ ଏବଂ ପୁଅକୁ ଘରକୁ ବନ୍ଦେଇ କରି ନେବାକୁ ପଡ଼ିବ, ଏହାତ ବିଧି । କାର୍‌ରୁ ଓହ୍ଲେଇ ପଡ଼ିଲେ ବିକାଶ ଏବଂ ଦୁଇଜଣ ତାର ସାଙ୍ଗ କିନ୍ତୁ ବୀଣାର ସେତେବେଳକୁ ହୋସ୍ ନ ଥାଏ । କାରଣ ଯେତେବେଳେ ତାକୁ ଜବର୍‌ଦସ୍ତ ବିକାଶ ଓ ତାର ସାଙ୍ଗମାନେ କାର୍‌ରେ ଆଣି ବସେଇଲେ ସେତେବେଳେ କଣ ଗୁଡ଼ାଏ ଭାବିପକାଇ ତାର ଦାନ୍ତ ପାଟି ପଡ଼ିଯାଇଛି । ସେମିତି ମୁଣ୍ଡରେ ମକୁଟ ଓ ଓଢ଼ଣୀ ପଡ଼ିଛି କିଏ କାହିଁ ଏତେକଥା ଦେଖୁଛି କାର୍‌ର ସିଟ୍‌କୁ ଆଉଜି ବସିଥାଏ । ଯେତେବେଳେ ତାକୁ ଓହ୍ଲେଇବା ପାଇଁ କୁହାଗଲା ଏମିତିକି ବାରିକିଆଣୀ ଦୌଡ଼ିଗଲା ନୂଆ ବୋହୂଟିକୁ ଗାଡ଼ିରୁ ବାହାର କରିବାପାଇଁ- ବୀଣାକୁ ବେହୋସ୍ ଥିବାର ଦେଖି ପାଟିକରି କହିଲା ହଇହୋ ବାବୁ ଆପଣମାନେ ଗାଡ଼ିରେ

Digitized by PPRACHIN, SOA

ଆସୁଥିଲେ ବୋହୂଟିକୁ ଟିକିଏ ବାଟରେ ଦେଖିଲେନି, ତାପରେ ମୁହଁରେ ପାଣିଛାଟି ସାଷ୍ଟାମ କଲେ । ସେବା କାହିଁ ଜାଣିବ ଯେନତେନ ଉପାୟରେ ବୀଣାକୁ ଟେକି କରି ଆଣିଲେ, ଦୁଆର ମୁହଁରେ ଯେତେବେଳେ ପୁଅ ବୋହୂଙ୍କ ବନ୍ଦେଇବାକୁ ସାତମାଇପେ ଆସିଲେ ସେତେବେଳକୁ ବିକାଶ ରାଗିଉଠି କହିଲା- ନାଁ ଏ ବନ୍ଦାପନା ହୋଇପାରିବନି । ବିକାଶର ଏପରି ବୁଦ୍ଧି ଶୁଣି ତାର ବୋଉ ନେତ୍ରମଣି କହିଲେ ଆରେ ବିକାଶ ତୁ ଆଜିକାଲିକା ଢ଼ଙ୍ଗ କଣ ବାହାର କରୁଛୁ, ଇଏ ପରା ଆମ ଚଉଦ ପୁରୁଷର ପରଂପରା । ରହ ବିକାଶ ଟିକିଏ ରହ । ବିକାଶ କାହା କଥା ନ ମାନି ଘର ଭିତରକୁ ପଶିଗଲା ତା ପଛରେ ବୀଣା । ଏ କଣ ତୁ କଲୁ ବିକାଶ ! ନେତ୍ରମଣିଙ୍କ ଆଖିରୁ ଲୁହ ଧାର ବୋହିଗଲା । ଗାଁ ଗାଉଁଲୀର ଝିଅବୋହୂ ଏମିତିକି ସାହିର ମାଇପେ କୁଣିଆ ସମସ୍ତେ ତାଟଙ୍କା ହୋଇଗଲେ । ବିକାଶ ରାଗିଯାଇ ତା ବୋଉକୁ କହିଲେ- ବୋଉ ତୁ ଝିଅକୁ ଠିକ୍ ଦେଖି ମୋ ପାଇଁ ବାହାଘର କରିବାକୁ ରାଜି ହୋଇଥିଲୁ ନା ହରେକୃଷ୍ଣବାବୁଙ୍କ ବୋହୂକୁ । ନେତ୍ରମଣି ଆଶ୍ଚର୍ଯ୍ୟ ହୋଇ ପଚାରିଲେ ତୁ କଣ କହୁଛୁ ବିକାଶ ମୁଁ ମୋଟେ ତୋ କଥା ବୁଝିପାରୁନାହିଁ ? ଏହା କହି ବୀଣାର ଓଢ଼ଣୀଟା ଟେକିଦେଲେ- ହଁ ତ ମୁଁ ଏହାକୁ ଦେଖି ମୁଦି ଦେଇ ଆସିଥିଲି କାହିଁ କିଛି ତ ଗୋଳମାଳ୍ ହୋଇନାହିଁ ସବୁ ଠିକ୍ ଏ ସେହି ଝିଅ । ବିକାଶର ରାଗ ଅଧିକ ହୋଇଗଲା ତୁ ମୋର ବୋଉ ହୋଇ କହୁଛୁ କଣ ନା ସେହି ଝିଅ । ବୀଣା ପାଖକୁ ଚାଲିଆସି ବିକାଶ କହିଲା ଏ ଝିଅ ନୁହେଁ ବୋଉ ଏ ହେଉଛି ହରେକୃଷ୍ଣ ବାବୁଙ୍କର ବୋହୂମାନେ ସୀତାକାନ୍ତ ବାବୁଙ୍କର ସ୍ତ୍ରୀ । ସାଙ୍ଗେ ସାଙ୍ଗେ ବିକାଶର ସାଙ୍ଗ ରାଜୀବ କହି ଉଠିଲେ ହଁ ମାଉସୀ ଏହା ଠିକ୍ କଥା । ହରେକୃଷ୍ଣ ବାବୁ ତାଙ୍କ କାଳି ଏବଂ ଫାଇଲେରିଆ ଝିଅକୁ ବାହାଦେଇ ନ ପାରିବାରୁ ଗୋଟିଏ ଚାଲ୍ କରି ଆପଣଙ୍କୁ ତାଙ୍କ ବୋହୂକୁ ଦେଖାଇ ଏପରିକି ବେଦୀରେ ବି ତାଙ୍କ ବୋହୂକୁ ବସାଇ ବିକାଶ ସହିତ ବାହା କରିଦେଇ ତା ପରେ ତାଙ୍କର ସେହି ଝିଅଟାକୁ ପଠେଇ ଦେଇଥାନ୍ତେ । କିନ୍ତୁ ତା ଆଗରୁ ଆମେ ତାଙ୍କ ଗାଁ ସରପଞ୍ଚଠାରୁ ସବୁ କଥାଶୁଣି ବେଦୀଉପରୁ ଉଠାଇ ନେଇ ଆସିଲୁ । ତା ପରେ ଜଣେ ସେଠାରେ ଥାଇ କହିଲା ଏଥିରେ ତ କିଛି ଭୁଲ୍ ହୋଇନାହିଁ କାରଣ ଯେହେତୁ ବିକାଶ ଅଗ୍ନିକୁ ସାକ୍ଷୀରଖି ହରେକୃଷ୍ଣବାବୁଙ୍କ ଝିଅ ହେଉ ବା ବୋହୂକୁ ବାହା ହୋଇଛି ତେଣୁ ବିକାଶ ତାକୁ ସ୍ତ୍ରୀ ବୋଲି ଭାବିବା ଦରକାର୍ । ବିକାଶ ରାଗି ଉଠିଲା- ଥରେ ଗୋଟିଏ ଝିଅ ବାହା ହୋଇଗଲା ପରେ ସେ କଣ କେବେ ଆଉ ଥରେ ଆଉଜଣଙ୍କର ବିବାହିତା ପତ୍ନୀ ହୋଇପାରେ ? ନା ଏହା ଅସମ୍ଭବ । ତା ପରେ ଜଣେ ଲୋକ ସେଠାରେ କହିଉଠିଲା ତେବେ ବିକାଶ ତୁ ଯଦି ଏହା ସବୁ ଜାଣିଲୁ, ଜାଣିଲା ପରେ କିଭଳି ଏ ନିରୀହା

Digitized by PPRACHIN, SOA

ବୋହୂଟିକୁ ଧରି ତୋ ସାଥିରେ ଆସିଲୁ । ମୁଁ ଆଣିଛି କେବଳ ସେ ବାପ, ପୁଅ ଦୁଇଟାଙ୍କୁ ଉଚିତ୍ ଶିକ୍ଷା ଦେବାକୁ । ଜାଣନ୍ତୁ ସମସ୍ତେ ଏମିତି ଯେମିତି ଆଉ କିଏ କେବେ ନ କରେ । ସେତିକି ବେଳେ ବନମାଳୀ ବାବୁ ଏବଂ ଅନ୍ୟ କେତେ ଜଣ ବନ୍ଧୁବାନ୍ଧବ ଓ ଗାଁ ବାଲା ଆସି ଗାଡ଼ିରେ ପହଞ୍ଚିଗଲେ । ସେମିତି ଠିଆ ହୋଇଛି ବୀଣା- ସତେ ଯେପରି ସାଉଁଳିଆ ଲତାଟି ପରି । ଆଖିରୁ ତାର ଲୁହର ଧାର । ବନମାଳୀ ବାବୁ, ନେତ୍ରମଣିଙ୍କୁ କହିଲେ ଏ ଝିଅଟି କଣ ଦୋଷକଲା ନେତ୍ରମଣି ନିଅ ଯାକୁ ଘରେ ବସାଅ, ତା କଥା ବୁଝ । ତା ପରେ ନେତ୍ରମଣି ମୁହଁ ଛିଞ୍ଚାଡ଼ି କହିଲେ, ସବୁ ତୁମ ଦୋଷ । ବନମାଳୀ ବାବୁ ମଧ୍ୟ କହିଲେ ମୋର କଣ ଏକା ଦୋଷ ଦୁଇଜଣଙ୍କର ଏଥିରେ ଦୋଷ । କିଏ ବା ଜାଣିଥିଲା ଏ ଦୁନିଆରେ ବି କନିଆରେ ଭେଜାଲ୍ ଅଛି ବୋଲି । ତାପରେ ନେତ୍ରମଣି ବୀଣାକୁ ନେଇ ଘରେ ବସେଇ ସରବତ୍ ପିଇବାକୁ ଦେଲେ । ଝିଅକୁ କହିଲେ ତୁ ଯା କଥା ବୁଝ । ଏହାରବା କଣ ଦୋଷ । ବିକାଶକୁ ବୁଝାସୁଝା କଲେ ବନମାଳୀବାବୁ କିନ୍ତୁ ବିକାଶ ମାନିଲା ନାହିଁ, ତାର ସାଙ୍ଗମାନେବି ରାଗିଯାଇଛନ୍ତି । ବନମାଳୀ ବାବୁ ଧୀରସ୍ଥିର ହେବାକୁ ସମସ୍ତଙ୍କୁ କହିଲେ । ଏଥିରେ ରାଗିବାର କଣ ଅଛି ଯାହା ହୋଇଯାଇଛି ତାହା ଆଉ ଫେରି ଆସି ପାରିବନାହିଁ ମାନେ ''ବହିଗଲା ପାଣି କଣ କେବେ ଫେରିଆସେ ?''

ସମସ୍ତେ ମାନିନେଲେ ବନମାଳୀବାବୁଙ୍କ କଥାକୁ । ଗାଁଟା ସାରା ଟୁପୁରୁ ଟାପରା- ଦେଖହୋ ବନମାଳୀବାବୁ ପୁଅ ବାହା କଲେ ଯେ ବୋହୂ ତ ଆଣିବା ଦୂର କଥା ଗୋଟିଏ ଦୋହଡ଼ି ବୋହୂ ଆଣିଲେ । ସବୁ ଶୁଣି ନୀରବ ରହିଲେ ବନମାଳୀ ବାବୁ । ପାଖକୁ ଡ଼ାକି ବିକାଶକୁ କହିଲେ ଆଉ ବେଶି ସମୟ ଏ ନିରୀହା ନିର୍ଦ୍ଦୋଶୀ ବୋହୂଟିକୁ ଘରେ ରଖିବା ତୋ ପକ୍ଷରେ ଉଚିତ୍ ମନେ କରୁନି, ମୋ ପକ୍ଷରେ ମଧ୍ୟ ଅସମ୍ମାନ । କାର୍ ତ ଅଛି ତୁ ନେଇ ଛାଡ଼ି ଦେଇ ଆସ୍ । ବାପ ପୁଅ ଦୁହେଁ ବସି ଏପରି କଥାବାର୍ତ୍ତା ହେଉଥିଲା ଭିତରେ- ନେତ୍ରମଣି ଓ ତାଙ୍କ ଝିଅ ଏବଂ ସାହିର କେତୋଟି ଝିଅବୋହୂ ବୀଣାକୁ ପଚାରି ସବୁକଥା ବୁଝିନେଲେ । ସିଆଡୁ ତ କମେଇ କମେଇ ଘର ଭିତରୁ ଦୁଆରକୁ ଆସିଲେ ନେତ୍ରମଣି, କୁଆଡ଼େ ଗଲା ସେ ବାଡ଼ିପଶା ଭଲଲୋକୀ ଧୁରନ୍ଧର । ସେ ଯୋଗଣୀଖିଆ କଣ ନ କଲା ମୋତେ ନେଇ ଭେଜାଲ୍‌ରେ ପକାଇଲା । ବନମାଳୀ ବାବୁଙ୍କ ଉପରକୁ ବି ଖପ୍‌ପା ହୋଇ ନେତ୍ରମଣି କହିଲେ- ତୁମ ସମୁଦି ଓ ସମୁଦିଆଣୀ କେତେ ଭଜେଇ ରସେଇ ମନକୁ ମୋହି କଥା କହୁଥିଲେ । ଆରେ ବିକାଶ ନେଇ ଯାଆ ତାଙ୍କ ଟଙ୍କା ଓ ବୀଣାକୁ ଦେଇଆସିବୁ । ବନମାଳୀବାବୁ ସ୍ତ୍ରୀଙ୍କୁ ଚୁପ୍ ରହିବାକୁ କହିଲେ । ହେଲେ

Digitized by PPRACHIN, SOA

ସ୍ତ୍ରୀ କଣ ଚୁପ୍ ରହିବାର କଥା ପାଟି କରି କହେଇ ଯାଉଥାନ୍ତି । ବିକାଶ କିନ୍ତୁ ପୁଣି ଥରେ ଯିବାକୁ ସୁବର୍ଣ୍ଣପୁର ନାରାଜ ହେଲା । ସେ ଭାବିଲା ଗୋଟିଏ ଜିଦ୍‌ରେ ସିନା ଘେନି ଆସିଲା ହେଲେ କଣ ହେବ । ଚାହୁଁ ଚାହୁଁ ସେଦିନ ରାତିଟି କଟିଗଲା କିଛି ଜିଦ୍ ଖୋର୍ ଭାବନା ଭିତରେ । ବୀଣାର ସେମିତି ସେଦିନ ରାତିଟି କଟିଗଲା ନେତ୍ରମଣିଙ୍କ ସ୍ନେହ ଓ ଶ୍ରଦ୍ଧାରେ ।

(ବାଇଶି)

ଏପଟେ ରଂଜନ ବାବୁ ଓ ରାଜେଶ ବାବୁ ଦୁଇ ସମୁଦି ହୋଇ ଯାଇଛନ୍ତି । ଆଡ଼ମ୍ବର ସହକାରେ ବିଭାଘର ନ ହୋଇ ନିରାଡ଼ମ୍ବର ସହକାରେ ମନ୍ଦିରରେ ବାହାଘର ସରିଛି ବିମଳ ଓ ରାନୀର । ପ୍ରମୋଦ ବାବୁ ଓ ସାଧୁମାଷ୍ଟ୍ରେ ବାହାଘରକୁ ଖୁସିମନରେ ଉପଭୋଗ କରିଛନ୍ତି । ସାଧୁମାଷ୍ଟ୍ରେଙ୍କ ଅବସ୍ଥା ଭଲ ଆଡକୁ ଆସିଛି । ଚାହୁଁଚାହୁଁ ସୁବର୍ଣ୍ଣପୁରର ଘଟଣାଟା ଖବରକାଗଜ ଓ ରେଡ଼ିଓ ଦ୍ୱାରା ବ୍ୟାପିଗଲା । ଏପରିକି ଅବସ୍ଥାଟା ଅସମ୍ଭାଳ ହୋଇପଡ଼ିବାରୁ ଏସ୍.ପି. ଓ କଲେକ୍ଟରଙ୍କ ପାଖକୁ ଖବର୍ ଆସିଲା । ସେଦିନ ରଂଜନବାବୁ ଓ ରାଜେଶ୍ ବାବୁ ଆଉ ଡ଼େରି ନ କରି ସୁବର୍ଣ୍ଣ ପୁରକୁ ଗଲେ କିଛି ପୋଲିସ୍ ଫୌଜ ସହିତ । ସେଠାରେ ଯାହା ଶୁଣିଲେ ଏବଂ ଦେଖିଲେ ରାଜେଶ୍ ବାବୁ ଯେତିକି ଦୁଃଖିତ ନୁହଁ ତାଠାରୁ ବେଶି ଦୁଃଖିତ ହୋଇପଡ଼ିଲେ ଏସ୍.ପି. ରଂଜନ ମାନସିଂହ । ଶେଷରେ ତାଙ୍କ ଝିଅ ବୀଣା ଭାଗ୍ୟରେ ଏହା ଥିଲା । ମନେ ମନେ ଭାବୁଥାନ୍ତି କିନ୍ତୁ କାହାକୁ କହୁ ନ ଥାନ୍ତି । ସୁବର୍ଣ୍ଣପୁରରେ ଯାହା କରିବା କଥା କରି ସୀତାକାନ୍ତଙ୍କୁ ଡ଼କେଇ ପଚାରିଲେ ରାଜେଶ୍ ବାବୁ ଓ ରଂଜନବାବୁ । ତୁମେ ଶେଷରେ ଏ କଣ କଲ ସୀତାକାନ୍ତ ? କଲେକ୍ଟରଙ୍କ ମୁହଁରୁ ଏତକ ଶୁଣି ନିଜକୁ ଦୋଷୀ ମଣିଲା ସୀତାକାନ୍ତ ତାଙ୍କ ନିକଟରେ । ରଂଜନବାବୁ ଆଉ କଣ ସମ୍ଭାଳି ହୋଇ ରୁହନ୍ତି ରାଗି ନାଲି ନାଲି ଆଖି କରି କହିଲେ- ତୁମେ ତୁମ ନିଜ ସ୍ତ୍ରୀକୁ ଅନ୍ୟ ଜଣଙ୍କ ସହିତ ବେଦୀରେ ବସାଇ ବାହା କରି ଦେଇ ପାରିଲ ? ଛି, ଛି ତୁମକୁ ମୁଁ କଣ କହିବି । ଏହା ଯେ ଆଇନ୍ ବିରୁଦ୍ଧ ତେଣୁ ମୋତେ କ୍ଷମା କରିବ । ମୁଁ ତୁମକୁ ବର୍ତ୍ତମାନ ଆରେଷ୍ଟ କରୁଛି । କିନ୍ତୁ ରାଜେଶ୍ ବାବୁ ରଂଜନ ବାବୁଙ୍କୁ କ୍ଷାନ୍ତ ହେବାକୁ କହି ସୀତାକାନ୍ତ ବାବୁଙ୍କ ଘରେ ତାଙ୍କ ବୋଉ ଓ ମିନତିଠାରୁ ସବୁ ଶୁଣି ସୀତାକାନ୍ତକୁ ଧରି ସେ ଓ ରଂଜନ ବାବୁ ରତନ ପୁର ଚାଲିଲେ । ଆସିଲା ବେଳେ ବାଟରେ ହରେକୃଷ୍ଣବାବୁଙ୍କୁ ଥାନାରେ ଦେଖାକରି ଆସିଲେ । ଯେତେବେଳେ ସେମାନେ ରତନପୁରର ବନମାଳୀବାବୁଙ୍କ ଘର ଦୁଆରେ ପହଞ୍ଚିଯାଇଛନ୍ତି ଗାଁଟା ସାରା ଲୋକ ଧାଇଁ ଆସିଲେ । କିଏ କେତେ କଥା କହି ଯାଉଥାଏ । ବନମାଳୀ ବାବୁ ସମ୍ମାନ ସହକାରେ ଘରକୁ ନେଇ ରାଜେଶ୍ ବାବୁ ଓ ରଂଜନବାବୁଙ୍କୁ

Digitized by PPRACHIN, SOA

ବସାଇଲେ । ସୀତାକାନ୍ତ ଯେମିତି ଗାଡ଼ିରେ ବସିଛି ଯେତେ ଥର କଲେକ୍ଟର ଓ ଏସ୍.ପି. ଡ଼ାକିଲେ ମଧ ସେ ଆସିଲାନାହିଁ । ସେତିକି ବେଳେ ବନମାଳୀବାବୁ କହି ଉଠିଲେ ଡ଼ାକନ୍ତୁ ନାହିଁ ବାବୁ ତାଙ୍କର କଣ ମୁହଁ ଅଛି ସେ ଯଦି ବୀଣାକୁ ନିଜ ସ୍ତ୍ରୀ ବୋଲି ଭାବିଥାନ୍ତେ ତେବେ କାଲିଠାରୁ ତାଙ୍କ ସ୍ତ୍ରୀ ଆସି ଆମଘରେ ସେ ଆସି ନ ଥାନ୍ତେ । ଛି---ଛି ଆଜ୍ଞା ମୁଁ ଭାବୁଛି ଏ ଦୁନିଆ କଣ ନ ହେଉଛି, ପୁଣି ଝିଅରେ ଭେଜାଲ୍ । ରଂଜନବାବୁଙ୍କ ଛାତି ଭିତରଟା ଧଡ୍‌ଧଡ୍ ହେଉଛି, ମନରେ କ୍ରୋଧାଗ୍ନି ଶିଖାଟା ଦୁଇ ଆଖିରେ ଧପ୍‌ଧପ୍ ହୋଇ ଜଳୁଛି- ସେ ବନମାଳୀ ବାବୁଙ୍କୁ କହିଲେ ଆପଣ କିନ୍ତୁ ଭଲ କଲେନି ଯଦି ଜାଣିଲେ ଯେ ହରେକୃଷ୍ଣବାବୁ ଝିଅ ବଦଳରେ ବୋହୂକୁ ବାହା ଦେଉଛନ୍ତି ଆପଣଙ୍କ ପୁଅ ସହିତ ସେଇଠି ତ ପୋଲିସ୍‌କୁ ଖବର ଦେଇଥାନ୍ତେ- କିନ୍ତୁ ବଡ଼ ଭୁଲ୍ କଲେ ଆପଣ । ସୀତାକାନ୍ତ ବାବୁଙ୍କ ସ୍ତ୍ରୀକୁ ଜବରଦସ୍ତ ଆଣିଥିବାରୁ ମୁଁ ଆପଣଙ୍କ ନାମରେ କେସ୍ କରୁଛି । ମୋର କିଛି ଅପରାଧ ନାହିଁ ଆଜ୍ଞା- ଆଜିକାଲିର ଟୋକା ଟାକାଳିଆ କଥା ତ ଆପଣ ଜାଣନ୍ତି ମୁଁ ତ ବହୁତ ସେଠି ବାରଣ କରିଛି କିନ୍ତୁ କେହି ମାନିଲେ ନାହିଁ ପୁଅ ମୋ ବୀଣାକୁ ଗୋଟିଏ ଜିଦିରେ ନେଇ ପଳେଇ ଆସିଲା । ତା ପରେ ମୁଁ ବାଧ ହୋଇ ପୋଲିସ୍‌କୁ ଖବର ଦେଇ ବୀଣାକୁ ନେଇ ସୁବର୍ଣ୍ଣ ପୁରରେ ଛାଡ଼ି ଆସିବା ପାଇଁ କହିଛି । ରଂଜନ ବାବୁ ଧମକ୍ ସହକାରେ କହିଲେ- ତେବେ ଛାଡ଼ି ଆସିଲେ ନାହିଁ କାହିଁକି ? ଡ଼ାକନ୍ତୁ ଆପଣଙ୍କ ପୁଅକୁ । ବିକାଶ ଓ ତାର ସାଙ୍ଗମାନେ ଚାରି ପାଞ୍ଚ ଜଣ ଏସ୍.ପି. ଓ କଲେକ୍ଟରଙ୍କୁ ନମସ୍କାର କରି ପାଖରେ ଛିଡ଼ା ହେଲେ । ବହୁତ ଯୁକ୍ତିତର୍କ ଚାଲିଲା । କିଏ କେତେପ୍ରକାର ଯୁକ୍ତି ବାଢ଼ିଲା । ହେଲେ ରଂଜନବାବୁ ପୋଲିସ୍ ଲୋକ ସେ କଣ କାହାକୁ ସହଜରେ ଛାଡ଼ନ୍ତି ଗୁଡ଼େଇ ତୁଡ଼େଇ ପ୍ରଶ୍ନକରି ବିକାଶ ଓ ବନମାଳୀ ବାବୁଙ୍କ ଉପରେ ଦୋଷ ଲଦି ଦେଲେ, କେସ୍ କରିବାକୁ ଧମକ୍ ଦେଲେ । କିନ୍ତୁ କଲେକ୍ଟର ରାଜେଶ ବାବୁ ଥଣ୍ଡା ମୁଣ୍ଡରେ ବିଚାର କରି ଯାହା ଜାଣିଲେ ଏଥିରେ ବନମାଳୀ ବାବୁ କିମ୍ବା ବିକାଶର କାହାର ଦୋଷ ନାହିଁ । ଦୋଷ ବରଂ ହରେକୃଷ୍ଣ ବାବୁ, ତାଙ୍କ ସ୍ତ୍ରୀ, ଓ ସୀତାକାନ୍ତଙ୍କର ।

ମଣିଷ ଦିନକୁ ଦିନ ଏମିତି ବଦଳିପାରେ । ଧର୍ମ ନାମରେ ଅଧର୍ମର କାର୍ଯ୍ୟ କରିପାରେ । ସେ ନିଜକୁ ବିଶ୍ୱାସ କରିପାରିଲେ ନାହିଁ । ରଂଜନବାବୁ ବନମାଳୀ ବାବୁଙ୍କୁ କହିଲେ ଆମ୍ଭେ ବର୍ତ୍ତମାନ ବୀଣାକୁ ନେବାକୁ ଚାହୁଁଛୁ କଣ ଆପଣ ଫେରେଇବାକୁ ଚାହାଁନ୍ତି ନାଁ ନାହିଁ । ବନମାଳୀ ହସଟିଏ ହସି କହିଲେ ଆପଣଙ୍କୁ କଣ ମୁଁ ମନା କରିବି । ଘର ଭିତରକୁ ଯାଇ ବୀଣାକୁ ନେଇ ଆସିଲେ ଏବଂ ହାତରେ ପଚାଶ ହଜାର ଟଙ୍କା । ନିଅନ୍ତୁ ଆଜ୍ଞା ! ବୀଣାକୁ ଦେଖି ରଂଜନ ବାବୁଙ୍କ ହୃଦୟ

Digitized by PPRACHIN, SOA

ଭିତରଟା ସତେ ଯେପରି କଣ ହୋଇଗଲା । ଚୁପ୍ ରହିଲେ । ରାଜେଶ୍ ବାବୁ ଚାହିଁ ରହିଥାନ୍ତି ବୀଣାର ମୁହଁକୁ । ଏପଟେ ସୀତାକାନ୍ତ ଗାଡ଼ି ଭିତରେ ମୁହଁକୁ ତଳକୁ ପୋତି କଥାବାର୍ତ୍ତା ହେଉଥାନ୍ତି ପାଖରେ ବସିଥିବା ପୋଲିସ୍ ଗାର୍ଡ ଗୁଡ଼ିକ କେତେ ଠସଲି ହୋଇ ତାକୁ ଦେଖେଇ ଦେଖେଇ କଥା କହୁଥାନ୍ତି । ରାଜେଶ୍ ବାବୁ ସୀତାକାନ୍ତକୁ ଡ଼କେଇ ପଠେଇଲେ ସୀତାକାନ୍ତ ମୁହଁକୁ ତଳକୁ ପୋତି ଆସିଲା । ବୀଣାକୁ ଚାହିଁପାରିଲାନି ଲୁହର ଧାର ବୋହିପଡ଼ିଲା । ବୀଣା ସୀତାକାନ୍ତକୁ ଦେଖି ରାଗରେ ମୁହଁଟା ବୁଲିଗଲା- କିପରି ସୀତାକାନ୍ତକୁ ସ୍ୱାମୀବୋଲି ସମ୍ବୋଧନ କରିବ ? ଯାହାର ମାନ ସମ୍ମାନ ନାହିଁ ଯେ ନିଜ ସ୍ତ୍ରୀକୁ ଅନ୍ୟ ହାତରେ ଟେକି ଦେଇପାରେ। ସେ ଚାହିଁଲା ନାହିଁ ପୁଣି ଥରେ ସୁବର୍ଣ୍ଣପୁର ଫେରିଯିବାକୁ । ରାଜେଶ୍‌ବାବୁ ବୀଣାପାଖକୁ ଯାଇ କହିଲେ ମାଆ ତୋତେ ଫେରେଇ ନେବାକୁ ତୁମ ସ୍ୱାମୀ ସୀତାକାନ୍ତ ଆସିଛନ୍ତି । ବୀଣା ଆଖିରୁ ଲୁହଧାର ବୋହିଗଲା । ଆଶ୍ଚର୍ଯ୍ୟ ସହକାରେ ପଚାରିଲା ମୋତେ ଫେରେଇ ନେବାକୁ ମୋ ସ୍ୱାମୀ ? କିଏ ମୋ ସ୍ୱାମୀ ? ମୋ ସ୍ୱାମୀ ତ ଏଠାରେ ଛିଡ଼ା ହୋଇଛନ୍ତି (ବିକାଶକୁ ଦେଖେଇ କହିଲା) । ସେଠାରେ ଯେତକ ଛିଡ଼ା ହୋଇଥିଲେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ସୀତାକାନ୍ତର ମୁହଁ ତଳକୁ ହୋଇଗଲା । ସେ ଆଶ୍ଚର୍ଯ୍ୟ ହୋଇଗଲା । ଏବଂ ମନେ ମନେ ନିଜକୁ ଅତି ନଗଣ୍ୟ ମନେ କଲା ବୀଣା ସାମ୍ନାରେ । ଲାଜେଇଗଲା ବିକାଶ ସେ ମଧ ତଳକୁ ମୁହଁ କରି ଛିଡ଼ା ହେଲା । ରଂଜନ ବାବୁ ବୀଣାକୁ କଅଁଳେଇ ପଚାରିଲେ ମାଆ ତୁ ଏପରି କଣ କହୁଛୁ ? ବୀଣା କାନ୍ଦି କାନ୍ଦି କହିଲା ଆପଣତ ସବୁ ଶୁଣିଥିବେ ଏସ୍.ପି. ସାହେବ ଆଉବା ଅଧିକା କଣ କହିବି ? ମୁଁ କିନ୍ତୁ ଏଠାରୁ ଯିବିନାହିଁ । ରାଜେଶ୍ ବାବୁ ଆଶ୍ଚର୍ଯ୍ୟ ହୋଇଗଲେ ଯିବନାହିଁ ମାଆ ତେବେ ତୁମେ କଣ କହିବାକୁ ଚାହଁ । ମୁଁ ସବୁ କହିସାରିଛି ମୋର ଆଉ କିଛି କହିବାର ନାହିଁ ।

ରାଜେଶ୍ ବାବୁ ସୀତାକାନ୍ତକୁ ଇସରାଦେଲେ ବୀଣାକୁ କିଛି କହିବା ପାଇଁ । ତା ପରେ ବୀଣାପାଖକୁ ଯାଇ ସୀତାକାନ୍ତ କହିଲେ- ମୋତେ କ୍ଷମାକର ବୀଣା, ମୋର ସବୁ ଦୋଷ ତୁମେ ଚାଲ । ବୀଣା ବହୁତ କିଛି କହିଗଲା ସୀତାକାନ୍ତକୁ ସେ କେବେ ଦିନେ ସ୍ୱାମୀଙ୍କ ମୁହଁରେ ଏପରି କହି ନ ଥିଲା । କାରଣ ଆଜି ଯାହା ଘଟିଛି ତାର ମରମକୁ ବାଧିଲା ଭଳି ଘଟଣା ଘଟିଛି । ବନମାଳୀବାବୁ କିଛି ଉପାୟ ନ ପାଇ ବୀଣାକୁ କହିଲେ ମାଆ ମୋର ସବୁଦୋଷ ତୁ ମୋତେ କ୍ଷମାକର । ବିକାଶ ତୋ ପ୍ରତି ଯାହା ଅସଦ୍ ବ୍ୟବହାର କରିଛି ତା ପାଇଁ ମୁଁ ତୋ ପାଖରେ କ୍ଷମା ମାଗୁଛି । ବନମାଳୀ ବାବୁଙ୍କ ମୁହଁରୁ ଏତକ ଶୁଣି ବୀଣାର ଆଖିରୁ ଲୁହ ଗଡ଼ିଗଲା, ବହୁତ୍ ଜୋର୍‌ରେ ସେ ସମ୍ଭାଳି ହୋଇ ନ ପାରି ବନମାଳୀ ବାବୁଙ୍କ ଗୋଡ଼ତଳେପଡ଼ି

Digitized by PPRACHIN, SOA

କାନ୍ଦିଉଠି କହିଲା ଆପଣଙ୍କର କିଛି ଦୋଷ ନାହିଁ କି ଆପଣଙ୍କ ପୁଅଙ୍କର କିଛି ଦୋଷନାହିଁ ସବୁଦୋଷ ମୋର । ମୁଁ ଯଦି ରାଜି ନ ହୋଇଥାନ୍ତି । ନେତ୍ରମଣି କହିଲେ- ମାଆ ବୀଣା, କିଛି ଦୋଷ ନାହିଁ ତୋର, କେମିତି ବା ତୁ ବେଦୀ ଉପରକୁ ଆସି ନ ଥାନ୍ତୁ । ତୋ ଶାଶୁ ଶ୍ୱଶୁର ଓ ସ୍ୱାମୀ ତ ତୋତେ ଜବରଦସ୍ତ କରିବାକୁ କହିଲେ ଏପରିକି ଧମକ୍ ଦେଲେ । ତେଣୁ ତୁ ନ କରି ତୋ ଉପାୟ ବା କଣ ଅଛି । ସ୍ତ୍ରୀ ସ୍ୱାମୀ କଥାରେ ଯିବା ଉଚିତ୍ । କଲେକ୍ଟର ଓ ଏସ୍‌ପିଙ୍କୁ ଦେଖେଇ କହିଲେ ନେତ୍ରମଣି- ତେଣୁ ଆପଣମାନେ ବିଚାରନ୍ତୁ ବୀଣା ସବୁ ମୋ ଆଗରେ କହିଛି । ଆଉ ଗୋଟିଏ କଥା ଯିଏ ବାହାଘର ଲାଗି ଉଲଲୋକୀ ସିଏ ସବୁ ନାଟର ଗୋବର୍ଦ୍ଧନ । ଏସ୍.ପି. କହିଉଠିଲେ କିଏ ସେ ଲୋକଟି । ବନମାଳୀ ବାବୁ କହିଲେ- ଆଜ୍ଞା ଧୁରନ୍ଧର । ସିଏଗଲା କୁଆଡ଼େ ? ତାକୁ ସାଙ୍ଗେ ସାଙ୍ଗେ ଆରେଷ୍ଟ କରିବା ଦର୍‌କାର୍ ଥିଲା । ପାଖରେ ଛିଡ଼ା ହୋଇଥିବା ଇନସ୍ପେକ୍ଟର କହିଲେ ସାର୍ ସେ ବର୍ତ୍ତମାନ ଥାନାରେ ଅଛି । ଏସ୍.ପି. ପଚାରିଲେ କାହିଁ ମୁଁ ତ ଦେଖିଲିନି । ତାକୁ ପ୍ରିଜନରୁମରେ ରଖିଛି ସାର୍ । ଠିକ୍ ଅଛି ତେବେ କଣ କରାଯିବ ଏହାର ସମାଧାନ । ବିକାଶ କହିଲା- ମୋତେ କ୍ଷମା କରନ୍ତୁ ସାର୍ ମୁଁ ବୀଣା ଭାଉଜଙ୍କ ପ୍ରତି ଯେଉଁ ଅସଦ୍ ବ୍ୟବହାର କରିଛି ସେଥିପାଇଁ ମୁଁ ଦୁଃଖିତ । ତେଣୁ ମୁଁ ନିଜେ ଯାଇଁ ତାଙ୍କୁ ସମ୍ମାନ ସହକାରେ ଛାଡ଼ି ଦେଇ ଆସିବି । ବନମାଳୀ ବାବୁ ଖୁସିହୋଇ କହିଲେ ମୁଁ ମଧ ଯିବି । ତା ପରେ ଏସ୍.ପି., କଲେକ୍ଟର, ସୀତାକାନ୍ତ ଓ ପୋଲିସ୍ ଗାର୍ଡ ସହିତ ବୀଣାକୁ ସମ୍ମାନ ସହକାରେ ବିଦାୟ ଦେଲେ ନେତ୍ରମଣି । ସାଙ୍ଗରେ ଆସିଲେ ବନମାଳୀ ବାବୁ ଓ ବିକାଶ । ବୀଣାର ମନ ଚାହୁଁ ନ ଥିଲା ଫେରିଯିବାକୁ ପୁଣିଥରେ ଏହାପରେ ତାକୁ ବାପଘର ଠାରୁ ଶାଶୁଘର ପର୍ଯ୍ୟନ୍ତ କେତେ କଥା ସିନା ଶୁଣିବାକୁ ପଡ଼ିବ । ଗାଡ଼ି ଆଗେଇଲା ସୁବର୍ଣ୍ଣପୁର----- ।

x x x x x x x

ବାଟରେ ଯାଉଁ ଯାଉଁ ରାଜେଶବାବୁଙ୍କ ମନଟା କାହିଁକି ଛଟପଟ ହେଲା ହରେକୃଷ୍ଣ ବାବୁଙ୍କ ପାଇଁ, ସତେ ଯେପରି କିଏ ତାଙ୍କ ମନକୁ ଯୋର ଜବରଦସ୍ତ ଟାଣିନେଲା ଥାନା ଆଡ଼କୁ । ରଂଜନବାବୁଙ୍କ କଥାକୁ କାଟିଦେଲେ ରାଜେଶ୍ ବାବୁ । ନିଜେ ଯାଇଁ ଥାନା ଭିତରକୁ ହରେକୃଷ୍ଣ ବାବୁ ଓ ସରପଞ୍ଚ ବାସୁଦେବ ଶତ୍‌ପଥୀଙ୍କୁ ଜାମିନ୍‌ରେ ଘେନିଆସିଲେ । କଲେକ୍ଟର ଯେତେବେଳେ ଅର୍ଡର କରୁଛନ୍ତି କିଏବା ନ ମାନିବ ? ଅବଶ୍ୟ ରଂଜନବାବୁ ମନେ ମନେ ବହୁତ ରାଗ କରୁଥାନ୍ତି ହରେକୃଷ୍ଣ ବାବୁଙ୍କ ଉପରେ । ହରେକୃଷ୍ଣବାବୁ ଥାନାରୁ ବାହାରି ପଡ଼ି ଭୋ ଭୋ ହୋଇ କାନ୍ଦି ଉଠିଲେ ବୀଣାକୁ ଦେଖି । ମାଆ ମୋତେ ତୁ କ୍ଷମାକର ମୁଁ ଜାଣି ଜାଣି ସବୁ ଅନ୍ୟାୟ

Digitized by PPRACHIN, SOA

ତୋ ପ୍ରତି କରିଛି । ବୀଣା ନୀରବ ରହିଥାଏ କଣ କହିବ ? କି ଭାଷା ଅଛି ତା ପାଟିରେ, ତାର ଭାଗ୍ୟ ଶିଖା କେତେବେଳେ ଲିଭିବ ସେ ଜାଣେନା । ତା ପରେ ହରେକୃଷ୍ଣ ବାବୁ ବନମାଳୀ ବାବୁଙ୍କ ହାତ ଧରି କ୍ଷମା ମାଗିଲେ । ଏପରିକି ନିଜ ଜ୍ୱାଇଁ ବିକାଶ ପାଖରେ ତାଙ୍କ ମୁଣ୍ଡ ନଇଁ ପଡ଼ିଲା । ଏତିକିବେଳେ ରଂଜନବାବୁ ଥାନା ଭିତରକୁ ପଶି ଧୁରନ୍ଧର ସହିତ ଭଲ କରି ମୁଲାକାତ କରିନେଲେ ପଛେ ପଛେ ରାଜେଶ ବାବୁ ଥାନାକୁ ପଶିଗଲେ । ମୁଁ କହିରଖୁଛି ଧୁରନ୍ଧର ତୁମ ଜୀବନ ଥିବା ପର୍ଯ୍ୟନ୍ତ ଆଉ କେବେ ଯେମିତି ଭଲଲୋକୀ ନ କର । ଏମିତି କେତେ କେତେ ପୁଅ ଝିଅଙ୍କ ଜୀବନକୁ ନେଇ ଖେଳ ଖେଳିଛ ? ମୋର ପ୍ରଶ୍ନର ଉତ୍ତର ଦିଅ । ଏସ୍.ପି. ରଂଜନବାବୁଙ୍କ ଧମକ୍‌ରେ ଭୟଭୀତ ହୋଇପଡ଼ିଲେ ଧୁରନ୍ଧର । ପାଟିରୁ ବଚନ ବାହାରୁ ନାହିଁ, ଖାଲି ଲୁଙ୍ଗୁର୍ ପୁଙ୍ଗୁର୍ ଏପଟରୁ ସେପଟ କଏଦୀ ଘର ଭିତରେ ହେଉଥାନ୍ତି । ତାଙ୍କୁ ଯେ ଛଅମାସ ଜେଲ୍ ଭୋଗିବାକୁ ପଡ଼ିବ । କାରଣ ଯେଉଁ ସଂଘର୍ଷ ଆଜି ସୁବର୍ଣ୍ଣପୁରରେ ହୋଇଗଲା ତା ପାଇଁ ଦାୟୀ ସେ ନିଜେ । ସୁପାରିଶ୍ କଲେ ଏସ୍.ପି.ଙ୍କ ପାଖରେ ଧୁରନ୍ଧର କିନ୍ତୁ କିଛି ଫଳ ହେଲାନି । ତାକୁ ଉଚିତ୍ ଶିକ୍ଷା ଦେବାପାଇଁ ଏସ୍.ପି. ଯାହା ନିୟମ କରିଛନ୍ତି ଠିକ୍ । କେତେ କାକୁତି ମିନତି କଲା କିଏ ଶୁଣିଲେ ନାହିଁ ସମସ୍ତେ ଫେରିଲେ ସୁବର୍ଣ୍ଣପୁର ।

ଏପଟେ ମିନତି ମନକୁ ମନ ନିଜକୁ ଧୀକ୍‌କାର କଲା । କଣ ନ ଘଟିଲା ତା ପାଇଁ ତା ଘରେ । ତେଣୁ ସେ ଭାବିଲା ଏ ଜୀବନ ରଖିବା ଆଉ ଲାଭ କଣ ? ସିଧା ଦୌଡ଼ିଲା ନଦୀଆଡ଼କୁ । ସେତେବେଳକୁ ଖରାବେଳ ନିଛାଟିଆ କିଏ ଜଣେ ଜଣେ ଯିବା ଆସିବା କରୁଥାନ୍ତି ନଦୀକୁ ଗାଧୋଇବାକୁ କିନ୍ତୁ ଗାଧୁଆ ତୁଠକୁ ନ ଯାଇ ମିନତି ଶ୍ରାବଣୀ ନଦୀରେ ଯେଉଁଠି ଗଣ୍ଡ ତାଙ୍କ ଘରଠାରୁ ଚାରିକିଲୋମିଟର ସେହିସ୍ଥାନକୁ ଗଲା । ନଦୀ ଉପରେ ନାଲିମାଟିର ରାସ୍ତାଟିଏ ଯାଇଛି ସହରର ମୁଖ୍ୟ ରାସ୍ତାଆଡ଼କୁ । ମିନତି ଦେଖିପାରିଲା ଗୋଟିଏ କାର୍ ଓ ଗୋଟିଏ ଜିପ୍ ଆସୁଛି, ଏ ନିଶ୍ଚୟ ଏସ୍.ପି. ଓ କଲେକ୍ଟରଙ୍କ ଗାଡ଼ି ଆଉ ଡେ଼ରି କରିବା ଉଚିତ୍ ନୁହେଁ କାହିଁକି ସେ ବଂଚିବ ? କାହାପାଇଁ ବଂଚିବ ? ହଠାତ୍ ଗଣ୍ଡ ଭିତରକୁ ଡେ଼ଇଁ ପଡ଼ିଲା ମିନତି । କିନ୍ତୁ ତାକୁ ଆଉ ମାଲୁମ୍ ନାହିଁ ଯେ ତାର ଅଳ୍ପ ଦୂରରେ ନଦୀବନ୍ଧତଳେ ଗାଈଆଳ ଛୁଆଟିଏ ଗାଈ ଜଗିଥିଲା । କଣ ଟାଏ ଭୁଷ୍ କରି ହେଲା ବୋଲି ନଦୀବନ୍ଧ ଉପରକୁ ଆସି ଦେଖେତ କିଏ ଜଣେ ଗଣ୍ଡ ଭିତରେ ପଡ଼ି ଉବୁଟୁବୁ ହେଉଛି । କଣ କରିବ ? କିଛି ଉପାୟ ପାଇଲା ଆଗରୁ ଆସୁଥିବା କାର୍ ଓ ଜିପ୍‌କୁ ହାତ ଦେଖାଇ ଅଟକାଇଲା ଏବଂ ସବୁକଥା କହିଗଲା ଏକା ନିଃଶ୍ୱାସରେ । ସାଙ୍ଗେ ସାଙ୍ଗେ ସମସ୍ତେ ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଆଶ୍ଚର୍ଯ୍ୟ ହୋଇଗଲେ ଖରାବେଳେ ନଦୀକୁ କିଏ ଡେ଼ଇଁ ପଡ଼ିଲା । ସମସ୍ତେ ହାଉଳି ଖାଇଲା ଭିତରେ ବିକାଶ

Digitized by PPRACHIN, SOA

ସାଙ୍ଗେ ସାଙ୍ଗେ ଡ଼ିଆଁ ମାରିଲା ନଦୀର ଗଣ୍ଡ ଭିତରକୁ । ସମସ୍ତେ ଡ଼ାକ ଛାଡୁଛନ୍ତି ତାକୁ ହେଲେ ମନା କଲା ବେଳକୁ ସେ ଯାଇ ମିନତିକୁ ପାଣିରୁ ଉଦ୍ଧାର କଲା । କୂଳକୁ ଆସି ମିନତିକୁ ଦେଖି ହରେକୃଷ୍ଣବାବୁ ଓ ସୀତାକାନ୍ତ ଏମିତିକି ବୀଣାର ଦୁଃଖର ସୀମାରହିଲା ନାହିଁ । ଏ ତିନିହେଁ କାନ୍ଦି ଉଠିଲେ । ବିକାଶ ଚମକି ପଡ଼ିଲା ମିନତିକୁ ଦେଖି । ଏ ଯେ ତାର ସ୍କୁଲ ସାଥୀ ମିନତି । ତା ପରେ ସାଙ୍ଗେ ସାଙ୍ଗେ ମିନତିକୁ ମେଡ଼ିକାଲ୍ ନେଇଗଲେ ସମସ୍ତେ । ହଁ ସାଥି ଆଜି ଆପଣାର ହେବାକୁ ଯାଇ ଦୂରେଇ ଯାଇଛି ।

ମିନତି ତାର ମାମୁଁ ଘର 'ଦକ୍ଷିଣ ପାଟଣା'ରେ ରହି ସ୍କୁଲରେ ପାଠପଢୁଥିଲା । ବିକାଶ ଓ ମିନତି ଏକା କ୍ଲାସରେ ପଢୁଥିଲେ । ମାଟ୍ରିକ୍ ପରେ ଦୁହେଁ ଦୁହିଁଙ୍କଠାରୁ ଅଲଗା । ସେହି ଦିନୁ କିଏବା କାହାର ଠିକଣା ରଖୁଛି । ଠିକଣା ହଜିଗଲେ ସୁଦ୍ଧା ଆଜି ଯାହା ଲାଗି ଏତେ ସଂଘର୍ଷ ସବୁ ମୂଳରେ ଏ ମିନତି । ଏହାରି ପାଇଁ ସବୁକିଛି । କାହିଁକି ବା ସେ ନିଜେ ନ ଦେଖିଲା ମିନତିକୁ । ଆଉ ତାର ଶ୍ୱଶୁର ହରେକୃଷ୍ଣବାବୁ ଏମିତି ଭୁଲ୍ କଲେ କାହିଁକି ? ନାଁ ଏତେବେଳେ ଭାବିବା ଦର୍କାର ନାହିଁ । ଯାହା ହୋଇଯାଇଛି ଆଉ କଣ ଫେରି ଆସିବ, ବରଂ କଣ କରାଯିବା ଉଚିତ୍ ତାହା କରିବା ଦର୍କାର୍, ବିକାଶର ମନ ଆଉ କେଉଁଠାରେ ଲାଗିଲାନାହିଁ । ହୋଇପାରେ ମିନତି କାଳି ଫାଇଲେରିଆ ରୋଗୀ । ତେବେ ଏମିତିଆ ଝିଅ କଣ ବାହାହେଉ ନାହାଁନ୍ତି ନା ବାହା ହେବେନାହିଁ । ସବୁ ମୂଳରେ ଏହି ମଣିଷର ହୀନମନ୍ୟତା । ଯାହାଫଳରେ ମିନତି ପରି ଶହ ଶହ ଝିଅ ଆତ୍ମହତ୍ୟା କରୁଛନ୍ତି । ନାଁ ସେ ବି ଏ ସମାଜକୁ ଦେଖେଇ ଦେବ ଯେ ମିନତି କାଳି ଏବଂ ଫାଇଲେରିଆ ରୋଗୀ ହେଲେ ମଧ ତାକୁ ସେ ବିବାହ କରିବ । ମେଡ଼ିକାଲ୍‌ରେ ଡ଼ାକ୍ତରମାନଙ୍କ ଚିକିତ୍ସାରେ ମିନତିର ହୋସ୍ ଆସିଲା । ସେ ଖାଲି ହେଉଥାଏ ମୋତେ ଛାଡ଼ିଦିଅ ମୁଁ ବଞ୍ଚିବା ଦର୍କାର ନାହିଁ, ମୋ ପରି କାଳି ଓ ଫାଇଲେରିଆ ରୋଗୀ ଏ ସମାଜରେ ବଞ୍ଚି ରହିଲେ କଳଙ୍କ ହେବ । ମୋତେ ସମସ୍ତେ କୁତ୍ସାରଟନା କରିବେ ? ଡ଼ାକ୍ତରବାବୁ କହିଉଠିଲେ ତୁମର ରୋଗ ଭଲ ହୋଇଯିବ । ଏ କୌଣସି ମାରାତ୍ମକ ରୋଗ ନୁହେଁ, ଏହିପରି ଶହଶହ ରୋଗୀ ଭଲହେଉଛନ୍ତି ତେଣୁ ତୁମେ ଏତେ ନିଜକୁ ଛୋଟ ମନେକରୁଛ କାହିଁକି ? ମିନତିର ଆଖି ପଡ଼ିଗଲା ବୀଣା ଉପରେ, ହଠାତ୍ ଖଟରୁ ଉଠିପଡ଼ି ବୀଣା ଗୋଡ଼କୁ ଧରି ପକାଇଲା ମିନତି, ମୋତେ କ୍ଷମାକର ଭାଉଜ ମୋ ପାଇଁ ତୁମକୁ କେତେ ବଦ୍‌ନାମ ହେବାକୁ ପଡ଼ିଲା । ବୀଣା ମିନତିକୁ ଗୋଡ଼ତଳୁ ଉଠାଇ ଛାତିରେ ଜାବୁଡ଼ି ଧରିଲା । ଛି ମିନତି ଏମିତି କହନ୍ତି ଯାହା ମୋ ଭାଗ୍ୟରେ ଥିଲା ତାହା ଘଟିଗଲା । ରଂଜନବାବୁ ରାଜେଶ୍ ବାବୁ ତଟସ୍ଥ ହୋଇ ଛିଡ଼ା ହୋଇଥାନ୍ତି । ରଂଜନବାବୁ ଭାବୁଥାନ୍ତି ଏମିତିକି ବନମାଳୀବାବୁ ଓ ବିକାଶ ତେବେ

Digitized by PPRACHIN, SOA

ଏ ବୀଣା କଣ ଏତେ ଦୁଃଖ ଯାତନା ସହିବି ତା ମନ ଅନ୍ୟଜଣ ଲାଗି କାନ୍ଦିପାରୁଛି ? ଧନ୍ୟ ବୀଣା ତୁ ଧନ୍ୟ, ତୋ ଜୀବନ ଧନ୍ୟ । ମିନତି ସୁସ୍ଥହେଲା ପରେ ସମସ୍ତଙ୍କ ଭିତରେ ବିକାଶକୁ ଦେଖି ସେ ମନେପକାଇଲା ଯାକୁ ଯେମିତି ସେ କେବେ କେଉଁଠି ଦେଖିଛି । ଚାହିଁ ରହିଲା ବିକାଶ ଆଡ଼କୁ ବିକାଶର ମଧ ଅନୁରୂପ ଚାହାଁଣୀ । ଚାରିଆଖି ମିଳନ ହୋଇଗଲା । ହଠାତ୍ ବିକାଶ କହିଉଠିଲା ମିନତି ମୋତେ ତୁମେ ଚିହ୍ନିପାରୁନ ? ବିକାଶର ଏପରି କଥାକୁ ଅନ୍ୟମାନେ ଅବଶ୍ୟ ଅସଙ୍ଗତ ମନେକଲେ କିନ୍ତୁ କିଏ ବା ଭିତର କଥା ବୁଝୁଛି ବୁଝିବ ଯଦି ବିକାଶ ଓ ମିନତି । ମିନତି ମନେପକାଇ କହିଲା ତେବେ ତୁମ ନାଁ ବିକାଶ ନା । ବିକାଶ କହିଲା ହଁ ମୁଁ ବିକାଶ । ଆମେ ସାଥି ହୋଇ ଦକ୍ଷିଣପାଟଣା ହାଇସ୍କୁଲରେ ପଢୁଥିଲେ ତୁମର କଣ ମନେନାହିଁ । ମିନତି ଲାଜେଇ ଗଲା କଣ ନ କଲେ ତା ବାପା, ବୋଉ, ଭାଇ । ଟିକିଏ ଆଗରୁ ଖବର ତାକୁ ଦେଲେନି ସେ ବା କାହିଁକି ଜାଣିବ ତାର ଯାହା ସାଥିରେ ବାହାଘର ପଡ଼ିଛି ସେ ତାର ସ୍କୁଲର ସାଥିବୋଲି । ବନମାଳୀବାବୁ ପୁଅ ବିକାଶର କଥାବାର୍ତ୍ତାରୁ ବୁଝିନେଲେ ବିକାଶ ମିନତିର ସାଥି । ସାଙ୍ଗେ ସାଙ୍ଗେ ହରେକୃଷ୍ଣବାବୁଙ୍କୁ ଧରିପକାଇ କହିଲେ କଣ ଦେଖୁଛନ୍ତି ଆଉ କଣ ଶୁଣୁଛନ୍ତି ? ଏଥିରୁ ଅନୁମାନ କରନ୍ତୁ ଯିଏ ଯାହା ପାଇଁ ସିଏ ତାହା ପାଇଁ । ସମସ୍ତେ ହସିଉଠିଲେ ଆଉ ଘରକୁ ନୁହେଁ ମନ୍ଦିରକୁ ସାଙ୍ଗେ ସାଙ୍ଗେ ମନ୍ଦିରରେ ବିକାଶ ଓ ମିନତିର ବାହାଘର ଫୁଲମାଳ ଦିଆନିଆରେ ହୋଇଗଲା ।

ରଂଜନ ବାବୁ ଓ ରାଜେଶ୍ ବାବୁଙ୍କ ଓଠରେ ଖେଳିଗଲା କ୍ଷୀଣ ହସର ଧାର। ପାଖେପାଖେ ଥାଆନ୍ତି ସରପଞ୍ଚ ସେବା କୁଆଡ଼େ ଯିବେ ? ଅଡୁଆଟା ଯେ ସେ ସବୁ କରିଛନ୍ତି । ନିଜ ଭୁଲ୍ ବୁଝିପାରି ହରେକୃଷ୍ଣ ବାବୁଙ୍କ ସହିତ ହାତ ମିଳାଇ ଘରକୁ ଗଲେ । ମନ୍ଦାକିନୀ ଘରଭିତରେ ଏକୁଟିଆ ମୁଣ୍ଡବାଡ଼େଇ ମୁଣ୍ଡରୁ ରକ୍ତର ଧାର ବୋହିଯାଉଥାଏ ଯେତେବେଳେ ମିନତି ଓ ବିକାଶ ତାଙ୍କ ପାଦତଳେ ମୁଣ୍ଡିଆ ମାରିଲେ ନିଜକୁ ସେ ବିଶ୍ୱାସ କରିପାରିଲେନି । ତା ପରେ ବୀଣାକୁ ଦେଖି କୁଣ୍ଢାଇ ପକାଇଲେ, ମାଆ ମୋତେ କ୍ଷମାକର ମୁଁ ତୋତେ କେତେ କଷ୍ଟ ନ ଦେଇଛି । ନିଜ ଭୁଲ୍ ନିଜେ ସମସ୍ତେ ବୁଝିପାରିଲେ । ତାପରେ ରଂଜନବାବୁ ଓ ରାଜେଶ୍ ବାବୁ ଏବଂ ତାଙ୍କ ସହିତ ଯାଇଥିବା ପୋଲିସ ଗାର୍ଡ ସମସ୍ତଙ୍କଠାରୁ ବିଦାୟ ନେଇ ଫେରିଲେ । ଫେରିଲା ବେଳେ ରଂଜନବାବୁଙ୍କ ମନଟା କାହିଁକି ଡହଳବିକଳ ହେଉଥାଏ ବୀଣାଲାଗି । ଖୋଲି କରି ପଦିଏ ସେ କହି ପାରିଲେନି ଖୋଲା ହୃଦୟରେ । କଣ କହିବେ ସେ ଯେ ବୀଣା ପାଇଁ ଅଜଣା । ଆଉ ବୀଣା ସେ ମଧ ଅଜଣା ରଂଜନ ବାବୁଙ୍କ ପାଇଁ । ରକ୍ତଗତ ସାମଞ୍ଜସ୍ୟ ଯେତେଥିଲେ କଣ ହେବ ସବୁ ଅ-ଜ-ଣା । ବାଟସାରା ଭାବି ଭାବି ଆସୁଥାନ୍ତି ରଂଜନବାବୁ । କଟକରେ ପହଞ୍ଚି ନିଜ ଘରକୁ ନ ଯାଇ

Digitized by PPRACHIN, SOA

ରାଜେଶ୍ୱବାବୁଙ୍କ ଅନୁରୋଧରେ ତାଙ୍କ ଘରକୁ ଗଲେ । ହଁ ଘରେ ଏକୁଟିଆ ଝିଅ ଯେ ତାର ଶାଶୁଘରେ । ଶାଶୁଘରକୁ ଝିଅ ଆସିବା ଦିନଠାରୁ ତାଙ୍କ ମନରେ ସରାଗ ନାହିଁ । ସମୁଦ୍ରୁଣୀ ଶାନ୍ତିଲତା ଓ ପ୍ରମୋଦ ବାବୁଙ୍କ ଆଗରେ ସବୁ ଗପିଗଲେ ରଂଜନବାବୁ । ଶାନ୍ତିଲତା ସବୁ ଶୁଣି କାଠ ପାଲଟିଗଲେ, ପ୍ରମୋଦ ବାବୁ ହରେକୃଷ୍ଣବାବୁଙ୍କ ଉପରେ ରାଗି ପଞ୍ଚମ । ପାଟି କରି ଉଠିଲେ, ତାଙ୍କୁ ଉପଯୁକ୍ତ ଶାସ୍ତି ଦେବା ତୁମର ଦରକାର୍ ଥିଲା ରଂଜନ । ତୁମେ ଏକଣ କଲ ଦୋଷୀକୁ ଛାଡ଼ିଦେଲ । ଉପଯୁକ୍ତ ଦୋଷୀକୁ ଦଣ୍ଡ ଦେଇ ଆସିଛି ମଉସା । ବର୍ତ୍ତମାନ ସବୁ ଠିକ୍ ଅଛି । ଏସବୁ ଆଲୋଚନା କଥା କିନ୍ତୁ ସାଧୁମାଷ୍ଟ୍ରେଙ୍କୁ କିଏ ଜଣାଉନଥାନ୍ତି । ନିଜ ଝିଅର ଏପରି ପରିସ୍ଥିତି କଥା ଶୁଣିଲେ ହୁଏତ ତାଙ୍କ ବ୍ଲଡ଼ପ୍ରେସର୍ ରୋଗଟା ଅତ୍ୟଧିକ ବଢ଼ିଯିବ । ତେଣୁ ସମସ୍ତେ ନୀରବ ରହିଲେ ମନ କଥା ମନରେ ରଖି ।

(ତେଇଶି)

ସାଧୁମାଷ୍ଟ୍ରେ ଟିକିଏ ସୁସ୍ଥ ହେବାପରେ ପ୍ରମୋଦ ବାବୁଙ୍କୁ କହିଲେ ଥରେ ସୁବର୍ଣ୍ଣପୁର ଯାଇଁ ବୁଲିଆସିବା ଲାଗି । ସେତେବେଳକୁ ଚାହୁଁ ଚାହୁଁ ଦୁଇ ଦିନ ବିତି ଗଲାଣି । ବାପମନ କେତେବା ସମ୍ଭାଳି ହେବ । ସବୁବେଳେ ଗୋଟିଏ ଚିନ୍ତା ବୀଣାର ଯେମିତି କିଛି ନ ହେଉ । କାଲି ରାତିର ସ୍ୱପ୍ନ ଯେମିତି ତାଙ୍କୁ ପାଗଳ କରି ଦେଇଛି ସେତିକି ଭୟଭୀତ କରାଇ ଦେଇଛି । ପ୍ରମୋଦବାବୁ ସାଧୁମାଷ୍ଟ୍ରେଙ୍କ ମନ ଭାବ ବୁଝି ପାରିଛନ୍ତି ତାଙ୍କର ଆଉ ବୁଝିବାର ସନ୍ଦେହ ନାହିଁ ସେ ଜାଣନ୍ତି ସାଧୁମାଷ୍ଟ୍ରେ ବୀଣା ଲାଗି ପାଗଳ । ଅବଶ୍ୟ ଏତେ ଘଟଣା ଘଟିଗଲା କିନ୍ତୁ ସାଧୁମାଷ୍ଟ୍ରେ ଏହାର କୌଣସି ଟେର୍ ସୁଦ୍ଧା ପାଇନାହାଁନ୍ତି । ସେ ଦେଖନ୍ତି ରାଜେଶ୍ ବାବୁ, ରଂଜନବାବୁ, ଶାନ୍ତିଲତା ଓ ପ୍ରମୋଦବାବୁ ଏକାଠି ବସି କଣ ସବୁ କଥାବାର୍ତ୍ତା ହୁଅନ୍ତି । ହେଲେ ସେଥିରେ ବା ସେ କାହିଁକି ମୁଣ୍ଡ ଖେଳେଇବାକୁ ଯିବେ । ଯିଏ ଯାହାପାଇଁ ଚିନ୍ତା କରେ ସେ ତାହାପାଇଁ । ବାପ ମନ ବୁଝୁଛି କେଉଁଠି ଏହି କେତେଦିନ ହେବ କାହିଁକି ଭଲ ଲାଗୁନାହିଁ ତାଙ୍କୁ । ତେଣୁ ଆଉ ଡ଼େରି ନ କରି ପ୍ରମୋଦ ବାବୁଙ୍କୁ ସାଥିରେ ଧରି ଜିପ୍‌ରେ ବାହାରି ପଡ଼ିଲେ ସାଧୁମାଷ୍ଟ୍ରେ ସୁବର୍ଣ୍ଣପୁର ଯିବା ଲାଗି । ବୀଣା ମନଲାଖି ଶାଢ଼ୀଟାଏ ଦୋକାନରୁ କିଣିଥାନ୍ତି, ଏହା ଛଡ଼ା ମିଠା କିଛି, ସେ ଯେଉଁଥର ଯାଇଥାନ୍ତି କିଛି ନାଁ କିଛି ନେଇ କରି ଯାଇଥାନ୍ତି । ମନରେ କେତେ ଆନନ୍ଦ ଓ ଉତ୍ସାହ ଭିତରେ ପ୍ରମୋଦବାବୁ ଓ ସାଧୁମାଷ୍ଟ୍ରେ କେତେ ପରକାର କଥା ହୋଇ ବାଟରେ ଯାଉଥାନ୍ତି । ସୁବର୍ଣ୍ଣପୁର ଆଉ ମାତ୍ର ଚାରିକିଲୋମିଟର ଶ୍ରାବଣୀ ନଦୀର ବନ୍ଧ ରାସ୍ତାଠାରୁ । ସେଇଟି ଗଣ୍ଡ । ଅନେକ ଲୋକ ରୁଣ୍ଡ ହୋଇଛନ୍ତି । ଘୋଘାଲ୍ଲୁ ପାଟି,

Digitized by PPRACHIN, SOA

କିଏ କେତେ ପ୍ରକାରେ କହୁଛି, କିଛି ଭଲ ଭାବେ ଜାଣି ହେଉନାହିଁ । ସମସ୍ତେ ଚାହିଁଛନ୍ତି ଗଣ୍ଡ ଭିତରକୁ । କେହି ଚିହ୍ନିପାରୁ ନାହାଁନ୍ତି, କାରଣ ସ୍ତ୍ରୀ ଲୋକଟିଏ, ବୟସ ବେଶି ହେବ ନାହିଁ, ଦେହରେ ଖଣ୍ଡିଏ ଛପାଶାଢ଼ୀ, ଶାୟା ଓ ବ୍ଲାଉଜ । ମୁହଁମାଡ଼ି ପଡ଼ି ପାଣିରେ ଭାସୁଛି । ସେଠି ଏମିତି ଗଣ୍ଡ ଯେ ଯିଏ ଥରେ ପଡ଼େ ବାହାରିବା ମୁସ୍କିଲ ହୋଇପଡ଼େ । ସେଠି କୁଆଡ଼େ କରେଣ୍ଟ ଅଛି । ତେଣୁ ଶବଟା ପାଣି ସ୍ରୋତରେ ଭାସି ନ ଯାଇ ଘୂରିଖାଇ ବୁଲୁଛି । ସମସ୍ତେ ଦେଖୁଛନ୍ତି କିନ୍ତୁ କେହି ଶବପାଖକୁ ଯାଉ ନାହାଁନ୍ତି, କାରଣ ଶବ ସମ୍ପର୍କରେ ଥାନାକୁ ଖବର ଦିଆଯାଇଛି । ସାଧୁମାଷ୍ଟ୍ରେ ଓ ପ୍ରମୋଦ ବାବୁ ଗାଡ଼ିଟିକୁ ରଖି ଲୋକମାନଙ୍କଠାରୁ ଶୁଣିଲେ ସବୁ ଖବର । ସାଧୁମାଷ୍ଟ୍ରେ ଗଣ୍ଡକୁ ଅନାଇଁ ଦେଲେ.ମନେ ମନେ କହୁଥାନ୍ତି ଆହାଃ ବିଚରାଟି ଆତ୍ମହତ୍ୟା କରିଛି । କାହିଁକି ତାକୁ ଏ ବୁଦ୍ଧି ଦିଶିଲା । ପ୍ରମୋଦବାବୁ କହିଲେ ବୁଝିଲେ ମାଷ୍ଟ୍ରେ ଇଏତ ଆମ ସମାଜରେ ଗୋଟିଏ ନିତିଦିନର ଘଟଣା । କାହାକୁ ମାରି ଦିଆଯାଇ ଏମିତି ଫୋପାଡ଼ି ଦିଆ ହେଉଛି ତ କିଏ ଆତ୍ମହତ୍ୟା କରୁଛି । ସବୁମୂଳରେ ଗୋଟିଏ ଘଟଣା ଯଉତୁକକୁ କେନ୍ଦ୍ର କରି ଆଜିକାଲି ଦୁନିଆରେ ଏମିତି ପରିସ୍ଥିତି ସବୁ ଦେଖାଯାଉଛି । ଏଇ ସମୟରେ ପୋଲିସ୍ ଜିପ୍ ଆସି ପହଞ୍ଚିଗଲା ପୋଲିସ୍‌କୁ ଦେଖି ସାଧୁମାଷ୍ଟ୍ରେ କହିଲେ- ବୁଝିଲେ ପ୍ରମୋଦବାବୁ ଆଉ ଏଠି ରହିବା ଆମ ପକ୍ଷରେ ସମ୍ଭବ ନୁହେଁ କାରଣ କିଏ କେଉଁଠି ଆତ୍ମହତ୍ୟା କଲା ଆମକୁ ପୁଣି ଥାନାକୁ ପୁଣି କୋର୍ଟକୁ ସାକ୍ଷୀପ୍ରମାଣ, ଏତେ ପାଲାରୁ କଣ ମିଳିବ ଚାଲିଲ ଚାଲିଲ । ପ୍ରମୋଦବାବୁ କିନ୍ତୁ ନଛୋଡ଼ ବନ୍ଧା ସେ ଯେଉଁଟାକୁ ଦେଖିବାକୁ ଇଚ୍ଛା କରିବେ ତାକୁ ନ ଦେଖି ବା ଛାଡ଼ିବେ କେମିତି । କିନ୍ତୁ ସେଦିନ ସାଧୁମାଷ୍ଟ୍ରେଙ୍କ ପାଖରେ ହାରମାନି ଗାଡ଼ି ଷ୍ଟାର୍ଟ କଲେ ପ୍ରମୋଦବାବୁ । ସେତେବେଳେକୁ ସମୟ ସକାଳ ଦଶଟା । ପ୍ରମୋଦବାବୁ ବୁଢ଼ା ହେଲେ ମଧ ଗାଡ଼ି ଚଳେଇବାର ଉତ୍ସାହଟା ତାଙ୍କର କମିନାହିଁ କହିଲେ ଚଳେ । ପ୍ରମୋଦବାବୁ ଓ ସାଧୁମାଷ୍ଟ୍ରେ ଦେଖିଲେ ଆଗରୁ ଲୋକମାନେ ସବୁ ଦଉଡ଼ା ଦଉଡ଼ି କରୁଛନ୍ତି କାରଣ ତୁଣ୍ଡ ବାଇଦ ସହସ୍ର କୋଶ । ଯାହା ଜଣାପଡୁଛି ଶବଟିକୁ ଏଇମାତ୍ର ଘଣ୍ଟାକ ଭିତରେ କିଏ ଠିକଣା କରୁଛି ନଚେତ୍ ଯଦି ସକାଳୁ ହୋଇଥାନ୍ତା ତେବେ ଆଉ କେତେ ଲୋକ ଠିକଣା ଜାଗାରେ ପହଞ୍ଚିଯାଆନ୍ତେଣି । ହଠାତ୍ ଆଖି ପଡ଼ିଗଲା ପ୍ରମୋଦବାବୁଙ୍କର ହରେକୃଷ୍ଣ ବାବୁ ଓ ସୀତାକାନ୍ତ ଦୌଡୁଛନ୍ତି ତାଙ୍କ ପଛେ ପଛେ ମନ୍ଦାକିନୀ । ସୀତାକାନ୍ତଙ୍କ ହାତରେ ଚିଠିଟିଏ । ପ୍ରମୋଦବାବୁ ଗାଡ଼ି ରଖିଦେଲେ । ସାଧୁମାଷ୍ଟ୍ରେ ମଧ ସତେ ଅବା କାବା ହୋଇଗଲେ । ସେ ସେମିତି ଗାଡ଼ିରେ ବସିଥାନ୍ତି । ପ୍ରମୋଦ ବାବୁ ଓ ସାଧୁମାଷ୍ଟ୍ରେ ହରେକୃଷ୍ଣ ବାବୁଙ୍କୁ ନମସ୍କାର କଲେ । ସୀତାକାନ୍ତ ସତେ ଯେପରି ପାଗଳ । ସେ ଯେତେବେଳେ ଶୁଣିଲେ ଗଣ୍ଡମଧରେ ସ୍ତ୍ରୀଲୋକର ଶବଭାସୁଛି ଏବଂ ଚିଠିରୁ ଯାହା ପଢ଼ିଲେ----

Digitized by PPRACHIN, SOA

"ମୁଁ ମୋର ଜୀବନକୁ ତୁଛ ମନେ କରି ଆତ୍ମହତ୍ୟା କରିବାକୁ ଯାଉଛି । ମୋର ମୃତ୍ୟୁପରେ କାହାକୁ ଦୋଷୀ କରିବାକୁ ଚାହୁନି । କାରଣ ମୋ ଇଛାରେ ମୁଁ ଆତ୍ମହତ୍ୟା କରୁଛି । ଏଥିଲାଗି ଦାୟୀ କେହି ନୁହେଁ ।"

|| ଇତି ||

ବୀଣା

ଏହାର ଦୁଇଦିନ ପୂର୍ବରୁ ବୀଣା ତା ଶାଶୁଘରକୁ ଫେରିଲା ଶଶୁର ଓ ସ୍ୱାମୀଙ୍କ ସହିତ ରତନପୁରରୁ । ସାଙ୍ଗରେ ଥିଲେ ବନମାଳୀବାବୁ, ବିକାଶ ଓ ମିନତି, ରାଜେଶ ବାବୁ ଓ ରଂଜନବାବୁ । ବିକାଶ ଓ ମିନତିର ବାହାଘର ସରିଲାପରେ ଦୁହେଁ ଘରକୁ ଫେରିଲେ କେତେ ଆନନ୍ଦରେ । ବୀଣା ତାଙ୍କୁ ହସି ହସି ବିଦାୟ ଦେଇଥିଲା ସେଦିନ । ମନରେ ଯେମିତି ଧୋଇ ଯାଇଥିଲା ସବୁ ରାଗ ଓ ଅଭିମାନ । ସେ ଯେପରି ଆଗରୁ ଥିଲା ସେମିତି ରହିଲା ଶାଶୁଘରେ । ସମସ୍ତେ ତ ସମସ୍ତଙ୍କ ଭୁଲ୍‌ବୁଝି ନେଇଥିଲେ । ସମସ୍ତଙ୍କୁ କ୍ଷମା ଦେଇଛି ବୀଣା । କିନ୍ତୁ ନିଜକୁ ସେ କ୍ଷମା ଦେଇ ପାରିନି କାରଣ ତାର ମନରେ ଉଙ୍କି ଉଠିଲା ନିଜ ଉପର ନିଜେ ନେବ ପ୍ରତିଶୋଧ । ଏହି ପ୍ରତିଶୋଧର ଅଗ୍ନି ଜଳିବାକୁ ଲାଗିଲା । ସେ ଜାଣେ ସାଧୁମାଷ୍ଟ୍ରେ ତାର ପାଳିତା ପିତା । ବାଟରୁ ସାଉଁଟି ଆଣି ପାଳିପୋଷି ବିବାହ ଦେଲେ । କିନ୍ତୁ ସେ ଭାବିଲା ଏହି ଘଟଣା ଘଟିଗଲା ପରେ ସେ ଯେ ଗୋଟିଏ କଳଙ୍କିନୀ । ଯାହାର ମାତା ପିତାର ସଠିକ୍ ଠିକଣା ଜଣାନାହିଁ ସେ ଏ ସମାଜରେ ମଣିଷର ଅଧିକାର ପାଇବା କଷ୍ଟକର । କିନ୍ତୁ ବେଳେବେଳେ ତା ମନରେ ଦେଖାଦିଏ କାହିଁକି ଶାନ୍ତିଲତାଙ୍କୁ ଦେଖିଲା ଦିନରୁ । କି ମଧୁର ବଚନ ସ୍ନେହତୁରାମନ ସତେକି ତାର ମାଆସିଏ । ରଂଜନବାବୁଙ୍କ ସ୍ନେହବୋଳା କଥାରେ ମଧ୍ୟ ପାଗଳ ହୋଇପଡିଥିଲା ବୀଣା, ଯାହାକୁ ସେ ଜାଣିନି , ଚିହ୍ନିଲେ କଣ ହେବ ମନରେ କାହିଁକି ଏପରି ପ୍ରଶ୍ନ ଉଠୁଛି । ଚୁପ୍ ରହିଯାଏ ।

ନିୟିତି ବାଟ ଉଗାଳେ ତା ପାଇଁ ସବୁଆଡେ ବାଟ ବନ୍ଦ । ମନ ହେଉଛି ଆଉଥରେ ତାର ଦେଖିବାକୁ ପାଳିତାପିତା ସାଧୁ ମାଷ୍ଟ୍ରେଙ୍କୁ, କିନ୍ତୁ ସେ ଆଉ ଦେଖିବାକୁ ଚାହୁଁନି କି କାହା ମୁଣ୍ଡରେ ତାର ଚିନ୍ତାକୁ ଲଦିଦେବାକୁ ଚାହୁଁନି । ସବୁ ଠିକ୍ ଥିଲା ଆଗପରି ରତନ ପୁରରୁ ଫେରିଲା ପରଠାରୁ ମାତ୍ର ଦିନେ ଯାଉଛି, ତା ପରଦିନ ସକାଳୁ ସେ ନିତିଦିନ କର୍ମରେବ୍ୟସ୍ତ ଥିବା ଭିତରେ ଶୁଣିବାକୁ ପାଇଲା ତାଙ୍କ ସାହିର ଦୁଇଚାରି ଜଣ ସ୍ତ୍ରୀ ଲୋକ ଓ ତା ଶାଶୁ କଥାବାର୍ତ୍ତା ହେଉଛନ୍ତି ।'ଆଲୋ ମନ୍ଦାକିନୀ ଅପା ତୁମ ବୋହୂକୁ କେମିତି ଘରେ ପୁରେଇଲେବା । ସେ ତ ଗୋଟାଏ ଅଲକ୍ଷଣୀ, ନହୋଇଥିଲେ ମିନତି ବାହାଘର ଲାଗି କାହିଁକି ଏତେ ପାଳା

Digitized by PPRACHIN, SOA

ହୋଇଥାନ୍ତା । ମନ୍ଦାକିନୀ ଚୁପ ରହିଲେ- କାହିଁକି ଏ ଆଲୋଚନା କହିଲ ତୁମର, ସବୁମୋର ଦୋଷ-ମୋ ବୋହୁର କିଛି ଦୋଷ ନାହିଁ ସେ ମୋ ଘରର ଲକ୍ଷ୍ମୀ । ଗାଁ ମାଇପେ ସବୁବେଳେ ପର ଦୋଷ ଦେଖୁଥାନ୍ତି । ନିଜେ ପଛେ ବହୁତ ଦୋଷ କରି ଘାଣ୍ଟି ହୁଅନ୍ତୁ ପଛେ ଅନ୍ୟର ଦୋଷ ବାଛିବାକୁ ଧୁରନ୍ଧର । ଆଉଜଣେ ବାହାରି ପଡି କହିଲା ବୁଝିଲ- ଅପା,ମୋତେ ଯଦି କିଏ ଏମିତି କହିଥାନ୍ତା ନା ମୁଁ ସେଇଠି ମରିଥାନ୍ତି ପଛେ ଘରକୁ ଫେରିନଥାନ୍ତି । ଛି -ଛି -ଏକି କଥାଲୋ ମାଆ ତୁମେ ସିନା ବୀଣାକୁ ତୁମଭୁଲ ବୁଝିପାରି ରଖିଦେଲ, ହେଲେ ସେ କେମିତିଆ କେଜାଣି ତାକୁ ଟିକିଏ ଲାଜ ସରମ ବୋଲି କିଛିନାହିଁ । ମନ୍ଦାକିନୀ ରାଗି ଉଠିଲେ ତୁମର ଏତେକଥାରେ ମୁଣ୍ଡ ପୁରେଇବା କଣ ଅଛି କହିଲ, ଯାଉନ ତୁମ କାମ ତୁମେ କରିବ । ସାହି ମାଇପ ଭିତରୁ ଜଣେ ବାହାରି ପଡି କହୁଛି ଓହୋ ବୁଝିଲି ତୁମକୁ ବାଧୁଛି ବୋଧେ, ହେଇତି ଅପା ତୁମ ବୋହୁମ 'ବୀଣା' ତାକୁ ଜାଣିଛ ସେ କିଏ ? କିଛି ନ ଜାଣି ମୋଟା ଟଙ୍କା ଆଶାରେ ପୁଅକୁତ ବାହା କରି ଦେଇଥିଲ ଆମକୁ ଟିକିଏ ହେଲେ ପଚାରି ନଥିଲ । ଶୁଣ ସେ ନୁହେଁ କୁଆଡେ ଗୋଟିଏ 'ଜାରଜ' ଛୁଆ । ମନ୍ଦାକିନୀ ରାଗିଉଠିଲେ କାହିଁ ଆଜିଯାଏଁ ତ ମତେ କିଛି କହିନଥିଲ କିନ୍ତୁ ଆଜି ସବୁ ବାହାର କରୁଛ ପେଞ୍ଚ । ଯାଅଯାଅ ମୋ ବୋହୂକୁ କହିବାକୁ ତୁମେ କିଏ ? ଆରେ ମୋତେ ଚିହ୍ନିନାହାଁନ୍ତି, ଦେଖିବ .... କଣ କରିବି ? ବିଚରା ମାଇପେ ଯାକ ପଳେଇ ଗଲେ ନିଜ ଘରକୁ ମନ୍ଦାକିନୀ ଗୁଣୁଗୁଣୁ ହୋଇ ଘରକୁ ପଶି ଆସିଲେ ଅନେଇ ଦେଲେ ବୀଣା ବାଡ଼ିଦୁଆର କବାଟ ପାଖରେ ରହି ସବୁ ଶୁଣୁଛି, ବୋହିପଡୁଛି ତା ଆଖିରୁ ଲୁହର ଧାର । ଆଲୋ ଆଲୋ ତୁ ଏମିତି କାନ୍ଦୁଛୁ କିଆଁ ତାଙ୍କ କଥାରୁ କଣ ପାଇବୁ ଆ ମାଆ ଆ ଗଲୁ ଭାତ ବସାଇଦେଏ । ବୀଣା ସବୁ ଶୁଣିଛି ଯେତେବେଳେ ଆଉ ଭାତ ରନ୍ଧାର କେଉଁଠି ମନ ? ଶାଶୁ ମନ୍ଦାକିନୀ ଭିତରେ ଗରଗର ହେଉଥାନ୍ତି ବୀଣା ଉପରକୁ । ଲୋକ ଅପବାଦ ଶୁଣିବାକୁ ତାଙ୍କୁ ଆଉ ଭଲ ଲାଗୁନାହିଁ । କଣ କରିବେ ଏହାର ଗୋଟିଏ କିଛି ପ୍ରତିକାର କରିବାକୁ ପଡ଼ିବ । ସେ ହୁଏତ ଭୁଲ୍ କରିଛନ୍ତି ମାନୁଛନ୍ତି କିନ୍ତୁ ? ଏକ ପ୍ରଶ୍ନବାଚୀ ସୃଷ୍ଟିହୁଏ ମନ୍ଦାକିନୀଙ୍କ ମନଭିତରେ । ଆଗରୁ ମିନତି ଲାଗି ଯେତିକି ମନରେ କଷ୍ଟ ହେଉଥିଲା ମିନତି ବାହାହେଲା ପରଠାରୁ ତାଙ୍କ କଷ୍ଟ ସରିଛି । ତାଙ୍କ ଘରର୍ ଖାନଦାନ୍ ଅଛି, ବଂଶ ପରଂପରା ରହିଛି କୁଆଡୁ ଆଇଲା ଏ ସଭାଖାଇ, ତା ଯୋଗୁଁ ମଣିଷ ସବୁ ଆଜି ଶୁଣିଲା । ହଁ ଏହି ମଣିଷର ନିଜ ଦୋଷକୁ ଘୋଡ଼େଇ ପରଦୋଷ ବାଛୁଛି । ଜଣକୁ ଦୋଷ କରିବାକୁ ପ୍ରବର୍ତ୍ତାଇ ତାକୁ ପୁଣି ଦୋଷୀ ବୋଲି କହୁଛି । ବୀଣା ଯାଇଁ ଭାତରାନ୍ଧୁଛି ଏତିକିବେଳେ ସୀତାକାନ୍ତ ପଶି ଆସିଲା ଘରଭିତରକୁ । ଆଲୋ ବୋଉ ତୁ ଏମିତି ରାଗିଲାଭଳି

Digitized by PPRACHIN, SOA

କଣ ଜଣାପଡୁଛୁ କଣ ହୋଇଛି ତୋର ? କଣ ଆଉ ହେବରେ ପୁଅ ସବୁ ଅପବାଦ କଥା ଶୁଣିବାକୁ ପଡୁଛି । ହରେକୃଷ୍ଣବାବୁ ଘରକୁ ପଶିଆସି କହିଲେ ସବୁ ଅପବାଦକୁ ମଥାପାତି ସହି ନେବାକୁ ପଡ଼ିବ ମନ୍ଦାକିନୀ । ଅପବାଦ ଯେ ଆମେ ଆରମ୍ଭ କରିଛେ ତେଣୁ ଆମକୁ ହିଁ ଶୁଣିବାକୁ ପଡ଼ିବ । ମନ୍ଦାକିନୀ ଯାହାବା କହିଥାନ୍ତେ ସ୍ୱାମୀଙ୍କ ଭୟରେ କିଛି କହିଲେ ନାହିଁ । ସବୁ ବୁଝିଗଲେ ସତ ମନ କିନ୍ତୁ ଅବୁଝା ରହିଲା । ନାରୀ ମନତ ସବୁବେଳେ ଅବୁଝା ।

ସେଦିନ ରାତିରେ ଘରର ସମସ୍ତଙ୍କୁ ଖାଇବା ପିଇବାକୁ ଦେଲା ବୀଣା । ତାପରେ ସମସ୍ତେ ଶୋଇପଡ଼ିଲେ । ବୀଣା ସୀତାକାନ୍ତଙ୍କ ପାଖକୁ ଯାଇଁ ଭଲ କରି ଦେଖିନେଲା । ରତନପୁରରୁ ଫେରିବା ଦିନରୁ କଥା କହିନି ସୀତାକାନ୍ତଙ୍କୁ । କେମିତିବା କୁହନ୍ତା ତା ମନରେ ଦେଖା ଦେଉଛି ଅନେକ ଅନେକ ପ୍ରଶ୍ନ । ସବୁଗୁଡ଼ିକ କିଏ ? କାହିଁକି ? କଣପାଇଁ ? ମନେ ମନେ ଅନେକ ଚିନ୍ତାକଲା ଘରଠାରୁ ବାହାର ପର୍ଯ୍ୟନ୍ତ ସମସ୍ତଙ୍କ କଥା । ସୀତାକାନ୍ତ ଖଟ ଉପରେ ଆରାମରେ ଶୋଇ ପଡ଼ିଛନ୍ତି । ସୀତାକାନ୍ତଙ୍କ ପ୍ରତି ମମତା ବଦଳରେ ତା ମନରେ ଦେଖାଦେଲା ରାଗର ବହ୍ନି । ଇଏ ତାର ସ୍ୱାମୀ ନିଜକୁ ଦୁଃଖ ଲାଗୁଛି ସ୍ୱାମୀହୋଇଥିଲେ ତାକୁ ଏମିତି ଅପବାଦ ଆଜି ଶୁଣିବାକୁ ପଡ଼ିନଥାନ୍ତା ? ଏ ସମାଜରେ ସ୍ୱାମୀର ଯେତିକି ଅଧିକାର ସ୍ତ୍ରୀର ମଧ ସେତିକି ଅଧିକାର ଅଛି । ତା ବୋଲି ସ୍ତ୍ରୀ ଜାତିକୁ ତୁଚ୍ଛ ମନେ କରି କଣ୍ଢେଇ ସଜେଇବା ଏଇଟା ନୀତି ବିରୁଦ୍ଧ । ତା ପରେ ଚିଠି ଖଣ୍ଡେ ଲେଖି ଦେଲା ବୀଣା ଅଳପ କେଇ ଧାଡ଼ି । ଟେବୁଲ୍ ଉପରେ ଥୋଇ ଦେଲା । ରାତି ସେତେବେଳକୁ ଗୋଟାଏ, ବାଡ଼ି କବାଟ ଖୋଲି ଧୀରେ ଧୀରେ ପଦାକୁ ବାହାରି ଆସି କବାଟଟା ବନ୍ଦ କରି ଦେଇ ଆଗେଇଲା ଶ୍ରୀବଣୀନଦୀର ଗଣ୍ଡ ଆଡ଼କୁ । ସେଦିନ ସିନା ମିନତିକୁ ବିକାଶ ବଂଚାଇଥିଲା ସେ ଜୀବନ ଫେରିପାଇଲା । ଆଉ ଆଜି ତାକୁ କେହି ବଂଚାଇପାରିବେ ନାହିଁ । କାରଣ ସେ ବଂଚିବାକୁ ଚାହେଁନି । ଗଡ଼ପାଖରେ ଠିଆହେଲା । ବିଲୁଆ କୁକୁରଙ୍କ ଡ଼ାକରେ ନିଛାଟିଆ ଜାଗାଟା କମ୍ପିଉଠୁଛି । ସାଇଁ ସାଇଁ ରାତିଟା ମାଡ଼ିଆସୁଛି । ଶ୍ରାବଣୀ ନଦୀରେ ସୁ ସୁ ହୋଇ ପାଣି ଗଡ଼ିଯାଉଛି ତଳକୁ ତଳକୁ । ଗଣ୍ଡରେ ଘଣି ଖାଉଛି ପାଣି । ବହୁତ ଗଭୀର ସେ ଗଣ୍ଡ କାତପାଇବ ନାହିଁ । ବୀଣା ଆଉ କିଛି ନ ଭାବି ଦୁଇଥର ଧର୍ମ ଦେବତାଙ୍କୁ ନମସ୍କାର କରି ଡ଼ିଆଁମାରିଲା ଗଣ୍ଡଭିତରକୁ । ଦୁଇ ଚାରିଥର ବୁଡ଼ିଉଠି ପାଣି ଭିତରେ ବୀଣାର ଜୀବନଦୀପ ଲିଭିଗଲା ସବୁଦିନ ପାଇଁ ।

x x x x x x x

କୁଆଡ଼େ ଏମିତି ଧପାଇଛ କି ସମ୍ବୁଦି । ଗୋଟିଏ ସଳି ମିଂଜାସରେ କହିଗଲେ ସାଧୁମାଷ୍ଟ୍ରେ, ସେ ବା କାହିଁ କଣ ଜାଣିବେ । ହରେକୃଷ୍ଣ ବାବୁ

Digitized by PPRACHIN, SOA

କହିଉଠିଲେ ତୁମେ କଣ ଜାଣନା ସମୁଦି ଗଣ୍ଡରେ ଗୋଟିଏ ସ୍ତ୍ରୀଲୋକ ମରିକରି ଭାସୁଛି ବୋଲି । ସାଙ୍ଗେ ସାଙ୍ଗେ ପ୍ରମୋଦବାବୁ କହିଲେ ହଁ ଏମିତିତ କେତେ ଘଟଣା ଘଟୁଛି । ଆମେ ତ ଆପଣଙ୍କ ପାଖକୁ ଯାଉଥିଲୁ । ସୀତାକାନ୍ତ ପାଖକୁ ସାଧୁମାଷ୍ଟ୍ରେ ଆସିଲେ ଆଉ ବାପା ଭଲରେ ବାହାଘର କଲ ତ ? ଏତକ କଥାଶୁଣି ବାପ, ପୁଅ, ମାଆ ନୀରବ । ପ୍ରମୋଦବାବୁ ସବୁ ଘୋଡ଼େଇ ପକେଇ କହିଲେ ଭଲ ନୁହେଁ ଆଉ କଣ ଆଛା ବାପା ସୀତାକାନ୍ତ ତୁମ ହାତରେ ଇଏ----- ପଡ଼ିଗଲେ ପ୍ରମୋଦବାବୁ ପଡ଼ିଲେ ସାଧୁମାଷ୍ଟ୍ରେ------- ମୁଣ୍ଡ ବୁଲେଇ ଦେଲା ମାଷ୍ଟ୍ରେଙ୍କର । ଇଏ କଣ କଲୁ ତୁ ମାଆ । ସାଙ୍ଗେ ସାଙ୍ଗେ ପୋଲିସ୍ ଶବକୁ ଉଦ୍ଧାର କରି ଆଣିଲେ ଶବକୁ ଚିହ୍ନିବାରେ ବେଶି ସମୟ ଲାଗିଲାନି କିଏ କହୁଥାଏ ସୀତାକାନ୍ତର ସ୍ତ୍ରୀ, କିଏ କହୁଥାଏ ହରେକୃଷ୍ଣ ବାବୁଙ୍କ ବୋହୂ । ସାଧୁମାଷ୍ଟ୍ରେ ବୀଣାର ମୁହଁକୁ ଦେଖି ମୁକ ପାଲଟିଗଲେ, ହୃଦୟର କୋହ ହୃଦୟରେ ନୀରବ ରହିଲା । ଆଖିର ଲୁହ ଶୁଖିଗଲା- ମନଟା ଘୁରିବୁଲିବା ଅତୀତରୁ ବର୍ତ୍ତମାନ ଖାଲି ଢୁଲୁଢୁଲୁ ହୋଇ ଚାହିଁ ରହିଥାନ୍ତି ବୀଣା ମୁହଁକୁ । ପ୍ରମୋଦବାବୁ ଆଖିରୁ ବୋହିଗଲା ଲୁହରଧାର । କଣ ନ କରିଥିଲେ ସେ ବୀଣା ପାଇଁ ହେଲେ ଆଜିତାଙ୍କୁ ଧୂଳିସାତ୍ କରିଦେଇ ହଜିଗଲା ଏହି ବୀଣା । ଏହି ବୀଣାଲାଗି ବୁଢ଼ା ବୟସରେ ବିପ୍ଳବୀ ସାଜିଥିଲେ । ସୀତାକାନ୍ତ ନୀରବ– ମନ୍ଦାକିନୀ ନୀରବ- ହରେକୃଷ୍ଣ ବାବୁ ନୀରବ------- ।

ସମସ୍ତଙ୍କ ମନରେ କାହିଁକି ବୀଣା ମଲା ? ଏହି କାହିଁକିର ଉତ୍ତର ଏ ତିନିହେଁ ପାଇଗଲେ ନିଜ ପ୍ରଶ୍ନର ଉତ୍ତର ନିଜେନିଜେ । ତାପରେ ପୋଲସ୍ ଇନ୍‌କ୍ୱାରୀ କରି ପଚରାଉଚରା କଲା । ଥାନାକୁ ଡ଼କେଇଲା ହରେକୃଷ୍ଣବାବୁ ଓ ସୀତାକାନ୍ତଙ୍କୁ- ସାଧୁମାଷ୍ଟ୍ରେ ବଢ଼େଇଦେଲେ ପୋଲିସ୍ ହାତକୁ ଚିଠି । ପୋଲିସ୍ ପଢ଼ି ଜାଣିଲେ କେହିଦାୟୀ ନୁହେଁ, ବୀଣାଲାଗି କିନ୍ତୁ ପୋଲିସ୍ ସବୁ ଜାଣନ୍ତି କଣ କରିବେ ଏସ୍.ପି. କିଛି ନ କହିବା ପର୍ଯ୍ୟନ୍ତ ସେ କିଛି କରିପାରିବେ ନାହିଁ । ଚାହୁଁ ଚାହୁଁ ଖବର ପଂହଚିଗଲା । ମେଡ଼ିକାଲକୁ ବୀଣାର ଶବ ଗଲା ପୋଷ୍ଟମର୍ଟମ ହେବାଲାଗି । ସାଧୁମାଷ୍ଟ୍ରେଙ୍କୁ ପ୍ରମୋଦବାବୁ ଜିପ୍‌ରେ ବସାଇ ମେଡ଼ିକାଲ ନେଲେ ସତ, ମାତ୍ର ତାଙ୍କର ସଜୀବ ଦେହଟା ଜଡ଼ ପାଲଟି ଯାଇଥିଲା । ହଠାତ୍ ଟଳି ପଡ଼ିଲେ ସିଟ୍ ଉପରେ । ମରିବା ପୂର୍ବରୁ ପାଟିରେ ଭାଷା ନ ଥିଲା । ହାତରେ ସେମିତି ବୀଣା ଲାଗି ଶାଢ଼ୀ, ମିଠା ଘଡ଼ିଟା । ସାଙ୍ଗେ ସାଙ୍ଗେ ରଂଜନବାବୁ, ଶାନ୍ତିଲତା ଆସି ପଂହଚିଗଲେ । ରାଜେଶ୍ ବାବୁଙ୍କ ଟ୍ରାନସ୍‌ଫର ଯୋଗୁଁ ସେ ବଲାଙ୍ଗୀର ପଳେଇଯାଇଥାନ୍ତି । ରଂଜନବାବୁ ଓ ଶାନ୍ତିଲତାଙ୍କ ଆଖିରୁ ଧାର ଧାର

Digitized by PPRACHIN, SOA

ଲୁହ, ସତେ ଯେପରି ସେ କଇଁ କଇଁ ହୋଇ କାନ୍ଦି ଉଠୁଥାନ୍ତି । ଝିଅ ଲାଗି ବାପର ମଧ୍ୟ ଏ ଦଶା । ବୀଣାକଥା ଭାବିନେଇ ସାଧୁମାଷ୍ଟ୍ରେଙ୍କ ବ୍ଲଡ୍ ପ୍ରେସରଟା ବଢ଼ିଗଲା- ତା ପରେ ସବୁ ଶେଷ । ପୋଷ୍ଟମର୍ଟମ ସରିଲା ପରେ ବୀଣା ଓ ସାଧୁ ମାଷ୍ଟ୍ରେଙ୍କ ଶବକୁ ଧରି ସମସ୍ତେ ଚାଲିଲେ ମଶାଣୀ ଉପରକୁ । ଦୁଇଟି ଚିତାରେ ଦୁଇଜଣଙ୍କୁ ଶୁଆଇ ଦେଲେ । ପ୍ରମୋଦ ବାବୁ ଶାଢ଼ୀଟାକୁ ବୀଣା ଦେହରେ ଘୋଡ଼ାଇ ଦେଲେ । ବାପ ଓ ଝିଅଙ୍କର ଚିତା ହୁ ହୁ ହୋଇ ଜଳିଉଠିଲା । ସମସ୍ତେ ନୀରବ । ବୀଣା ହସି ହସି ତାର ବାପ ସାଥିରେ ଯେମିତି ସମସ୍ତଙ୍କଠାରୁ ବିଦାୟ ନେଉଛି । ସାଧୁମାଷ୍ଟ୍ରେ ବୀଣାକୁ ହୃଦୟରେ ଚାପି କହୁଛନ୍ତି ମାଆ ତୁ କାନ୍ଦୁଛୁ ତୁ ପରା ମୋ ମାଆ ବୀଣା । ସାଧୁମାଷ୍ଟ୍ରେ ରକ୍ଷା କରିଛନ୍ତି ତାଙ୍କ ସାଧୁତାକୁ ।

ଏହି 'ବୀଣା' ଆଜି ଛିନ୍ନ ବିଛିନ୍ନ ହୋଇପଡ଼ିଛି । ତାର ସ୍ୱର ସମସ୍ତଙ୍କୁ କରିଛି ଅଧିର ଅସ୍ଥିର । ସେ ଯେ ଦିଗ୍‌ବିଜୟୀ । ଜୟ କରିଛି ସମସ୍ତଙ୍କ ମନକୁ । କିନ୍ତୁ ଶେଷରେ ତାର ମମତା ଜାଲରେ ବାନ୍ଧି ଦେଇ ଚାଲି ଯାଇଛି ବହୁତ ଦୂରକୁ, ଏମିତିକି ସେ ଲୁଚକାଳୀ ଖେଳୁଛି ତାକୁ ଖୋଜିଲେ କିଏ ପାଇବ ନାହିଁ । ସେ କିନ୍ତୁ ସମସ୍ତଙ୍କୁ ଖୋଜୁଛି । ସମସ୍ତଙ୍କ ମାନସପଟରେ ଆଙ୍କି ହୋଇ ରହିଯାଇଛି ସବୁଦିନକୁ । ବାପ ଓ ଝିଅ ବାଛିନେଇଛନ୍ତି ନିଜ ପଥ । ଏ ଜନ୍ମପରେ ଅପେକ୍ଷା କରିବେ ଆରଜନ୍ମକୁ- ଦୁହେଁ ଦୁହିଁଙ୍କୁ ପାଇବା ଲାଗି । ଧନ୍ୟ ସେହି ବାପ ସାଧୁମାଷ୍ଟ୍ରେ, ଧନ୍ୟ ତାଙ୍କ ଝିଅ 'ବୀଣା' ।

- ସମାପ୍ତ -

Digitized by PPRACHIN, SOA